Split by PDF Splitter

278.



ଯାଇପାରିବେ ନାହିଁ । ଯାହା ହେଉ ଉକ୍ତ ଅଦେଶ ଗଞ୍ଜାମରେ ସର୍କାରରେ ଉଚ୍ଚ ପଦରେ ନିଯୁକ୍ତ ହୋଇଥିବା ଭିନ୍ନଦେଶୀୟ ଅର୍ଥାତ୍ ତମା ବ୍ରାହ୍ମଣ, ତେଲଙ୍ଗା ଆଉ ବଙ୍ଗାଳିମାନଙ୍କ ପ୍ରତି ନିର୍ଭର ହେବାର ଅବଶ୍ୟକ ନ ମାତ୍ର ସ୍ୱଦେଶୀୟ ଓଡ଼ିଆମାନଙ୍କ ଉପରେ ଏପରି ହାଲଚଳ ନିର୍ଭର ହେବାର ମାନ୍ୟବର ଗବର୍ଣ୍ଣମେଣ୍ଟର ଉଚିତ ବିବେଚନା ନୁହେଁ, କାରଣ "ଜଠିଳ ମାଛର ମୁହଁରେ ବାଡ଼ି" ନ୍ୟାୟ ଓଡ଼ିଆମାନେ ହତାଶ ହୋଇ ଏକାବେଳକେ ଶାଠିଏହାତ ନିମ୍ନ ଖଣ୍ଡାରେ ପଡ଼ି ସ୍ୱଦେଶର ଶ୍ରୀ ସମ୍ପତ୍ତି ହରାଇଦେଇ ନାନାଦୁଃଖ ଆଉ ଭିନ୍ନଦେଶୀୟମାନଙ୍କର ଅନୁଗ୍ରହ ଗ୍ରହଣ କରିବେ ଅଦ୍ୟ ଓଡ଼ିଆମାନେ ଅତି ଅଳ୍ପଦିନ ହେଲା ଇଂରେଜି ପଢ଼ା ଆରମ୍ଭ କରି ଟିକିଏ ମାତ୍ର ବାଟକୁ ଆସିଅଛନ୍ତି । ସମସ୍ତେ ଗଞ୍ଜାମର ଓଡ଼ିଆମାନେ ଶୀଘ୍ର ଉପରକୁ ଉଠିପାରନ୍ତି । ହେଲେ କହିବ "ସର୍ବେ ଅର୍ଥବସାଧ୍ୟନୋ" ଅମୂଳକ ଧନ ନାହିଁ । ଗଞ୍ଜାମର ସମସ୍ତ ରଜାମାନେ ଓ ପ୍ରଜାମାନେ କେବଳ ଓଡ଼ିଆ କିନ୍ତୁ ନିର୍ଦ୍ଦୟ ଗବର୍ଣ୍ଣମେଣ୍ଟ ସର୍କାରୀ ସିରସ୍ତା ତେଲଙ୍ଗା ଭାଷାରେ କରାଇଥିବାରୁ ତେଲଙ୍ଗାମାନଙ୍କୁ ଅଧିକ ସର୍କାରୀ କାମ ପ୍ରାପ୍ତ ହେବାରୁ ସେମାନେ ସର୍କାରୀ କାର୍ଯ୍ୟରୁ ନାନା ଉପାୟରେ ଧନ ସଞ୍ଚୟ କରି ଆଉ ତେଲଙ୍ଗାମାନେ ଉପଯୁକ୍ତ ଉପାୟ ପାଇ ପଣ F. A B. A ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଆଉ ଓଡ଼ିଆମାନେ ଯେବେ ଏ ସର୍କାରୀ କର୍ମ ପାଇବାକୁ ଇଚ୍ଛାକଲେ ଇଂରେଜୀ ପଢ଼ିବାକୁ ହେବ ଓ ଓଡ଼ିଆ ପଢ଼ିବାକୁ ହେବ ଭିନ୍ନଦେଶୀୟ ତେଲଙ୍ଗାଭାଷା ମଧ୍ୟ ପଢ଼ିବାକୁ ହେବ ଏତେ କଷ୍ଟକଲେ ମଧ୍ୟ ଭିନ୍ନଦେଶୀୟମାନଙ୍କ ନାନା ଷଡ଼ଯନ୍ତ୍ର ଭଙ୍ଗ କରି କାର୍ଯ୍ୟ ନେବାର ଅସାଧ୍ୟ ଏପରି ସ୍ଥିତିରେ ଗଞ୍ଜାମର ଓଡ଼ିଆମାନେ କେବେ F. A. B. A. ପାଶ କରିବେ ପରୀକ୍ଷାରେ ପାଶ କରିବାକୁ ଧନ କାହୁଁ ଆସିବେ ଦୟାଳୁ ଗବର୍ଣ୍ଣମେଣ୍ଟ ଏହା ବିବେଚନା କରନ୍ତୁ ? କୌଣସି ମନୁଷ୍ୟକୁ ଫଳ ତୋଳାଇବାକୁ ଗଛରେ ଚଢ଼ାଇଲେ ଏକାଥରକେ ଶିଖରକୁ ଯାଏ ତୋଳିବାଟା ନ୍ୟାୟସଙ୍ଗତ କଥା କି ? ଦେଶ ମାନ୍ଦ୍ରାଜ ଅନ୍ତର୍ଗତ ଆଉ ବଙ୍ଗାଳାଅନ୍ତର୍ଗତ ଓଡ଼ିଆ ଜିଲ୍ଲାମାନଙ୍କରେ ସେଠା ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓଡ଼ିଆ ସିରସ୍ତା କରାଇଥିବାରୁ ସେଠା ଓଡ଼ିଆମାନେ କେତେ ଉନ୍ନତ ପଥରେ ପଥିକ ହୋଇ ଅଛନ୍ତି । ଧନ୍ୟ ଧନ୍ୟ ରେଭନ୍ସା ଓଡ଼ିଶାର କମିଶ୍ନର ! ବୃଟିଶ ଅମର ପ୍ରଭୁ ଭଜନ୍ତ ମାନ୍ଦ୍ରାଜସ୍ଥ ଶାସନକର୍ତ୍ତାଙ୍କୁ କାୟମନୋବାକ୍ୟରେ ଦୃଢ଼ପ୍ରାର୍ଥନା କରୁଁ କି ଅତିଶୀଘ୍ର ଗଞ୍ଜାମରେ କଚେରୀମାନଙ୍କରେ ଓଡ଼ିଆ ସିରସ୍ତା କରିବାର ଆଦେଶ ଦେଉ । ଅନ୍ୟ ଓଡ଼ିଆମାନେ ଇଂରେଜୀ ଅଳ୍ପ ଜାଣିଥିଲେ ମଧ୍ୟ କାର୍ଯ୍ୟକ୍ଷମ ଓ ଅନୁଭବୀ ହୋଇଥିଲେ ସେମାନଙ୍କୁ ଉପଯୁକ୍ତ ପଦରେ ପୂର୍ବରେ ତମା ଓ ତେଲଙ୍ଗା ଭିନ୍ନଦେଶୀୟମାନଙ୍କୁ ନିଯୁକ୍ତ କରୁଥିଲାପରି ଓଡ଼ିଆମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଉ ।

୧୬।୮।୮୯ }
ରମ୍ଭାଲୁଣ୍ଡା } ଶ୍ରୀ ହରିହର ତ୍ରିପାଠୀଶର୍ମା

---

ମହାଶୟ !

ଇଦାନିଂ ପାଳଖେମଣ୍ଡି, ବଡ଼ଖେମଣ୍ଡି, ଗଡ଼ଗଡ଼, ବଡ଼ଗଡ଼, ଓ ଧରାକୋଟ ପ୍ରଭୃତି ତାଲୁକାଗୁଡ଼ିକର ଦୁର୍ଭିକ୍ଷ ଦୁରବସ୍ଥା, ନିବାରଣର ଭାରପ୍ରାପ୍ତ ଶ୍ରୀମାନ୍ Famin Relief additional Collector Mr. Carr ସାହେବ ମହୋଦୟ ବାଲ୍ୟାବସ୍ଥାରେ ଅଛନ୍ତି ଥିଲେହେଁ ଉପରୋକ୍ତ ଦେଶୀୟ ପ୍ରଜାବର୍ଗଙ୍କର କ୍ଷେମନ୍ତ ପ୍ରତିପାଳନ କରୁଅଛନ୍ତି ତଦର୍ଶନରେ ଏହାଙ୍କ ପିତୃତୁଲ୍ୟ ପ୍ରତିପାଳକତା ଏବଂ ଦୟାଶୀଳତାଦିଗୁଣ ପ୍ରକାଶାର୍ଥେ କଏ ସକ୍ଷମ ହେଉ ପାରିବ !

ଏ ମହାଶୟ ବାଳକ ଓ ବାଳିକାମାନଙ୍କୁ ସ୍ୱୀୟ ପିତୃ ମାତୃତୁଲ୍ୟ, ମୃଦୁଭାଷ ସ୍ନେହପୂର୍ଣ୍ଣ ବଚନରେ ଆଳାପ ଏବଂ ସେମାନଙ୍କ ଅବଶ୍ୟକୀୟ ବସ୍ତୁ ସମୁଦାୟ ପ୍ରଦାନ କରୁଅଛନ୍ତି । ଉକ୍ତ ତାଲୁକାସ୍ଥ ପାଳଖେମଣ୍ଡି ଅନ୍ତର୍ଗତ ପାଃପୁର ଓ ଶେର କେନ୍ଦ୍ର ନଗରରେ ଅନ୍ନଛତ୍ର ପ୍ରଦାନ କରାଯାଉଅଛି । ଉକ୍ତ ଛତ୍ରାନ୍ନଭୋଗୀ ଶକ୍ତିହୀନ ସ୍ତ୍ରୀ ବାଳକ ବାଳିକାମାନେ ଉଚିତଶିକ୍ଷିତ ଗୃହସ୍ଥଙ୍କରେ ନିବାସ କରି ଧର୍ମପରାୟଣ ମହୋଦୟଙ୍କଦ୍ୱାରା ପରିପାଳିତ ହେଉଅଛନ୍ତି । ଏମାନଙ୍କ ତତ୍ତ୍ୱାବଧାନ କାର୍ଯ୍ୟର ଭାର ଶ୍ରୀମାନ୍ ହାସପିଟାଲ ଅସିଷ୍ଟାଣ୍ଟ K. K. Velu Minon ମହାଶୟଙ୍କ ପ୍ରତି ନ୍ୟସ୍ତ ଅଛି, ଏ ମହାଶୟ ଦକ୍ଷିଣ ମଲବାର୍ ଦେଶୀୟ ବ୍ୟକ୍ତି ହେଲେ ହେଁ ଉତ୍କଳଭାଷା ଜ୍ଞାନରେ କେବଳ ଅକ୍ଷମ ଥିବାର ଏପ୍ରଦେଶ ଲୋକଙ୍କୁ ଦର୍ଶନମାତ୍ରେ ଅନ୍ତଃକରଣ ଭାବ ଅବଗତ କରି ଔଷଧ ପ୍ରଦାନପୂର୍ବକ ସୁଚିକିତ୍ସା କରୁଅଛନ୍ତି । ଉକ୍ତ ଉଦ୍ଧୃତ ସଂଖ୍ୟାରୁ ଜଣେ ପଇତାଧାରୀ ପ୍ରଥମ ଉପକ୍ରମ କାଳମାନେ ସାହେବ ମହୋଦୟ ସବିଶେଷ ଅନୁସନ୍ଧାନ ପୂର୍ବକ ଜଣ ଧାଉ ନିଯୁକ୍ତ କରାଇ ଭୋଜନାର୍ଥେ ଶାଳୀଅଳି ପ୍ରଦାନ କଲେ । ପ୍ରଥମ ଥାଳରେ ଗର୍ଭୋଦ୍ଧାର ହେଲାବାଦ ପ୍ରସୂତର ପଥ୍ୟାର୍ଥେ ନୂତନ ବସ୍ତ୍ର ପ୍ରଦାନକଲା ବାଦ, ତାହାର ଭୋଜନାର୍ଥେ ଦ୍ରବ୍ୟପଦାର୍ଥ ଅବଧାନ ତାହା ବୁଝି ସେ ବର୍ତ୍ତିକରେ ଅଭିଳାଷ ବଳାଇବାକୁ ହେବେ ଉକ୍ତ ଗ୍ରାମରେ ଅନୁସନ୍ଧାନ କଲେ କିନ୍ତୁ ଉକ୍ତସ୍ଥଳେ ତାହା ପ୍ରାପ୍ତ ହୁଅନ୍ତ ନାହିଁ ପାଞ୍ଚମାଇଲ ଦୂର ଗ୍ରାମରୁ ତାହା ଆଣାଇ ସ୍ୱହସ୍ତେ ଧାରଣପୂର୍ବକ ପ୍ରସୂତ ନିକଟେ ଗମନ କରି ଅତି ଆନନ୍ଦଚିତ୍ତରେ ପ୍ରଦାନ କଲେ ।

ଏବମ୍ଭୂତ ସାମାନ୍ୟ କାର୍ଯ୍ୟପ୍ରତି ଉଚ୍ଚପଦାରୂଢ଼ ବ୍ୟକ୍ତିମାନେ ଅନ୍ୟଜଙ୍କ ଯତ୍ନ ପ୍ରକାଶ କରିବା ସତତରୁ ଦୃଷ୍ଟିଗୋଚର ହେବ, ସୁକଠିନ ଅଟଇ ଏଣୁ ବିବେଚନା କରୁଁ ଯେ ଏ ମହାଶୟ କେମନ୍ତ ଧର୍ମପରାୟଣ, ପରମଦୟାଳୁ, ଓ ପ୍ରଜାବତ୍ସଳ ଅଟନ୍ତି ଏହାଙ୍କ ଏବମ୍ଭୂତ ସତ୍କୀର୍ତ୍ତି ଦର୍ଶନରେ ବିଶେଷ ଧନ୍ୟବାଦ ପ୍ରକାଶ କରୁଅଛୁଁ । ଏହତ ଏ ପ୍ରଦେଶ ମାନେଜର ବାବୁ ଘୋଷାଲ ସାର୍ ପଣ୍ଡିତ ମହାଶୟ ସରକାରୀ ପ୍ରାପ୍ତ ହୋଇଥିଲେ ସୁଦ୍ଧା ଗଭର୍ଣ୍ଣମେଣ୍ଟଙ୍କ ସଂରକ୍ଷଣାର୍ଥେ ବସ୍ତୁଷନ୍ନ ସାଧୁ ସହୃଦ ଗ୍ରାମେଗ୍ରାମେ ଚାଲିବା ସମୁଦାୟ ଗସ୍ତ କରି ସେମାନଙ୍କର ଯଥେଷ୍ଟ ଉପକାରରେ ଥାଇମାନ କରି ଅତି ଦୟାଶୀଳତା ପ୍ରକାଶ କରୁଅଛନ୍ତି, ଏଣୁ ଭରସା କରୁଁ ଉକ୍ତ ମହାଶୟଙ୍କ ଧର୍ମଭିକ୍ଷିଷ୍ଠ ଭାବବର୍ଷଣରେ ସେମାନେ ଶୀତଳ ହେବ ।

ପରିଶେଷରେ ଜଗଦୀଶ୍ୱରଙ୍କ ନିକଟେ ପ୍ରାର୍ଥନା କରୁଁ କି ଉକ୍ତ ଶିକ୍ଷିତ ମହାଶୟମାନେ ଦୈବାଶୀର୍ବାଦଯୁକ୍ତ ଓ ସର୍ବଜ୍ଞାନ ପ୍ରାପ୍ତରେ ଅନବରତ ଗଭର୍ଣ୍ଣମେଣ୍ଟଙ୍କ ଶ୍ରୀବୃଦ୍ଧି ହାସଲ ହେଉନ୍ତୁ । ଇତି । ତା ୨୮ ରଖ ମାହେ ଜୁଲାଇ ସନ ୧୮୮୯ ମସିହା ।

ଭବଦୀୟ
ଶ୍ରୀ ବୈଷ୍ଣବଦେବ
ଉଦୟଗ୍ରାମାଧୀଶ୍ୱର ।

Digitized by srujanika@gmail.com

ଓଡ଼ିଶ୍ୟାଙ୍କର ଦସ୍ତଖତଯୁକ୍ତ ଏଥର ସମାପ୍ତ ହେଲା । ଏଥିପୂର୍ବେ ଗାୟକ ଓ ବାଦ୍ୟକା ହୋଇ ଯାଇଥିଲା । ସମ୍ପ୍ରତି ହାଇକୋର୍ଟରେ କୃଷ୍ଣବାବୁଙ୍କର ମୋଶନ ଅଗ୍ରାହ୍ୟ ହେବାରୁ ଯାଇର ଅବଶିଷ୍ଟାଂଶ ଅର୍ଥାତ୍ ନାଚିବା କୁଦିବା ଓ ଚିତ୍ରର ବଜାଇବା ଯାହା ବାକିଥିଲା ସେସବୁ ଗଡ଼ପ୍ରାନ୍ତରେ ହୋଇଗଲା । ହାଇକୋର୍ଟର ଜଜମାନେ ସୁଲ୍ଲାପ୍ ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ହରିହରବାବୁଙ୍କ ଉକିଲର ତର୍କ ବିତର୍କ ଶୁଣି ଏହି ସ୍ଥିର କଲେ ଯେ ନିମ୍ନଅଦାଲତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ । ଏ ନିଷ୍ପତ୍ତିରେ ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ ନାହୁଁ । ଅଟେ ମୋକଦ୍ଦମାଟି ସାମାନ୍ୟ, ତହିଁରେ ପୁଣି କେବଳ ବିଶ୍ୱାସଘାତ ବିଷୟର ବିଗ୍ରହ, ଆଇନ ଘଟିତ ତର୍କ କିଛିମାତ୍ର ନାହିଁ । ନିମ୍ନଅଦାଲତ ସାକ୍ଷିଙ୍କୁ ବିଶ୍ୱାସ କରିବାସ୍ଥଳେ ବିଗ୍ରହପ୍ରଣାଳୀମତେ ହାଇକୋର୍ଟ ଅଧିକ କିଛି କହିବାର ନ ଥିଲା । ହାଇକୋର୍ଟଙ୍କ ବିଗ୍ରହମତେ ହରିହରବାବୁ ଦୋଷୀ ହେଲେ 'ଅବଶ୍ୟ ମାନିବାକୁ ହେବ କିନ୍ତୁ ଦୁଃଖର ସହିତ କହିବାକୁ ହେଉଅଛି ଯେ ବିଗ୍ରହରେ କେତେ ଦୋଷୀ ନିର୍ଦ୍ଦୋଷୀ ଓ ନିର୍ଦ୍ଦୋଷୀ ଦୋଷୀ ହେବାର ଦେଖା ଯାଉଅଛି ଯେହେତୁ ମନୁଷ୍ୟର କାର୍ଯ୍ୟ ସର୍ବଦା ଭ୍ରମଶୂନ୍ୟ ହୋଇ ନ ପାରେ । ସୁତରାଂ ବାସ୍ତବିକ ପ୍ରକୃତରେ ଦୋଷୀ ଓ କେବଳ ଓଡ଼ିଶ୍ୟା ଅତି ନିକଟରେ ଥିବାରୁ ତାହା ଦେଖିବାକୁ ସମର୍ଥ ହେଲେ ଏବଂ ଆମ୍ଭେମାନେ ଦୂରରେ ଥିବାରୁ ଓ ଅନ୍ୟଲୋକମାନେ ନିକଟରେ ଥାଇ ସୁଦ୍ଧା ତାହା ଦେଖି ନ ପାରନ୍ତେ ଏ ଯୁକ୍ତିରେ ଆମ୍ଭମାନଙ୍କ ମନ ମାନୁ ନାହିଁ ।

———

ଢାକାପ୍ରକାଶନାମରେ ଯେଉଁ ମାନହାନିର ମୋକଦ୍ଦମା ହୋଇଥିଲା ଏବଂ ଯହିଁରେ ତାହାର ମାଜିଷ୍ଟ୍ରେଟ ଉକ୍ତ ପତ୍ରିକାର ସମ୍ପାଦକଙ୍କୁ ଦୋଷୀ ସାବ୍ୟସ୍ତ କରି ଟ ୫୦୦୦ ଙ୍କା ଅର୍ଥଦଣ୍ଡ ଏବଂ ବିନାପରିଶ୍ରମରେ ଏକମାସ କଏଦଦଣ୍ଡ ବିଧାନ କରିଅଛନ୍ତି ତହିଁର ଅପିଲ ଜଜ ସାହେବଙ୍କ ହସ୍ତରେ ଦାଏର ଥିବାରୁ ବର୍ତ୍ତମାନ ସେ ବିଷୟରେ କୌଣସି ମତାମତ ପ୍ରକାଶ କରିବାର ଉଚିତ ନୁହେଁ । କିନ୍ତୁ ଏ ମୋକଦ୍ଦମାର ପ୍ରମାଣରେ ଗୋଟିଏ ଚମତ୍କାର କଥା ବାହାରିଅଛି ଏବଂ ତାହା ପାଠକମାନଙ୍କୁ ବର୍ତ୍ତମାନ ଜଣାଇବାରେ ଦୋଷ ନାହିଁ । ସେକଥା ଏହିକି ତାହାର ଜଣେ ପ୍ରଧାନ ପଣ୍ଡିତ ପଣ୍ଡିତ ଚନ୍ଦ୍ରଭୂଷଣ ନ୍ୟାୟାଲଙ୍କାର ସାକ୍ଷ୍ୟ ଦେବା ସମୟରେ ଶପଥ ପୂର୍ବକ କହିଲେ ଯେ ତାହାଙ୍କ ଜାଣିବାରେ ଶାସ୍ତ୍ରରେ ଏମନ୍ତ କିଛି ବଚନ ନାହିଁ ଯେ ଘରର କର୍ତ୍ତାଛଡ଼ା ଅନ୍ୟ କୌଣସି ଲୋକ କେବଳ ହିନ୍ଦୁର ଘରକୁ ଗୋମାଂସ ଆଣିଲେ ତହିଁନିମିତ୍ତ ପ୍ରାୟଶ୍ଚିତ୍ତ କରିବାକୁ ହେବ । ଏକଥା ସାଧାରଣ ହିନ୍ଦୁମତର ସମ୍ପୂର୍ଣ୍ଣ ବିରୁଦ୍ଧ ଥିବାର ପ୍ରକାଶ ପାଉଅଛି । ଗୋମାଂସ ନିତାନ୍ତ ଅପବିତ୍ର ଦ୍ରବ୍ୟ ତାହା ଘରକୁ ଆସିଲେ କିଛି ଦୋଷ ନାହିଁ ଏକଥା ବିଶ୍ୱାସ କରିବା କଠିନ । ନ୍ୟାୟାଲଙ୍କାର ମହାଶୟଙ୍କ ସାକ୍ଷ୍ୟ କେତେଦୂର ହିନ୍ଦୁଶାସ୍ତ୍ରାନୁଯାୟୀ ହୋଇଅଛି ପଣ୍ଡିତମାନେ ତହିଁର ବିଚାର କରିବେ । ଆମ୍ଭେମାନେ ଅନୁମାନ କରୁଁ କି ନ୍ୟାୟାଲଙ୍କାର ମହାଶୟ ନ୍ୟାୟଶାସ୍ତ୍ରରେ ନିତାନ୍ତ ମଗ୍ନ ରହି ସ୍ମୃତିଶାସ୍ତ୍ରକୁ ଅଟେ ମାନ ନାହାନ୍ତି ଏବଂ ସ୍ମୃତିଶାସ୍ତ୍ରର ସାକ୍ଷ୍ୟ ଦେବାନିମିତ୍ତ ନ୍ୟାୟାଲଙ୍କାରଙ୍କୁ ଡାକିବା ଭୁଲ ହୋଇଅଛି ।

———

'ଶିକ୍ଷାର ଦଣ ପରକୁ ବୁଦ୍ଧି ନ ଆସେ ଘରକୁ' ଏହି ପ୍ରବାଦଟି ଭାରତର ଅବାଧ ବାଣିଜ୍ୟନୀତିକୁ ବିଶେଷରୂପେ ପ୍ରଯୁକ୍ତ ହୋଇଅଛି । ଆମଦାନୀ ମାସୁଲ ବସାଇଲେ ବାଣିଜ୍ୟର ବ୍ୟାଘାତ ହେବ ଏହି କଥା କହି ଭାରତବର୍ଷରୁ ଆମଦାନୀ ମାସୁଲ ସରକାର ଉଠାଇ ଦେଲେ କିନ୍ତୁ ବିଲାତକୁ ବିଦେଶରୁ ଯେସମସ୍ତ ରୂପାନିର୍ମିତ ଦ୍ରବ୍ୟ ପଠାଯାଏ ତହିଁ ଉପରେ ସେଠାରେ ମାସୁଲ ନେବାର ନିୟମ ରହିଅଛି । ଭାରତବର୍ଷରେ ଅନେକ ରୌପ୍ୟ ଦ୍ରବ୍ୟ ପ୍ରସ୍ତୁତ ହୁଅଇ ମାତ୍ର ଆମଦାନୀ ମାସୁଲ ଥିବାରୁ ବିଲାତକୁ ଅଧିକ ରପ୍ତାନୀ ହୋଇ ପାରୁ ନାହିଁ । ଭାରତ ଗବର୍ଣ୍ଣମେଣ୍ଟ ଅନେକଥର ଏମାସୁଲ ଉଠାଇ ଦେବା ସକାଶେ ବିଲାତକୁ ଅନୁରୋଧ କଲେହେଁ ସେଠାର କର୍ତ୍ତୃପକ୍ଷମାନେ ତହିଁରେ ମନୋଯୋଗୀ ହେଉ ନାହାନ୍ତି । ସମ୍ପ୍ରତି ଏକ ତାରସମ୍ବାଦରୁ ଜଣାଯାଏ ଯେ ଭାରତୀୟ ସେକ୍ରେଟରୀ ଏ ମାସୁଲ ଉଠାଇବା ପକ୍ଷରେ ବିଶେଷ ଯତ୍ନବାନ୍ ହୋଇ କହୁଅଛନ୍ତି ତ ଏହା ନ ଉଠିବା ପର୍ଯ୍ୟନ୍ତ ସେ ବିଲାତର କର୍ତ୍ତୃପକ୍ଷମାନଙ୍କୁ ଅସ୍ଥିର କରି ଦେବେ ନାହିଁ । ଏ ସମ୍ବାଦରେ ଆମ୍ଭେମାନେ ଆଶ୍ୱସ୍ତ ହେଲୁଁ ଓ ଭରସା କରୁଁ ସେକ୍ରେଟରୀଙ୍କ ଯତ୍ନ ଶୀଘ୍ର ସଫଳ ହେବ । ରୌପ୍ୟଦ୍ରବ୍ୟର ଆମଦାନୀ ମାସୁଲ ଉଠିଗଲେ ଭାରତବର୍ଷରୁ ବିଶେଷ ପରିମାଣରେ ସେପରି ଦ୍ରବ୍ୟ ରପ୍ତାନୀ ହେବ ଏବଂ ତଦ୍ଦ୍ୱାରା ରୂପାର ବଜାର ତେଜ ହୋଇ ଏକପକ୍ଷରେ ଯେମନ୍ତ ଏଦେଶୀୟ ସାଧାରଣ ଲୋକଙ୍କର ଉପକାର ହେବ ତେମନ୍ତ ରୂପାର ବଟ୍ଟା ଊଣା ହେବାଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଲାଭ ହେବ ।

———

ବେସରକାରୀ ଲୋକର ଅଭାବ ।

ଏ ଜିଲ୍ଲାର ସଦର ଲୋକେଲବୋର୍ଡ଼ର ଜଣେ ମେମ୍ବର ବାବୁ ହରେକୃଷ୍ଣ ଦାସ ପରଲୋକ ଗମନ କରିବାରୁ ତାହାଙ୍କ ସ୍ଥାନରେ ସବ୍ ଓଭରସିଅର ବାବୁ ସଦାନନ୍ଦ ଯାତନ ଓ କଲେକ୍ଟରୀ ହେଡ଼କିରାଣୀ ବାବୁ ଜଗମୋହନ ଲାଲଙ୍କ ମଧ୍ୟରୁ ଏକଜଣଙ୍କୁ ଉକ୍ତ ପଦରେ ନିଯୁକ୍ତ କରିବାକାରଣ ଲୋକେଲବୋର୍ଡ଼ର ଚେଅରମାନ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ଏଥିରୁ ପାଠକ ବୁଝୁଅଛନ୍ତି କି ଏଠାରେ କି ବେସରକାରୀ ଲୋକ ମିଳୁ ନାହାନ୍ତି ଯେ ସରକାରୀ ଲୋକଙ୍କୁ ମେମ୍ବର କରିବାଦ୍ୱାରା ସାହେବ ମହଲରେ ବାଦ୍‌ବିବାଦ ଲାଗିବାର ସୁଯୋଗ ଦିଆଯାଉଅଛି । ବେସରକାରୀ ଲୋକ ବୋର୍ଡ କିମ୍ବା ମିଉନିସିପାଲଟିର ମେମ୍ବର ହେବା ଅବଶ୍ୟ ବାଞ୍ଛନୀୟ ଏବଂ ସେହିମାନଙ୍କ ସାହାଯ୍ୟ ସାଧାରଣ କାର୍ଯ୍ୟରେ ନେବାକାରଣ ଆତ୍ମଶାସନ ପ୍ରଣାଳୀର ସୃଷ୍ଟି ହୋଇଅଛି । ସହଯୋଗୀ କୌଣସି ବେସରକାରୀ ବ୍ୟକ୍ତିର ନାମ କହିଥିଲେ ସେପକ୍ଷରେ ମତାମତ ପ୍ରକାଶ କରନ୍ତୁ । ମାତ୍ର ଆମ୍ଭେମାନେ ସ୍ଥୂଳରେ କହିପାରୁଁ ଯେ ବେସରକାରୀ ଲୋକଙ୍କମଧ୍ୟରୁ ଏ ସମସ୍ତ କାର୍ଯ୍ୟସକାଶେ ଯୋଗ୍ୟଲୋକ ଖୋଜି ବାହାର କରିବା କଠିନ କାରଣ ଜମିଦାର ମହାଜନପ୍ରଭୃତିଙ୍କ ମଧ୍ୟରେ ଅଟେ ଶିକ୍ଷିତ ଓ ସାଧାରଣ କାର୍ଯ୍ୟାନୁରାଗିଙ୍କ ସଂଖ୍ୟା ଅତ୍ୟନ୍ତ ଅଳ୍ପ ଏବଂ ସେହି ଅଳ୍ପସଂଖ୍ୟାମଧ୍ୟରୁ ଅଧିକାଂଶ ଆପଣା ସ୍ୱାଧୀନ ବ୍ୟବସାୟ ଛାଡ଼ି ସରକାରୀ ଚାକିରୀ ନେଇ ବସିଅଛନ୍ତି । ଏମନ୍ତ କି ଯେଉଁ ବ୍ୟକ୍ତି ଆପଣା ଜମିଦାରୀ ଇତ୍ୟାଦିଦ୍ୱାରା ମାସକୁ ଅନାୟାସରେ ଟ୪୦।୫୦ ଙ୍କା ରୋଜଗାର କରୁଅଛି ଏବଂ ନିଜେ ତହିଁରେ ପରିଶ୍ରମ କଲେ ଆୟବୃଦ୍ଧି କରିପାରେ ସେ ତହିଁରେ ପରିଶ୍ରମ ନ କରି ସେହି ବେତନରେ ଚାକିରୀ କରିବାକୁ

Split by PDF Splitter

Digitized by srujanika@gmail.com

Split by PDF Splitter



ଅଧିକ ଶ୍ରେୟସ୍କର ଜ୍ଞାନ କରୁଅଛୁ । ସ୍ୱାଧୀନତାଠାରୁ ପରାଧୀନତାକୁ ଅଧିକ ଗୌରବକର କଥା ବୋଲି ମନେ କରୁଅଛୁ । ସୁଶିକ୍ଷିତ ହେବାର ଉତ୍କର୍ଷସୀମା ଯେମନ୍ତ ସରକାରୀ କଂଡକ୍ଟର ଅମଲା ବା ଓକାଲତିରି ଅଟଇ । ସୁତରାଂ ଏପରି ଲୋକର ବେସରକାରୀଭାବ ଦୁଷ୍ପ୍ରାପ୍ୟ ଅଛୁ । ଆଉ ଯେଉଁମାନେ ଅଶିକ୍ଷିତ ସେମାନେ ଆପଣା ବଂଶର ପରକୁ ଖୁଆଇ ସନ୍ତୁଷ୍ଟାନ୍ତ ହେଉଅଛନ୍ତି ସାଧାରଣ ହିତାର୍ଥେ ସେମାନେ କି ପରିଶ୍ରମ ବା ଆଉ କରିବେ ? ଫଳକଥା ଏହିକ ବେସରକାରୀ ଶିକ୍ଷିତ ଓ କାର୍ଯ୍ୟକ୍ଷମ ବ୍ୟକ୍ତିବିଶେଷ ଯେମନ୍ତ ଅସ୍ୱାଧୀନ ବଧି ସ୍ଥଳରେ ହୋଇଅଛୁ ତେମନ୍ତ ସେମାନଙ୍କର ସେଥିରେ ଯୋଗଦେବାକୁ ଚେଷ୍ଟା ଓ ଅନୁରାଗ ପ୍ରକାଶ କରିବାର ଉଚିତ ଓ ସେ ଯୋଗ୍ୟତାଲାଭ ନିମନ୍ତେ ଉପକାରାର୍ଥେ ପ୍ରଥମେ ଆପଣା ବ୍ୟବସାୟରେ ଯୋଗ୍ୟତା ଦେଖାଇବାର ଅବଶ୍ୟକ । ଅନ୍ୟାନ୍ୟ ବ୍ୟବସାୟୀଙ୍କଠାରୁ ଏ ପ୍ରଦେଶରେ ଜମିଦାରଙ୍କର ଏ ବିଷୟରେ ଅଧିକ ସୁବିଧା ଅଛି ମାତ୍ର ଦୁଃଖର ବିଷୟ ଅନେକ ଜମିଦାର ଜମିଦାରୀ ଚଳାଇବାକୁ ବ୍ୟବସାୟମଧ୍ୟରେ ଗଣ୍ୟ କରନ୍ତି ନାହିଁ । ଏହିହେତୁ କେହି କେହି ପେନସନଭୋଗୀ ପ୍ରାୟ କରିନ୍ତି ରହିଅଛନ୍ତି ଏବଂ କେହି ଯଦି ଉଦ୍ୟମ କରିବା ହୁଏ ପରିଶ୍ରମ କରିବା ବୃଥା ମନେ କରି ଅନ୍ୟାନ୍ୟ କାର୍ଯ୍ୟରେ ଆପଣାର ସ୍ୱାଭାବିକ ଚେଷ୍ଟା ଓ ପରିଶ୍ରମକୁ ନଷ୍ଟ କରୁଅଛନ୍ତି । ଏହିହେତୁ ସାଧାରଣ କାର୍ଯ୍ୟସକାଶେ ଯୋଗ୍ୟଲୋକ ମିଳିବା କଷ୍ଟ ହୋଇଅଛି ।

---

## ବ୍ରାହ୍ମଣଭୋଜନ ଓ ମାଜିଷ୍ଟ୍ରେଟ ।

ଏ ନଗରର ରାଜା ବୈଦ୍ୟନାଥପଣ୍ଡିତଙ୍କର ମାତା ସ୍ୱର୍ଗଲାଭ କରିଥିବାରୁ ଗତ ବୁଧବାରେ ତାହାଙ୍କର ଅନ୍ତ୍ୟ ଶ୍ରାଦ୍ଧ ହୋଇଥିଲା । କଟକଲୋକର ଘରେ ଶ୍ରାଦ୍ଧକ୍ରିୟା ଉପସ୍ଥିତ ହେଲେ ଭୋଜନାର୍ଥୀ ବ୍ରାହ୍ମଣ ଯେତେ ଜମାହୁଅନ୍ତି ତାହା କହିବାର ଅପେକ୍ଷା ନାହିଁ । ରାଜା ମହୋଦୟ ୫।୬ ହଜାର ବ୍ରାହ୍ମଣ ଭୋଜନ କରାଇବାର ଆୟୋଜନ କରି ଶାନ୍ତିରକ୍ଷା ନିମନ୍ତେ ପୁଲିସ ସାହାଯ୍ୟ ପାଇବା ଆଶାରେ ପୂର୍ବରୁ ମାଜିଷ୍ଟ୍ରେଟ ସାହେବଙ୍କୁ ଆବେଦନ କରିଥିଲେ । ମାଜିଷ୍ଟ୍ରେଟ ଡାକ୍ତର ସାହେବଙ୍କ ସହିତ ପରାମର୍ଶ କରି ବୁଝିଲେ ଯେ ଏତେଲୋକ ଏକତ୍ରିତ ହେଲେ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ଅନିଷ୍ଟ ହେବ ଏବଂ ଓଲାଉଠା ରୋଗ ବୃଦ୍ଧି ହୋଇପାରେ । ଏଥିପାଇଁ ସେ ଶ୍ରାଦ୍ଧର ପୂର୍ବଦିନ ରାଜାଙ୍କ ନାମରେ ପରଓ୍ୱାନା କଲେ କି ଏତେ ଅଧିକଲୋକଙ୍କୁ ଖୁଆଇବାର ତାହାଙ୍କର ଇଚ୍ଛା ଥିଲେ ସହରରୁ ଅନ୍ତର ମୋଫସଲର କୌଣସିସ୍ଥାନରେ ତାହା କରିପାରିବେ ମାତ୍ର ସହର ମଧ୍ୟରେ ଖୁଆଇ ପାରିବେ ନାହିଁ ଏବଂ ଉହିଁ ସଙ୍ଗେ ସଙ୍ଗେ ବ୍ରାହ୍ମଣମାନଙ୍କୁ ନଗରମଧ୍ୟକୁ ନ ପଶିବା ବିଷୟରେ ପୁଲିସ ଓ ଘାଟର ଇଜାରଦାର ପ୍ରତି ହୁକୁମ ପ୍ରଦାନ କଲେ । ରାଜା ଉକ୍ତଦିନ ସନ୍ଧ୍ୟାସମୟରେ ମାଜିଷ୍ଟ୍ରେଟଙ୍କ ଆଦେଶ ପାଇ ମହାଚିନ୍ତାରେ ପଡି ବାବୁ ମଧୁସୂଦନଙ୍କୁ ଡକାଇଲେ । ଅରଦିନ ସକାଳେ ବାବୁ ମଧୁସୂଦନ ଦାସ ଓକିଲ ମାଜିଷ୍ଟ୍ରେଟଙ୍କୁ ସବୁକଥା ବୁଝାଇ କହିବାରୁ ସାହେବ ଏହି ସର୍ତ୍ତରେ ଆପଣା ଆଜ୍ଞା ଉଠାଇ ନେଲେ କି ରାଜା ବ୍ରାହ୍ମଣମାନଙ୍କୁ ଖୁଆଇ ସେହିଦିନ ବିଦାୟ କରିଦେବେ ଯେମନ୍ତ ସେମାନେ ତତ୍ପରଦିନ ସକାଳ ହୋଇ ଗଲାପରେ ଏକ ସହରମଧ୍ୟରେ ଆଉ ରହିବେ ନାହିଁ । ଏଥିରୁ ବୋଧ ହୁଅଇ ଯେ ଆମ୍ଭମାନଙ୍କ ନୂତନ ମାଜିଷ୍ଟ୍ରେଟ ମାଗ୍ଅର ସାହେବ ଜାଣନ୍ତି ନାହିଁ ଯେ ଶ୍ରାଦ୍ଧଉପଲକ୍ଷରେ ଯେଉଁ ବ୍ରାହ୍ମଣମାନେ ଆସନ୍ତି ସେମାନେ ଭୋଜନ କଲାଉତ୍ତାରୁ ଦକ୍ଷିଣା ନେଇ ତତ୍କ୍ଷଣାତ ବିଦାୟ ହୁଅନ୍ତି ଓ ସେଠାରେ ଆଉ ଦଣ୍ଡେ ରହନ୍ତି ନାହିଁ । ତାହା ଜାଣିଥିଲେ ସମ୍ଭବତଃ ଏପରି ଅନ୍ୟାୟ ଆଦେଶ ଦେଇ ନ ଥାନ୍ତେ । କିନ୍ତୁ ମାଗ୍ଅର ସାହେବ ଯେତେବେଳେ ଅଶିକ୍ଷିତ ସ୍ୱରୂପ କାର୍ଯ୍ୟାରମ୍ଭ କରି ଜଣାଇ ମାଜିଷ୍ଟ୍ରେଟ ଉଠି ଅଛନ୍ତି ତେତେବେଳେ ଏ ଦେଶରେ ଅନ୍ତତଃ ଏକଯୁଗ କଟାଇଅଛନ୍ତି ସନ୍ଦେହ ନାହିଁ ଏଥିମଧ୍ୟରେ କେବେ ଶ୍ରାଦ୍ଧରେ ବ୍ରାହ୍ମଣଭୋଜନର ପ୍ରଥା ନ ଜାଣିଲେ କେବେ ଏ ଦପର ମାଜିଷ୍ଟ୍ରେଟ ଅଇ ନ ବୁଝିଅଛନ୍ତି ? ଅଥବା ସ୍ୱୀକାର କର ଯେ ସେ ଏକଥା ଜାଣନ୍ତି ନାହିଁ କିନ୍ତୁ ଜିଲ୍ଲାର ମାଜିଷ୍ଟ୍ରେଟ ହୋଇ ସେ ଯେ ଅଇନ ନ ଜାଣନ୍ତି ଏକଥା କୁହାଯାଇ ନ ପାରେ । ଏଥିକୁ ସାହେବ ମୋଫସଲର ବ୍ରାହ୍ମଣମାନଙ୍କୁ ଏ ନଗରମଧ୍ୟକୁ ନ ଛାଡିବା ବିଷୟରେ ପୁଲିସ ପ୍ରତି ଯେଉଁ ଆଦେଶ ଦେଇଥିଲେ ତାହା କେଉଁ ଅଇନାନୁସାରେ ହୋଇଥିଲା ? ଲୋକଙ୍କର ସ୍ଥାନବିଶେଷକୁ ଗମନାଗମନ ନିଷେଧ କରିବାର କ୍ଷମତା କୌଣସି ଅଇନରେ ମାଜିଷ୍ଟ୍ରେଟଙ୍କୁ ଦିଆଯାଇଅଛି କି ? ଯେବେ ସେପରି ଅଇନ ଥାନ୍ତା ତେବେ ପୁରୀରେ ବହୁଜନତା ହେତୁ ପ୍ରତିବର୍ଷ ରଥଯାତ୍ରା ସମୟରେ ଯେଉଁ ଓଲାଉଠା ହେଉଥିବା ପ୍ରତ୍ୟକ୍ଷ ସେଠାକୁ ଯାତ୍ରୀମାନଙ୍କର ଆଗମନ ଅନାୟାସରେ ମାଜିଷ୍ଟ୍ରେଟ ବନ୍ଦ କରି ପାରନ୍ତେ । କିନ୍ତୁ ତାହାର ହେଉ ନାହିଁ ଏବଂ ସବୁଜନଙ୍କରେ ଜଣାଯାଉଅଛି ଯେ ଏପରି ଆଦେଶ ଦେବା ଲୋକଙ୍କ ସ୍ୱାଧୀନତା ଓ ଧର୍ମକାର୍ଯ୍ୟରେ ବାଧା ଦେବା ଭିନ୍ନ ଆଉ କିଛି ନୁହଇ । ଏହି ନ୍ୟାୟରେ କାର୍ଯ୍ୟ କଲେ ହାଟ ବଜାର ଓ ସ୍ଥାନବିଶେଷର ସାମୟିକ ଜନ ସମାଗମକୁ ବନ୍ଦ କରି ଯାଇପାରେ ଏଥିରୁ ସ୍ପଷ୍ଟ ଦେଖାଯାଉଅଛି କି ମାଜିଷ୍ଟ୍ରେଟ ସାହେବ ଅଇନ ବା ସଦସଦ୍ବୃତ୍ତି ପ୍ରତି ଦୃଷ୍ଟି ନ କରି କେବଳ ଆପଣା ଅଧିକାରର ଅଭିମାନ ଜାଣିବାରୁ ଏପ୍ରକାର ଆଦେଶ ଦେଇଥିଲେ । କିନ୍ତୁ ଏପ୍ରକାର ଅନ୍ୟାୟ କାର୍ଯ୍ୟରେ ମୋଫସଲବାସୀଙ୍କର କେତେ ଅନର୍ଥକ କଷ୍ଟ ଓ ମନସ୍ତାପ ହୁଅଇ ତାହା ସେ ବିଚାର କରିପାର ନାହାନ୍ତି । ଏପରି ହାକିମଙ୍କୁ ଉଚିତଶିକ୍ଷା ଦେବାର କଛି ଉପାୟ ନାହିଁ ?

---

# ସାପ୍ତାହିକସମ୍ବାଦ ।

ରାଜା ବୈଦ୍ୟନାଥପଣ୍ଡିତଙ୍କ ମାତୃଶ୍ରାଦ୍ଧରେ ଗତ ବୁଧବାର ଏଠାରେ ବ୍ରାହ୍ମଣ ପ୍ରାୟ ୬।୭ ହଜାର ଜମା ହୋଇଥିଲେ । ତାହା ସୁଦ୍ଧା ମିଠାଇ ଇତ୍ୟାଦି ଭୋଜନ ସହିତ ଏକଅଣା ଲେଖାଏ ଦକ୍ଷିଣା ପାଇ ବିଦାୟ ହେଲେ । ତହୁଁ ଅଇଦିନ ଅଥାତ ଗୁରୁବାର ଉକ୍ତ ଓ ବଙ୍ଗୀୟ ପଣ୍ଡିତମାନଙ୍କ ଭର୍ତ୍ତି ହୋଇଥିଲ ଏବଂ ସେମାନଙ୍କ ସଙ୍ଗେ ପ୍ରାୟ ୫୦୦ ଜଣ ଉତ୍କଳ ବ୍ରାହ୍ମଣ ମିଶ୍ରିତ ଭୋଜନ କରିଥିଲେ ।

ଗତ ରବିବାରଠାରୁ ପୁନର୍ବାର ଏ ନଗରରେ ଜ୍ୱର ବୃଦ୍ଧି ହୋଇ କ୍ରମାଗତ ବୃଷ୍ଟି ହେବାର ଲକ୍ଷଣ ଦେଖାଯାଉଅଛି । ବର୍ତ୍ତମାନ ଜଳର ଅଭାବ ନାହିଁ ଓ ବାୟୁ ଶୀତଳ ଅଛି ।

ଏ ସପ୍ତାହରେ ଏ ନଗରରେ ଓଲାଉଠା ରୋଗ ଶାନ୍ତ ଅଛି ।

ପୁର୍ବଲ ସୁଲପ ସବଇନ୍ସପେକ୍ଟର ବାବୁ ବନମାଳୀ ମହାପାତ୍ର ହାଇକୋର୍ଟରେ ଅପିଲ କରି ଜାମିନରେ ଖଲାସ ହୋଇଅଛନ୍ତି ଓ ଉକ୍ତ ମାସ ତା ୨୪ ରଖ ତାହାର ଶୁଣାଣି ଧାର୍ଯ୍ୟ ହୋଇଅଛି ।

ଶ୍ରୀଯୁକ୍ତ ଏଡଗାର ସାହେବ ଗତ ବୁଧବାର ପୁରୀ ଯାତ୍ରାରୁ ଫେରିଆସିଲେ । ସେହି ଦିନ ସନ୍ଧ୍ୟାପରେ କଲିକତାକୁ ଯାତ୍ରା କଲେ ।

## କଲିକତା-ଗେଜେଟ ।

କଲିକତାର ଶାନ୍ତ କଲେକ୍ଟରୀର ଅସିଷ୍ଟେଣ୍ଟ କଲେକ୍ଟର ବାବୁ ଦୁର୍ଗାଗତି ବାନାର୍ଜୀ ଗତ ଅକ୍ଟୋବରମାସ ତା ୧୦ ରିଖରୁ ଉକ୍ତ କାର୍ଯ୍ୟରେ ବାହାଲ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter

REGISTERED NO.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୨୪ ଶ
ସଂ ୩୨ ଖ୍ୟା
ତା ୧୦ ଋଷଭ ମାହେ ଅଗଷ୍ଟ ସନ ୧୮୮୯ ଇଂରାଜୀ । ମୁ । ଶ୍ରାବଣ ତା ୨୮ ଦିନ ସନ ୧୨୯୬ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୷
ପଶ୍ଚାଦେୟ ଟ ୪୷

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କୁଜଙ୍ଗ-ସ୍କୁଲର ସମ୍ପାଦକ ଆପଣା ଭ୍ରାତୁଷ୍ପୁତ୍ରୀର ବିବାହ ଉପଲକ୍ଷରେ ଅନ୍ୟାନ୍ୟ ଉତ୍ସବ କାର୍ଯ୍ୟମଧ୍ୟରେ ସ୍କୁଲର ପିଲାମାନଙ୍କୁ ମିଷ୍ଟାନ୍ନ ଭୋଜନ ଏବଂ କଙ୍ଗାଳମାନଙ୍କୁ ଅନ୍ନଭୋଜନ ସହିତ ବହୁ ପଇସା ମଧ୍ୟ ଦେଇଥିଲେ । ଏକାର୍ଯ୍ୟମାନ ସୁରୁଚିପୂର୍ଣ୍ଣ ଏବଂ ସାର୍ଥକ ଅଟଇ ।

---

କଟକ ପ୍ରିଣ୍ଟିଂକମ୍ପାନି ଗତ ଫେବୃଏରୀମାସରେ ଜୟପୁରକୁ ଗୋଟିଏ ରେଃ ପୋଃ ପାକେଟ ପଠାଇଥିଲେ । ସେଠା ଡାକଘର କର୍ମଚାରୀ ସେ ଟଙ୍କା ଆତ୍ମସାତ କରିବାରୁ ମାନ୍ଦ୍ରାଜର ପୋଷ୍ଟମାଷ୍ଟର ଜେନେରଲଙ୍କ ଆଦେଶମତେ ଫଉଜଦାରୀ ସୁପର୍ଦ୍ଦ ହୋଇ ଅପରାଧୀ ସାବ୍ୟସ୍ତ ହୋଇ ଏକବର୍ଷ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇଅଛି ।

---

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ ଅନୁଗୁଳକୁ ଦୁଇହଜାର ମହଣ ଗହମ ଏବଂ ଛଅହଜାର ମହଣ ଧାନ ପଠାଇବାର ଦରକାର ଅଛି । ଯେଉଁମାନେ ଏହା ଯୋଗାଇବା କରିବାର କଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରିବେ ସେମାନେ ଚଳିତମାସ ତା ୧୫ ରିଖରେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଅବେଦନ କରିବେ ଏବଂ ସଡ଼କବାଟେ ଅନୁଗୁଳ ଗଡ଼ରେ ଅଥବା ନୌକାଦ୍ୱାରା ଟିକରପଡ଼ାରେ କେଉଁ ଦରରେ ପହଞ୍ଚାଇବେ ଅବେଦନ ପତ୍ରରେ ତାହା ଲେଖିବେ ।

---

ଇଂଲଣ୍ଡର ଯୁବରାଜପୁତ୍ର ପ୍ରିନ୍ସ ଆଲବର୍ଟ ଭିକ୍ଟର ଅର୍ଥାତ ଶ୍ରୀମତୀ ମହାରାଣୀଙ୍କର ଜ୍ୟେଷ୍ଠ ପୌତ୍ର ଭାରତଭ୍ରମଣ ନିମିତ୍ତ ଆଗାମି ଅକ୍ଟୋବର ମାସ ତା ୧୦ ରିଖରେ ବିଲାତରୁ ଯାତ୍ରା କରିବାର ସ୍ଥିର ହୋଇଅଛି । ସଞ୍ଜୀବନୀ ଏହି ଭ୍ରମଣର ଗୁପ୍ତ ରହସ୍ୟ ଏହିପରି ଲେଖିଅଛନ୍ତି କି ପ୍ରିନ୍ସଭିକ୍ଟର ପ୍ରିନସେସ୍ମେରୀ ନାମକ ଏକ ପରମାସୁନ୍ଦରୀ କନ୍ୟାର ରୂପଲାବଣ୍ୟରେ ମୋହିତ ହୋଇ ତାହାକୁ ବିବାହ କରିବାର ଇଚ୍ଛା କରନ୍ତି । କିନ୍ତୁ ଯୁବରାଜଙ୍କର ଏ ସମ୍ମତିରେ ସମ୍ମତି ନାହିଁ । ଅତଏବ ପୁତ୍ରର ମନ ଭୁଲାଇବା ଅଭିପ୍ରାୟରେ ତାହାଙ୍କୁ ଦେଶଭ୍ରମଣରେ ପଠାଉଅଛନ୍ତି । ଏଥିରେ ମନ ନ ଫେରିଲେ ଆଉ କି ଉପାୟ ହେବ ?

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ଦୀନବନ୍ଧୁ ପଟ୍ଟନାୟକ ରାଏ ବାହାଦୁର ଗତମାସ ତା ୨ ରିଖ ଅପରାହ୍ନ କାଳରେ ମାନବଲୀଳା ସମ୍ବରଣ କଲେ । ଏ ମହାଶୟ ଦୀର୍ଘକାଳ କନ୍ଦମାଳର ତହସିଲଦାରୀ କାର୍ଯ୍ୟ ସୁଖ୍ୟାତିସ୍ୱରୂପ ନିର୍ବାହ କରି ତହିଁର ପୁରସ୍କାରସ୍ୱରୂପ ରାଏ ବାହାଦୁରପଦ ପାଇଥିଲେ । ଇଦାନୀଂ ପେନସନ ପାଇ ଆପଣା ଘର ଘୁମୁସରରେ ବସିଥିଲେହେଁ ସାଧାରଣ ହିତକର କାର୍ଯ୍ୟରେ ଯୋଗ ଦେଉଥିଲେ ଏବଂ ବର୍ତ୍ତମାନ ସେ ଅଞ୍ଚଳର ଅନ୍ନକଷ୍ଟ ସମୟରେ ସରକାରୀ ସାହାଯ୍ୟଦାନ ପୂର୍ବେ ଦୁଇମାସ ପର୍ଯ୍ୟନ୍ତ ଗୋଟିଏ ଅନ୍ନଛତ୍ର ଚଳାଇଥିଲେ । ବାବୁ ହରିହରତ୍ରିପାଠୀ ଏହାଙ୍କର ଗୁଣ ବର୍ଣ୍ଣନାକରି ଖଣ୍ଡିଏ ପତ୍ର ଲେଖିଅଛନ୍ତି । ତାହା ପ୍ରକାଶ କରିବାର ଆବଶ୍ୟକ ନାହିଁ ।

---

ଇଂଲଣ୍ଡରେ ଏକବ୍ୟକ୍ତି ବାତ ଓ ମୂର୍ଚ୍ଛା ରୋଗରେ ବହୁକାଳ ପୀଡ଼ିତ ଥିଲା । ଚିକିତ୍ସାରେ କିଛି ଉପକାର ହେଲା ନାହିଁ । ମାତ୍ର ତାହାର ଆତ୍ମୀୟ ବନ୍ଧୁ ବାନ୍ଧବମାନେ ପ୍ରାର୍ଥନା କରିବାରୁ ସେ ଆରୋଗ୍ୟ ହେଲା । ସମ୍ପାଦକ ତାହାର ଏହି ଉଦାହରଣଦ୍ୱାରା ପ୍ରାର୍ଥନାର ଫଳ ଦେଖାଇଅଛନ୍ତି । ଏ ଦେଶବାସୀଙ୍କୁ ଏ ବିଷୟରେ କୌଣସି ଦୃଷ୍ଟାନ୍ତ ଦେବା ପ୍ରୟୋଜନ ନାହିଁ । ରୋଗ ମୁକ୍ତି ନିମିତ୍ତ ଦେବାନୁଷ୍ଠାନ ଅଥବା ସାଧୁସେବା ଇତ୍ୟାଦି ଅବହମାନକାଳରୁ ଚଳିଆସୁଅଛି ଏବଂ ଅନେକ ଲୋକ ତଦ୍ୱାରା ଫଳ ପାଇଅଛନ୍ତି । ଦୁଃଖର ବିଷୟ ଏତେକ ଯେ ଇଦାନୀଂ ଲୋକଙ୍କର ଧର୍ମବିଶ୍ୱାସ କ୍ରମଶଃ ଉଠି ଯାଉଅଛି । ଲୋକେ ପ୍ରାର୍ଥନା କରିବାକୁ ଜାଣନ୍ତି ନାହିଁ ଏବଂ ଧର୍ମ ଶିକ୍ଷାର ଭାର ଅଯୋଗ୍ୟ ପାତ୍ରରେ

Digitized by srujanika@gmail.com

ଅର୍ପିତ ହେବାରୁ ଶିକ୍ଷା କରିବାର ମଧ୍ୟ ଉପାୟ ନାହିଁ ।

---

କଲିକତାର ମାରୱାଡିମାନଙ୍କ ଉପରେ ଅନ୍ୟାୟ ଇନ୍‌କମ୍ ଟାକ୍ସ ଧାର୍ଯ୍ୟ ହେବାରୁ ସେମାନେ ବୋର୍ଡରେ ଅପିଲ କରିଥିଲେ । ବୋର୍ଡର ଯୁନିୟର ମେମ୍ବର ଟମସ୍ ସାହେବ ଅପିଲ ଶୁଣିବା ସମୟରେ ମାରୱାଡିଙ୍କ ଉକିଲ ଗାର୍ଥ ସାହେବଙ୍କଠାରୁ ଯେପରି ତର୍କବିତର୍କ କଲେ ତହିଁରୁ ପ୍ରକାଶହେଲା ଯେ ନିଟ ଆୟ ଉପରେ ଟିକସ ଧାର୍ଯ୍ୟ ନ ହୋଇ ମୋଟ ଆୟ ଉପରେ ଧାର୍ଯ୍ୟ ହୁଅଇ ଅର୍ଥାତ୍ ବର୍ଷମଧ୍ୟରେ ଆଦାୟ ହୋଇ ନ ଥିବା ଆୟ କମା ହେବାରେ ପୁସ୍ତିକ ହିସାବପତ୍ରରେ ଦେଖି ମଣ୍ଡା ଦିଆଯାଏ ନାହିଁ । ଏଥିରେ ଆପୁତ୍ତିପତ୍ରରେ ଟିକସ ନ ବସି ନିଟ ଆୟୁପରେ ବସିବା ଉଚିତ ବୋଲି ଉକିଲ ତର୍କ କରନ୍ତେ ଟମସ୍ ସାହେବ କହିଲେ କି ଯେଉଁପ୍ରଥା କେତେକାଳ ହେଲା ଚଳିଆସୁଅଛି ବର୍ତ୍ତମାନ ଅନ୍ୟଥା କରିବା ତାହାଙ୍କର କ୍ଷମତାର ଅତୀତ ଓ ଏପରି ଆପତ୍ତି ବ୍ୟବସ୍ଥାପକସଭାରେ ହେବାର ଉଚିତ । ସମ୍ଭବତଃ ମାରୱାଡିମାନେ ଇଣ୍ଡିଆ ଗବର୍ଣ୍ଣମେଣ୍ଟରେ ଏଥିର ପ୍ରତିବାଦ କରିବେ ନୋହିଲେ ବୋର୍ଡର ଏହି ବିଚାରରେ ଅନେକ ଲୋକର କ୍ଷତି ହେବ ।

---

ଡାକ୍ତରମାନେ କହନ୍ତି କି ବାୟୁ, କଲ୍ୟା ଓ କୁକୁର କାମୁଡିବାରେ ଯେତେଲୋକ ଜଳାତଙ୍କ ରୋଗରେ ମରନ୍ତି ତଦପେକ୍ଷା ଅଧିକ ଲୋକ କେବଳ ଉକ୍ତ ରୋଗକୁ ଡରି ମରନ୍ତି । କଲିକତାର ବଡ଼ ଡାକ୍ତରମାନଙ୍କ ମତରେ ଜଳାତଙ୍କ ରୋଗୀଙ୍କ ମଧ୍ୟରୁ ପ୍ରାୟ ବାରଅଣା ଭୟରେ ପୀଡିତ ହୋଇ ପ୍ରାଣ ହରନ୍ତି । ଫରାସି ଦେଶରେ ଦୁଇଜଣଙ୍କୁ ଏକ କୁକୁର କାମୋଡିଥିଲା । କାମୁଡିବା କ୍ଷଣରୁ ଏକବ୍ୟକ୍ତି ବିଦେଶକୁ ଯାଇ ଦଶବର୍ଷ ପରେ ଘରକୁ ଆସି ଶୁଣିଲା ଯେ ତାହାର ଭଗିନୀ ଜଳାତଙ୍କ ରୋଗରେ ମରିଅଛି । ଏକଥା ଶୁଣିବାମାତ୍ରକେ ତାହାର ଦେହ କମ୍ପିଉଠିଲା ଏବଂ କ୍ରମେ ଉକ୍ତ ରୋଗଗ୍ରସ୍ତ ହୋଇ ମରିଗଲା । ଜଣେ ବନ୍ଧୁଲୋକର କୁକୁର ବାୟା ହୋଇ କେତେଗୁଡ଼ାଏ ମେଣ୍ଢାକୁ କାମୋଡ଼ିବାରୁ ସେ ସବୁ ମରିଗଲେ । ଏହା ଦେଖି ବନ୍ଧୁଲୋକର ମନେପଡ଼ିଲା ଯେତେକ ସେହି କୁକୁର ତାହାର ହାତ ଚାଟୁଥିଲା ଓ ସେହିକଥା ଭାବି ଭାବି ତାହାଙ୍କର ଜଳାତଙ୍କ ରୋଗ ହେଲା । ଡାକ୍ତରମାନେ ତାହାକୁ ଅନେକ ବୁଝାଇ ଭ୍ରମ ଛଡ଼ାଇଦେବାରୁ ସେ ଆରୋଗ୍ୟ ହେଲେ । ମନ ଦମୁଥିଲେ ଶରୀରର ରୋଗ ଉଣାହେବାର ଅନେକ ପ୍ରମାଣ ଅଛି । ରୋଗ ସମୟରେ ସାହସ ଅବଲମ୍ବନ କରିବା ଉଚିତ ।

---

ସୁରତରୁ ଜଣେ ଲେଖିଅଛନ୍ତି କି "ଅମ୍ଭମାନଙ୍କର ମାନନୀୟ ଦେଶୀୟ ଜଏଣ୍ଟ ମାଜିଷ୍ଟ୍ରେଟ ମହୋଦୟ ଏଥିମଧ୍ୟରେ ବିଶେଷ ଉତ୍କର୍ଷର ଯୋଗ୍ୟ କିଛିକାର୍ଯ୍ୟ କରି ନ ଥିଲେହେଁ ଉକିଲ, ମୋକ୍ତାର, ମାମଲତକାରମାନେ ବାରଣ୍ଡାରେ ବସି ଗୋଳମାଳ କରୁଥିବାରୁ ସେମାନଙ୍କୁ ତହିଁରୁ ବାହାର କରି ଦିଆଯାଇଅଛି ସୁଖର ବିଷୟ ଏହି ଯେ ମୁନସଫ ମହୋଦୟଙ୍କ ଆଦେଶଅନୁସାରେ ଉକିଲମାନେ ଅଦାଲତଗୃହର ସୀମାନ୍ତର୍ଗତ ବାରଣ୍ଡାରେ ବସୁଅଛନ୍ତି ଅଳ୍ପକ୍ଷଣ ବସିଲେ ପାଖଆଇନରେ ଶୃଙ୍ଖଳ ହେବାର ଧମକ ଦିଆଯାଇଅଛି ମୋକ୍ତାରମାନେ ଓଜର କରିବାରୁ କମ୍ପାଉଣ୍ଡର ଦୁଇଷ୍ଟିତ ବୃକ୍ଷତଳେ ବସିବାକୁ ଆଦେଶ ହୋଇଅଛି ଯାହା ହେଉ ଗୃହ ତୋଳିବାର ଅସୁବିଧା ଏହି ଗ୍ରୀଷ୍ମ ସମୟରେ ଭଦ୍ରଲୋକମାନଙ୍କୁ ଅପମାନିତ କରିବା ମାନନୀୟଙ୍କର ସୁବିଚାର ହୋଇ ନାହିଁ କମା ବାରଂବାର ଅନ୍ୟାନ୍ୟ ମାଜିଷ୍ଟ୍ରେଟମାନେ ସାବଧାନ କରାଇ ଦେଇଥିଲେ ସୁଦ୍ଧା ଉକିଲ ଓ ମୋକ୍ତାରମାନେ ନିଜର ମର୍ଯ୍ୟାଦା ରଖିବାକୁ ପୂର୍ବରୁ ସାବଧାନ ନୋହୁଥିବାରୁ ସେମାନଙ୍କର କର୍ତ୍ତବ୍ୟକର୍ମ ବୁଝାଇ ନାହିଁ । ସୁଖର ବିଷୟ ଗୃହ ତୋଳାହେବାକୁ ଗୃହା ସଜ୍ଜିତ ହେଉଅଛି ।"

---

ଦଶପଲ୍ଲା କଥାରେ ଅନୁକ୍ଷଣବ୍ୟକ୍ତିଙ୍କର ସାହାଯ୍ୟ ଯଥାବିହିତରୂପେ ହେଉ ନ ଥିବାର ସନ୍ଦେହ ହେବାରୁ ବାବୁ ନନ୍ଦକିଶୋର ଦାସ ଉକ୍ତ କାର୍ଯ୍ୟର ତତ୍ତ୍ୱାବଧାରଣ ନିମନ୍ତେ ସେଠାକୁ ଯିବାର ଆଦେଶ ପାଇଥିଲେ କିନ୍ତୁ ସେ ଜ୍ୱରରୋଗରେ ପୀଡିତ ହେବାରୁ ଅଗତ୍ୟା ବାବୁ ରାସବିହାରୀ ନାୟକ ଡେପୁଟୀକଲେକ୍ଟର ପ୍ରେରିତ ହୋଇଅଛନ୍ତି । ନନ୍ଦକିଶୋର ବାବୁ ଆରୋଗ୍ୟ ହେଲେ ସେଠାକୁ ଯାଇ ରାସବିହାରୀବାବୁଙ୍କୁ ଅବସର ଦେବେ । ଏଥିମଧ୍ୟରେ ଉକ୍ତ କଣ୍ଟାରୁ ଖଣ୍ଡିଏ ପ୍ରେରିତପତ୍ର ଅମ୍ଭେମାନେ ପାଇଅଛୁଁ ଏବଂ ତହିଁରୁ ଦେଖାଯାଉଅଛି ଯେ ସେଠାରେ ସାହାଯ୍ୟକାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେଉଅଛି । ପତ୍ରପ୍ରେରକଙ୍କୁ ଅମ୍ଭେମାନେ ନ ଚିହ୍ନୁ ସୁତରାଂ ପତ୍ରଲିଖିତ ବିଷୟ ଗୁଡ଼ିକ କେତେଦୂର ସତ୍ୟ ତାହା କହି ନ ପାରୁଁ ମାତ୍ର ଯେଉଁସ୍ଥଳେ ସରକାରୀ ଯୋଗ୍ୟ କର୍ମଚାରୀ ସେଠାକୁ ଯାଉଅଛନ୍ତି ଏବଂ ସେ ସ୍ୱୟଂ ସମସ୍ତ ବିଷୟର ଅନୁସନ୍ଧାନ କରିବେ ସେସ୍ଥଳେ ଏ ପ୍ରେରିତପତ୍ର ପ୍ରକାଶ କରିବାରେ କ୍ଷତି ନାହିଁ ବରଂ ଏଥି ଲିଖିତକଥାମାନ ସତ୍ୟ ହୋଇଥିଲେ ରାଜା ଓ ଯେଉଁମାନେ ତାହାଙ୍କୁ ଏକାର୍ଯ୍ୟରେ ସାହାଯ୍ୟ କରିଅଛନ୍ତି ସେମାନଙ୍କର ପ୍ରଶଂସା ହେବ । ଏହି ସମସ୍ତ ବିବେଚନାରେ ଉକ୍ତ ପ୍ରେରିତପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା ।

---

ଶ୍ରୀଯୁକ୍ତ ଟମସନ୍ ସାହେବଙ୍କ ପଦବୃଦ୍ଧି ବିଷୟରେ ପାର୍ଲିମେଣ୍ଟ ସଭାରୁ ଯେଉଁ କଇଫିୟତ ତଲବ ହୋଇଥିଲା ଭାରତ ଗବର୍ଣ୍ଣମେଣ୍ଟ ତହିଁର ଏହିପରି ଉତ୍ତର ଦେଇଅଛନ୍ତି କି ରେଭିନ୍ୟୁବୋର୍ଡର ୨ୟ ମେମ୍ବରଙ୍କ ପଦ ଶୂନ୍ୟ ହେବାରେ ବଙ୍ଗୀୟଗବର୍ଣ୍ଣମେଣ୍ଟ ସର ହେନେରି ହାରିସନ ଶ୍ରୀ ଟମସ୍ ସାହେବ ଏବଂ ଶ୍ରୀ ସ୍ମିଥ ସାହେବ ଏହି ତିନିଜଣଙ୍କ ନାମ ଇଣ୍ଡିଆଗବର୍ଣ୍ଣମେଣ୍ଟକୁ ଲେଖି ପଠାଇଥିଲେ । ପ୍ରଥମବ୍ୟକ୍ତି ସରହେନେରି ହାରିସନଙ୍କୁ କଲିକତା ମିଉନିସିପାଲିଟୀରେ ରଖିବାର ଆବଶ୍ୟକ ହେବାରୁ ୨ୟ ବ୍ୟକ୍ତି ଟମସ୍ ସାହେବଙ୍କୁ ଉକ୍ତ ପଦ ଦିଆଗଲା । ଏ ବ୍ୟକ୍ତି ପୂର୍ବେ ଯେଉଁ ଦୋଷ ସକାଶେ ଅବନତ ଦଣ୍ଡ ପାଇଥିଲେ ସେ ଦୋଷ ସମ୍ବନ୍ଧରେ ଇଣ୍ଡିଆଗବର୍ଣ୍ଣମେଣ୍ଟ ଏହିପରି ଆଦେଶ ଦେଇଥିଲେ କି ଏହାଙ୍କର ଭବିଷ୍ୟତ ଉନ୍ନତିର ଭାର ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଉପରେ ଏବଂ ଯେଉଁସ୍ଥଳେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏହାଙ୍କ ନିମିତ୍ତ ଅନୁରୋଧ କଲେ ସେସ୍ଥଳେ ତାହାଙ୍କୁ ନିଯୁକ୍ତ କରିବାରେ କିଛି ଅନ୍ୟାୟ ହୋଇ ନାହିଁ । ଅତଏବ ଦେଖାଯାଏ ଯେ ଟମସ୍ ସାହେବଙ୍କୁ ପୁନର୍ବାର ପଦୋନ୍ନତ ଦେବା ଯେବେ ଅନ୍ୟାୟ ବୋଲିଯିବ ତେବେ ତହିଁ ନିମିତ୍ତ ସର୍‌ଷ୍ଟିବାର୍ଟ ବେଲି ଦାୟୀ ଅଟନ୍ତି । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ଦୋଷ ନାହିଁ । ପାର୍ଲିମେଣ୍ଟ ଏ ଉତ୍ତର ଶୁଣି କି ବୋଲିବେ ଯଥାସମୟରେ ପ୍ରକାଶ ପାଇବ ।

Split by PDF Splitter

Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜମଧ୍ୟରେ ତାହାଙ୍କ ଦୁର୍ଭିକ୍ଷ ପରିମାଣ ବନ୍ଦୋବସ୍ତମାଣରେ ବଳୀ ହୋଇ ଥିଲେ ସୁଦ୍ଧା ତାହା ପ୍ରତି ବିଶେଷ ଧ୍ୟାନ ଥିଲା ପରି ବୋଧ ହୁଏ ନାହିଁ ଏମନ୍ତ କି ହୋଇବେଲା ହୁଇ ଘଣ୍ଟା ସମୟ ଏପରି ଦୁର୍ଭିକ୍ଷ ହୁଏ ଯେ ସେ ସଙ୍କଟରେ ଉତ୍ତେଜକର ଶିବା ଅଧିକା ଜଣ୍ଟକର ହୋଇ ଉଠେ ।

---

ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ପାରେଶ୍ବର ସେନାପତି—ସ୍ଥାନାଭାବରୁ ପଦ୍ୟ ପ୍ରକାଶିତ ନ ହୋଇ କେବଳ ସମ୍ବାଦ ଦିଆଯାଇଅଛି ।

ଜଣେ ଭ୍ରମଣକାରୀ—ପଉଡସ୍ତ ପୋଷ୍ଟାଫିସର ସୁପ୍ରିଣ୍ଟଙ୍କୁ ଜଣାଇଲେ ପ୍ରତୀକାର ପାଇବେ ।

ଶ୍ରୀ ଯୁଧିଷ୍ଠିର ଦାସ—ରୁକ୍ମିଣୀଦେଇପୁରରେ ଗୋଟିଏ ଡାକଘର ହେବାର ପ୍ରାର୍ଥନା କରିଅଛନ୍ତି ଏବଂ ଗୋଟାଏ କୂଅର ଆବଶ୍ୟକ ହେବାର ଲେଖିଅଛନ୍ତି ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-

ସମୀପେଷୁ ।

ମହାଶୟ,

ନିମ୍ନଲିଖିତ କେତୋଟି ପଂକ୍ତି ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କରିବେ ।

ଏ ଅଞ୍ଚଳରେ ବସୁନ୍ଧରା ଦେବୀଙ୍କ ସୁପ୍ରସାଦରୁ ଶତ ଶତ ଲୋକ କାଳକବଳରେ ପତିତ ହୋଇଅଛନ୍ତି, ଦୁର୍ଭିକ୍ଷ ରାକ୍ଷସ ଏ କଣ୍ଠାର କୂଳ, ଯୋଡ଼ମ୍ବ, ପଞ୍ଚପଲ୍ଲୀ, ମକରପ୍ରସାଦ ପ୍ରଭୃତି ବିଭାଗମାନଙ୍କରେ ଲୋକମାନଙ୍କୁ ବିଶେଷ ପରିମାଣରେ ପୀଡ଼ା ଦେଉଥିଲେହେଁ ମାନ୍ୟବର ରାଜା ମହୋଦୟଙ୍କ ସାହାଯ୍ୟରେ ତାହା ରକ୍ଷା ଯାଉଅଛି । ରାଜା ମହୋଦୟ ପ୍ରଥମରେ ପ୍ରଜାମାନଙ୍କ ସାହାଯ୍ୟାର୍ଥେ ଟ ୪୦୦୦୲ ଙ୍କା ବନ୍ଦୋବସ୍ତ କରି ଗବର୍ଣ୍ଣମେଣ୍ଟରୁ ଟ ୨୦୦୦ଙ୍କା ଋଣ ଗ୍ରହଣ କରିଥିଲେ; ଅପର ଟ ୨୦୦୦ଙ୍କା ସ୍ବୀୟ ରାଜକୋଷରୁ ପ୍ରଦାନ କରି ଗୋଟିଏ ସ୍ବଳ୍ପ ପୁଷ୍କରଣୀ ଖୋଳାଉଅଛନ୍ତି, ମାଝ ଅଃ ସ୍କୁଃ ବାବୁ ନନ୍ଦକିଶୋର ଦାସ ମହାଶୟଙ୍କ ଗସ୍ତ ସମୟରେ ପୁନର୍ବାର ଟ ୩୦୦୦ ଙ୍କା ଋଣ ଗ୍ରହଣ କରି ପ୍ରଜାମାନଙ୍କୁ ନାନାପ୍ରକାର ସାହାଯ୍ୟ କରୁଅଛନ୍ତି ଏବଂ ଫୁଲବାଡ଼ି ମଣ୍ଡଳରୁ ୨୦୦ ବଳିଙ୍ଗା ଧାନ ଋଣ ଦେଇ ଅଙ୍ଗାଙ୍ଗିକ୍ୟ ଧନବ୍ୟକ୍ତି ବ ଯାହାଙ୍କର ଜୁବରେ ଧାନ ପ୍ରକାର ପ୍ରକାଶିତ ହୋଇଅଛି ସେମାନଙ୍କ ଗୃହରୁ ୨୨୦୦ ବଳିଙ୍ଗ ଧାନ ଦୁଃଖି ପ୍ରଜାଙ୍କୁ କରଜ ଦେଇଅଛନ୍ତି ଓ ବର୍ତ୍ତମାନ ମଧ୍ୟ ଦେଉଅଛନ୍ତି, କୃଷିକାର୍ଯ୍ୟ ନିର୍ବାହାର୍ଥ ପ୍ରଜାମାନେ ମଧ୍ୟ ଧାନବାଦନ ନିମନ୍ତେ ଋଣ ଗ୍ରହଣ କରୁଅଛନ୍ତି । ମଜୁରିଆମାନଙ୍କ ନିମନ୍ତେ ଯୋଡ଼ମ୍ବରେ ଗୋଟିଏ ବନ୍ଧ ପ୍ରସ୍ତୁତ ହେଉଅଛି ନଗଦ ଜମା ଓ କରଜଧାନ ଟ ୧୯୦୦୦ ଙ୍କା ଓସୁଲ ନ ହୋଇ ସ୍ଥଗିତ ଅଛି । ଜଳଗଡ଼, ଗଣିଆ ଓ ଯୋଡ଼ମ୍ବରେ ଛନଗୋଟି ଅନ୍ନଛତ୍ର ଫିଟି ଦୁର୍ବଳ ବ୍ୟକ୍ତିଙ୍କ ପ୍ରାଣ ରକ୍ଷା କରୁଅଛି, ଜଳଗଡ଼ରେ ୧୫୦ ଗଣିଆ ଓ ଯୋଡ଼ମ୍ବରେ ଜ ୫୦୦ ଣ ଏରୂପ ଜ ୭୫୦ଣ ଲୋକ ଆହାର କରୁଅଛନ୍ତି, ପ୍ରଜାମଣ୍ଡଳୀ ରାଜା ମହୋଦୟଙ୍କ ଏତାଦୃଶ ବଦାନ୍ୟତା ଅବଲୋକନ କରି ମୁକ୍ତକଣ୍ଠରେ ଜଗନ୍ନାଥଙ୍କ ନିକଟରେ ଶତ ଶତ ଧନ୍ୟବାଦ ସହ ତାହାଙ୍କର ଶୁଭକାମନା କରୁଅଛନ୍ତି ।

ବଡ଼ମଲଗ୍ରାମର ପାଣ୍ଡୁସାନ୍ତ ଦଲବେହେରା ରାଜା ମହୋଦୟଙ୍କ ଆଦେଶାନୁସାରେ ଟ ୧୫୦୦ଙ୍କାର ଦୁଇଗୋଟି ଗୁହାଳ ଦୋକାନ ଫିଟାଇ ଓ ବହୁ ଧାନ ଏବଂ ଟଙ୍କା ପ୍ରଜାମାନଙ୍କୁ କରଜ ଦେଇ ସମସ୍ତଙ୍କର ପ୍ରିୟଭାଜନ ହୋଇଅଛନ୍ତି । ଏ ଜଣେ ବୁଦ୍ଧିମାନ୍, କାର୍ଯ୍ୟଦକ୍ଷ ସମ୍ପତ୍ତିଶାଳୀ ବ୍ୟକ୍ତି ଅଟନ୍ତି । ଇହାଙ୍କ ସେ ରାଜାମହୋଦୟଙ୍କୁ ୬ ୧୫୦୦୦ ଙ୍କା ଋଣରୁ ବେହାଲନଲ ବାବୁଙ୍କଠାରୁ ମୁକ୍ତ କରିଅଛନ୍ତି । ଏଥିନିମନ୍ତେ ବ ରାଜା ମହୋଦୟ ଓ ପ୍ରଜାଗଣ ସମସ୍ତେ ଧନ୍ୟବାଦ ପ୍ରଦାନ କରି ତାହାଙ୍କୁ ସନ୍ତୋଷ କରୁଅଛନ୍ତି । ଆମ୍ଭେ ପରମପିତା ପରମେଶ୍ବରଙ୍କ ନିକଟରେ ଏହି ପ୍ରାର୍ଥନା କରୁଁ ଯେ ସେ ପାଣ୍ଡୁସାନ୍ତ ଦଲବେହେରାଙ୍କୁ ଦୀର୍ଘଜୀବୀ, ସାହସୀ ଓ ସୌଭାଗ୍ୟଶାଳୀ କରି ସୁଖରେ କାଳଯାପନ କରାନ୍ତୁ ।

ଜର ଖାଏକର, ବେଣୀଧାର, ରାମଦେବ, ପ୍ରସନ୍ନ ପୁଷ୍କରଣୀମାନଙ୍କରୁ ପଙ୍କୋଦ୍ଧାର କରି ଅନ୍ଦାଜ ଟ ୫୦୦୦ ଙ୍କା ବ୍ୟୟଦ୍ବାରା ଗରିବଲୋକଙ୍କୁ ସାହାଯ୍ୟ କରିଅଛନ୍ତି ।

ପୁରୁଷୋତ୍ତମ ମାନସିଂହ ଦୁଇ ଜନ ଗୋଟି ବନ୍ଧ ଓ ଗୋଟିଏ ପୁଷ୍କରଣୀର ଅଳ୍ପ ପଙ୍କୋଦ୍ଧାର କରି ସାହାଯ୍ୟ କରୁଅଛନ୍ତି ଆଉ କେତେକ ସ୍ଥାନରେ ପୁଷ୍କରିଣୀ ଖୋଳା ହେଉଥିବାର ଶୁଣୁଅଛୁ ।

ବର୍ତ୍ତମାନ ବୃଷ୍ଟି ହୋଇଥିବାରୁ ମନୁଷ୍ୟମାନେ ମୂଳ ଲଗି ଖାଇବା ନିର୍ବାହ କରିବାରୁ କିଛି ମଣି ପୁଷ୍କରିଣୀ ଖନନକାର୍ଯ୍ୟରୁ ବିରତ ଥିବାର ଦେଖା ଯାଉଅଛି, ଏବଂ ରୁଆ ଓ ବେଉଷଣକାର୍ଯ୍ୟ ସୁଚାରୁରୂପେ ନିର୍ବାହିତ ହେଉଅଛି ।

ଖଣ୍ଡପଡ଼ା ଅଞ୍ଚଳର କେତେକ ପ୍ରଜାମାନେ ରାଜ୍ୟ ତ୍ୟାଗ କରି ଏ ଦେଶର ଅନେକଗ୍ରାମରେ ବସତି କରିଥିବାର ପରିଲକ୍ଷିତ ହୁଏ । ଅନେକ ଖଣ୍ଡପଡ଼ିଆ ବଙ୍ଗାଳୀ ଆସି ଅନ୍ନଛତ୍ରରେ ଆହାର କରି ପୁଣି ଲୋକମାନଙ୍କ ବାରାବାଡ଼ି ଶୁଆଇ କସାଇ ଦେଉ ନାହାନ୍ତି । ତେଣୁ ଏଠା ରାଜା ମହୋଦୟ ସେମାନଙ୍କୁ ନିଜ ପ୍ରଜା ତୁଲ୍ୟ ସାହାଯ୍ୟ କରୁଥିବାର ଦେଖି ଯତ୍ପରୋନାସ୍ତି ଆନନ୍ଦିତ ହେଲୁଁ ଏବଂ ଭରସା କରୁଁ ଏଥିପାଇଁ ସେ ଗବର୍ଣ୍ଣମେଣ୍ଟଙ୍କର ସମ୍ପୂର୍ଣ୍ଣ ପ୍ରଶଂସନୀୟ ହେବେ ସନ୍ଦେହ ନାହିଁ ।

| | |
|---|---|
| ୩୧।୭।୮୯ | ଆପଣଙ୍କର |
| | ଏକାନ୍ତ ବଶମ୍ବଦ |
| ଦଶପଲ୍ଲା | ନିଙ୍ଗରାଜ ଦାସ |

---

ମୂଲ୍ୟପ୍ରାପ୍ତି ।

ବାବୁ ଭଗବାନ ଘୋଷ ଜଃଜ ଅଗ୍ରିମ ୫ ୧

ମୁନସି ଅବଦୁ ସମଦ ବାଲେଶ୍ବର ” ୫ ୧ ୯

---

ବିଜ୍ଞାପନ।

**NOTICE.**

Tenders are invited to supply 2,000 maunds of rice and 6,000 mds. of paddy at Angul. The tenders should state within what time they will be prepared to deliver them in Angul by road or at Tikerpara by boat.

Tenders will be received by the undersigned up to the 15th Instant.

Cuttack, 5—8—89. J. A. HOPKINS. *Offg. Superintendent, Try. Mehals.*

---

**CUTTACK STUDENT'S SERVICE.**

Lecturer—Babu Madhusudan Rao.
Subject—" God and man. "
Time—Saturday, the 10th Instant at 5 P. M.
Place—Cuttack Town school.

7—8—89. Srinibas Singh *Secretary.*

Digitized by srujanika@gmail.com

Split by PDF Splitter



# NOTICE.

## SUIT NO. 381 OF 1887.

In the High Court of Judicature at Fort William in Bengal Ordinary Original Civil Jurisdiction.

WILLIAM MACKINNON AND OTHERS

*vs.*

JOHN BULLOCK AND ANOTHER.

TO BE SOLD

On the 30th day of August 1889.

BY PUBLIC AUCTION,

Pursuants to decree and an order of this Honorable Court made in above suit at Cuttack in the District of Orissa,

## The undermentioned Boats and Launches,

VIZ.—

LOT 1.

The Steam Launch " Olga, " built at Calcutta, propelled by steam, twin screw, burthen about tons 50.

LOT 2.

The Steam Launch " Eliza, " built at Howrah, propelled by steam, single screw, burthen about tons 40.

LOT 3.

The Steam Launch " Rumba Lass, " built at London, propelled by steam, twin screw, burthen 15 tons.

LOT 4.

Four composite Cargo Boats, each capable of carrying 1,000 bags of grain of 2 maunds weight each bag.

LOT 5.

Four wooden Cargo Boats, each capable of carrying 675 bags of 2 maunds weight each.

LOT 6.

One new Passenger Boat, named " Gastav " built at a cost of Rs. 8,000 capable of carrying about 500 native passengers, and now running between Cuttack and Chandbally.

LOT 7.

One wooden Cargo Boat, capable of carrying 675 bags of 2 maunds each, lately wrecked, and now lying beached near False Point.

LOT 8.

One Passenger Boat named " Rosee " capable of carrying 120 native Passengers, also lately wrecked, and now lying beached near False Point.

Lots 7 and 8 will be sold as they lie.

For further particulars and conditions of sale apply to the undersigned at Cuttack; or, to Messrs. Orr & Johnson of No. 6 Old Post Office Street in Calcutta, Solicitors for the plaintiffs.

HURRY BULLUB BOSE, B. L.,
Government Pleader of Cuttack,
Agent for R. Belchambers, Registrar, High Court, Calcutta.

Digitized by srujanika@gmail.com

Split by PDF Splitter



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହା ଦ୍ୱାରା ଯାଦୁ, ଅଲଣା ଯାଦୁ, ହାତଅ ଯାଦୁ, କମର ଯାଦୁ, ପିଣ୍ଡୁଳିଆ ଯାଦୁ, ରଗ ଯାଦୁ, ଚର୍ମ୍ମଭେଦ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହୁପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ତିନିଥରରୁ ଅଧିକ ବ୍ୟବହାର କରିବାକୁ ହୁଅଇ ନାହିଁ । ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାପି ସେ ସ୍ଥାନରେ ଯାଦୁ ହୁଅଇ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟାପର୍ଯ୍ୟନ୍ତେ ପ୍ରଚଳିତ ହୋଇ ଅଛି, ସେଥିମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କିଛି ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବାର ମୂଲ୍ୟ ଟ° ୵

ଶ୍ରୀ ରାମଚରଣ ସେନ

ଠେକ ଉତ୍କଳପ୍ରେସ ବାଲେଶ୍ୱର ।

---

## ନୂତନ ପୁସ୍ତକ ! ନୂତନ ପୁସ୍ତକ !!

### ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କକର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁସ୍ପଷ୍ଟରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଙ୍କେତଫଳା ଛନ୍ଦନୁଯାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍ଗ, ସାମାନ୍ୟ ଲଘୁପାଠ, ବୋଇଲ, ବର୍ଣ୍ଣଅବତାର ଓ ବର୍ଣ୍ଣନିର୍ଣ୍ଣୟ ବିଷୟ ସକଳ ସୁନ୍ଦରରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°୵ ଡାକ ମାସୁଲ ଟ ୦୧ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଟାଉନସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗଜ ।

ଉଲ୍ଲିଖିତ ବସ୍ତ୍ର ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୦ ଗଜି ଥାନ | ଠ ୧୶ ଟ ୨୵ | ଠ ୧୶ ଟ ୦୶ |
| ୧୮ ଗଜି „ | „ ଟ ୨୵ | „ ଟ ୦୶ |
| ୧୨ ଗଜି „ | „ ଟ ୨ | „ ଟ ୦୶ |
| ୨୨ ଗଜି ଡବଲସ୍ପିଙ୍ଗ୍,, | ଟ ୩ | „ ଟ ୦୶ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନବୋଣା ଓ ଜର୍ମ୍ମାନ ଓ ରେସ୍‌ମାର୍ଡେଗେର ଲୁଗା ଓ ଷ୍ଟେସନରୀ ଓ କଲିକତା ଇମାର୍ଶ ସଉଦାଗରଙ୍କ ବିକ୍ରୟ ହେଉ ଅଛି ଛାଡ଼ା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଏତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜ ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାତାମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଖାତା ଲୋଡ଼ାନ୍ତି ତେବେ ଏକ ସପ୍ତାହ ପୂର୍ବ ଟଙ୍କା ଟ°୶୵ ହିସାବରେ ଲେଖା ଦେଲେ ପାଇ ପାରିବେ । ମାତ୍ର ତାହାର ଖତ ଖାତାଲେଖକ ଭାର ତାଙ୍କ ଉପରେ ଥିବ । ସେହି ବେଳେ ଖାତାର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଇଫ୍ଟେଲ ।

କଲମ ପେନ୍‌ସିଲ ଓ
କଣ୍ଟିବେ ସବୁ ବେକର
ସ୍ଲେଟ ।
ଦଲେଖଣୀଙ୍କ
ବ୍ରୋଷ୍ଟିକ୍ ତେଲ ଶିଶି
ସେନ୍ଟ ସାବୁନ ଓ ତୋଲ
ସିରପ ।
ତୁଆଂ ଅର୍ଥାତ କଟକା
କରଦାଁ ଚାମଡ଼ ପେଟ
ଟେଲ ଓ କଲମ ।
ସେଫ୍‌ଟିଭ ଲାଇଟ ଖଣ୍ଡ ।
ନାନା ପ୍ରକାରର ଚଟିଂ
ଜାଲଚ ଓ କାଗଜ
ଛିଟେ ଦିଅ
ଟେବଲ ଛତ ।
ରଙ୍ଗିନ କାରୁଟ ।
ଡାକାଜି ସାବାନ ସର୍ବ ଦେ
ଲୁଗା ସଫାକାର ହୁଏ ।
ଅଜୋଷ୍ଟ ଗେଟ—ଅର୍ଥାତ୍
ସୁଗନ୍ଧି ଦ୍ରବ୍ୟ ।
ଅବର ହୁଅ ।
ଓଷୁଧର ସୁନ୍ଦ ଛତା ।

ଫର୍ଷ୍ଟଫିଲ୍ଡ ।
ଡୋବେରାଇନ ।
କାଚ ଚିମିନି ଓ
ବନ ଇଠିଳ ଓ ସ୍ଲାଇଡ
ଗର୍ଭ୍ୱୀ
ଭଳର୍ଡ ଗୁଣଫାଲ୍କୁର
ଏକଫଳ କ୍ଷୁର
ନେଲକଟ ଛେଚୋଇ ସନ
କେଶରୀ ଅବିର
ଏ, ଗୋଷ୍ଟନ ଫ୍ଲାଟେଡ
କାମିଜ ଓ ଖୁବରା ।
ଚିଲନ ଅବଗୋଇ
ଏକର ଜାଗର ।
ଅଷ୍ଟମେଟିକ ପେନ୍‌ସିଲ
ଥାନ ଏ ପେନସିଲରେ
ଲେଡ଼ ଭଟେଜ ପେସ
ଲଭ ଲେଖାଇ ସେହି
ପେନ୍‌ସିଲ ଲେଖା ସ
ସଲେ ମେଣ୍ଟ ତପାଇ
ବେଷ୍ଟୋରହି ଭ, ତଲ
ଗ କରେ ।

ପୋର୍ଟମ୍ୟାଣ୍ଟ ଓ ପିତଳର
କେଶ ବନ୍ଦ ଓ ତପଟ
ଭଲେ ଘଡ଼େ
ଟ୍ରଙ୍କ କାଠ ଇତ୍ୟାଦି
ରେଶମୀମେଡେଲର
ଓ ଶୁଖିଲେ ଲଗା
ହେବ ।
ଅଲକା ଢଣ୍ଢା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ „
ମୋଜା ଓ ମୋଜାବନ୍ଧ
କଲମ ଏଥ କଟଇଣ୍ଟ
ଫଳଗ୍ ଶାଟର ଲଗା ଓ
ସ୍ପଞ୍ଜ
ଚେମେଷ୍ଟ୍ରୋଜ ।

କାଚ ଓ ପାଉଡରକେସ
ଡିବା
କୈଟିଙ୍ଗ ଚେୟାର କାଠ
ଜାନ୍ଧବାର ହାତ
ମଲଥାମା
ରେଳ ଦୁ ପେନସିଲ
କଳାରଙ୍ଗ ଶାଢ଼ୀ ଓ ଜୋତା
ଓ ଛତ
ମରସୁଦାବାଦ ଓ ଷ୍ଟିଂ
ପାଟ ଗାଞ୍ଜୋଳ ଓ
ଶାଢ଼ୀ ।
ଟ୍ରେଙ୍ଗ କାଠ
ଏଣ୍ଟିମୋଲା ଅଥାତ୍ ଲଣ୍ଡଣ
ଛଳ ଛାପର ଅକ୍ଷର
ଭାଗ୍ଯର କପଡ଼ା କମରେ
ଟଙ୍କାର ହୁଏ !!

## ପିଢ଼ାଟାର ।

ଏ ଟାରକୁ କେଉଁଣସି ପାତ୍ରରେ ଗରମ କରି ଚାଳକାଠ ବୋଟାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଧ୍ୟ ଥରେ ଲେପିଦେଲେ ମଙ୍କଡ଼ ଓ ଉଇ ଧରିବ ନାହିଁ ।

ଦୁଗିଲ ଚମଡ଼ା ଓ ସାକରେ ଲଗାଇବାର କାମ ମଧ୍ୟ ଅଛି ।

ଅଭୟଚରଣ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା !—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୵୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହାଁ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ପୃଥକ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନପତ୍ରଙ୍କ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ... କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଓ ମୁଦ୍ରିତ

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା


ଭାଗ ୨୪ ସ ‖ ତା ୧୬ ଇଣ ମାହେ ଅଗଷ୍ଟ ସନ ୧୮୮୯ ମସିହା । ମୁ । ସନ୍ ... ସାଲ ଶନିବାର ‖ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
୩୩ ସଂଖ୍ୟା ‖ ‖ ପଶ୍ଚାଦେୟ ଟ ୬୧


ସମ୍ବଲପୁରର ଶ୍ରୀଯୁକ୍ତ ଡେପୁଟୀ କମିଶ୍ନର ମହୋଦୟଙ୍କୁ କେତେକ ଲୋକ ସଲାମ କର ନ ଥିବାରୁ ସାହେବ ମହୋଦୟ ସେମାନଙ୍କୁ ଆପଣା କୋଠିକୁ ଧରାଇ ନେଇ ଉତ୍ସବରେ ହାକିମମାନଙ୍କୁ ସଲାମ କରିବା ଏବଂ ସେମାନଙ୍କ ସାକ୍ଷାତ୍ତକାଳିମାନେ ପରିଷ୍କାର ପୋଷାକ ପିନ୍ଧି ଆସିବା ଇତ୍ୟାଦି ବିଷୟରେ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ତାଙ୍କ ସମ୍ବାଦଦାତା ଯାହା ଲେଖିଥିଲେ ତାହା ଅନୁସନ୍ଧାନରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରକାଶ ପାଇବାର ସହଯୋଗୀ ଲେଖିଅଛନ୍ତି । ସମ୍ବାଦଦାତାଙ୍କ କଥାର ସତ୍ୟାସତ୍ୟ ସମ୍ପାଦକଙ୍କର ଅନୁସନ୍ଧାନ କରିବା ଉଚିତ ଥିଲା ।

ଅମ୍ଭେମାନେ ବାଲେଶ୍ୱର ସମ୍ବାଦବାହିକାରୁ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସେଠା ଶ୍ରୀଶିକ୍ଷାର ପୃଷ୍ଠ ହିତୈଷିଣୀ ଶ୍ରୀମତୀ ମିସ୍ ଅଏଡା ଫିଲିପ୍ସ ଅମେରିକାରେ ମାନବଲୀଳା ସମ୍ବରଣ କରିଅଛନ୍ତି । ସେ ଜଣେ ବାଲେଶ୍ୱରର ମିସନରୀମାନଙ୍କ ମଧ୍ୟରେ ଓଡ଼ିଆଭାଷାରେ ବୁତ୍ପନ୍ନମତିର ଶିକ୍ଷିତା ଥିଲେ ଓ ତାଙ୍କର ଯତ୍ନ ଓ ଚେଷ୍ଟାରୁ ସେଠାରେ କେତୋଟି ବାଳିକାବିଦ୍ୟାଳୟ ସ୍ଥାପନ ହୋଇଥିଲା । ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ତାଙ୍କ ଆତ୍ମାକୁ ଗ୍ରହଣ କରନ୍ତୁ ଓ ତାଙ୍କର ବାଳିକା ବାଳକାଙ୍କୁ ସୋତ୍ସାହ ସହିତ କାର୍ଯ୍ୟ କରିବାକୁ ବଳ ଦଅନ୍ତୁ ।

---

ଅମ୍ଭମାନଙ୍କ ସୁପରିଚିତ ମାଜିଷ୍ଟ୍ରେଟ ମିଃ କର ବିଟକରେ ଅବସ୍ଥାନ କାଲେ ଏଠା ମିଉନିସିପାଲିଟୀ ପ୍ରତି ତାଙ୍କର କି ପ୍ରକାର ସଦାନୁଭୂତି ଥିଲା ଓ କେବେଳ ସେ କି ପ୍ରକାର ଅପଦସ୍ତ ହୋଇଥିଲେ ତାହା ପାଠକମାନଙ୍କୁ ଜଣାଅଛି ବର୍ତ୍ତମାନ ସଞ୍ଜୀବନୀରୁ ଅବଗତ ହେଲୁଁ ସେ ହାବଡ଼ା ମିଉନିସିପାଲିଟୀର ସଭାପତିର ଆସନରେ ଅସୀନ ଥାଇ ସେଠା ଟେକ୍ସଦାତାଙ୍କପ୍ରତି ଅନୁଚିତ ବ୍ୟବହାର କରୁ ନାହାନ୍ତି ଓ ବାହାରିଙ୍କୁ " ଶାଲା ଶୁଅରକା ବାଚା " ପ୍ରଭୃତି ସୁମିଷ୍ଟ ସମ୍ବୋଧନ କରୁଛନ୍ତି । ବାସ୍ତବିକ ସ୍ୱଭାବ ସମସ୍ତଙ୍କ ଗୁଣଙ୍କୁ ପରାଭବ କରି ମସ୍ତକୋପରି ଥାଏ ଯଥା ଅତୀତ୍ୟ ହି ଗୁଣାନ୍ ସର୍ବାନ୍ ସ୍ୱଭାବୋ ମୂର୍ଦ୍ଧ୍ନି ବର୍ତ୍ତତେ ।

---

କୁଷ୍ଠରୋଗସମ୍ବନ୍ଧରେ ଜଣେ ଚଳଲିଖିତ ଔଷଧ ଲେଖିଅଛନ୍ତି । ଯଥା;—

ଗୋଟିଏ କୃଷ୍ଣବର୍ଣ୍ଣ ଗାଈକୁ ପ୍ରତିଦିନ ସକାଳେ ଗଣ୍ଡିଲ କଞ୍ଚାଘାସ ଓ କେବଳ ତାହାର ଚୋନାରେ ଅଧସେରେଠାରୁ ସେରେ ପର୍ଯ୍ୟନ୍ତ ବୁଟ ଖାଇବାକୁ ଦେବ । ଅରଦିନ ସକାଳୁ ଗୋବରରେ ଯେଉଁ ବୁଟ ସବୁ ପଡ଼ିଥିବ, ତାହା ସକାଳେ ସୈନ୍ଧବ ଲୁଣସଙ୍ଗରେ ସେଝି ଖାଇବାକୁ ଦେବ ଏବଂ ସେଥିର ଶେଷ ଗୋବର ସଙ୍ଗରେ ବାଟି କ୍ଷତସ୍ଥାନରେ ପ୍ରଲେପ ଦେବାକୁ ହେବ । ମତ୍ସ୍ୟ ମାଂସପ୍ରଭୃତି ଉତ୍ତେଜକ ଖାଦ୍ୟ ସର୍ବଦା ପରିତ୍ୟାଗ କରିବାକୁ ହେବ ଓ ଉକ୍ତ ଗାଈର ଦୁଧ ପାନ କରିବାକୁ ହେବ; ଏହିପରି କଲେ ଏକପକ୍ଷ ମଧ୍ୟରେ ଅଲ୍ପ ଉପଶମ ବୋଧ ହେବ । କୃଷ୍ଣବର୍ଣ୍ଣର ଗାଈ ନ ମିଳିଲେ ଅନ୍ୟବର୍ଣ୍ଣର ଗାଈ ମଧ୍ୟ ଚଳି ପାରେ; କିନ୍ତୁ କୃଷ୍ଣବର୍ଣ୍ଣର ଗାଈ ପ୍ରଶସ୍ତ । ସେ କହନ୍ତି ଏହି ଉପାୟରେ ଅନେକେ ଆରୋଗ୍ୟ ଲାଭ କରୁଅଛନ୍ତି । ( ପ୍ରଚାରକ )

---

ବାଣପୁରର ମୁନସଫ୍ ବାବୁ ମନ୍ମଥଚରଣ ଘୋଷ ତାଙ୍କ ଅଧୀନସ୍ଥ ପିୟାଦାମାନଙ୍କ ପ୍ରତି ଅତ୍ୟାଚାର କରୁଥିବା ବିଷୟରେ ସେଠାର ଉକିଲ ବାବୁ ଗିରିଶଚନ୍ଦ୍ର ଦାସ ଜଣେ ପିୟାଦା ପକ୍ଷର ଏଫିଡେଭିଟ ସହିତ ଦରଖାସ୍ତ କରିଛନ୍ତି । ମୁନସଫ୍ ଘରେ ପୂଜାର ବ୍ରାହ୍ମଣ ଓ ଚାକର ନ ରଖି ଅଧୀନସ୍ଥ ପିୟାଦାଙ୍କଦ୍ୱାରା ସମସ୍ତ କାର୍ଯ୍ୟ କରାଇ ନଅନ୍ତି ବୋଲି ସଞ୍ଜୀବନୀ ଲେଖିଅଛନ୍ତି ଓ ଜଳାଜପୁର ଅନ୍ତର୍ଗତ ଠାକୁର ଗାଁର ମୁନସଫ୍ ବାବୁ ନୀଳମାଧବ ମୁଖୋପାଧ୍ୟାୟଙ୍କ ବିରୁଦ୍ଧରେ ସେଠାର ଦୁଇଜଣ ଉକିଲ ଏଫିଡେଭିଟ କରିଛନ୍ତି । ତାଙ୍କର ଦୋଷ ମଧ୍ୟରେ ବାର୍ଦ୍ଧକ୍ୟ ହେତୁ କେତେବେଳେ କଚେରୀ ପୋଷାକ ପରିଧାନ ନ କରି ଏଜ୍‌ଲାସରେ ବସି କର୍ମ କରନ୍ତି ଓ କେତେବେଳେ ସପ୍ତମସିଣାରେ ବସି କାର୍ଯ୍ୟ କରନ୍ତି ଓ ଶୀତ କାଳରେ ରୌଦ୍ରରେ ବସି କାର୍ଯ୍ୟ କରନ୍ତି ଓ କଚେରୀ-

Split by PDF Splitter

Digitized by srujanika@gmail.com

Split by PDF Splitter

290



ସମୟରେ ଯେ ଅସି କେତେବେଳେ ଜଲଦ ଥିବା ଜଲମ୍ବରେ କଟେଷ୍ଟଲ୍ ଆସବୁ ସୁତରାଂ ପକ୍ଷମାନେ ଉପସ୍ଥିତ ନ ଥିଲେ ମୋକଦ୍ଦମା ସଂପର୍କ କରିବାକୁ ସହଜ ହେଉଥିବ ଇତ୍ୟାଦ, ଏ ପ୍ରକାର ମନୁଷ୍ୟମାନଙ୍କ ଆଚରଣ ପ୍ରତି ଉପଯୁକ୍ତ ଦ୍ୱାଳମମାଳଙ୍କର ଜଗତ ଉପାୟ ଅବଲମ୍ବନ କରା ଉଚିତ ।

---

ବାଲେଶ୍ୱରର ମାଜିଷ୍ଟ୍ରେଟ ଟ୍ୱୟଟସାହେବ କଲିକତା ଗେଜେଟ୍ରୀର ଚତୁର୍ମାସିକ ପତ୍ରରେ ପ୍ରକାଶ କରଅଛନ୍ତି କି ବାଲେଶ୍ୱରର କଷ୍ଟମ ହାଉସ ଖୋଜି ଦେଖିଲେ ଯେ ଗୋଟିଏ ସାମାନ୍ୟ ଗ୍ରାମପାଖରେ ଗୋଟିଏ ନଦୀ ପ୍ରବାହିତ ହୋଇ ସାଗରରେ ପଡ଼ୁଥିଲା ଏବଂ ସେହି ନଦୀ କୂଳରେ ଗୋଟିଏ କଷ୍ଟମହାଉସ ଥିଲା । ବର୍ତ୍ତମାନ ସେ ନଦୀର ଚିହ୍ନ ନାହିଁ ମାତ୍ର କଷ୍ଟମ ହାଉସର କର୍ମଚାରୀ ପ୍ରତିବର୍ଷ ଶଳ୍ୟ ଫାରମ ପଠାଇ ଅବଧି ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ବେତନ ପାଉଅଛି । ସଞ୍ଜୀବନୀ ଟ୍ୱୟଟସାହେବଙ୍କର ଏହି କଥା ଉଦ୍ଧୃତ କରି ଲେଖିଅଛନ୍ତି କି କଷ୍ଟମହାଉସରେ କିଛି କାର୍ଯ୍ୟ ନାହିଁ କରଂଚିତ୍ ଅସ୍ତିତ୍ୱ ନାହିଁ ଅଥଚ ଏକଜଣ କର୍ମଚାରୀ ସରକାରଙ୍କୁ ଫାଙ୍କି ଦେଇ ଟଙ୍କା ନେଉଅଛି ଗବର୍ଣ୍ଣମେଣ୍ଟଙ୍କର ସେ ଆଡ଼କୁ ଦୃଷ୍ଟି ନାହିଁ । ସାହେବ କର୍ମଚାରୀ ଯାହା ଲେଖିବେ ତାହା ସତ୍ୟ, ଯାହା କହିବେ ତାହା ଗ୍ରାହ୍ୟ । ଏହିପରି କେତେଟଙ୍କା ଅପବ୍ୟୟିତ ହେଉଅଛି । ବ୍ୟୟ ସଙ୍କୋଚ କରିବାବେଳେ ସେଠି କପଦ ରୁବଲ କରନ ଓ ତପସ୍ୱିଜ୍ଞପଟରେ ପଡ଼ଇ । ଟ୍ୱୟଟସାହେବ ବାଲେଶ୍ୱରର କଲେକ୍ଟର ଥିବା ସମୟରେ ଏ କଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ନ ଥିଲେ କି ?

---

ସୁରାଟ ଜଣେ ଅବୈତନିକ ମାଜିଷ୍ଟ୍ରେଟ ଜଣେ ଲୋକକୁ ତାହାର ଘର ଜାଳ ବାଟଥିବା ଅପରାଧରେ ଟ ୨୦ ଙ୍କା ଜରିମାନା କରି ଥିଲେ କିନ୍ତୁ ଜୋଷ ମାଜିଷ୍ଟ୍ରେଟ ଉକ୍ତ ଜରିମାନା ନିତାନ୍ତ ସାମାନ୍ୟ ଦଣ୍ଡ ହୋଇଥିବା ବିଚାର କରି ମୋକଦ୍ଦମାକୁ ହାଇକୋର୍ଟର ବିଚାରକୁ ପ୍ରେରଣ କଲେ । ହାଇକୋର୍ଟର ବିଚାରରେ ଆସାମୀକୁ ଜରିମାନା ଛଡ଼ା ଏକବର୍ଷ ସଶ୍ରମ ଦଣ୍ଡ ହୋଇଅଛି । ଏଥିକୁ ସହଯୋଗୀ ଇଣ୍ଡିଆନ୍ ଡେଲିନ୍ୟୁସ ଲେଖିଅଛନ୍ତି ଯେ ବୋମ୍ବାଇ ହାଇକୋର୍ଟର ଏହି ବିଚାରରୁ ବୋମ୍ବାଇ ଓ ଅନ୍ୟ ସ୍ଥାନର ଦେଶୀୟ ମାଜିଷ୍ଟ୍ରେଟମାନେ ଶିକ୍ଷା କରନ୍ତୁ ଯେ ଇଂରେଜୀୟ ଲୋକଙ୍କ ହୃଦୟରେ ଏ ଦୋଷ ଯେପ୍ରକାର ବୋଧ ହେଉ କିନ୍ତୁ ଜଜଙ୍କ ବ୍ୟାଖ୍ୟାନୁଯାୟୀ ଆଇନ ଦୃଷ୍ଟିରେ ଘର ଜାଳ ବାଟିବା ଦୋଷ କ୍ଷମାଯୋଗ୍ୟ ନୁହେଁ । ସହଯୋଗୀ ହୋପ ଲେଖିଛନ୍ତି ଯେ ଜଣେ ଅବୈତନିକ ମାଜିଷ୍ଟ୍ରେଟଙ୍କ ବିଚାରରୁ ସମସ୍ତ ହିନ୍ଦୁଙ୍କ ହୃଦୟଭାବ ଜଣା ପଡ଼େ ନାହିଁ କିନ୍ତୁ ଏକଥା ନିଶ୍ଚୟ ଯେ ଶ୍ୱେତକାୟମାନେ ଶିକାର କରିବା ସମୟରେ ନେଟିଭମାନଙ୍କୁ ହତ୍ୟା କରିଥିଲେ ମୁଦ୍ଧା ଅବ୍ୟାହତ ପାଉଥିବା ଯେ ପ୍ରକାର ଅନ୍ୟାୟ ବିଚାର ହେଉଛି ଅବୈତନିକ ମାଜିଷ୍ଟ୍ରେଟଙ୍କ ବିଚାର ତଦ୍ରୂପ ହୋଇଅଛି କହିବାକୁ ହେବ ।

---

କଲିକତା ସଂସ୍କୃତ କଲେଜର ଛାତ୍ରବେତନ ମାସକୁ ଟ ୩୧ ଙ୍କା ଲେଖାଏଁ ଧାର୍ଯ୍ୟ ଅଛି କିନ୍ତୁ ପ୍ରକୃତ ପଣ୍ଡିତର ପ୍ରଥମ ଜଙ୍କ ସକାଶେ ନିୟମ ହୋଇଅଛି କି ଜ ୧୦୦ ଣ ପର୍ଯ୍ୟନ୍ତ ମାସକୁ ଟ ୧୯ ଙ୍କା ଲେଖାଏଁ ଛାତ୍ର ବେତନ ଦେଇ ପଢ଼ିପାରିବେ । ସଂସ୍କୃତ ବିଦ୍ୟା ଶିକ୍ଷାର ଅଧିକ ଉତ୍ସାହ ଦେବା ଉଦ୍ଦେଶରେ ଉକ୍ତ କଲେଜର ଅଧ୍ୟକ୍ଷ ସମ୍ପ୍ରତି ପ୍ରସ୍ତାବ କରିଥିଲେ ପଣ୍ଡିତଙ୍କ ପୁତ୍ରମାନଙ୍କ ସପକ୍ଷରେ ଯେମନ୍ତ ମାସକୁ ଟ ୧୯ ଲେଖାଏଁ ବେତନ ଧାର୍ଯ୍ୟ ହୋଇଅଛି ସେହିପରି ଆଉ ଜ ୧୦୦ ଣ ଭଦ୍ର ହିନ୍ଦୁସନ୍ତାନଙ୍କ ପକ୍ଷରେ ନିୟମ ହେଲେ ଭଲ ହେବ । ଏହି ପ୍ରସ୍ତାବ ସଙ୍ଗେ ଶ୍ରୀଯୁକ୍ତ ଡାଇରେକ୍ଟର ମହାଶୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଯେ ରାଣୀ ସ୍ୱର୍ଣ୍ଣମୟୀ ବାର୍ଷିକ ଜ ୫୦ ଣ ହିନ୍ଦୁ ଛାତ୍ରଙ୍କର ମାସିକ ବେତନ ଏକଟଙ୍କା ଲେଖାଏଁ ଦେବା ନିମିତ୍ତ ଗୋଟିଏ ପାଣ୍ଠି ଏହି ନିୟମରେ ଦାନ କରିବାକୁ ଇଚ୍ଛା କରନ୍ତି କି ଭଦ୍ର ଅଥଚ ଦୁଃଖୀ ହିନ୍ଦୁ ଛାତ୍ରମାନଙ୍କ କଲେଜରେ ତାହା ବ୍ୟୟିତ ହେବ ଏବଂ ଏମାନେ ତାରୁ ପ୍ରାଣକୃଷ୍ଣ ମଲ୍ଲିକ ଛାତ୍ର ବୋଲାଯିବେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉପର ଲିଖିତ ପ୍ରସ୍ତାବ ମଞ୍ଜୁର କରି ଏହି ଇଚ୍ଛାଦାନ ନିମିତ୍ତ ରାଣୀଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଅତଏବ ଜ ୧୦୦ ଣ ଛାତ୍ରଙ୍କ ମଧ୍ୟରୁ ଜ ୫୦ ଣ ରାଣୀଙ୍କର ବଦାନ୍ୟତାରେ ପଢ଼ିବାର ସୁଯୋଗ ପାଇଲେ । ଅବଶିଷ୍ଟ ଜ ୫୦ ଣଙ୍କ ସକାଶେ କେହି ଦାତା ବାହାରିବେ ଏପରି ଭରସା ହେଉଅଛି ।

---

ଯେଉଁମାନେ ଶ୍ରୀହଟ୍ଟ ନାଗପୁର ଏବଂ ବେହାର ପ୍ରଦେଶର ପାଟନା ଗୟା ଓ ଭାଗଲପୁର ଓ ମୁଙ୍ଗେର ଜିଲାବାସୀମାନଙ୍କ ମଧ୍ୟରୁ ଲୋକ ନେଇ ଯାଇ ବ୍ରହ୍ମଦେଶରେ ବସତି କରିବାର ଇଚ୍ଛା କରନ୍ତି ସେମାନଙ୍କୁ ଜମି ଦେବା ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ କେତେ ଗୁଡ଼ିଏ ନିୟମ କରି ସରକାରୀ ଗେଜେଟରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରିଅଛନ୍ତି । ଏଣୁ ଆବେଦନକାରୀକୁ ମା ୧୦୦୦୦ ଣ ପର୍ଯ୍ୟନ୍ତ ଏବଂ ପ୍ରଧାନ କମିଶନରଙ୍କ ଅନୁମତିରେ ତହିଁରୁ ଅଧିକ ଜମି ଦିଆଯିବ । କେତେ ଗାସମୟ ପଡ଼ିଆ ଭୂମିବର୍ଷ ଓ ଜଙ୍ଗଲଟ ଜମି ବ ୧୮ ବର୍ଷ ବିନା ଖଜଣାରେ ଦିଆଯିବ ଓ ତହିଁ ଉତ୍ତାରୁ ସାମାନ୍ୟ ଖଜଣା ବସିବ । ବ ୩୦ ବର୍ଷ ପରେ ନିୟମାନୁସାରେ ବନ୍ଦୋବସ୍ତ-ଜମା ଧାର୍ଯ୍ୟ ହେବ । ବନ୍ଦୋବସ୍ତରେ ଯାହା ଯାହା ହାତରେ ଜମି ଥିବ ତାହାର ଚିରସ୍ଥାୟୀ ଓ ହସ୍ତାନ୍ତର ସ୍ୱତ୍ୱ ବନ୍ଦୋବସ୍ତ ପୂର୍ବରୁ ହେବ କିନ୍ତୁ ପ୍ରଥମ ବ ୩୦ ବର୍ଷ ମଧ୍ୟରେ କେହି ହସ୍ତାନ୍ତର କରିବାକୁ ଇଚ୍ଛା କଲେ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁର ନେବ । ଶ୍ରୀହଟ୍ଟନାଗପୁର ଓ ବେହାରରେ ଲୋକ ସଂଖ୍ୟା ଅଧିକ ହେବାରୁ ଅନୁମାନ ହୁଅଇ ଆପାତତଃ ସେମାନଙ୍କ ନିମିତ୍ତ ଏହି ନିୟମାବଳି ହୋଇଅଛି । ଏ ପରେ ଅନ୍ୟାନ୍ୟ ଜିଲା ନିମିତ୍ତ ହୋଇ ପାରେ । ଭରସା ହୁଅଇ ବେହାର ଅଞ୍ଚଳରୁ ଲୋକମାନେ ଏ ନିୟମାନୁସାରେ ବ୍ରହ୍ମଦେଶର ପଡ଼ିଆ ଜମି ଆବାଦ କରିବାକୁ ପ୍ରବୃତ୍ତ ହେବେ ।

---

ପାଠକମାନେ ଜାଣନ୍ତି ଯେ ଭାରତବର୍ଷର ମାନ୍ଦ୍ରାଜରେ ସମୟେ ସମୟେ ଦୁର୍ଭିକ୍ଷ ପଡ଼ିବାରୁ ସେକାଳରେ ଲୋକଙ୍କୁ ସାହାଯ୍ୟ ଦାନ କରିବା ଉଦ୍ଦେଶ୍ୟରେ ସରକାର ଗୋଟିଏ ଦୁର୍ଭିକ୍ଷ ପାଣ୍ଠି ସ୍ଥାପନ କରିଥିଲେ ଏବଂ ପ୍ରତିବର୍ଷ ଉକ୍ତ ପାଣ୍ଠିରେ ପଞ୍ଚାଶ ଲକ୍ଷ ଟଙ୍କା ଜମା ହେବାର ନିୟମ ହୋଇଥିଲା । ଲର୍ଡ ଡଫରିନ ଏହି ପାଣ୍ଠିର ଟଙ୍କା ସବୁ ଭାରତର ଉତ୍ତର ପଶ୍ଚିମ ସୀମା ରକ୍ଷା କାର୍ଯ୍ୟରେ ବ୍ୟୟ କରି କାର୍ଯ୍ୟତଃ ଦୁର୍ଭିକ୍ଷ ପାଣ୍ଠିକୁ ଉଠାଇଦେଲେ । ସୀମା ଦୃଢ଼ କରିବା କାର୍ଯ୍ୟ ସକାଶ ଲର୍ଡ ଡଫରିନ ବଜେଟରେ ପ୍ରସ୍ତ

Digitized by srujanika@gmail.com

ପ୍ରଶଂସା ପାଇଅଛନ୍ତି ମାତ୍ର ଟଙ୍କା ଅଭାବରେ ବର୍ତ୍ତମାନ ଗଞ୍ଜାମ ଓଡ଼ିଶା ଓ ବେହାରରେ ଦୁର୍ଭିକ୍ଷ ପଡ଼ିବାରୁ କେତେ ଲୋକ ମରଗଲେ ଓ ଖାଦ୍ୟଦ୍ରବ୍ୟର ଉଚିତ ବ୍ୟବସ୍ଥା ହେବାକୁ ଏତେ ବିଳମ୍ବ ହେଲା । ହିନ୍ଦୁପେଟ୍ରିଅଟ ଯଥାର୍ଥ କହିଅଛନ୍ତି ଯେ ଲର୍ଡ ଡଫଉଲଙ୍କର ଏହି କାର୍ଯ୍ୟଟି ଏମନ୍ତ ହୋଇଅଛି ଯେମନ୍ତ କେହି ବ୍ୟକ୍ତି ଆପଣା ଘରକୁ ଡକାଏତଙ୍କ ଆକ୍ରମଣରୁ ରକ୍ଷା କରିବା କାର୍ଯ୍ୟରେ ସମସ୍ତ ଅର୍ଥ ବ୍ୟୟ କରି ପରିବାରବର୍ଗଙ୍କ ଭରଣ ପୋଷଣ ନିମିତ୍ତ କିଛି ରଖଇ ନାହିଁ । ମନୁଷ୍ୟପୋତେଷ ବେଢ଼ା-ଦ୍ୱାରା ଘରକୁ ଘେରି ତସ୍କରର ଅତ୍ୟାଗ୍ରହରୁ ରକ୍ଷା କରିବା ଅବଶ୍ୟ ଉତ୍ତମ କାର୍ଯ୍ୟ ଅଟଇ କିନ୍ତୁ ସେ ଘରେ ଯେଉଁମାନେ ଅଛନ୍ତି ବିଶେଷତଃ ବୃଦ୍ଧ ବାଳକ ଇତ୍ୟାଦି ସେମାନଙ୍କର ଖାଇବାର ସମ୍ଭାନ ଅଛି କି ନାହିଁ ଏହା ଜାଣିବା ଦେଖିବାର ଆବଶ୍ୟକ । ଯେଉଁ ଘରେ ଥିବା ଲୋକମାନେ ଖାଇବା ବିନା ଗଡ଼ି ମରୁଅଛନ୍ତି ସେ ଘରକୁ ଦୃଢ଼ କରିବାର କି ପ୍ରୟୋଜନ ?

---

ବାବୁ ନନ୍ଦକିଶୋର ଦାସ ଅସିଷ୍ଟେଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଶରୀର ଅସୁସ୍ଥ ଥିବା ହେତୁ ବାବୁ ରାସବିହାରୀ ନାୟକ ଡେଃ କଲେକ୍ଟର ଓ ଡେଃ ମାଜିଷ୍ଟ୍ରେଟ କେତେକ ସରକାରୀ-କର୍ମଚାରୀ ସହ ଗତ ପୂର୍ବ ସୋମବାର ଦିବସ ଷ୍ଟିମାର ଯୋଗେ ଦଶପଲ୍ଲାକୁ ଗମନ କରିଥିଲେ ଉକ୍ତ ଷ୍ଟିମାର ଫେରି ଆସିବା ସମୟରେ ଦଶପଲ୍ଲା ରାଜା ଓ ଜଣେ ନବାଗତ ପୋଲିସ-ସାହେବ ଓ ଅନ୍ୟ କେତେକ ଲାଲପଗଡ଼ିଧାରୀ କର୍ମଚାରୀମାନଙ୍କୁ ଘେନି ଆସିଅଛନ୍ତି । ଗତ ସୋମବାର ଦିବସ ରାଜା କଟକରେ ପହୁଞ୍ଚି ଅଛନ୍ତି । ରାଜାଙ୍କ ସହିତ ପୋଲିସ କାହିଁକି ଥିଲେ ତାହା ଆମ୍ଭମାନଙ୍କୁ ଉତ୍ତମରୂପେ ଅବଗତ ନାହିଁ କିନ୍ତୁ ସାଧାରଣ ଲୋକେ ଅନେକ କଥା କହନ୍ତି । ଆମ୍ଭେମାନେ ଶୁଣିଥିଲୁଁ ଯେ ଡେପ୍-ସେକ୍ରେଟରି ମାନ୍ୟଗଣ୍ୟ ଏଡ଼ଗାର ସାହେବ ଅନୁଗୁଳ ପରିଦର୍ଶନ କରିବାକୁ ଯିବା ସମୟରେ ଦଶପଲ୍ଲା ରାଜାଙ୍କୁ ବାଟରେ ଦେଖା କରିବା-ସକାଶ ଆହ୍ୱାନ କରିଥିଲେ କିନ୍ତୁ ରାଜା ପୀଡ଼ିତ ଥିବା ହେତୁ ସାକ୍ଷାତ କରିବାର ଅସମର୍ଥ ବିଷୟ ଜଣାଇ ଥିଲେ । ଉକ୍ତ କୈଫିୟତରେ ସନ୍ତୁଷ୍ଟ ନ ହୋଇ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ମିଃ ରେଭେନ୍ସ ତାଙ୍କୁ କଟକ ମୁକାମକୁ ନିମନ୍ତ୍ରଣ କରିଥିଲେ । ବର୍ତ୍ତମାନ ରାଜା ପୋଲିସଦ୍ୱାରା ହେଉ ଅବା ଷ୍ଟିମାରଦ୍ୱାରା ହେଉ ନିମନ୍ତ୍ରଣ ପାଳନାର୍ଥେ କଟକ ମୁକାମରେ ପହୁଞ୍ଚିଅଛନ୍ତି । ଗତ ମଙ୍ଗଳବାର ରାଜା ମହୋଦୟ ଏଠାର ଜଣେ ପ୍ରଧାନ ଓକିଲ ବାବୁ ମଧୁସୂଦନ ଦାସଙ୍କୁ ଘେନି କମିଶନରୀ କଚେରୀରେ କମିଶନର ସାହେବଙ୍କ ସହିତ ସାକ୍ଷାତ କରିଥିଲେ । ଫଳ କିଛି ଜଣା ପଡ଼ି ନାହିଁ ।

---

କନ୍ଦମାଳର ଅବସ୍ଥା ।

ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କନ୍ଦମାଳ ପରିଭ୍ରମଣର ରିପୋର୍ଟରେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ପ୍ରକାଶିତ ହୋଇଅଛି । ତାଙ୍କ ରିପୋର୍ଟରେ କନ୍ଦମାଳର ସମସ୍ତ ବିବରଣ ଓ ଲୋକଙ୍କ ଅବସ୍ଥା ବିଶଦରୂପେ ବର୍ଣ୍ଣିତ ହୋଇଅଛି ଓ ତାଙ୍କର ଅନୁସନ୍ଧାନ ଅତ୍ୟନ୍ତ ସମ୍ପୂର୍ଣ୍ଣ ଓ କଷ୍ଟସାଧ୍ୟ ହୋଇଅଛି । କନ୍ଦମାଳର ଅବସ୍ଥା କ୍ରମଶଃ ଉତ୍ତମ ହେଉଅଛି ବର୍ତ୍ତମାନ ଭୟର କାରଣ ନାହିଁ । ନବେମ୍ବର ମାସଠାରୁ ମଇମାସ-ପର୍ଯ୍ୟନ୍ତ ବୃଷ୍ଟି ହୋଇ ନ ଥିଲା କିନ୍ତୁ ମଇମାସ ଶେଷ ହେବା ପୂର୍ବରେ ଉତ୍ତମ ବୃଷ୍ଟି ହୋଇ-ଥିବାରୁ ଦୁର୍ଭିକ୍ଷର ଭୟ ଦୂରୀଭୂତ ହୋଇଅଛି କେବଳ ପାଣ ଓ ଅନ୍ୟାନ୍ୟ ଦୁଃଖି ଓ କେତେକ ସ୍ଥାନରେ କନ୍ଧଙ୍କ ମଧ୍ୟରେ କିଛି ଦୁଃଖ ଉପସ୍ଥିତ ହୋଇଥିବାର ବୋଧ ହେଉଅଛି । ବର୍ତ୍ତମାନ କେତେକ ଟଙ୍କା ସେମାନଙ୍କୁ ଦେଲେ ସେମାନେ ଧାନ ବିହନ କ୍ରୟ କରିବାକୁ ସକ୍ଷମ ହେବେ ତାଙ୍କର ଅନୁରୋଧ ମତେ ତଗାବି-ଦାନ ଓ ଅନ୍ୟାନ୍ୟ ସାହାଯ୍ୟାର୍ଥେ ଟ ୧୫୮୪ଙ୍କା ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଆଃ ସୁପରିଣ୍ଟେଣ୍ଡେଣ୍ଟ ରିପୋର୍ଟ କରିଥିଲେ ଅନ୍ୟ ସ୍ଥାନ-ମାନଙ୍କ ଗମନର ସୁବିଧାର୍ଥେ ବାଣିଜ୍ୟ ଘାଟସବୁ ଗମନାଗମନ ସକାଶେ ଭୂମାରଖୋଲାରେ ବାଟ ପରିଷ୍କାର କଲେ ଉତ୍ତମ ହେବ ସୁପରି-ଣ୍ଟେଣ୍ଡେଣ୍ଟ ସାହେବ ଏ ବିଷୟରେ ଆଗନ୍ତାରେ ରିପୋର୍ଟ ଦେବେ ବୋଲି ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି କିନ୍ତୁ ଲେଃଲାଟ ବାହାଦୁରଙ୍କ ଇଚ୍ଛା ଯେ ଏ ପ୍ରସ୍ତାବ ସ୍ଥଗିତ ନ ରଖି ଯେପରି ଆଗାମୀ ଶୀତକାଳରେ କାର୍ଯ୍ୟ ହେବ ତହିଁର ବନ୍ଦୋବସ୍ତ କରିବା ଉଚିତ । ଆମ୍ଭେମାନେ ଆଶା କରୁଁ ବପ୍‌କନ୍‌ସ ସାହେବ ତାଙ୍କ ରିପୋର୍ଟ ଶୀଘ୍ର ପ୍ରଦାନ କରିବେ । ଗବର୍ଣ୍ଣମେଣ୍ଟ ଅସି-ଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସଙ୍କୁ ତାଙ୍କର ଉତ୍ତମ କାର୍ଯ୍ୟ ସକାଶେ ଧନ୍ୟ-ବାଦ ପ୍ରଦାନ କରିଅଛନ୍ତି ।

---

# ସାପ୍ତାହିକସମ୍ବାଦ ।

କଲିକତା-ଗେଜେଟ ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କ୍ଷେତ୍ରମୋହନ ମିତ୍ର ୧୮୭୦ ସାଲ ଅ ୧୦ ଆଇନର କ୍ଷମତା ପ୍ରାପ୍ତହେଲେ ।

ବର୍ଦ୍ଧମାନ କମିଶନରଙ୍କର ପର୍ଶୋନାଲ ଅସିଷ୍ଟାଣ୍ଟ ବାବୁ ଅନ୍ନଦାପ୍ରସାଦ ଘୋଷ ପ୍ରେସିଡେନ୍ସି ବିଭାଗର କମିଶନରଙ୍କ ପର୍ଶୋନାଲ ଅସିଷ୍ଟାଣ୍ଟ କାର୍ଯ୍ୟରେ ନିଯୁକ୍ତ ହେଲେ ।

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଭଦ୍ରକ ବେଞ୍ଚର ଅବୈତ-ନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ମୌଲବି ମହମ୍ମଦ ମଜରୁଲହକ, ମୁନସି ଲତଫର ରହ-ମାନ, ବାବୁ ବୃନ୍ଦାବନଚନ୍ଦ୍ର ସାହା ବାବୁ ମଥୁରମୋହନ ଗୋସ୍ୱାମୀ ।

କଟକ କଲେଜିଏଟ ସ୍କୁଲର ୩ ୟ ଶିକ୍ଷକ ବାବୁ ନନ୍ଦଲାଲ ଦାସ କଏ ହାବଡ଼ାଜିଲ୍ଲା ସ୍କୁଲର ୩ ୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ଲେଃଲାଟ ବାହାଦୁର ଆଦେଶ ପ୍ରକାଶ କରିଅଛନ୍ତି ଆଗାମୀ ଅପ୍ରେଲମାସ ପ୍ରାରମ୍ଭରୁ ନକଲ ସକାଶେ ସ୍ୱରଅଶିଆ ଷ୍ଟାମ୍ପ-କାଗଜ ତିନିଅଣା ମୂଲ୍ୟରେ ବିକ୍ରୟ ହେବ ।

ସାନ୍ତାଲପ୍ରଗନାର ଜଏଣ୍ଟମାଜିଷ୍ଟ୍ରେଟ ମିଃ ଏଫ, ଯେ, ମୋନା-ହେମ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅଣ୍ଡର ସେକ୍ରେଟରି କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

---

ଢାକାର ଏକ ପାଠଶାଳାର ପଣ୍ଡିତ ପୂର୍ବବର୍ଷର ପରୀକ୍ଷୋ-ତ୍ତୀର୍ଣ୍ଣ ଛାତ୍ରକୁ ନାମ ବଦଳାଇ ପୁନର୍ବାର ଏବର୍ଷ ପ୍ରେରଣ କରିଥିବାପରାଧରେ ଟ ୫ ଙ୍କା ଜରିମାନା ଓ ଗୁରୁମାସ ମିଆଦ ପ୍ରାପ୍ତ ହୋଇଅଛି । ପାରିତୋଷିକ ଆଶାରେ ସାଇ ଚଦନ-କଣ୍ଡରେ ଉପସ୍ଥିତ ହେଲେ ।

ଗତ ତା ୭ ରିଖ ଗୁରୁବାର ଦିବସ ଲେଃଲାଟ ବାହାଦୁର ବହାରଅଞ୍ଚଳରୁ ଫେରି ଆସି କଲିକତାରେ ପହୁଞ୍ଚି-ଅଛନ୍ତି ।

ବିଲାତ ସିବିଲସର୍ଭିସ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ନାମ ପ୍ରକାଶିତ ହୋଇଅଛି । ଭାରତର ଅଦୃଷ୍ଟରେ କେବଳ ଏ, ଡବଲିଉ, କ, ଚକ୍ରବର୍ତ୍ତୀ ନାମକ ଜଣେ ଭାରତବାସୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଅଛନ୍ତି ଓ ମଧ୍ୟ ଏକଜଣେ ଅହୁଦ୍ ବୋଲି ବୋଧ ହେଉଅଛନ୍ତି ।

ଏଥର କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ, ଏଫ୍ ଏ ଓ ବିଏ, ପରୀକ୍ଷା ଆଗାମୀ ଫିବ୍ରୁଏରିମାସ ତା ୧୭ ରିଖ ସୋମବାର ଦିବସଠାରୁ ଆରମ୍ଭ ହେବ । ପରୀକ୍ଷାର ଆରମ୍ଭ ଦିବସ ଶିବରାତ୍ରିବ୍ରତୋପଲକ୍ଷେ ସରକାରୀ ଅଫିସ ବନ୍ଦ ଥିବା-ପ୍ରଯୁକ୍ତେ . ପରୀକ୍ଷା ଦିବସ ସ୍ଥିର କରିବା ଉଚିତ ହୋଇ ନାହିଁ ।

ବିଲାତ ପାର୍ଲିଆମେଣ୍ଟ କମନ୍‌ସସଭାର କମେଟୀରେ ଶାସ୍ତ୍ରୀୟସ୍ୱତ୍ୱ ଆଇନର ପାଣ୍ଡୁଲିପି ଧାର୍ଯ୍ୟ ହୋଇଥିବାର ସମ୍ବାଦ ମିଳଇ ।

Split by PDF Splitter

Digitized by srujanika@gmail.com

Split by PDF Splitter



କଲିକତାରେ ଜଣେ ହିନ୍ଦୁକାୟସ୍ଥ ଯୁବକ, ବିବାହ କରି ତାହାର ବେବଥିରୁ ଅଳଙ୍କାର ନେଇ ଅନ୍ତର୍ଦ୍ଧାନ ହୋଇଥିଲେ । କନ୍ୟାର ପିତାଳୟରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଜଣାଇବାରୁ ପୋଲିସରେ କନ୍ୟାପକ୍ଷରୁ ସମ୍ବାଦ ଦିଆଗଲା । କଳିକତାରେ ଧୃତ ହୋଇ ବାବୁ ବଙ୍କିମଚନ୍ଦ୍ର ଉପାଧ୍ୟାୟ ଡେପୁଟି ମାଜିଷ୍ଟ୍ରେଟଙ୍କ କୋର୍ଟରେ ଚାଲାଣ ହେଲେ । କାରଣ କି ଯେଉଁ ଅଳଙ୍କାର ନେଇ କନ୍ୟାଦାନ କରା ହୋଇଅଛି ତହିଁରେ କନ୍ୟା ଅବା କନ୍ୟାପକ୍ଷୀୟର ଅଧିକାର ନାହିଁ । ଜଜ ଗାର୍ଣ୍ଣେଟ ସାହେବଙ୍କ ନିକଟରେ ଏ ମୋକଦ୍ଦମାର ଅପିଲ ଉପସ୍ଥିତ ହୋଇଥିଲା । ସାହେବ ମହୋଦୟଙ୍କ ବିଚାରରେ ସ୍ଥିର ହେଲା ଯେ ବିଭାଗ ବ୍ୟବସ୍ଥାରେ ନ ପଡ଼ିଲେ ସ୍ତ୍ରୀର ଅଳଙ୍କାରରେ ସ୍ୱାମୀର କୌଣସି ଅଧିକାର ନାହିଁ । ଏଣୁକରି ସ୍ୱାମୀକୁ ତିନିମାସ କଠିନ ପରିଶ୍ରମ ସହିତ ମିଆଦ ଓ ଏକଶତ ଟଙ୍କା ଅର୍ଥଦଣ୍ଡ ହୋଇଅଛି ।

ଜର୍ମ୍ମାନର ସମ୍ରାଟ ବର୍ତ୍ତମାନ ଦେଶକୁ ଅସି ଶ୍ରୀମତୀ ଭିକ୍ଟୋରିଆଙ୍କ ଆତିଥ୍ୟଗ୍ରହଣ କରିଥିବା ବିଷୟ ପାଠକଙ୍କୁ ଜଣାଇଅଛୁଁ । ଏହାଙ୍କ ଆଗମନରେ ବିଲାତରେ ଅନେକ ଆମୋଦ ପ୍ରମୋଦ ହେଉଥିବାର ସମ୍ବାଦ ମିଳଇ । ବିଲାତର ନୌ-ସେନାର ପରେଡ଼ ମଧ୍ୟ ହୋଇଥିଲା ଏବଂ ସୁନ୍ଦର ଜାହାଜ ଓ ନୌ-ସେନାଙ୍କ ନିପୁଣତା ଦେଖି ସମ୍ରାଟ ଅତୀବ ଆନନ୍ଦିତ ହୋଇଅଛନ୍ତି । ଇତିମଧ୍ୟରେ ସମ୍ରାଟଙ୍କୁ ବିଲାତି ନୌ-ବହରର ଅବୈତନିକ ଆଡ଼ମିରଲ ପଦ ପ୍ରଦତ୍ତ ହୋଇଅଛି । ମଧ୍ୟ ସମ୍ରାଟ ଶ୍ରୀମତୀ ଭିକ୍ଟୋରିଆଙ୍କି ଜର୍ମ୍ମାନ ସେନାର କର୍ଣ୍ଣେଲ ପଦ ପ୍ରଦାନ କରିଅଛନ୍ତି । ଏରୂପରେ ଉଭୟଙ୍କ ମଧ୍ୟରେ ସନ୍ତୋଷତା ବୃଦ୍ଧି ହୋଇଥିବାର ଦେଖାଯାଏ ଏବଂ ପ୍ରକୃତର ଉଭୟଙ୍କ ମଧ୍ୟ ଅଭେଦନୀୟତା ଶୀଘ୍ର ବଢ଼ିବ ନ ଜାଣିଲେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେବୁଁ ।

କଲକାନ ଗ୍ରାମରେ ଉପଦ୍ରବ ଘଟିବାର ଆଶଙ୍କା କରି ରୁଷିଆ ୮୦୦୦୦ ସେନା ସହିତ ରକ୍ଷିବାର ଆଦେଶ କରିଅଛନ୍ତି ।

ପ୍ରକାଶ ଅସ୍ଥିରତା ହେତୁ ମିଶରଦେଶରେ ପ୍ରକାଶ୍ୟରୂପ ହୋଇଯାଇଥିବାର ସମ୍ବାଦ ମିଳଇ । ଇଂରେଜମାନେ ଅକସ୍ମାତ ହୋଇ ଦୂରଦେଶରେ ଦରବେଶୀମାନଙ୍କ ଆକ୍ରମଣ କରିବା ଅସମ୍ଭବ ଅକସ୍ମାତ ହେଉଥିଲେ । ଗତମାସ ତା ୩ ରିଖ ପ୍ରାତଃକାଳରେ ଟସ୍କିଠାରେ ଦରବେଶୀ ଓ ଇଂରେଜ ସେନାଙ୍କର ସାକ୍ଷାତ ହୋଇ ଘୋରଯୁଦ୍ଧ ହେଲା । ଏ ଯୁଦ୍ଧ ସାତ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବାର ସମ୍ବାଦ ମିଳଇ । ଦରବେଶୀମାନେ ପ୍ରାଣପଣେ ଲଢ଼ିଲେ ମଧ୍ୟ ଇଂରେଜଙ୍କୁ ପରାସ୍ତ କରିବା ସହଜ କଥା ନୁହଇ । ଇଂରେଜ ସେନାମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାଜିତ କରି ଛିନ୍ନଭିନ୍ନ କରି ଦେଇଅଛନ୍ତି । ଦରବେଶୀ ସେନାର ସେନାପତି ଓ ତାଙ୍କର ଜଣ ଜଣ ଅମିର ଓ ଅଧିକ ଜ ୫୦୦ ଶ ସେନା ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇଲେ ଏବଂ ସହସ୍ରାଧିକ ସେନା ଆହତ ହୋଇଅଛନ୍ତି । ଇଂରେଜପକ୍ଷରୁ ଜ ୧୭ ଜଣ ହତ ଏବଂ ଜ ୧୩୦ ଜଣ ଆହତ ହୋଇଥିବାର ଜଣାଯାଏ । ଶତ୍ରୁପକ୍ଷୀ ଆରବସ୍ଥାନମାନଙ୍କରୁ ପ୍ରକାଶ ଯେ ଦେଶୀୟଙ୍କ ଜ ୧୫୦୦ ଜଣ ହତ ହୋଇଅଛନ୍ତି ଏବଂ ଏକଶତ ସେନା ଇଂରେଜଙ୍କ କର୍ତ୍ତୃକ ଧୃତ ହୋଇ ବନ୍ଦୀଭୂତ ହୋଇଅଛନ୍ତି ।

ଅନେକଙ୍କଠାରୁ ସେଟେଲ୍‌ମେଣ୍ଟ ପ୍ରକାଶ ସମ୍ବାଦ ଅସାର ହେଉଅଛି କାରଣ କୌଣସିଠାରୁ ଅଧିକାର ଦେଖା ନ ଯାଏ । କର୍ତ୍ତୃପକ୍ଷ ପ୍ରସ୍ତାବ ମିଳେ ଯେ ସେଠାରେ ରାସ୍ତାକରଣକୁ କାର୍ଯ୍ୟ ହୋଇଯାଇ ଅଛି ଏବଂ ଉକ୍ତ ୧୫୦୦୦୦୦ ଟୋଟାଲ ଖର୍ଚ୍ଚ ହେଉଥିବାର ଜଣାଗଲା ।

## ପ୍ରୁଷିଆ-ସମ୍ବାଦ ।

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହେଉଥିବାରୁ ଜଳର ଅଭାବ ଦୂର ଯାଇଅଛି କିନ୍ତୁ ସମସ୍ତରେ ବୃଷ୍ଟି ବିଶେଷ ପରିମାଣରେ ହେଉଅଛି ।

ମୋଟସୁଦ୍ଧା କଟକରେ ଷେ ୧୧ ର ହିସାବରେ ମିଳୁଅଛି ।

ଅସ୍ମାନଙ୍କର ମାନନୀୟ ମାଜିଷ୍ଟ୍ରେଟ ମହୋଦୟ ପ୍ରାଇସ୍‌ମିଥ୍ କୃଷ୍ଣପୁର ଇଞ୍ଜିନିୟରିଙ୍ଗ ଇନ୍‌ସପେକ୍ଟରଙ୍କ ସମଭିବ୍ୟାହାରରେ କୋଣାର୍କ ଗୋପ ପ୍ରଭୃତି ସ୍ଥାନ ଦେଖିବାକୁ ଯାଇଅଛନ୍ତି ।

ଝୁଲଣଯାତ୍ରା ଏ ନଗରରେ ଗୋଟିଏ ପ୍ରଧାନ ଯାତ୍ରା ଏ ସମୟରେ ମଫସଲରୁ ଅନେକ ଯାତ୍ରୀ ଆସି ଓ ନାଗରିକମାନେ ଉପସ୍ଥିତ ହୋଇଥାନ୍ତି ପୌର୍ଣ୍ଣମୀଦିନ ବୃଷ୍ଟି ନ ହେବାରୁ ନଗରରେ ଏ ଯାତ୍ରା ସମାଧା ହୋଇ ଯାଇଅଛି ଏମାର ଓ ରାଧାକାନ୍ତ ମଠରେ ମଜଲିସ ବିଶେଷ ଆଡ଼ମ୍ବର ସହିତ ହୋଇଥିଲା ।

କଲେଜର ପରୀକ୍ଷା ଦେବାନିମନ୍ତେ ଏଠାରେ ଜ ୩ ଣ ଉପସ୍ଥିତ ହୋଇଥିଲେ, ସୁଖର ବିଷୟ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ପୁରୀ କଲେକ୍ଟରରେ ସ୍ଥାନ ଜ ୭ ଣ ଓକିଲ ଜ ୧୮ ଣ ମୋକ୍ତାର ମୋକ୍ତାରକାର୍ଯ୍ୟ କରନ୍ତି, ଓକିଲଙ୍କ ମଧ୍ୟରେ ଜ ୩ ଣ ମୋକ୍ତାରମାନଙ୍କ ମଧ୍ୟରେ ଜ ୩ ଣ ଇଂରାଜୀ ଜାଣିବାକୁ ସକ୍ଷମ ଅଟନ୍ତି ।

ଅସ୍ମାନଙ୍କର ମାନନୀୟ ଡେପୁଟି ମାଜିଷ୍ଟ୍ରେଟ ବାବୁ ରାଧାଗୋପାଳ ରାୟ ଗତମାସ ତା ୨୨ ରଖରେ ବୃଦ୍ଧି ହେତୁ ପେନ୍‌ସନ ନେବାର ସ୍ଥିର ହୋଇଅଛି ।

## ଧର୍ମଶାଳା-ସମ୍ବାଦ ।

ଏ ଅଞ୍ଚଳରେ ବର୍ଷାକୀ ଫସଲ ପକ୍ୱାବସ୍ଥାକୁ ଧାରଣ କରିବାରୁ ଦରିଦ୍ର କୃଷକମାନଙ୍କର ପକ୍ଷୀରେ ଜନକ ଜନନୀ ତଦ୍‌ରୂପ ହେଉଅଛି । ଶାରଦୀୟ ଫସଲ ମଧ୍ୟ ଉତ୍କୃଷ୍ଟ ହେବାର ଆଶା ଅଛି । କେବଳ ପ୍ରାୟ ଶେଷ ହେଲାଣି, ଉଚ୍ଚ ଭୂମିରେ ଅଳ୍ପ କିଛି ବୃଷ୍ଟି ହେଲେ ଖୋଇଅଣା ଫସଲ ହେବାର ସମ୍ଭବ, ଗୁଡ଼ର ଦର ପ୍ରାୟ ୫୧୯ ଟଙ୍କା ହୋଇଅଛି ଶ୍ରୀକୃଷ୍ଣ ମଧ୍ୟ ଭଣାପଡ଼ି ନାହିଁ, ମଫସଲରୁ ଭିଡ଼ ବଢ଼ିବାରୁ ପ୍ରାଦୁର୍ଭାବ ଅତି ପର୍ଯ୍ୟନ୍ତ ମଧ୍ୟ ଦେଖୁଅଛୁ ।

ଏକଦିନ ଗୋଟିଏ ୧୦ ବର୍ଷର ବାଳକ ଏଠା ଥାନାର ଇନ୍‌ସପେକ୍ଟରଙ୍କର ଘର ଗୋଟି ଛୋଟ କାନ୍ଥି ଦାଉସରେ ଦେବା କାରଣ ସେହି ସାଇ କାନ୍ଥି ଦାଉସ ନିକଟରେ ଅପେକ୍ଷା କରୁଥିଲା । ଏହିମଧ୍ୟରେ ଥାନାରୁ ଏକଜଣ ଅପରିଚିତ ଲୋକଙ୍କ ଦ୍ୱାରା ଏହି ସମ୍ବାଦ ବାଳକ ନିକଟକୁ ପ୍ରେରଣ ହେଲା ଯେ, "କେଉଁ କାନ୍ଥି ଦାଉସରେ ରଖ ଯାଏ ନାହିଁ ବୁଝିକରି ଆସିବ" ଏହି ଶାଳାଇବ, ପୁଲିସ ଆଙ୍ଗ ସ୍ୱତଃ ବାଳକ ହେଉଛି ଗଡ଼ିଯିବ ହେଉଛି ଆସିଲା । ଏପରି ତଉଲଅବ୍ୟାପ୍ତ ସମ୍ବାଦ ପଠାଇବାର କାରଣ ଏହି କି ସମୟରେ ଯଦି ଦୁର୍ଘଟନା ହେଲେ ତାହାର ଦେହରେ ଧୂଳିମାତ୍ର ଲାଗିବ ନାହିଁ । ତତ୍ତ୍ୱଜ୍ଞାନ ଧନ୍ୟ !

ଧର୍ମଶାଳାରେ ଥାନାଦାରଙ୍କ ଘାଟ ପାତରରୁ ସମ୍ବନ୍ଧରେ ଅନେକ ଦେଖ ଅଛୁ । ଯେଉଁ ଘଣ୍ଟା ପାର ହେବା ନିମନ୍ତେ ସକାଳ ପ ୭ ଘ ସମୟରେ ଘାଟ ଉପରେ ଅପେକ୍ଷା କରି ପ୍ରାୟ ପ ୧୦॥୧୧ ଘଣ୍ଟାରେ ପାର ହୁଅନ୍ତି । ନଦୀ ଜଳ ବୃଦ୍ଧି ହେଲେ ଏବେଶିଆ ପୁର କଥା । ନୌକା ଅଳ୍ପ ସମୟରେ ଅଥବା ଏକଘଣ୍ଟାମଧ୍ୟରେ ଉଭା ଏପାର ସେପାର ସହଜରେ ହୋଇ ପାରେ । ଅତଏବ ମାଝୀ ଘଟାଇ ମଧ୍ୟ ପଣ

ପାଇଅଛି । କିନ୍ତୁ ଘାଟର ସୁନାମ ଉଣଟରେ ଘୂରାଇ ହୋଇ ନାହିଁ । ବାଣ୍ଟର ବାହୋଇ ମନ୍ଦିରମା କଲେ ଅନର୍ଥକ କଷ୍ଟ, ସୁତରାଂ ଚୁପ ହୋଇ ସହି ଯାଉ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

କେତେକଦିନ ହେଲା ଏହି କଟକ ନଗରସ୍ଥ ରାଜା ବୈଦ୍ୟନାଥ ପଣ୍ଡିତଙ୍କ ମାତୃଶ୍ରାଦ୍ଧରେ ଆଜି ଯାହା ଘେଟଣ ହୋଇଥିଲା ତହିଁ ମଧ୍ୟରେ ପଣ୍ଡିତ ନିମନ୍ତ୍ରଣ ଏକ ନୂତନ ନିୟମରେ ହୋଇଥିବାରୁ ତାହା ଆପଣଙ୍କ ପାଠକମାନଙ୍କୁ ଜଣାଇବା କାରଣ ଏହି ପତ୍ର ପଠାଇଲି ଆପଣ ଏହାକୁ ଅନୁଗ୍ରହପୂର୍ବକ ପତ୍ରସ୍ଥ କରି ଅଭିଳାଷ ପୂରଣ କରିବା ହେବେ ।

ପୂର୍ବ ନିୟମ ଏପରି ଅଛି ଯେ ଶ୍ରାଦ୍ଧର କେତେକଦିନ ପୂର୍ବରୁ ନିମନ୍ତ୍ରଣ ପଠା ଯାଇ ପଣ୍ଡିତମାନଙ୍କୁ ଶ୍ରାଦ୍ଧଦିନ ଉପସ୍ଥିତ ହେବା କାରଣ ନିମନ୍ତ୍ରଣ କରାଯାଇ ଆଏ ଏବଂ ପଣ୍ଡିତମାନେ ଶ୍ରାଦ୍ଧଦିନ ଉପସ୍ଥିତ ହୋଇ ଶ୍ରାଦ୍ଧକ୍ରିୟାସ୍ଥଳରେ ଉପସ୍ଥିତ ପୂର୍ବକ ଦ୍ରବ୍ୟ ଚଢ଼ାଇ ଦେଇ ଉଠିଲେ ଯଥାନାମରେ ବିଦାୟ ହୁଅନ୍ତି । ଏଠାରେ କେତେକ ଦିବସର ଏହିପରି ହୋଇଥିଲା କି ଶ୍ରାଦ୍ଧର ପଦେଦିନ ପଣ୍ଡିତମାନଙ୍କ ନାମର ଏକ ତାଲିକା ପ୍ରସ୍ତୁତ ହୋଇ ତହିଁ ଉପରେ ଏହି ନିୟମଟି ମୁଦ୍ରିତଭାଗରେ ଲେଖାହୋଇଥିଲା ଯେ ଅମୁକଦିନ ଅମୁକ ସମୟରେ ଆପଣମାନେ କଟକ ସୁନ୍ଦରନଗରର ଅମୁକ ସ୍ଥାନରେ ଉପସ୍ଥିତ ହେବେ । ଏହି ନିମନ୍ତ୍ରଣ ପାଇ ପଣ୍ଡିତମାନେ ଯାଇ ନିରୂପିତ ସମୟରେ ସେଠାରେ ଉପସ୍ଥିତ ହେବାରୁ ଫଳାହାରର ଯୋଗାଡ଼ କରନ୍ତି କେତେକ କହିଲେ କି ଅମ୍ଭମାନଙ୍କ ଫଳାହାରର ନିମନ୍ତ୍ରଣ ହୋଇ ନାହିଁ । ଓ ପଣ୍ଡିତମାନଙ୍କୁ ଯେପରି ନିମନ୍ତ୍ରଣପତ୍ର ଦିଆଗଲା ତାହା ସ୍ପଷ୍ଟ ହୋଇ ନାହିଁ ଏବଂ ଆଜି ଶ୍ରାଦ୍ଧଦିବସ ନୁହେଁ ତେବେ ଫଳାହାର କରିବାର ଉଚିତ ହେଉଅଛି କି ? ଏହା ଶୁଣି ରାଜା ମହୋଦୟ ପୁନଃ ଅନୁରୋଧ କରନ୍ତେ ସେଠାରେ ସମସ୍ତେ ଫଳାହାର କରି ଅବିବାଦରୂପରେ ଗଲେ ସନ୍ଧ୍ୟା ସମୟରେ ଆସିଲେ ଏବଂ ବହୁ ଭକ୍ତ ରାଜା ଅନୁରୋଧ କରିଥିବାରୁ ତହିଁ ପରଦିନ ନିରୂପିତ

Digitized by srujanika@gmail.com

Split by PDF Splitter



ସମୟରେ ପଣ୍ଡିତମାନେ ପତ୍ରସ୍ଥ କରୁ ଥ.୦ଶା୦ ଜିଲ୍ଲାରେ ପଣ୍ଡିତମାନଙ୍କ ଦରମା ଦଲେ ଏହି- ପରକ ୧ମଶ୍ରେଣୀରେ ଟ ୩ଙ୍କା, ୨ୟଶ୍ରେଣୀରେ ଟ ୨ ଙ୍କା, ୩ୟଶ୍ରେଣୀରେ ଟ ୧ ଙ୍କା, ୪ର୍ଥ- ଶ୍ରେଣୀରେ ଟ ୦।୯ ଅଣା । ଏହି କ୍ରମରେ ଦରମା ଦେଇ ନହିଁ ପରନ୍ତୁ ଖଣ୍ଡେ ନିମ୍ନଣ- ପତ୍ର ଅଥାତ୍ ପୂର୍ବେ ଯେଉଁ ପତ୍ର ପଠାଇବାର ଛଥି ଥିଲ ସେହିପତ୍ରରୁ ଖଣ୍ଡେ ଦେଲେ, ଏପର ପଣ୍ଡିତଙ୍କର ଶ୍ରେଣୀ ଭଙ୍ଗ ଏଥିପର ହୋଇଥିଲା ଯେ ଯେଉଁ ବ୍ୟକ୍ତି ବ୍ରିଟିବଦ୍ଧ ସେ ଭୂଗସ୍ତୁ ଚତୁର୍ଥ ଶ୍ରେଣୀଭୁକ୍ତ ଏବଂ ଯାହାଙ୍କର ହସ୍ତର ସଙ୍ଗେ ସ୍ୱପ୍ନରେ ସ୍ପର୍ଶ ନେଥା ନାହିଁ ସେ ୧ମ ଓ ଦ୍ୱିତୀୟ ଶ୍ରେଣୀଭୁକ୍ତ ହୋଇଥିଲେ । ଏହି ବିଷୟରେ ପଣ୍ଡିତମାନଙ୍କର ହିଦାଙ୍ଗି ହୋଇ ଯାଇ ଅଛି । ଇତି ।

୬।୮।୮୯ }
କଟକ } ।ନ। କେହି ଦର୍ଶକ

---

## ସର୍ବସାଧାରଣ ବାଳକମାନଙ୍କର ହିତ- କାମନାର୍ଥ ଭିକ୍ଷାପାତ୍ର ।

ବାଙ୍କିସାହାବାଦ ପ୍ରଗଣାର ଅନ୍ତର୍ଗତ ନୂଆଗଡ଼ ଗୋଟିଏ ପ୍ରଧାନଗ୍ରାମ, ହେଉଛି ଏଠାରେ ଅନେକ ଲୋକଙ୍କର ବାସସ୍ଥାନ, ଏଠାରେ କୌଣସିପ୍ରକାରର ଭଲ ବିଦ୍ୟାଳୟ ନ ଥିବାରୁ ସ୍ଥାନୀୟ ସାଧାରଣ ଲୋକମାନଙ୍କର ବାଳକ ବାଳିକାମାନେ ଦିନ ଦିନ ଅଜ୍ଞ ମୂର୍ଖତାରୁ ଗ୍ରସ୍ତ ହୋଇ ଉପଦ୍ରବଗ୍ରସ୍ତ ହେଉଅଛନ୍ତି । ଏହାର ନିକଟବର୍ତ୍ତୀ ଅନ୍ୟାନ୍ୟ ମୌଜାମାନଙ୍କର ଅବସ୍ଥା ମଧ୍ୟ ତଦନୁରୂପ କହିଲେ ଅଯୁକ୍ତି ହେବ ନାହିଁ । ଅତ୍ୟନ୍ତ ଦୁଃଖର ବିଷୟ ଯେ ସ୍ଥାନୀୟ ଲୋକମାନେ ଆପଣା ପିଲାମାନଙ୍କର ଅବସ୍ଥା ଦେଖି ଓ ବିଦ୍ୟାବଳରେ ଉନ୍ନତ ସ୍ଥାନର ବ୍ୟକ୍ତିମାନଙ୍କର ଅବସ୍ଥା ଦିନ ଦିନ ବିଶେଷ ଉନ୍ନତ ହେବାର ଜାଣି ଶୁଣି ମଧ୍ୟ ଆପଣା ପିଲାମାନଙ୍କର ଏବଂ ନିଜସ୍ଥାନର ଭବିଷ୍ୟତ ଉନ୍ନତିପ୍ରତି ଆଦୌ ଦୃଷ୍ଟି କରନ୍ତି ନାହିଁ । ଏହା ଦେଖି ସର୍ବସାଧାରଣ ବାଳକମାନଙ୍କର ହିତକାମନାରେ ଏଠାରେ ଗୋଟିଏ ଭଲ ବିଦ୍ୟାଳୟ ସ୍ଥାପନ କରାଇବା ନିମିତ୍ତରେ ବ୍ରତୀ ହୋଇ ଆମ୍ଭେ ଶିକ୍ଷା ବିଭାଗର ଉପରସ୍ଥ କର୍ମଚାରୀଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କରିବାରେ ସେମାନେ ଅନୁକୂଲ୍ୟ ପ୍ରକାଶ ପୂର୍ବକ କେବଳ "ଲୋକର- ଷ୍ଟିଣ୍ଡିୟଲର" ସାହାଯ୍ୟ, ଚଳାଇ ମସିହାର ଗତ ଫେବ୍ରୁଆରୀ ମାସଠାରୁ ମଞ୍ଜୁରୀ ପ୍ରଦାନ କରୁଅ- ଛନ୍ତି, ବର୍ତ୍ତମାନ ଉକ୍ତ ସ୍କୁଲରେ ପ୍ରାୟ ୩୪ଜଣ ଛାତ୍ର ଶିକ୍ଷକଙ୍କ ଅଧ୍ୟୟନ କରୁଅଛନ୍ତି ।

ଉକ୍ତ ବିଦ୍ୟାଳୟକାର୍ଯ୍ୟ ନିର୍ବାହ ନିମିତ୍ତ ଗୋଟିଏ ଭଲ ସ୍କୁଲ ଗୃହ ନ ହେଲେ ଅଧ୍ୟାପନାକାର୍ଯ୍ୟ ସୁଚାରୁରୂପେ ଚଳିବା ଅତ୍ୟନ୍ତ କଷ୍ଟକର ଅଟେ, ମଧ୍ୟ ଏଠାରେ କେହି ତାଦୃଶ ଧନବ୍ୟକ୍ତି ନାହିଁ ଯେ ଏହି ବିଦ୍ୟାଳୟ ଗୃହ- ନିର୍ମାଣର ଭାର ନେଇ କହିଲ ଦଳ ସମସ୍ତ ବ୍ୟୟ ଯୋଗାଇ ପାରିବ । ଏ ହେତୁ ଆମ୍ଭେ ଦେଶହିତୈଷୀ ସାଧାରଣ ବ୍ୟକ୍ତିମାନଙ୍କ ନିକ- ଟରେ ଏହି ପ୍ରାର୍ଥନା କରୁଅଛୁଁ କି ଆପଣମାନେ ସାଧାରଣବାଳକମାନଙ୍କର ଉପକାରାର୍ଥେ ଉକ୍ତ ବିଦ୍ୟାଳୟ ଗୃହ ନିର୍ମାଣ ନିମିତ୍ତ ମୁକ୍ତହସ୍ତରେ କିଛି ସାହାଯ୍ୟ ପ୍ରଦାନ କରି ନିଜର ବଦାନ୍ୟତା ଗୁଣରେ ଆମ୍ଭମାନଙ୍କୁ ବିଶେଷ ଉତ୍ସାହିତ ଓ ଚିରୋପକୃତ କରିବା ହେବେ । ନିମ୍ନଲିଖିତ ବ୍ୟକ୍ତିମାନଙ୍କଠାରୁ ଉକ୍ତପସୀଲ ମୂଲ୍ୟବଳ ଏଥିନିମିତ୍ତ ଆମ୍ଭେ ଯଦରଟଙ୍କା ଅଠଅଣାର ସାହାଯ୍ୟଦାନ ପାଇଅଛୁଁ, ଏକାରଣ ଆମ୍ଭେ ସେମାନଙ୍କଠାରେ କୃତଜ୍ଞତା ସ୍ୱୀକାର କରୁଅଛୁଁ ।

### ସାହାଯ୍ୟଦାନର ତପସୀଲ

| | |
|---|---|
| ଶ୍ରୀଯୁକ୍ତ ଗୌରାଙ୍ଗ ଶତପଥି | ଟ ୨ଙ୍କା |
| „ ରାମ ଶତପଥି | ଟ ୨ଙ୍କା |
| „ ଚିନ୍ତାମଣି ମହାପାତ୍ର | ଟ ୩ଙ୍କା |
| „ ବୈଦ୍ୟନାଥ ନାୟକ | ଟ ୧୫ଙ୍କା |
| „ ଅନନ୍ତଚନ୍ଦ୍ର ସ୍ୱାମୀ ହେଃ କନଷ୍ଟେବଲ | ଟ ୧ ଙ୍କା |
| „ ବିଧୁବନ୍ଧୁ କର | ଟ ୩ଙ୍କା |
| ଜମିଦାର ମଧୁସୂଦନ ପଟ୍ଟନାୟକ | ଟ ୨ଙ୍କା |
| ମୋଟ | ଟ ୧୫ ॥ ଙ୍କା |

୬।୮।୮୯ } ଶ୍ରୀଯୋଗେନ୍ଦ୍ର ନାଥ ଦେବ
ନୂଆଗଡ଼ ସ୍କୁଲର
କଟକ } ସମ୍ପାଦକ

---

ମହାଶୟ !

ଗତମାସ ତା ୨୭ ରିଖରେ ଶ୍ରୀଯୁକ୍ତ ଏଡ଼ଗାର ସାହେବ ମହୋଦୟ ଭାଗୀସ୍ସ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ସହିତ ଏଠାକୁ ଶୁଭାଗମନ କରି ଲୋକଙ୍କ ଦୁରବସ୍ଥା ତଦନ୍ତ କଲା ପର ଗୃହୀମାନଙ୍କୁ ଜମି ଅନୁସାରେ ତକାବି ଦେବାର ହୁକୁମ ଦେଇଥିବାରୁ ସେ ଅନୁ- ସାରେ ପ୍ରଜାମାନେ ଅନ୍ତତଃ ଟଙ୍କା ନେଇ ଧାନ କ୍ରୟ କରି ବୁଣିବାର ସମୟ ଗତ ହେବାରୁ ଧାନ ଗଜାଇ ଅଗ୍ରଭିବା ଓ ଚଳ ପକାଇ ରୋପଣ କରିବାରେ ବର୍ତ୍ତମାନ ନିଯୁକ୍ତ ଅଛନ୍ତି । ଏ ସମୟେ ଗୃହସ୍ଥପ୍ରଜାମାନେ ଗଡ଼ରୁ ମା ୨୪ଇଲ ଦୂରବର୍ତ୍ତୀ ହରପଡ଼ାରୁ ଗଡ଼ଇ ଓ ଗଡ଼ରୁ ରୁଣ୍ଡଜାଗାମାନଙ୍କୁ ଆପଣା ୨ ଗ୍ରାମକୁ . ହଳ ଗୋରୁ ନେଇ ଧାନ ଓ ଗୃହଳାଦ କଢ଼ାଇ- ବାରେ ପ୍ରଜାଙ୍କୁ କାହାକାହାରୁ ମା ୫୦।୬୦ଇଲ ଓ କାହାକାହାରୁ ମା ୩୦।୪୦ ଇଲ ନେବାକୁ ପଡ଼ୁଥିବାରେ ଇହିଁରେ ସେମାନଙ୍କର ଦ ୮।୧୦- ୧୨ ନ ଓ ଦାହାକୁ ୨ ଗ୍ରାମକୁ ଫେରିବାକୁ ପ୍ରାୟ ଦ ୧୫।୧୬ ଲ ଲାଗେ । ଇହିଁରେ ବର୍ଷାର ସମୟ, ନଦୀ ନାଳ ବୃଦ୍ଧି ହେଲେ ପାର ହେବାର ଉପାୟ ନାହିଁ । ଅଗତ୍ୟା ସେଠାରେ ଦ ୨।୩ ନ ବସି ରହିବାକୁ ହୁଏ । ମଧ୍ୟ ଦେଖାଯାଇଅଛି ଯେ କେତେକ ୨ ପ୍ରଜା ତକାବି ପ୍ରାପ୍ତ ଟଙ୍କାର ଧାନ କ୍ରୟ କରି ଗଜାଇ- ଥିବା ସମୟେ ଓ କେହି୨ ଜମିରେ ଅଣ୍ଡାଇବାରୁ ଗଜାଧାନ ନେଇ ଜମିକୁ ଯାଉଥିବା ସମୟେ ଓ କେହି୨ ଚଳ ଉଠାଇ ରୋପଣ କରିବାର ଉଦ୍ଯୋଗ କରିବା ସମୟେ, ତାଙ୍କମାନଙ୍କ ହଳସବୁ ବେଠିରେ ଧରାଯାଇ ଧାନ ଗୃହଳ- ପାଇ ହରପଡ଼ାକୁ ପଠାଯିବାରେ ସେହି୨ ଗଜାଧାନ ଓ ଧାନଚାରସବୁ ପଚି ସଢ଼ି ଲୋକ- ସାନ ହୋଇଗଲା । ଗୃହି ପ୍ରଜାମାନେ ବେଠିରୁ ଫେରି ତାହା ଦେଖି ଯତ୍ନ କରି ନ ପାରି ନିଦାନ କେହି୨ ଅନ୍ତରସ୍ଥ ଗୃହର ଅସ୍ଥା ଛାଡ଼ି ନିରୁପାୟ ହୋଇ ମସ୍ତକରେ ହାତ ଦେଇ ବସି- ଅଛନ୍ତି । ସ୍ଥାନ ତ୍ୟାଗ କରି ଅନ୍ୟ ଦେଶକୁ ଯିବାର ଉଦ୍‌ଯୋଗ କରୁଅଛନ୍ତି । ତାହା ଦେଖି ତାଙ୍କ ସାହୁ ମହାଜନମାନେ କରଜ- ଧାନ ଟଙ୍କା ତାଙ୍କଠାରୁ ଓସୁଲ ହେବା ପାଇଁ ପେଆଦା ଦେଇ ଅଗୁଳାଇବାରେ ତ୍ରୁଟି ନାହିଁ ସୁତରାଂ ସେହି ପ୍ରଜାମାନଙ୍କର ଥିବା କଳେ ପଟ୍ଟେଦାରବଳତ ତଳୁ କରି ସାହୁଙ୍କୁ ଅଦାୟ ହେବାର ସବୁ ହେଲାଣି । ଅହା ! ଦୁର୍ଦ୍ଦଶା ହାୟ !!! ଉକ୍ତ ଗରିବ ପ୍ରଜାମାନେ ତକାବି ଟଙ୍କା ପାଇଲେ ହେଁ ତାହା, ନା ଖାଇବାରେ, ନା ଚାଷରେ କୌଣସି ଉପକାରରେ ଆସିଲା ନାହିଁ । ସେପରି ସାହାଯ୍ୟ ଦେଇ ପ୍ରଜାଙ୍କର କି ଉପକାର ଦର୍ଶିଲା ? ବିଶେଷରେ ଗତ- ସନର ବନ୍ୟା ବେଗରେ ପଶୁବର୍ଗ ନଷ୍ଟ ହୋଇଥିବାରୁ ଯେଉଁ୨ ପ୍ରଜାଙ୍କର ଦଶ, ବାର ହଳ ଥିଲେ ବର୍ତ୍ତମାନ ତାଙ୍କର ଦୁଇ ଏକହଳ

Digitized by srujanika@gmail.com

ମାତ୍ର ଅଛନ୍ତି । ଏମନ୍ତ କି କେତେକ ଦୁଇ ୨ ଘରରେ ଏକ ୨ ହଳ ମାତ୍ର ଅଛନ୍ତି । ଏପରି ଅବସ୍ଥାରେ ଗୃହ ସ୍ୱମଧ୍ୟେ ଗୃହକାର୍ଯ୍ୟରୁ ହଳ ଉଠିଭ ଯଇବା କି ସାମାନ୍ୟ ଦୁଃଖର ବିଷୟ ? ଏଥିରେ ପୁଣି ସରବରାହକାରମାନେ ଆପଣା ୨ ସରବରାହକାରଗ୍ରାମର ଜମି ପଡ଼ିଆ ରଖାଇଲେ ଚଷାଇଛନ୍ତି ସହିତ ସରବରାହକରୁ ଉଚ୍ଛ-ଷ୍ୟତରୁ ବନ୍ଦୋବସ୍ତ ହେବାର ଲୋଟିସ ଜାରି । ମଧ କେତେକଙ୍କୁ ବର୍ତ୍ତମାନ ବନ୍ଦୋବସ୍ତ ହେବାର ନୋଟିସ ହୋଇଅଛି । ଗରିବ ପ୍ରଜାଙ୍କୁ ଅସମୟରେ ସାହାଯ୍ୟ ଦେଇ ତାଙ୍କ ହଳସବୁ ବେଠିରେ ଧରି ନେଲେ ଜମି ଚଷର କା ଉଠିଅ ହେବ ? ଇହିଁରେ ସାମାନ୍ୟ ସରବରାହକର ଭଲ କି ଦୋଷ ହେଲା ? ପ୍ରଜାଙ୍କର ଯେତେଦୂର କଷ୍ଟ ଓ କ୍ଷତି ହୋଇଅଛି ତାହା ଉଲ୍ଲିଖିତ ମତେ କାହାଦ୍ୱାରା କ୍ଷତି ଓ ସେ କ୍ଷତିପୂରଣର ଦାୟୀ କିଏ ହେଉଅଛି? ପାଠକମହାଶୟମାନେ ବିଚାର କରନ୍ତୁ ମାନ୍ୟ ଅନ୍ୟାୟ ବୃଝାମଣାରୁ ଜାଣିବ । ସେହେତୁ ପରିଶେଷରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ପ୍ରାର୍ଥନା ଯେ ଅନ୍ୟ କୌଣସିମତେ ଧାନ ଗୃହଲ ଅଣିବାର ବନ୍ଦୋବସ୍ତ କରି ଗରିବ ପ୍ରଜାଙ୍କୁ ଏ ଯନ୍ତ୍ରଣାରୁ ମୁକ୍ତି ଦେଉନ୍ତୁ ।

ଏ ସମୟରେ ଏ ଅଞ୍ଚଳରେ ଦାଲ୍‌ଭାଗ ଦଶପଣ ଶାଳିଦ ଓ ତଏଲା ଜମି ଉଠିଅ ହେବାର ସମ୍ଭବ । ମାତ୍ର ହଳ ଛଡ଼ି ବେଠିରୁ ଛାଡ଼ ନୋହିଲେ ଇହିଁରୁ ମଧ ଗୃହପଣ କମ ହୋଇ ପାରେ । ଧାନଫସଲ ଅସମୟରେ ହେଉଥିବାରୁ, ଉଦ୍ଦଦେବ ପ୍ରସନ୍ନ ହେଲେ ସୁଧା ଇହିଁରୁ ଆଶାନୁରୂପ ଫସଲ ଅମଦାନି ହେବାର ବୋଧ ହେଉ ନାହିଁ ।

ବସୂଚୀ ଦେଖ ଏପର୍ଯ୍ୟନ୍ତ ଲୋପ ଛାଡ଼ି ନାହାନ୍ତି । ଓଲାଉଠର ବଶ ନାଶ ହୋଇଅଛି । ବାନ୍ତିରୋଗ ମଧ ବସନ୍ତଦେବୀଙ୍କ ଅନୁସରଣ ଛାଡ଼ି ନାହାନ୍ତି । କେବଳ ପ୍ରବଳଚାଞ୍ଚଲ୍ୟରୁ କ ୨ ପ୍ରା କେଶ କମ ହୋଇଅଛି ।

ଖର୍ଦ୍ଦେନେର ଅସିଷ୍ଟାଣ୍ଟ ବାବୁ କାଳୀପଦ ବାନର୍ଜି ମହାଶୟଙ୍କ ପ୍ରସାଦ ଦେଶଛଟିଛି-ଗୁଣରୁ ଗୃହ ପାଞ୍ଚଶ ଅନ୍ନଦେଶୀୟ ଶିକ୍ଷିତ ଲୋକ ଉଦଣ୍ଡ ଇନ୍ଦାର ମୋହରର ବାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ବଡ଼ସୁଖର ବିଷୟ ମାତ୍ର ଏ ଦଶାର ସରବରାହଙ୍କ ଶାସନାଧୀନ ହେବା ବହାଦ୍ୟରୁ ଏକେବାରେ ଅନୁଗୁଳ-ବାସିଙ୍କର ଘଣ୍ଟା ଲଭିବ ଫିଟିଗ ବା ? ଏବଂ ବାବୁ ମହାଶୟ ଏଠାରୁ ଆଗମନ କରିବା-ଦିନଠାରୁ ପ୍ରତ୍ୟହ ବର୍ଷା ହେଉଥିବାରୁ ପ୍ରଜାମାନେ ତାହାଙ୍କ ଅପାଇଗାଥ ହାକମ ନୁହନ୍ତି ବୋଲି ବହୁ ଅନ୍ତରର ସହିତ ତାହାଙ୍କଠାରେ ବିଶେଷ ସନ୍ତୁଷ୍ଟ ଆଉ ବାବୁଙ୍କର ଭବିଷ୍ୟତ ମଙ୍ଗଳ କାମନା କରି ଶତ ୨ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ସେ ହେତୁ କାଳୀବାବୁଙ୍କ କଲମ-ଗାର ଏ ଦଶା ତାସିଙ୍କର ସମସ୍ତ ଅଭାବ ଓ କଷ୍ଟ ଦୂର କରି ଅସ୍ମଦେଶୀୟମାନଙ୍କୁ ଆପ୍ୟାୟିତ କରିଥିବାରୁ ଏମାନେ ତାହାଙ୍କ ଉପକାରରେ ଚିର ଋଣୀ ହୋଇ ରହିବେ ।

ଅନୁଗୁଳ } ଶ୍ରୀ——
୧୩।୮।୮୯ }

## ଭ୍ରମସଂଶୋଧନ ।

ଗତ ଜୁନମାସ ତା ୨୯ ରିଖର ପତ୍ରିକାରେ ଯେଉଁ ମୂଲ୍ୟପ୍ରାପ୍ତି ପ୍ରକାଶିତ ହୋଇଅଛି ତହିଁରେ ବାବୁ ବୈଦ୍ୟନାଥ ବସୁ କୃଷ୍ଣାବୌଦ ପଠାଇଥିବା ଅଗ୍ରିମ ଓ ବକୀୟା ଟ ୭ ଙ୍କା ଭ୍ରମକ୍ରମେ ସଖା ଚନ୍ଦ୍ରା ବୌଦଙ୍କ ନାମରେ ଜମା ହୋଇଥିବାରୁ ତାହା ଅନବାରଣରେ ସଂଶୋଧିତ ହେଲା ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବୈଦ୍ୟନାଥ ବସୁ ବୌଦ | ଅଗ୍ରିମ | ଟ ୩।୧ |
| „ „ „ | ବକୀୟା | ଟ ୩।୧ |
| „ ମାଧବାନନ୍ଦ ମହାନ୍ତି ନୂଆଙ୍ଗ | ଅଗ୍ରିମ | ଟ ୩।୧ |
| ଶ୍ରୀ ଶ୍ରୀ ବୈଷ୍ଣବଦେବ ମହାରାଜା ଜୟନଗର | „ | ଟ ୩।୧ |
| ଶ୍ରୀ ମାଧବଚରଣଗୁରୁ ଭେରଙ୍ଗ | „ | ଟ ୩।୧ |

# ବିଜ୍ଞାପନା ।

ମାଇନର ଭର୍ଣ୍ଣାକ୍ୟୁଲର ଓ ଲୋଅର ଭର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଉପଯୋଗୀ "ଅନୁଶୀଳନୀ ସମର୍ଥନ" ଏଥିରେ ବ୍ରହ୍ମମୋହନ ବାବୁ ଓ ରାଧାନାଥ ବାବୁଙ୍କ କ୍ଷେତ୍ରତତ୍ତ୍ୱ ୧ମ ଅଧ୍ୟାୟର ପ୍ରତ୍ୟେକ ପ୍ରତିଜ୍ଞାର ଜ୍ୟାମିତି ଅନୁଶୀଳନୀମାନ ମୂଳପ୍ରତିଜ୍ଞାନୁଯାୟୀ ଚିତ୍ରସହିତ ସୁନ୍ଦରରୂପେ ପ୍ରମାଣ କରା ଯାଇଅଛି । ଏହା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନ, ରାମପ୍ରସାଦ-ବାବୁଙ୍କ ଦୋକାନ ଓ ପ୍ରିଣ୍ଟିଂ କରପୋରେସନରେ ବା ଅମ୍ଭ ନିକଟରେ ତତ୍ତ୍ୱ କଲେ ମିଳ ପାରିବ । ମୂଲ୍ୟ ଟ ୦।୬ ଛମାହ ।

୮।୮।୮୯ } ଶ୍ରୀ ଗଣେଶ୍ୱର ମିଶ୍ର
ଭେଙ୍କାନାଳ

## FOR SALE.

A Bay Waler Gelding 6 year old perfectly quiet in saddle and harness has been constantly ridden and driven. A black Waler Gelding 8 year old perfectly quiet in saddle and has the character of being a good harness horse. Prize for each Rs. 650.

For further particulars apply to Colonel C. Atkinson.

## ଘୋଡ଼ା ବିକ୍ରୟ ।

ଦୁଇଟା ଓଏଲର ଜାତୀୟ ଆଖଡା ଘୋଡ଼ା ଗୋଟିକର ବୟସ ବ ୬ ର୍ଷ ଅନ୍ୟଟିର ବ ୮ ର୍ଷ । ଯିନ ସୁଆରି ଓ ବଗି ଉଭୟକାର୍ଯ୍ୟ ବଡ଼ ସୁଧାରରୂପେ ଦଅନ୍ତି । ମୂଲ୍ୟ ଗୋଟିକୁ ଟ ୬୫୦ ଙ୍କା ଲେଖାଏଁ । ଏମାନଙ୍କ ସମ୍ବନ୍ଧରେ ଆଉ ଯାହା ଜାଣିବାର ପ୍ରୟୋଜନ ହେବ ଏଠା ପଲଟନର କର୍ଣ୍ଣେଲ ସି, ଅଟକିସନ୍ ସାହେବଙ୍କଠାରୁ ବୁଝି ପାରିବେ ।

## FOR SALE.

By auction in the Commissioner's Cutcherry Compound at 10 A. M. Thursday 22nd Instant unless previously sold.

A Bay waler mare-aged height 15–2. Quiet under saddle and in harness. A very useful gharry horse. Offers may be made to the Station Staff Officer.

E. MACMAHON
*Captain*
*Station Staff Officer*
CUTTACK.

## WANTED

A Second Teacher for the Pattamundai M. E. School. Salary Rs. 12 per month. Passed Entrance cadidates shall be preferred.

J. N. MUKHERJI
*Secretary.*

## WANTED

A Second Master for the Dhenkanal M. C. E. School on a salary of Rs. 30 per month. Applications from persons who have not passed the Entrance Examination will not be accepted. Applications will be received by the undersigned up to the 31st Instant.

Dhenkanal 12. 8. 89. } U. C. Sarkar
*Secretary*

Split by PDF Splitter
Digitized by srujanika@gmail.com

Split by PDF Splitter



# NOTICE.

## SUIT NO. 381 OF 1887.

In the High Court of Judicature at Fort William in Bengal Ordinary Original Civil Jurisdiction.

WILLIAM MACKINNON AND OTHERS

vs.

JOHN BULLOCK AND ANOTHER.

TO BE SOLD

On the 30th day of August 1889.

BY PUBLIC AUCTION,

Pursuants to decree and an order of this Honorable Court made in above suit at Cuttack in the District of Orissa,

## The undermentioned Boats and Launches,

VIZ.—

LOT 1.

The Steam Launch "Olga," built at Calcutta, propelled by steam, twin screw, burthen about tons 50.

LOT 2.

The Steam Launch "Eliza," built at Howrah, propelled by steam, single screw, burthen about tons 40.

LOT 3.

The Steam Launch "Rumba Lass," built at London, propelled by steam, twin screw, burthen 15 tons.

LOT 4.

Four composite Cargo Boats, each capable of carrying 1,000 bags of grain of 2 maunds weight each bag.

LOT 5.

Four wooden Cargo Boats. each capable of carrying 675 bags of 2 maunds weight each.

LOT 6.

One new Passenger Boat, named "Gastav" built at a cost of Rs. 8,000 capable of carrying about 500 native passengers, and now running between Cuttack and Chandbally.

LOT 7.

One wooden Cargo Boat, capable of carrying 675 bags of 2 maunds each, lately wrecked, and now lying beached near False Point.

LOT 8.

One Passenger Boat named "Rosee" capable of carrying 120 native Passengers, also lately wrecked, and now lying beached near False Point.

Lots 7 and 8 will be sold as they lie.

For further particulars and conditions of sale apply to the undersigned at Cuttack; or, to Messrs. Orr & Johnson of No. 6 Old Post Office Street in Calcutta, Solicitors for the plaintiffs.

HURRY BULLUB BOSE, B. L.,
Government Pleader of Cuttack,
Agent for R. Belchambers, Registrar, High Court, Calcutta.

Digitized by srujanika@gmail.com

# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଅଦ୍ଭୁତ । ଏହା ଦ୍ୱାରା ଯାଦୁ, ଅଇଣ୍ଠା ଯାଦୁ, ଦାଦଅ ଯାଦୁ, କମଳ ଯାଦୁ, ପିମ୍ପୁଡ଼ି ଯାଦୁ, ଭଲ ଯାଦୁ, ଚର୍ମରୋଗ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହିପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ତିନଥରରୁ ଅଧିକ ବ୍ୟବହାର କରିବାକୁ ହୁଏ ନାହିଁ । ମାତ୍ର ରୋଗ ଆରୋଗ୍ୟ ହେଲେ ଆଉ କଦାପି ସେ ସ୍ଥାନରେ ଯାଦୁ ହୁଏ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଆଜିପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେସବୁ ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କିଛି ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବାର ମୂଲ୍ୟ ଟ° ।୵

ଶ୍ରୀ ରାମଚାରିକ ସେନ
ଦେଲଙ୍କ ଉତ୍କଳପ୍ରେସ ବାଲେଶ୍ୱର ।

---

## ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

### ବର୍ଣ୍ଣିକର୍ଣ୍ଣିୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କକର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ଅକ୍ଷରଫଳା ଛନ୍ଦନ୍ୟାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍କ, ସାମାନ୍ୟ ଲଘୁପାଠ, କୋଇଲି, ଦଶଅବତାର ଓ ବର୍ଣ୍ଣନୀୟ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°/ ଡାକମାସୁଲ ଟ °୵ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଘାଲେଟର ସ୍କୁଲ ହେଡ୍‌ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗଜ ।

ଉତ୍କଳନିଳ ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଥା ନିକଟ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୫ ପଣ ତାଇ | ପ ୧୮ ଟ ୨୲ | ତ ୧୮ ଟ ୦ ।୵ | |
| ୧୭ ପଣ " | " ଟ ୨୲ | " ଟ ୦ ।୵ | |
| ୧୨ ପଣ " | " ଟ ୨। | " ଟ ୦ ୵ | |
| ୨୨ ପଣ ଉଚ୍ଚଲଫୁଲସ୍କେପ୍,, | ଟ ୪। | " ଟ ୦ ।୵ | |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର କଥା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ଫରାସି ଓ ଲେଷମାର୍ଷ୍ଟେଶରର ଲୁଗା ଓ ଷ୍ଟେସନରୀ ଓ କଲିକତା ଉମାଶ ପତ୍ରଭରର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍‌ଭବ ଆଉ କେବେଁ ଫେସନ କନସାରୁ ବଡ଼ସ୍ତ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଲଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାଇବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜ ଥାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଥାଡ଼ମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ବଡ଼ା ଗ୍ରାହାନ୍ତି ତେବେ ଏକ ଗଜକୁ ଯେ ବଡ଼ା ଟ°୵୬ ହିସାବରେ ବଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖର୍ଯ୍ୟଜନର ଭାର ତାଙ୍କ ଉପରେ ଥିବ । ଯଦି ଦେଲେ ଥାଡ଼ର ପର ମୂଲ୍ୟ ତାଙ୍କ ଦେବାକୁ ହେବ ।

### ତାଙ୍କିଲ ।

| | |
|---|---|
| କଲର କେଶଣା ତ ଚନ୍ଦ୍ରରେ କୃତ ରେଶମ ଗ୍ଲେ । | କର୍ପୂର୍ଣ୍ଣ ଅର୍କ । |
| ଦବେଇଖାନ | ହୋମିଓପାଥି । |
| କଶେଣିକ୍ ତେଲ ଚଉକା ରେଶମ ସାବା ଓ ରୋମ ସହିତ । | ଦାନ୍ତ ବିଲାସ ଓ ଜଳ ରଙ୍ଗିନ ଓ ସାବୁ |
| ତୁଳ° ଅର୍ଥାତ ଚଉକା କଉଚା କାଗଜ ପେନ୍‌ସିଲ ଓ କଲମ । | ସଭ୍ରୀ |
| ଫେଲ୍‌ଟିଲ ଟୋପି ଲଣ୍ଡ । | ଇଉର୍ଦ୍ଧ ବୁଲଙ୍ଗାନ୍ତ ଏକଙ୍ଗଲ ଲୁଗା |
| ନାନା ପ୍ରକାରର ଚିଠି କାଗଜ ଓ ଲଫାପା | କେଲସନ ଇଷ୍ଟୋର ଗନ୍ଧ କେଷରୀ ଅତର |
| ଷ୍ଟେସ ଦଣ୍ଡ | ଏ. ଗୋଡ଼ନ୍ ଗନ୍ଧତେଲ |
| କେତ ଛଡ଼ି । | କାମିଜ ଓ କୁର୍ତ୍ତା । |
| ଚଉଗୀ ସାବୁନ । | ବିଲାତି ଅକରୋଟ ଏବଂ ବାଦାମ । |
| ନାନାଦି ସାମାନ ଯନ୍ତ୍ରରେ ଲୁଗା ପରିଷ୍କାର ହୁଏ । | ଅଷ୍ଟେଲିୟ ପେନ୍‌ସିଲ, ଯାହ ଏ ପେନ୍‌ସିଲ୍‌ରେ |
| ଉତ୍ତୋର ଲେଟ—ଅର୍ଥାତ ସୁଗନ୍ଧି ଚୁଡ଼ା । | ଲେଖି କାଟିବା ପରେ ଉଠାଇ ଦେଲେ |
| ସ୍ତମ୍ଭ ଲୁଗା । | ପେନ୍‌ସିଲ୍ ଲେଖା ନ ଘରେ ରେଖ ଉପାର |
| ଓଣ୍ଟେଇ, ସୁଦ ଛତା । | ବଡ଼ଲୋକଙ୍କ ଦସ୍ତଖତ ର ରଜିଷ୍ଟର । |
| ପୋର୍ଷ୍ଟମ୍ୟାନ ଓ ପତ୍ରକର | କଙ୍କ ଓ ପାଇକକଲୋଚ ଛିତା |
| କେମ୍ବ୍ରିଜ ମେଜ ଓ ଉଚ୍ଚ ଉଦେ ଘରେ | କଇଁର'ଦେରରେ ବଡ଼ ଲାଗିବାର ଥାଳ ମଲମ |
| ଚୂଡ଼ାଳ ବାଡ ଅର୍ଥାତ ଲେଖିବାକୁ ରେଲେ ସର ଓ ଶୁଖିଲେ ବଡ଼ା ହେବ । | ରେଲ ବୁ ପେନ୍‌ସିଲ କଳାଲୁସୀ ଶାଗ ଓ ଘୋଡ଼ା ଓ ଜରି |
| ଅଇଣ୍ଡା ଭଣ୍ଡା ୧୨ × ୧୦ ଇଞ୍ଚ ୧୪ × ୧୭ ଇଞ୍ଚ ୧୭ × ୧୪ " | ମରସ୍ଥାବାରସ ଓ ଫୈଲ ପାଇ ପାଉଁଡର ଓ ଖାଲି । |
| ଘୋଡା ଓ ଘୋଡାଗଡ଼ ଲଗନ ଥିବା ଜଳଖଣ୍ଡ କଲଗି, ସାଜ କଣ ଓ ସବଳ | ଟ୍ରିଙ୍କ ବାଡ |
| ଡେମେଷ୍ଟ୍ରେକ । | ଏକିମୋଲ ଅଥାତ୍ ରଶ୍ମିତ ଲଫାର ଅକ୍ଷର ଲଗ୍ନର କଢ଼ିବା ଜନତର ଦରକାର ହୁଏ ॥ |

# ପିଚଛାର ।

ଏ ତାରକୁ କେଉଁଠାରେ ଯାଉଥିବ ଲଗି ନାଅଁରେ ଜଉଲାଲ ଢୋଡାଯାଉର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଟିଆ କରେ ଲେପିଦେଲେ ମଞ୍ଜିଷ ଓ ହିଲ ଧରିବ ନାହିଁ ।

ବଟିଲ ତମ୍ବା ଓ ସାଉରେ ଲଗାଇବାର ଭାଳ ମଧ୍ୟ ଅଛି ।

ଅରୁଣକଣ୍ଠ ବର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ °୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୮ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଶର୍ତ୍ତ ଟ °୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ମଠ ଉଦ୍ଧାରଇ ଉତ୍କଳ
ପ୍ରିଣ୍ଟିଂ କମ୍ପାନୀ ମ୍ୟାନେଜରଙ୍କଦ୍ୱାରା ଓ ମୁଦ୍ରିତ ହେଲ

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୪ ଶ | ସଂ ୩୪ ସଂଖ୍ୟା
ତା ୨୪ ଋଣ ମାହେ ଅଗଷ୍ଟ ସନ ୧୮୮୯ ଇଂରାଜୀ । ମୃ। ଭାଦ୍ର ବ ୧୦ ଜ ୧୨୯୭ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩॥

ବଙ୍ଗଦେଶର ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ଚଳିତମାସ ତା ୧୬ ରଖରେ କଲିକତାରୁ ପୂର୍ବାଞ୍ଚଳ ଗସ୍ତ କରିବାକାରଣ ଯାତ୍ରା କରିଅଛନ୍ତି । ବରିସାଲ ଢାକା ସିରାଜଗଞ୍ଜ ବୋଗରା ଏହି ସ୍ଥାନମାନ ଦର୍ଶନ କରି ଚଳିତମାସ ତା ୩୦ ରଖରେ ଶିଲଙ୍ଗଷ୍ଟଠାରୁ ପ୍ରତ୍ୟାଗମନ କରିବେ ଏବଂ ତହୁଁଉତ୍ତାରୁ ଆଉ ଯେଉଁଠାରୁ ସ୍ଥାନ ଭ୍ରମଣ କରିବେ ଏପର୍ଯ୍ୟନ୍ତ ତହିଁର ଅନୁଷ୍ଠାନ ପତ୍ର ବାହାରିବ ।

---

ଚୀନ୍ସର ଯୁଦ୍ଧ ନିଷ୍ପତ୍ତି ଶେଷ ହେଲା ବୋଲି ଭୂଦାଯାଇ ନ ପାରେ କାରଣ ଏଥିମଧ୍ୟରେ ଚୀନ ଗବର୍ଣ୍ଣମେଣ୍ଟସେନା ସେଠାରୁ ବାହୁଡିଆସିବାରୁ କେହି' ଅନୁମାନ କରୁଅଛନ୍ତି କି ଆଉ ଯୁଦ୍ଧ ହେବ ନାହିଁ ଯେହେତୁ ଚୀନର ସମ୍ରାଟ କୌଣସିମତେ ତିବ୍ବତ ସମ୍ପର୍କରେ ଆପଣାର ଅଧିକାର ଛାଡିବେ ନାହିଁ । ଇଆଡ ଇଂରାଜ ଗଡଣୀ ବାନ୍ଧି ଲଗି ବସିଅଛନ୍ତି ଏବଂ ଏଥିରେ ଅନର୍ଥକ ଖର୍ଚ୍ଚ ହେଉଅଛି ।

---

ବୋମ୍ବାଇର ଅର୍ଚ୍ଚଡିକନ ( ପ୍ରଧାନ ପାଦ୍ରୀ ) କହୁଅଛନ୍ତି କି ଅମ୍ଭେ ( ଇଂରାଜ ) ମାନେ ଭାରତବର୍ଷରେ ପ୍ରତି ଏକଜଣ ଖ୍ରୀଷ୍ଟିୟାନ କରିବାସ୍ଥଳେ ଜ ୧୦୦ ଣ ମଦୁଆନ କରୁଅଛୁଁ । କଥାଟି ବଡ଼ ଭୟାନକ କାରଣ ଅସ୍ୱୀକାର କରାଯାଇ ନ ପାରେ । ଯାହା ହେଉ ଏଥର କାରଣ ଯେ ଇଂରାଜମାନେ ଏହି ଶୋଚନୀୟ ଅବସ୍ଥା ବର୍ତ୍ତମାନ ଅନୁଭବ କରିପାରୁଅଛନ୍ତି ଏବଂ ସେମାନଙ୍କ ଚେଷ୍ଟାରୁ ଗବର୍ଣ୍ଣମେଣ୍ଟ ସୁରାପାନନିବାରଣପ୍ରତି ଯଥୋଚିତ ମନୋଯୋଗୀ ହୋଇ ଅଛନ୍ତି ।

---

ବେହାରରେ ଅନାବୃଷ୍ଟିଯୋଗୁଁ ଲୋକଙ୍କର ଅଳ୍ପକଷ୍ଟ ବିଶେଷ ହୋଇଥିଲା । ଏବେ ବେଳେ ଅତି ବୃଷ୍ଟିଦ୍ୱାରା ତାହା ଦ୍ୱିଗୁଣିତ ହୋଇଅଛି । ମଜଫରପୁର ଓ ଚମ୍ପାରଣରେ ଅତିବୃଷ୍ଟିଯୋଗୁଁ ନଦୀବଢ଼ିରେ ସବୁ ଧୋଇଯାଇଅଛି । ଆଉ ଫସଲର ଆଶା ନାହିଁ । ପୁର୍ଣ୍ଣିଆ ଭାଗଲପୁର ଓ ମାଲଦହରେ ମଧ୍ୟ ବନ୍ୟାର ଆଶଙ୍କା । ନଦୀବଢ଼ିରେ ଏକା ଚମ୍ପାରଣ ଜିଲ୍ଲାରେ ୯ ଲକ୍ଷ ଟଙ୍କାର ଶାଳକ୍ଷେତ ନଷ୍ଟହୋଇଅଛି । ଏପ୍ରକାର କ୍ଷତି ହେବୁ ସେ ଅଞ୍ଚଳରେ ଲୋକଙ୍କର ଭାରି କଷ୍ଟ ହୋଇଅଛି । ସ୍ୱୟଂ ମାନ୍ୟବର ଲେଫ୍ଟେନାଣ୍ଟ ବେହାରପ୍ରଦେଶର ନାନାସ୍ଥାନ ଭ୍ରମଣ କରି ସାହାଯ୍ୟର ବନ୍ଦୋବସ୍ତ କରି ଆସିଅଛନ୍ତି । ଇଆଡେ ଆଗାମୀ ନବେମ୍ବରମାସପର୍ଯ୍ୟନ୍ତ ଅନ୍ନର ସାହାଯ୍ୟର ଆବଶ୍ୟକ ଅଛି ବୋଲି କେହି' ନୀଳକର ଏବଂ ଜମିଦାର ଷ୍ଟେଟସମାଚାରପତ୍ରିକାରେ ପ୍ରକାଶ କରୁଅଛନ୍ତି । ଭରସା କରୁଁ ଗବର୍ଣ୍ଣମେଣ୍ଟ ପ୍ରୟୋଜନସ୍ଥଳେ ସାହାଯ୍ୟ କରିବାକୁ ହେଳା କରିବେ ନାହିଁ ।

---

ଗତ ଜୁନମାସରେ ଓଡ଼ିଶାର ତିନିଜିଲ୍ଲାରେ ଯେଉଁ ରୋଗରେ ଯେତେ ଲୋକ ମରିଅଛନ୍ତି ତହିଁର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା ଯଥା ।—

| | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ଓଲାଉଠା | ୪୨୩୧ | ୨-୮୬ | ୪୧୯୯ |
| ବସନ୍ତ | ୧୫ | ୫୦ | ୧ |
| ଜ୍ୱର | ୯୩୧ | ୧୫୨ | ୪୨୦ |
| ଅନ୍ୟାନ୍ୟରୋଗ | ୧୨୦୬ | ୧୦୪୦ | ୨୯୮ |
| ମୋଟ | ୬୩୮୩ | ୮୧୨୮ | ୫୪୫୮ |

ଗତବର୍ଷ ଏହିମାସରେ ବାର୍ଷିକ ପ୍ରତିବେଦନାନୁସାରେ କଟକରେ ପ୍ରାୟ ଜ ୧୭୫ ଣ ପୁରୀ ଓ ବାଲେଶ୍ୱରରେ ପ୍ରାୟ ଜ ୮୭ ଣ ଲୋକ ମୃତ ହୋଇଥିଲେ । କିନ୍ତୁ ଏଥର ସେହି ହିସାବରେ କଟକରେ ଜ ୪୬୨୫ ଣ ପୁରୀରେ ଜ୧୦୯୫ଣ ଏବଂ ବାଲେଶ୍ୱରରେ ଜ ୬୯ ଣ ପଡିଅଛି । ଏଥିରୁ ସ୍ପଷ୍ଟ ପ୍ରକାଶ ହେଉଅଛି କି ଏବର୍ଷ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଭୟାନକ ଅଟଇ ଏବଂ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟତା ଯେ ତହିଁର ଏକମାତ୍ର କାରଣ ଏକଥା ଆଉ ବୁଝାଇଦେବାକୁ ହେବ ନାହିଁ ।

---

ଶ୍ରୀମତୀ ମହାରାଣୀଙ୍କର ଘୋଷଣାପତ୍ର ଅନୁସାରେ ସରକାରୀ କାର୍ଯ୍ୟସମ୍ବନ୍ଧରେ ଇଂରାଜ ଓ ଦେଶୀୟଙ୍କ ମଧ୍ୟରେ ଜାତିଭେଦ ରହିବ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ସ୍ୱୀକାର କରିଅଛନ୍ତି ମାତ୍ର

Split by PDF Splitter
Digitized by srujanika@gmail.com

କାର୍ଯ୍ୟତଃ ତାହା ରକ୍ଷା ପାଇ ପାରୁ ନାହିଁ ଏବଂ ଏତଦ୍ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ହସ୍ତରକ୍ଷୁ ସାହସ ଉଅଣ୍ଡ ଧରୁଅଛୁ । ପୂର୍ବେ ମାର୍ଟିନିହେନରୀବନ୍ଧୁକ ହସ୍ତଗତ ଥିବାରୁ ଇଂରାଜସୈନ୍ୟଙ୍କୁ ଏବଂ ତାହା ଦିଆଯାଇ ଦେଶୀୟସୈନ୍ୟଙ୍କୁ ତଦପେକ୍ଷା ନିକୃଷ୍ଟବନ୍ଧୁକ ଦିଆଯାଉଥିଲା । ସମ୍ପ୍ରତି ମାଗାଜିନରାଇଫଲ ନାମରେ ଏକପ୍ରକାର ବନ୍ଧୁକ ବାହାରିଅଛି ତାହା ମାର୍ଟିନିହେନରୀଠାରୁ ଉତ୍କୃଷ୍ଟ । ସୁତରାଂ ମାଗାଜିନରାଇଫଲ ଇଂରାଜସୈନ୍ୟଙ୍କୁ ଦିଆଯାଇ ଦେଶୀୟସୈନ୍ୟଙ୍କୁ ହେନରୀମାର୍ଟିନି ଦିଆଯାଉଅଛି । ସୁତରାଂ ସ୍ପଷ୍ଟ ଦେଖାଯାଉଅଛି ଯେ ଏସ୍ଥଳରେ ଦେଶୀୟ ଓ ଇଂରାଜ ମଧ୍ୟରେ ବିଲକ୍ଷଣ ଜାତିଭେଦ ରହିଅଛି ଏବଂ ଏଥିର ଏହିମାତ୍ର କାରଣ ହୋଇପାରେ ଯେ ଇଂରାଜଙ୍କର ଦେଶୀୟସେନାଙ୍କୁ ବିଶ୍ୱାସ କରିବାକୁ ଗବର୍ଣ୍ଣମେଣ୍ଟଙ୍କର ସାହସ ହେଉ ନାହିଁ ।

---

ସ୍ଥାନାନ୍ତରେ ପ୍ରକାଶିତ ବାବୁ ନୀଳକଣ୍ଠ ଦାସଶର୍ମାଙ୍କ ପ୍ରେରିତପତ୍ରପ୍ରତି ଏକଥାର ଡିଷ୍ଟ୍ରିକ୍ଟବୋର୍ଡ଼ ଏବଂ ଲୋକାଲବୋର୍ଡ଼ଙ୍କ ବିଶେଷ ମନୋଯୋଗ ପ୍ରାର୍ଥନା କରୁଅଛୁଁ । ବାଲିକାଟି ଓ ବିଲମାଳପୁର ମଧ୍ୟରେ ଗୋଟିଏ ସଡ଼କବାଟ ନ ଥିବାରୁ ଯେ ସମସ୍ତ ଅସୁବିଧାର କଥା ଲେଖାଅଛି ତହିଁର କଳ୍ପନାମାତ୍ର ଯେବେ ସତ୍ୟ ହୁଅଇ ଓ ଅସହ୍ୟ ହେବାର ଜଣାପଡ଼ୁ ନାହିଁ । ତେବେ ଏବାଟ ନିର୍ମିତ କରି ଦେବାରେ ବିଳମ୍ବ କରିବା ଉଚିତ ନୁହଇ । ରୋଡ଼ସେସର ପ୍ରଧାନ ଉଦ୍ଦେଶ୍ୟ ଗ୍ରାମବାସୀମାନଙ୍କର ହାଟକୁ ଯିବାର ଆସିବାର ସୁବିଧା କରି ଦେବା ଏବଂ ଗ୍ରାମ୍ୟରାସ୍ତାମାନ ପ୍ରସ୍ତୁତ କରିବା ସର୍ବାଗ୍ରେ ପ୍ରୟୋଜନ ବୋଲି ଗବର୍ଣ୍ଣମେଣ୍ଟ ପୁନଃ ପୁନଃ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ଦେଖାଇ ଦେଇଅଛନ୍ତି । ଅତଏବ ଆମ୍ଭେମାନେ ବିନୀତଭାବରେ ଜିଲ୍ଲା ଓ ସ୍ଥାନୀୟବୋର୍ଡ଼ଙ୍କୁ ଅନୁରୋଧ କରୁଅଛୁଁ କି ଏହି ବର୍ଷାକାଳରେ ଡିଷ୍ଟ୍ରିକ୍ଟଇଞ୍ଜିନିୟରଙ୍କଦ୍ୱାରା ଉକ୍ତ ସ୍ଥାନର ଅବସ୍ଥା ଅନୁସନ୍ଧାନ କରାଇ ପ୍ରସ୍ତାବିତ ସଡ଼କ ଶୀଘ୍ର ନିର୍ମିତ ହେବାର ଆଜ୍ଞା ପ୍ରଦାନ କରିବେ । ଗ୍ରାମବାସୀମାନଙ୍କୁ ମଧ୍ୟ ଏତଦ୍ବିଷୟରେ ଦରଖାସ୍ତ କରିବା କାରଣ ପରାମର୍ଶ ଦେଉଅଛୁଁ ।

---

ଗତ ସଞ୍ଜୀବନୀରେ ବାଲେଶ୍ୱରର ବାବୁ ହରିଶ୍ଚନ୍ଦ୍ର ସରକାରଙ୍କ ସମ୍ବନ୍ଧ ଫଉଜଦାରୀ ମୋକଦ୍ଦମା ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ବାହାରିଅଛି । ସଞ୍ଜୀବନୀର ଲେଖକ ଫରିୟାଦୀ ଓ ଆସାମିପକ୍ଷର ସମସ୍ତ ସାକ୍ଷିଙ୍କ ଜୋବାନବନ୍ଦିର ସଂକ୍ଷେପ ବୃତ୍ତାନ୍ତ ପ୍ରକାଶକରି ଦେଖାଇ ଅଛନ୍ତି ଯେ, ହରିଶବାବୁଙ୍କ ସମ୍ମାନ ପ୍ରତିଦ୍ୱନ୍ଦ୍ୱୀ ହେବା ନାହିଁ ଏତେ ଲୋକଙ୍କ ଯେ ତାହାଙ୍କ ସପକ୍ଷରେ ସାକ୍ଷ୍ୟ ଦେଲେ ତହିଁରେ କିଛି ବିସ୍ମୟ ହେଲା ନାହିଁ କେବଳ ପୁଲିସର ସାମାନ୍ୟ କନେଷ୍ଟବଲ ହେଡ଼କନେଷ୍ଟବଲ ଯେଉଁମାନେ ହରିଶବାବୁଙ୍କର ମହିଁ ଗୃହରରେ ଘୋଡ଼ା ହୋଇ ଥିବାରୁ ଦେଖି ନ ଥିଲେ କେବଳ ଆସାମି ହରିଶବାବୁ ବୋଲି କହିବାରୁ ତାହାଙ୍କୁ ହରିଶ୍ଚନ୍ଦ୍ରସରକାର ଥିବାର ସ୍ଥିର କରିଥିଲେ ସେହିମାନଙ୍କର ସାକ୍ଷ୍ୟ ସତ୍ୟ ହେଲା । ସହଯୋଗୀ ଏହିସବୁ କାରଣରୁ ହରିଶବାବୁଙ୍କୁ ଅନ୍ୟାୟରେ ଅଯଥା ଅପମାନ କରାହୋଇଥିବାର ଏବଂ ଏହିପରି ସମ୍ଭ୍ରାନ୍ତବ୍ୟକ୍ତିର ମହାତ୍ମ୍ୟରେ ଯେ କୌଣସି ଲୋକଙ୍କୁ ଅପଦସ୍ତ କରାଯାଇ ପାରିବାରୁ ଯାହା କହିଅଛନ୍ତି ତାହା ଯଥାର୍ଥ ଅଟଇ । ଯେ ବ୍ୟକ୍ତି ନିରପେକ୍ଷଭାବରେ ବିଚାର କରିବ ଏହି ବିଷୟରେ ଉପମାନ ଦେବ କେବଳ ଓଡ଼ିଆଙ୍କ ଦୃଷ୍ଟି ଭିନ୍ନ ପ୍ରକାର ।

---

## ଶ୍ରୀଯୁକ୍ତ ଏଡଗାର ସାହେବଙ୍କ ଅନୁସନ୍ଧାନ ।

ବଙ୍ଗଳାର ପ୍ରଧାନ ସେକ୍ରେଟେରୀ ଏଡଗାର ସାହେବ ଓଡ଼ିଶାର ଅନ୍ନକଷ୍ଟ ସମ୍ବନ୍ଧୀୟ ଆପଣା ଅନୁସନ୍ଧାନର ଫଳ ଏକ ପତ୍ର ପ୍ରକାଶ କରିଅଛନ୍ତି କି ଅନୁଗୁଳରେ ଲୋକକଷ୍ଟ ପଡ଼ିଅଛି ଏବଂ ପ୍ରାୟ ଅଧିକ ଦୁଇମାସ ରହିବ । ମାତ୍ର ସାହାଯ୍ୟର ଉଚିତ ବନ୍ଦୋବସ୍ତ ହୋଇଅଛି ଏବଂ କଷ୍ଟକରୁ ଖୁଣ୍ଟିଲ ଜଣି ପଠାଇବା ଇତ୍ୟାଦି ସାହାଯ୍ୟ କାର୍ଯ୍ୟର ବ୍ୟୟନିମିତ୍ତ ତିରିଶହଜାର ଟଙ୍କା ମଞ୍ଜୁର ହୋଇଅଛି । ବୌଦ ଓ ଅଠମଲ୍ଲିକର ଅବସ୍ଥା ଅନୁକୂଳ ଏବଂ ଫସଲର ଅବସ୍ଥା ଆଶାଜନକ ଅଟଇ । ରାଜାମାନେ ସାହାଯ୍ୟଦାନରେ ତତ୍ପର ହୋଇଅଛନ୍ତି । ବଡ଼ାମ୍ବା ନରସିଂହପୁର ଓ ତିଗିରିଆରେ କଷ୍ଟ ଜଣା ପଡ଼ିଅଛି ଏବଂ ଲୋକଙ୍କର ଓ ଫସଲର ଅବସ୍ଥା କ୍ରମଶଃ ଭଲ ହେଉଅଛି । ଅପ୍ରଚୁର ବୃଷ୍ଟି ହେବାରୁ ରଣପୁର ଓ ନୟାଗଡ଼କୁ କିଛି ବାଧା ଅଛି ଓ ଶେଷ ଲିଖିତ ସ୍ଥାନର ଅବସ୍ଥା ସେତେ ସନ୍ତୋଷଜନକ ନୁହଇ । କେବଳ ଦଶପଲ୍ଲାର ଅବସ୍ଥା ବଡ଼ ବ୍ୟସ୍ତକର ଅଟଇ । ଏ ସ୍ଥାନର ରାଜା ଗରିବ ଓ ସାହାଯ୍ୟଦାନର ବନ୍ଦୋବସ୍ତ ନିତାନ୍ତ ଅପ୍ରଚୁର ଅଟଇ । ଏଠାରେ ଅନ୍ନାଭାବରେ ନ ୧୫୦ ଜଣ ମରିଅଛନ୍ତି ଏବଂ ଏଠାର କଙ୍ଗାଳ ଗଞ୍ଜାମପର୍ଯ୍ୟନ୍ତ ନାନାସ୍ଥାନରେ ବୁଲୁ ଅଛନ୍ତି । ଏ ଦଶାରେ ସାହାଯ୍ୟ ଦାନର କାର୍ଯ୍ୟ ନିର୍ବାହ କରିବାକାରଣ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଆଦିଷ୍ଟ ହୋଇ ଅଛନ୍ତି । ଅନ୍ୟାନ୍ୟ ଗଡ଼ଜାତର ଅବସ୍ଥା ଦୁର୍ଭିକ୍ଷ ଶେଷପର୍ଯ୍ୟନ୍ତ ସମୟେ ସମୟେ ପରିଦର୍ଶନ କରିବା କାରଣ ଜଣେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ।

ସ୍ଥୂଳରେ ବିବେଚନା କଲେ ସେକ୍ରେଟେରୀ ମହୋଦୟଙ୍କ ଅନୁସନ୍ଧାନର ଫଳ ଯେପରି ବର୍ଣ୍ଣିତ ହୋଇଅଛି ଏଠା ସର୍ବସାଧାରଣଙ୍କ ଜାଣିବା ଓ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ ହୋଇଥିବା ବିବରଣ ସଙ୍ଗେ ପ୍ରାୟ ଐକ୍ୟ ଅଛି କେବଳ ଯୋଉଏ କଥାରେ ଭିନ୍ନ ଅମେଳ ଦେଖାଯାଏ । ରାଜା ବୈଦ୍ୟନାଥଙ୍କ ଅନୁଗୁଳରେ ଯେଉଁ ତାଲିକା ଗୃହୀତ ହୋଇଥିଲା ତହିଁରେ ଖଣ୍ଡପଡ଼ାର କଙ୍ଗାଳ ଅଧିକ ଥିବାର ଦେଖା ଯାଇ ଥିଲା ଏବଂ ମୋଫସଲର ନାନାସ୍ଥାନରେ ଖଣ୍ଡପଡ଼ାର ଅନେକ କାଙ୍ଗାଳ ବୁଲୁଥିବାର ନାନାଲୋକଙ୍କ ମୁଖରୁ ଶୁଣାଯାଏ । କିନ୍ତୁ ସେକ୍ରେଟେରୀଙ୍କ ଉପରଲିଖିତ ରିପୋର୍ଟରେ ଖଣ୍ଡପଡ଼ାର ନାମ ଆଦୌ ନାହିଁ ଏବଂ କେବଳ ଦଶପଲ୍ଲାର କାଙ୍ଗାଳି ସର୍ବତ୍ର ବୁଲୁଥିବାର ଲେଖା ଅଛି । ଦ୍ୱିତୀୟ କଥା ଏହିକି କେବଳ ଦଶପଲ୍ଲାରେ ନ ୧୫୦ ଜଣ ଅନାହାରରେ ମରିବାର ସେକ୍ରେଟେରୀ ସାହେବ ଲେଖି ଅଛନ୍ତି କିନ୍ତୁ ଆଉ କୌଣସି ଗଡ଼ଜାତରେ କେହି ମରି ଥିବାର ଆଦୌ ପ୍ରକାଶ ନାହିଁ । ଅଥଚ ସାଧାରଣ ବିଶ୍ୱାସ ଓ ଅନୁଗୁଳର ପତ୍ରପ୍ରେରକ ସ୍ପଷ୍ଟ ଲେଖିଅଛନ୍ତି ଯେ ଅନୁଗୁଳରେ ଅନାହାରେ ଅନେକ ଲୋକ ମରି ଅଛନ୍ତି । ଅନୁଗୁଳ ବଡ଼ାମ୍ବା ନରସିଂହପୁର ଖଣ୍ଡପଡ଼ା ଦଶପଲ୍ଲାରେ ଗୁରୁ ଅନ୍ନକଷ୍ଟ ପଡ଼ିଥିବା ସ୍ଥଳେ ଏକା ଦଶପଲ୍ଲାରେ ଅନାହାରମୃତ୍ୟୁ ଘଟିଲା ଅନ୍ୟ କୌଣସି ଠାରେ ଘଟିଲା ନାହିଁ ଏକଥା କେମନ୍ତେ ବିଶ୍ୱାସ କରିବାକୁ ହେବ । ଅତଏବ ଏହି ଦୁଇ ସ୍ଥଳରେ ଅନୁସନ୍ଧାନର ତ୍ରୁଟି ଲକ୍ଷିତ ହୁଅଇ । ଯାହା ହେଉ ଏଣିକି ଗଡ଼ଜାତ ଦୁର୍ଭିକ୍ଷ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଅଛି ପୂର୍ବର ତ୍ରୁଟିମାନ ପୂର୍ଣ୍ଣ ହୋଇଯିବ ଏବଂ ଏକାନ୍ତ ଭରସା ହୁଅଇ ଆଉ ଲୋକଙ୍କୁ ଅନ୍ନକଷ୍ଟ ବାଧିବ ନାହିଁ ।

---

Split by PDF Splitter

Digitized by srujanika@gmail.com

ସଙ୍ଗୀତସାଗର ପ୍ରଥମତରଙ୍ଗ—ଏହିନାମରେ ଖଣ୍ଡିଏ ପୁସ୍ତକ ବାବୁ ଦାମୋଦର ପଟ୍ଟନାୟକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଇ ପ୍ରକାଶ କରଅଛନ୍ତି ଏବଂ ଏକଖଣ୍ଡ ଅମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତା-ସହିତ ସ୍ୱୀକାର କରୁଅଛୁଁ । କବିଳକବିମାନଙ୍କ ମଧ୍ୟରୁ ଉପେନ୍ଦ୍ରଭଞ୍ଜଙ୍କର ଚମ୍ପୂ ଗୀତଗୋବିନ୍ଦ ପ୍ରଭୃତି ମନ୍ଥନ ଓ ପ୍ରକାଶିତ ହୋଇଅଛି । ମାତ୍ର କବିସୂର୍ଯ୍ୟ, ବନମାଳୀ, ଗୋପୀକୃଷ୍ଣ, ଗୋପାଳକୃଷ୍ଣ-ପ୍ରଭୃତି ବିଖ୍ୟାତ କବିଙ୍କର ମନୋହର ଉତ୍କୃଷ୍ଟ ସଙ୍ଗୀତମାନ ଯାହା କ ଗାୟକ ଗାୟିକାଙ୍କ ମୁଖରୁ ସର୍ବଦା ଶୁଣାଯାଏ ଏବଂ ଅତି ପ୍ରାଚୀନ-କାଳରୁ ଏପର୍ଯ୍ୟନ୍ତ ଶ୍ରୋତାମାନେ ନିତ୍ୟ ନୂତନ-ପ୍ରାୟ ଅତ୍ୟନ୍ତ ଆଗ୍ରହସହିତ ଶୁଣି ଆସୁଅଛନ୍ତି ଅଦ୍ୟାପି ମୁଦ୍ରାଯନ୍ତ୍ର ସାହାଯ୍ୟରେ ସର୍ବସାଧାରଣଙ୍କ ହସ୍ତଗତ କରିବା ଚେଷ୍ଟା ହୋଇ ନ ଥିଲା ଦାମୋଦର ବାବୁ ଏଥିରେ ପ୍ରଥମବ୍ରତୀ ହୋଇ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ଏହିପୁସ୍ତକରେ ଉପରଲିଖିତ କବି ଏବଂ ଅନ୍ୟାନ୍ୟ କବିଙ୍କର ଏକଶତସଙ୍ଗୀତ ପ୍ରକାଶିତ ହୋଇଅଛି ଏବଂ ଛନ୍ଦିର ଆରମ୍ଭରୁ ଖଣ୍ଡିଏ ସୂଚିପତ୍ର ଓ ଶେଷରେ କଠିନ ଶବ୍ଦମାନଙ୍କର ଅର୍ଥସଂଯୋଜିତ ହୋଇଥିବାରୁ ପାଠକମାନଙ୍କର ଅଧିକ ସୁବିଧା ହୋଇଅଛି । ସଙ୍ଗୀତମାନ ଶୁଦ୍ଧ-ରୂପେ ପ୍ରକାଶ କରିବାରେ ପ୍ରକାଶକ ଯଥାସାଧ୍ୟ ପରିଶ୍ରମ କରିବାର ଜଣାଯାଉଅଛି । ଅମ୍ଭେମାନେ ଆଶା କରୁଁ କ ସଙ୍ଗୀତପ୍ରିୟବ୍ୟକ୍ତିମାନେ ଏପୁସ୍ତକ ଯଥୋଚିତ ଆଦର ଦେଖାଇ ପ୍ରକାଶକଙ୍କୁ ଅନ୍ୟାନ୍ୟଖଣ୍ଡ ବାହାର କରିବା ବିଷୟରେ ଉତ୍ସାହ ପ୍ରଦାନ କରିବେ ।

---

# ସାପ୍ତାହିକସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ଋତୁନବୃଷ୍ଟି ହୋଇଅଛି ଏବଂ ନଗରଟି ସ୍ନିଗ୍ଧ ହୋଇଥିଲା । ମୃଗଶିରଷ ପର ଶୀଘ୍ର ପଡ଼ିଯାଇ ଅଛି ।

ଅମ୍ଭମାନଙ୍କ ଲକ୍ଷପାହେନ କାଲେଜର ତୌଲ ଶେଷ କରୁ ଆଗାମି ସୋମବାର ଠାରୁ ଏକ୍ଷଣରେ ଏଠାରୁ ଫେରି ଅସିବାର କଥା ଅଛି ।

ବର୍ତ୍ତମାନ ଏ ନଗରରେ କୌଣସି ରୋଗର ପ୍ରାଦୁର୍ଭାବ ନାହିଁ ଏବଂ ସ୍ୱାସ୍ଥ୍ୟ ଭଲ ଅବସ୍ଥା ହୋଇଅଛି ।

କ୍ରାନ୍ତୁଣୀଜିଲା ମଧ୍ୟ ପ୍ରବଳ ବୃଷ୍ଟି ହୋଇଥିଲା ଏବଂ ସେହେତୁ କାଟଜୋଡ଼ି ନଦୀ ଦ ଶ ଇଞ୍ଚ ବଢ଼ି କଟକରେ ଆସିଥିଲା ।

ଅଷ୍ଟ୍ରିଆର ସମ୍ରାଟ ବର୍ତ୍ତମାନ ଜର୍ମାଣି ଦେଶରେ ନିମନ୍ତ୍ରଣ ମାନ ହୋଇଥିବାରୁ ସେଠାରେ ପରେଃଅବର ଧୂମଧାମ ଲାଗିଅଛି । ଉଭୟ ସମ୍ରାଟଙ୍କ ମଧ୍ୟରେ ପ୍ରୀତି ଓ ବନ୍ଧୁତ୍ୱ-ଭାବ ପୂର୍ବବତ୍ ଅକ୍ଷୁନ୍ନରୂପେ ରହିଥିବାର ସମ୍ବାଦ ମିଳଇ ।

କଟକକଲେଜ କମିଶ୍ନରଙ୍କ ଅଫିସର ହେଡ଼କ୍ଳାର୍କ ବାବୁ ଗୋବିନ୍ଦ ବେଲକାର ବ, ଏ, ହୋସଙ୍ଗାବାଦର ଏକ୍ଷଟ୍ରା ଆସିଷ୍ଟାଣ୍ଟ କମିଶ୍ନରଙ୍କ ପଦରେ ଏକଟିଂ ନିଯୁକ୍ତ ହୋଇ-ଅଛନ୍ତି ।

ଘଟେଶ୍ୱରଜଷ୍ଟା ଗୁଣ୍ଡେର ଜମିଦାରର ଜମିଦାରିର ଲକ୍ଷ୍ମୀ-କାନ୍ତ ଆପଣା ସମ୍ପତ୍ତିର କାର୍ଯ୍ୟନିର୍ବାହ କରିବାକୁ ଅକ୍ଷମ ହେବାରୁ ଡେପୁଟି କମିଶ୍ନରଙ୍କ ଆଦେଶମତେ ତାହାଙ୍କ ଜମି-ଦାରି କୋର୍ଟ ଅବୱାର୍ଡ଼ସର ଅଧୀନରେ ଅସିଅଛି ।

ତୃତୀୟଶ୍ରେଣୀର ହାସପାତାଲ ଆସିଷ୍ଟାଣ୍ଟ ବୈଦ୍ୟନାଥ ଦାସ ସମ୍ବଲପୁର ଜେଲ ହାସପାତାଲରେ ନିଯୁକ୍ତ ହୋଇଅଛନ୍ତି ।

ସମ୍ବଲପୁର ପୁଲିସ ହାସପାତାଲର ଅସିଷ୍ଟାଣ୍ଟ ଲକ୍ଷ୍ମୀଧର ହୁସେନ ବାଲେଶ୍ୱରକୁ ବଦଳି ହେବାରୁ ଦାଶରଥିପ୍ରସାଦ-ଦାସ ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ଓଡ଼ିଶା କୋଷ୍ଟକେନାଲରେ ୪୪ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ପଡ଼ିଅଛି । ବାର୍ଷିକ ଆୟ କେତେ ହେବ ଏବର୍ଷ ଜଣାପଡ଼ିବ ।

ଗୋଟିଏ ଜନରବ ଉଠିଅଛି ଯେ ପାରସ୍ୟର ସାହା କେତେଜଣ ସ୍ତ୍ରୀଙ୍କି ପୁରୁଷବେଶରେ ଆପଣାସଙ୍ଗେ ନେଇ ଇଉରୋପରେ ଭ୍ରମଣ କରୁଅଛନ୍ତି ।

ଅମ୍ଭମାନଙ୍କର ଶ୍ରୀମତୀ ମହାରାଣୀଙ୍କୁ ଜର୍ମାନ ସମ୍ରାଟ୍ ଆପଣା ସେନାର କର୍ଣ୍ଣେଲ ପଦ ଦେବାରୁ ଶ୍ରୀମତୀ ମହାରାଣୀ ତାହା ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ ହୋଇ-ଥିବାର ପ୍ରକାଶ କଲେ ।

ଜର୍ମାନ ସମ୍ରାଟଙ୍କ ପ୍ରିନ୍ସ ହେନେରି ଇଂଲଣ୍ଡରେ "ନାଇଟ ଅଫ୍ ଦ ଗାର୍ଟର" ପଦ ପାଇଅଛନ୍ତି ।

ତରବେଶୀ ସରଦାର ବାଦେଲଜୁମି ମୃତ୍ୟୁ ଭୟରୁ ମଧ୍ୟ ଦୁର୍ଗତକାଣ୍ଡ ଲଗାଇଦେଇ ଯାଇଅଛନ୍ତି । ତାଙ୍କ ମୃତଶରୀରକୁ କେଃତକ୍ଷତିଏ ଦଳିଲ ଦସ୍ତାବଜ ବାହାରିଅଛି ତହିଁରୁ ମିଶରର ଅନେକ ବଡ଼ ବଡ଼ କର୍ମଚାରୀ ତରବେଶୀଙ୍କି ଇଂରେଜଙ୍କ ବିରୁଦ୍ଧରେ ମତାଉଥିବାର ପ୍ରମାଣ ମିଳଇ । ଏଥିର ପରିଣାମ କ ହେବ ଦେଖିବାରେ ଅସିବ ?

ଇଂରେଜସେନା ଏ ତରବେଶମାନଙ୍କୁ ହଟାଇ ଶାରସ ନଗର ଅଧିକାର କରିଥିଲେ । ବର୍ତ୍ତମାନ ତାକୁ ଛାଡ଼ି ମାଟୁକା ଅଧିକାର କରୁଅଛନ୍ତି । ତରବେଶମାନେ ଅଦ୍ୟାପି ଶାନ୍ତଭାବ ଧାରଣ କରିନଥିବାର ଦେଖାଯାଏ । ସେମାନେ ସ୍ଥାନେ ତାର କାଟିଦେଉଅଛନ୍ତି । ଜେନେରଲ ଗ୍ରେନଫେଲ ଜୟଲାଭ କରିଥିବା ହେତୁ ପଦୋନ୍ନତ ପ୍ରାପ୍ତ ହୋଇଅଛନ୍ତି ।

ଋଷଗବର୍ଣ୍ଣମେଣ୍ଟ କକେସସ୍ଥିତ ନବନିର୍ମିତ ମୁସଲମାନ-ମାନଙ୍କୁ ୧୦ଲକ୍ଷ ଏକର ଭୂମି, ବନ୍ଦୋବସ୍ତରେ ବାଣ୍ଟିଦେବାକୁ ସଂକଳ୍ପ କରିଅଛନ୍ତି । ପୂର୍ବ ସମ୍ରାଟମାନଙ୍କ ସମୟରେ ସେ-ମାନେ ରୁଷୀୟସଙ୍ଗେ ସମର ଘୋଷଣା କରିବାପୂର୍ବେ ଏହି ସ୍ଥାନର ମୁସଲମାନମାନଙ୍କ ବଳରେ ଲଢ଼ିବାନିମନ୍ତେ ଏପରି ଭୂମି ଦାନ କରୁଥିଲେ । ବର୍ତ୍ତମାନ ସମ୍ରାଟଙ୍କ ରାଜତ୍ୱସମୟରେ ଏପରି ଦାନ ଆଉ କେବେ ଦେଖାଯାଇ ନାହିଁ । ତେବେ କ ଅଳ୍ପ ଦିନ ଭିତରେ ସଂଗ୍ରାମ ଘଟିବ ?

ମନ୍ଦ୍ରାଜପୁରର ତୃ ୭ ତାର ଖ ୮ ତ ଜଣ, ତାମ୍ପାର-ଣରେ କ ୨୮୮ ଣ ଏକ ବାହିରେ କ ୧୨୧ ଣ ଦୁର୍ଭିକ୍ଷ-ପୀଡ଼ିତ ଲୋକ ସାହାଯ୍ୟ ପାଉଅଛନ୍ତି ।

ଅମ୍ବଗଛର ଡାଳ ଯେତେବେଳେ ଫୁ ୨୩ ଟ ଲମ୍ବ ହୋଇ-ଥିବ ସେତେବେଳେ ତାହା ଗୋଟିଏ କୁଣ୍ଡରେ ରୋପଣ କରି ଗୋଟିଏ ଉତ୍କୃଷ୍ଟ ପ୍ରକୃତର ଅମ୍ବଗଛ ତଳକୁ ନେଇଯିବ । ସେ-ଠାରେ ଗୋଟିଏ ମଞ୍ଚାଉପରେ ଏପରି ବସାଇବ ଯେ, ଉତ୍କୃଷ୍ଟ ଗଛର ଯେପରି ପୁରୁଣାଗଛର କୌଣସି ଡାଳ ସଙ୍ଗିହୋଇ ଲାଗିବ । ତହିଁପରେ ସେହି ଉଭୟଗଛର କୌଣସିସ୍ଥାନରେ ପ୍ରାୟ ଅର୍ଦ୍ଧାଂଶ ଛେଲି ଓ ପୁରାତନ ଗଛ ଡାଳର କେତେକ ସ୍ଥାନରୁ ଅର୍ଦ୍ଧେକ ଛେଲି କାଟିଦେଇ ସେହି ଦୁଇ କଟାସ୍ଥାନ ଏକତ୍ରଯୋଡ଼ି ଲଗାଇଦେଇ ବାନ୍ଧି ରଖିବାକୁ ହେବ । ସମ-ୟରେ ଦେଖାଯିବ ଯେ, ସେହି ଦୁଇଟି କଟାସ୍ଥାନ ଉତ୍ତମରୂପେ ଯୋଡ଼ିହୋଇ ଲାଗିଯାଇ ଅଛି । ସେତେବେଳେ ସେ ଦୁହିଙ୍କ ଯୋଡ଼ାସ୍ଥାନ ଛଡ଼ାଇଦେବାକୁ ହେବ । ଏହିପରି ପୁରାତନଗ-ଛରି ରସ ନୂଆଗଛରେ ପ୍ରବେଶ ହୋଇଗଲେ ତାକୁ ସ୍ଥାନାନ୍ତ-ରଣି ଅନ୍ୟସ୍ଥାନରେ ରୋପଣ କରିବ । ସମୟରେ ସେହି ନୂଆ-ଗଛ ସେହି ପୁରାତନ ଗଛପ୍ରାୟ ହୋଇ ତାହାପ୍ରାୟ ମିଷ୍ଟ ଓ ସୁସ୍ୱାଦୁଫଳ ପ୍ରଦାନ କରିବ ।

ବମ୍ବଇରେ ଗୋଟିଏ ଗୀର୍ଜାଘର, ଷାଠିଲକ୍ଷଟଙ୍କା ବ୍ୟୟରେ ପ୍ରସ୍ତୁତ ହେଉଅଛି । ପ୍ରଙ୍ଗଟସମ୍ବାଦ ।

କାଶୀରେ ଜଣେ ପଦରବର୍ଷର ବାଳକ ଗୋଟିଏ ସାତ-ବର୍ଷର ବାଳକାକୁ ତାହାର ଅଳଙ୍କାର ନେବା ଲୋଭରେ ନିଷ୍ଠୁରମତେ ହତ କରିଥିବାରୁ ଫାଶିଦଣ୍ଡ ପାଇଅଛି ।

ଇନ୍ଦୋରରେ ଜଣେ ସିପାହି ଏକ ଘୋଡ଼ାରେ ଶିକାର କରୁଥିଲେ । ଚୌକିଦାର ଘୋଡ଼ାରେ ଥିବା ତପୋଇମାନ ଶିକାର କରିବାକୁ ନିଷେଧ କରିବାରୁ ସିପାହିମାନେ ସେ ଚୌକିଦାରକୁ ଶିକାର କଲେ । ସେମାନେ ବର୍ତ୍ତମାନ ବିଚାରା-ଧୀନ ଅଛନ୍ତି ।

ବର୍ତ୍ତମାନ ନଇଣ୍ଡାନେଡ଼ା ଦେଶରେ ଏକାଦଶ ଅବସ୍ଥାର ହୋଇଅଛି । ସେ ବୃକ୍ଷର ରସ ଠିକ୍ ସ୍ୱାଦ ଦୁଗ୍ଧ ଅଟେ । ଲୁହାବଲମ ( ବ୍ରିଲପେନ ) ମଧ୍ୟ ସେ ରସରେ ଚଳଇ । ପ୍ରଥମେ ତାହା କହି ଅରକ୍ତବର୍ଣ୍ଣ ଥାଏ ଶୁଖିଗଲେ ସ୍ୱଚ୍ଛ କୃଷ୍ଣବର୍ଣ୍ଣ ଧାରଣ କରେ ।

ମହାରାଜା ହୋଲକାର ପୂନାର ଇଉରୋପ ଯାତ୍ରା କରିବେ । ପାରିସ ପ୍ରଦର୍ଶନୀ ଦର୍ଶନ କରିବାର ଉଦ୍ଦେଶ୍ୟ ।

ରୁଷଦେଶରେ ସ୍ଥିର ହୋଇଅଛି ଯେ ସ୍ତ୍ରୀମାନେ ଡାକ୍ତରୀ କାର୍ଯ୍ୟ କରିପାରିବେ ମାତ୍ର କେବଳ ବାଳକ ବାଳିକା ଓ ସ୍ତ୍ରୀମାନଙ୍କ ପ୍ରତି ସେମାନଙ୍କ କାର୍ଯ୍ୟ ଆବଦ୍ଧ ରହିବ ।

ଦକ୍ଷିଣ ଅଷ୍ଟ୍ରେଲିଆର ଆଡ଼ିଲେଡ଼ସ୍ଥିତ ଆରିଜ ଗଣ୍ଡିବି ବଙ୍ଗର ପାର୍ଲିଆମେଣ୍ଟ କମନ୍ସସଭାରେ ଗତମାସ ତା ୨ ର-ଖର ଅଧିବେଶନରେ ଦୁଇ ସ୍ଥିର ଗୋଠ [illegible] ସର ନର୍ତ୍ତ ବ୍ରାମ୍ବେଲ ସାହେବ ପ୍ରସ୍ତାବ କରି ଉକ୍ତ କାଉନସିଲ କହେବୁ ସଙ୍ଗଠିତ ହୋଇଅଛି ଏବଂ ଉଦ୍ଭାସ କରୁଥ କର୍ମ କରୁଅଛି ତାହା ସମ୍ପୂର୍ଣ୍ଣରୂପେ ଉଠାଇ ଦେବାର ପ୍ରସ୍ତାବ ଅଗତ କଲେ । ଅନେକ ତର୍କ ବିତର୍କ ଉତ୍ତାରୁ ଏପ୍ରସ୍ତାବ ଅଗ୍ରାହ୍ୟ ହୋଇଥିବାର ସମ୍ବାଦ ମିଳଇ ।

ମୁସେପ ନୁଃଠାରେ ଯେଉଁ ବଡ଼େହ ହୋଇଥିଲା କୁରିଷ୍ଟ-ସେନା ୧ କତ୍ରେ ୬ ଦମନ କରିବାକୁ ସମର୍ଥ ହୋଇଥିବାର ସମ୍ବାଦ ମିଳଇ ।

Digitized by srujanika@gmail.com

Split by PDF Splitter

300



ମିଶର ଯୁଦ୍ଧଭାର ଦରବେଶ ସରଦାରଙ୍କ ନିକଟରୁ ଯେ ଦସ୍ତାବେଜମାନ ପାଯାଇଥିବାର କଥିତ ହୁଅଇ ତଦନୁଯାୟୀ ଅନେକ ବଡ଼ଲୋକେ ଇଂରାଜଙ୍କ କର୍ତ୍ତୃକ ବିଶ୍ୱାସଘାତକତା ଅପରାଧରେ ଧୃତ ହୋଇ ସୈନିକ-ବିଚାରର କର୍ତ୍ତୃଧୀନ ହୋଇଅଛନ୍ତି । ଘଟନା ଭଲ ନୁହେ । ତେଣେ ପାର୍ଲିଆମେଣ୍ଟରେ ଯେପରି ତର୍କବିତର୍କ ଲାଗିଅଛି ସେଥିରୁ ଅନୁମାନ ହୁଅଇ ଏଥର ଇଂରାଜମାନେ ମିଶରରେ ପକ୍କା ଦଖଲ କରିବାର ଯୋଗାଡ଼ କରନେବେ ।

ଜର୍ମାଣି ସମ୍ରାଟ ବିଲାତରେ ଅବସ୍ଥାନ କରୁଥିବା କାଳରେ ନୌସେନାର ପଲ୍ଟନ ଦେଖିଲାପରେ ପଦାତିକ ଓ ଅଶ୍ୱାରୋହୀ ସେନାଙ୍କର ପରେଡ ଦେଖିଥିଲେ । ଏ ପରେଡ ଏକ କୃତ୍ରିମ ଯୁଦ୍ଧସ୍ୱରୂପ ହୋଇଥିଲା ଏବଂ ତହିଁରେ ୩୦୦୦୦ ସୈନ୍ୟ ଯୋଗ ଦେଇଥିଲେ । ଏ ସବୁ ଦେଖି ଜର୍ମାଣୀର ସମ୍ରାଟ ଅତୀବ ସନ୍ତୋଷ ଲାଭ କରିଅଛନ୍ତି । ସେ ଏହିମାସ ତା ୮ ରଖ ଦିନରେ ବିଲାତରୁ ବିଦାୟ ହୋଇ ସ୍ୱ ସ୍ଥାନକୁ ଗମନ କଲେ ।

ପାରସ୍ୟର ସାହ ବିଲାତରୁ ବିଦାୟ ହୋଇ ଫ୍ରାନ୍ସ ଦେଶରେ ଭ୍ରମଣ କରୁଅଛନ୍ତି । ପାରିସ ନଗରରେ ଟାଇମ-ସ୍‌ପତ୍ରିକାର ସମ୍ବାଦଦାତାଙ୍କ ନିକଟରେ ସେ କହିଛନ୍ତି, ଶ୍ରୀମତୀ ମହାରାଣୀ ଭିକ୍ଟୋରିଆ ଓ ଯୁବରାଜଙ୍କର ଏବଂ ଇଂରାଜ ଜାତିର କ୍ଷମତା ଓ ତେଜର ଭୂୟସୀ ପ୍ରଶଂସା କରିଅଛନ୍ତି । ସମ୍ବାଦ-ଦାତାଙ୍କୁ ପାରସ୍ୟ ଓ ଫରାସି ଙ୍କ କଥା ପଚାରିବାରେ ସେ କେବଳ ଏତିକି କହିଲେ ଯେ ଉଭୟ ଦେଶ ଓ ଉଭୟ ଜାତିଙ୍କ ମଧ୍ୟରେ ଏତାଦୃଶ ପାର୍ଥକ୍ୟ ଦେଖି ସେ ଅତ୍ୟନ୍ତ ବିସ୍ମୟାବିଷ୍ଟ ହୋଇଅଛନ୍ତି ।

ଦାକ୍ଷିଣାତ୍ୟର ତ୍ରିପୁତିର ମହନ୍ତ ଦେବୋତ୍ତର କାବେର ଦୁଇଲକ୍ଷ ଟଙ୍କା ଅପହାର କରିଥିବା ଅପରାଧରେ ପୌଜଦାରି ସୁପର୍ଦ ହୋଇଅଛନ୍ତି । ପଢ଼ିବାର ଗାଳ ଦେଖିଲେ ଅନୁ-ମତ ଅସମ୍ଭାବ ଅପରାଧରୁ ଖଣ୍ଡିବେ ।

ଅଲ୍ଲାହାବାଦର ଜଏଣ୍ଟ ମେଜିଷ୍ଟରଙ୍କ ଅଦାଲତରେ ଦୁଇଜଣ ଅସାମିଙ୍କ ଉପରେ ଅଭିଯୋଗ ଦାଖଲ ହେଉ-ଥିଲା । ବିଚାରରେ ଜଏଣ୍ଟ ମାଜିଷ୍ଟର ଉଭୟଙ୍କୁ ଦ୍ୱ ବର୍ଷ କଠିନ ପରିଶ୍ରମସହିତ କାରାବାସର ଆଦେଶ କଲେ । ସେମାନଙ୍କ ମଧ୍ୟରୁ ଜଣେ ଅସାମୀ ହୁକୁମ ଶୁଣିଲାବେଳେ ଗୋଡ଼ରୁ ଯୋତା କାଢ଼ି ଜଏଣ୍ଟ ମେଜେଷ୍ଟରଙ୍କ ଅଡ଼କୁ ଫୋପାଡ଼ିଲା । ଦୈବାତ୍ ଯୋତା ତେତେଦୂର ନ ଯାଇ ଜଣେ କନଷ୍ଟବଲ ଅଙ୍ଗରେ ବାଜିଲା ତଦନ୍ତ ଅସାମୀମାନେ ଠିଆହେବା-ସ୍ଥାନରେ ପଡ଼ିଲା । ତହିଁରୁ ଅସାମିକି ପୁଣି ମେଜିଷ୍ଟରଙ୍କ ସମୀପକୁ ନିଆଗଲା ଓ ସେଠାରେ ସେ ଆଉ ଦୁଇବର୍ଷ କାରାଦଣ୍ଡ ପାଇଲା ।

## ଉଣାବର୍ଷା–ସମ୍ବାଦ ।

ଏବର୍ଷ ଏଅଞ୍ଚଳରେ ଧାନ୍ୟଫସଲ ଯେପରି ସ୍ଥଳରେ ବର୍ଣ୍ଣିତ ହୋଇ ଅଛି, ଭାଦ୍ରମାସ ପ୍ରଥମରେ ଏବ ଭଦ୍ରବର୍ଷା ଏହିପରେ ମାର୍ଗଶିରମାସପର୍ଯ୍ୟନ୍ତ ଘଟନ୍ତେଲେ ପ୍ରଜାମାନେ ଦୁଇବର୍ଷର ଅନୁକଷ୍ଟ ଏକା ଏହିବର୍ଷ ନରୁ ଦୂରୀକରଣ କରିବେ । ବର୍ତ୍ତମାନ ଧାନ୍ୟ ବେଭାରଣ ଶେଷହୋଇ କୃଷକଙ୍କର ଧାନ ଲାଗିଅଛି । କଟକଧାନ୍ୟ ଅଣେ ୨ ଟଙ୍କିଆ ହେଉଅଛି । ବନ୍ଧୁ-ବାନ୍ଧବମାନଙ୍କରେ ବର୍ଷା ହେଲେ ମଧ୍ୟ ଗ୍ରୀଷ୍ମତାପ କମୁ ନାହିଁ ।

ପ୍ରଭାତରେ ଓଳାଉଠା ରୋଗର ପ୍ରକୋପ ପ୍ରାଦୁର୍ଭାବ ଘଟିଅଛି । ଏ ରୋଗ କେବେ କମିବ ତାହା ଈଶ୍ୱର ଜାଣନ୍ତି ।

ଜଗନ୍ନାଥଷ୍ଟପତ୍ର ନାମକ ଜଣେ ଯୁବକ ନେଟିଭ ଏଥିପାଇଁ ତିନି ଲକ୍ଷ ଟଙ୍କା ଦେଇଥିଲେ । ତାହାଙ୍କ ସେବକଠାରୁ ନାନାରକମ ଛବି ଖାଇ ୫୦୯ ପର୍ଯ୍ୟନ୍ତ ବାଜ ହୋଇ-ଯିବାରୁ ଉକ୍ତ ନେଟିଭ ଏଥିରୁ ଯେ ପଳାଇ ଯାଇଅଛି ।

ଅନ୍ୟ ଏକଟ କର୍ଣ୍ଣି ବଡ଼ଲା ପଡ଼ସଣ୍ଡ ନାମକ ଗ୍ରାମରେ ଏକ ବୃହତ୍ ଶିବଲିଙ୍ଗ ବିଦ୍ୟମାନ ଅଛନ୍ତି । ଏହାଙ୍କର ମହିମା ଅତି ଅପୂର୍ବ ଅଟେ । ପାଠକ ପୁତ୍ରସ୍ତ ବ୍ୟକ୍ତି କମ୍ପ ତାହାର ନାମରେ ଅନ୍ୟଜଣେ ଉକ୍ତ ମହାଦେବଙ୍କ ବାହନ ବୃଷଭର ପାଦ ଧରି ନୃତ୍ୟ ଅବ୍ୟବହିତପର୍ଯ୍ୟନ୍ତ ବସିଲେ ନିଶ୍ଚୟ ପାଠକଙ୍କର ଭଲ ହେବ ।

ଅତ୍ରସ୍ଥ ଉଇଲିୟମ୍‌ସଙ୍କ ସ୍କୁଲକୁ ମାଉନର କରିବାରେ ଚୌଧୁରୀ ମହାଶୟମାନେ ବିଶେଷ ଚେଷ୍ଟିତ ଅଛନ୍ତି । ବଡ଼ ସୁଖର ବିଷୟ ଅଟେ ।

ବୋଧଗଣ୍ଡର ଜମିଦାର ଶ୍ରୀଯୁକ୍ତ ବାବୁ ଚନ୍ଦ୍ରାମଣି ପଟ୍ଟ-ନାୟକ ମହାଶୟ ଉକ୍ତ ସମୟରେ ତଦ୍ରୂପ ଅନେକ ପ୍ରଜାଙ୍କୁ ଧାନ ଦେଇ ବଞ୍ଚାଇଥିବାରୁ ବର୍ତ୍ତମାନ ସେମାନେ ଉକ୍ତ ବାବୁଙ୍କର ଶୁଭକାମନା କରୁଅଛନ୍ତି । ବାବୁ ମହୋଦୟ ଅବଶ୍ୟ ଧନ୍ୟବାଦର ପାତ୍ର ଅଟନ୍ତି ।

## ପୁରୀ-ସମ୍ବାଦ ।

ଏ ସପ୍ତାହରେ ବୃଷ୍ଟି ଉପଯୁକ୍ତରୂପେ ହେଉଥିବାରୁ ଜଳର ଅଭାବ ନାହିଁ ନଈ, ଖାଲ, ପୁଷ୍କରିଣୀ ପୂର୍ଣ୍ଣ ହୋଇଅଛି, ବୃଦ୍ଧ ଲୋକମାନେ କହୁଅଛନ୍ତି ଯେ ଏବର୍ଷ ସମୁଦ୍ରଗର୍ଜ୍ଜନ ଅନ୍ୟାନ୍ୟ ବର୍ଷାପେକ୍ଷା ବିଶେଷ ହେଉଅଛି; ଏବର୍ଷ ବୃଷ୍ଟି ବିଶେଷ ହେବାର ସମ୍ଭାବନା ।

ଅସ୍ମାନଙ୍କର ମାନନୀୟ ମାଜିଷ୍ଟ୍ରେଟ ମହୋଦୟ ପୁରୀରେ ପ୍ଲସ-ହେବଙ୍କ ସହିତ ଭଦ୍ରକୁ ଫେରିଆସିଅଛନ୍ତି ।

ପୁରୀରେ ସନ ୧୮୮୯ ମହିହା ଜନନ୍ତେ ସଙ୍ଗତ୍ୱ ସାରେ ଏଥୋଇଲାର ଲୋକ ଇହବାନନ୍ତେ ବିଜୟର ପାଶ ହୋ-ଇଅଛି ଏଥିରୁ ଯାତ୍ରିସଂଖ୍ୟା ଅଧିକ ହେଲେ ଅନେକ ଉଚ୍ଚ ହୋଇ ନିଶ୍ଚୟରୁ ଯାତ୍ରିମାନେ ହଇରାଣ ହରକତ ହେବେ ପଣ୍ଡା ପଡ଼ିଆରିମାନଙ୍କୁ ଉଚିତ ଯେ ବେଳକୁ ସାବଧାନ ହୋଇ ପାଶ କରନ୍ତୁ ।

ମାନନୀୟ ହେଃ ଅଫିସରଙ୍କର ପଣ୍ଡା ପଡ଼ିଆରିମାନଙ୍କ ଆଦେଶ ହୋଇଥିଲା ଯେ ରଥଯାତ୍ରାରେ କେ କେତେସଂଖ୍ୟକ ଯାତ୍ରୀ ଦର୍ଶନ କରଇବ ତାହାର ତାଲିକା ଦାଖଲ କରିବ କେତେକଲୋକ ତାହା ଲଙ୍ଘନ କରିବାରୁ ସନ ୧୮୬୧-୪ ଅଇନର ଦ ୧୧ଧା ମତେ ସେମାନଙ୍କ ନାମରେ ମୋକଦ୍ଦମା ଦାଏର ହୋଇଅଛି । ଉକ୍ତ ଆଇନ ନିୟମର ଅଧୀନ କରିବା ଉଚିତ ।

ଅତ୍ରସ୍ଥ କଲେକ୍ଟର ନାଜରଙ୍କ ନାମରେ ଖାସମାଜିଷ୍ଟ୍ରେଟ ଯେଉଁ ମୋକଦ୍ଦମା ଦାଏର କରିଥିଲେ ଡିଃ ମେଜିଷ୍ଟର ବାବୁ ଖେତ୍ରମୋହନନିହୁଙ୍କ ବିଚାରରେ ଅସାମୀ ସେଥିନ ମୁକ୍ତ ହୋଇ ୫୦୦୦ ଙ୍କା ଜାମିନରେ ଖଲାସ ଅଛି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-

ସମୀପେଷୁ ।

ମହାଶୟ !

ଅନୁକୂଳ ଅବସ୍ଥା ଅଭ୍ୟର୍ଥନେ ଗତ ସପ୍ତାହ-ଦୀପିକାରେ ବଚନଗ୍ରନ୍ଥାସମନ୍ବିତ ସର୍ପସନ୍ତର୍ପଣି କ ପାଠ କରି ସୁଖ ଜଦା ଓ ଅକାରଣ ପ୍ରଶଂସା ବ୍ୟଙ୍ଗରେ ଅନ୍ୟ କିଛି ଜାଣି ପାରିଲି ନାହିଁ । "ବାପୁ " ୨ ଶାସଭାଗ ଅଥବା ସାର୍ଦ୍ଧ ବୃତ୍ତି-କାଣୀ ଦ୍ୱାରା ଫଳ ଅଧିକ କଣ, ଜିଜ୍ଞାସ୍ୟ ଏହି, ଏଙ୍ଗ୍ଲିସ୍ତରୁ ସ୍ଥାନାନ୍ତରକୁ ଧାନ ଗ୍ରହଣ କରି-ନିର ଯେଉଁ ଘଟଣା ହୋଇଅଛି ଓ ଯହିଁ-ପାଇଁ ଲେଖକ ସାର୍ଦ୍ଧନିଶ୍ୱାସ ପକାଇ ହାହାକାର ଲଗାଇ କରୁଅଛନ୍ତି ତହିଁର କର୍ତ୍ତା କିଏ ? କାହା-ଯୋଗରୁ ଏପରି ଘଟିଅଛି ? ଉଚ ଖଣ୍ଡରେ କଥା ଠିକ ହୁଅଇ ନାହିଁ । କାଳିଦାସଙ୍କ କପା-ଳକୁ ସିକା ଛିଡ଼ି ପଡ଼ିଲା, କଳମ୍ବଗାର ବାଳ ନ ଲିଭୁଣୁ ଭାଗ୍ୟକୁ ଏଡ଼ଗାର ସାହେବ ପ୍ରବେଶ ହୋଇ ଗଲେ ନୋହିଲେ ଫଳ କଣ ହୋଇ-ଥାନ୍ତା ତାହା ଚାରି କମ୍ପା ନାଥ ଜାଣେ ଆଜ୍ଞେ; ପ୍ରକୃତ ଅବସ୍ଥା ଜାଣି ପ୍ରକୃତ କଥା କହୁ ଉଚିତ ଉପାୟ କରିଥିଲେ ସର୍ବପ୍ରକାରେ ଭଲ ହୋଇ ଥାନ୍ତା ନୋହିଲେ ଯୁକ୍ତାକ୍ଷର ଲେଖି ନ ଜାଣିବା ମୋହରର ନାସ୍ତିକ ସ୍ୱନ ଶାସନ ନାମରେ ହିସାବ ଲେଖି ଦେଇ ଠିକ ମିଳାଇବା ସମୟରୁ ଜମାରୁ ଖର୍ଚ୍ଚ ଅଧିକ ହେଲେ ପ୍ରାୟ ସରବନୋବସ୍ତ କେଉଁ ପ୍ରଶଂସାକୁ ପାଏ ? ସେଥିରେ ବୈଦ୍ୟଠାରୁ ଔଷଧ ବଳ ପଡ଼ିଲେ ପୁଷ୍ଟି ଓ "ଲିଭର " ବୋହାଇ ଦେବାକୁ ହେବ ? ଅଳମତି ବିସ୍ତ-ରେଣ ।

ବଶମ୍ବଦ
ହରିକଟ

---

ମହାଶୟ,

ଆଜି କାଲି କୌଣସିଠାରେ ହିନ୍ଦୁଧର୍ମର ଚର୍ଚ୍ଚା ଦେଖିଲେ ମନ ଆନନ୍ଦସାଗରେ ମଗ୍ନ ହୁଏ ଏବ ଉକ୍ତ ଧର୍ମର ଉନ୍ନତିକାମନା ଦିନକୁ ଦିନ ବୃଦ୍ଧି ହୁଏ । ଯାଜପୁର ଥାନା ଅନ୍ତର୍ଗତ ମାହାଙ୍ଗା ଗ୍ରାମରେ ଉକ୍ତ ଧର୍ମସମ୍ବନ୍ଧୀୟ ଉତ୍ସବ ସଙ୍ଗ ଅଛି ଆଜକୁ ଦୁଇ ମାସ ହେବ ପ୍ରାୟ ସମସ୍ତ ଗ୍ରାମବାସିମାନେ ଏକତ୍ରିତ ହୋଇ ସନ୍ଧ୍ୟାରେ ନଗର ସଙ୍କୀର୍ତ୍ତନ ଏବ ମାହେଶ୍ୱରଙ୍କ ନିକଟରେ ଅଧ୍ୟାୟ କରି ଶ୍ରୀମଦ୍ଭାଗବତ ପାଠ କରୁଥିଲେ । କେତେକଦିନ ହେଲା ଏହି

Digitized by srujanika@gmail.com

ସଭାର ମନୋଯୋଗ ଗୋଟିଏ ବରହାଟରେ କ୍ଷମସ୍ତ ହୋଇଅଛି । ବରହାଟ ଅର୍ଥାତ ବାର- ଜଣ ବ୍ରାହ୍ମଣ ବାଇସ୍ତକ ଭାଗବତ ଏକଦିନରେ ସମାପ୍ତ କରନ୍ତି । ଏବଂ ବ୍ରାହ୍ମଣ ଭୋଜନାଦି ହାତର ତୁଲ୍ୟ କନ୍ଧୁଲୋକଙ୍କର ମେଳା ହୁଏ । ସେହିଦିନଠାରୁ ଦ ୪ ନ ପର୍ଯ୍ୟନ୍ତ ନୃତ୍ୟାଦି ହୋଇ ଶେଷଦିନ ଗୋଟିଏ ବୃହତ ଭୋଜରେ ସମାପ୍ତହେଲା । ଶ୍ରୀବାବୁ ଜନାର୍ଦ୍ଦନ ପ୍ରସାଦ ଚଉଧୁରୀ ଉକ୍ତ କାର୍ଯ୍ୟରେ ବହୁ ପରିଶ୍ରମ ସ୍ୱୀକାରପୂର୍ବକ ଏହି ସତ୍‌କାର୍ଯ୍ୟଟି ସମାଧା କରୁ- ଥିବାରୁ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ଅଟନ୍ତି । ଯଦି ପ୍ରତ୍ୟେକ ଧନୀ ଓ ଜମିଦାର- ମାନେ ଆପଣା ୨ ଗ୍ରାମରେ ଏହିପରି ସତ୍‌କାର୍ଯ୍ୟ- ମାନ କରିବାକୁ ତତ୍ପର ହୁଅନ୍ତି ତେବେ ଏହାଠାରୁ ସୁଖର ବିଷୟ ଆଉ କଣ ଅଛି ।

କଟକ ୧୮।୮।୭୯ } ଆପଣଙ୍କର ବଶମ୍ବଦ ଶ୍ରୀ କ୍ଷୀରୋଦଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

ଏପ୍ରକାର ସାମୟିକ ଉତ୍ସବଦ୍ୱାରା ଗ୍ରାମବା- ସୀଙ୍କର ଆନନ୍ଦ ହୁଏ ସତ୍ୟ କିନ୍ତୁ ଯହିଁରେ ଗ୍ରାମବାସୀଙ୍କର ଧର୍ମଶିକ୍ଷା ପ୍ରଭୃତିର ସ୍ଥାୟୀ ବନ୍ଦୋବସ୍ତ ହୁଏ ଏପ୍ରକାର କାର୍ଯ୍ୟରେ ଧନୀ ଓ ଭୂସ୍ୱାମୀ ଜମିଦାରଙ୍କର ଚେଷ୍ଟା ହେଲେ ପ୍ରକୃତରୂପେ ସେମାନଙ୍କର ସୁଖ୍ୟାତି ବଢ଼ିବ ଓ ଲୋକଙ୍କର ମଙ୍ଗଳ ହେବ ।—ସମ୍ପାଦକ

---

ମହାଶୟ,

ପୁରୀଜିଲ୍ଲା ଅନ୍ତର୍ଗତ କୋଠଦେଶ ପରଗ- ଣାରେ ବନମାଳିପୁର ଯେ ଗୋଟିଏ ପ୍ରଧାନ ହାଟ, ତାହା ଓଡ଼ିଶାବାସୀ ଅଧିକାଂଶ ଲୋକଙ୍କୁ ଅବିଦିତ ନାହିଁ । ଉକ୍ତ ହାଟ ପ୍ରତି ସପ୍ତାହରେ ଦୁଇଦିନ ଅର୍ଥାତ ମଙ୍ଗଳବାର ଓ ଶନିବାର ବସେ । ପ୍ରତିଥରରେ ପ୍ରାୟ ୩୦୦୦ ଲୋକ ନାନା ସ୍ଥାନରୁ ଆସି ଏକତ୍ରିତ ହୁଅନ୍ତି । ତନ୍ମ- ଧ୍ୟରେ ଅଧିକାଂଶ ମହାଜନ ଓ ଅପର୍ଯ୍ୟାପ୍ତ ବ୍ୟକ୍ତି- ମାନେ "ବାଲକାଟି" ଦେଇ ବନମାଳିପୁରଠାରୁ ଯାଇଥାନ୍ତି ଉକ୍ତ ବାଲକାଟିଠାରୁ ବନମାଳିପୁର ପ୍ରାୟ ମା ୧୦ ଇଲ ଦୂର । ଏହି ମା ୧୦ ଇଲ ସ୍ଥାନ ବର୍ଷାକାଳରେ [ ଅର୍ଥାତ ଆଷାଢ଼ମାସ ଆରମ୍ଭରୁ ମାର୍ଗଶିର ଶେଷପର୍ଯ୍ୟନ୍ତ ] ସତତ କର୍ଦ୍ଦମାକ୍ତ ଓ ଜଳପୂର୍ଣ୍ଣ ହେବାରୁ ଏପରି ଦୁର୍ଗମ୍ୟ ହୁଏ ଯେ ଲୋକମାନଙ୍କର ଗମନାଗମନ ପକ୍ଷେ ନିତାନ୍ତ କଷ୍ଟକର ଘଟେ । ଯେଉଁମାନଙ୍କୁ ବନ- ମାଳିପୁରଠାରୁ ବାଲକାଟି କିମ୍ବା ବାଲକାଟିଠାରୁ ବନମାଳିପୁର ଯିବାକୁ ହୁଏ ସେମାନେ କେବଳ ଗାମୁଛା ପରିଧାନପୂର୍ବକ ଅପର ସମସ୍ତ ପରିଧେୟ ବସ୍ତ୍ର ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଉପକରଣାଦି ମସ୍ତକୋପରି ଧାରଣ କରି ସୁଦୃଢ଼ଯଷ୍ଟିହସ୍ତରେ ଗମନ କରନ୍ତି । ସୁତରାଂ ସେମାନଙ୍କୁ ସମ୍ପ୍ରତି ମଧ୍ୟ ସେପରି ଯିବାକୁ ହେଉ ନାହିଁ । କାରଣ ଉକ୍ତମାର୍ଗ ନିକଟବର୍ତ୍ତିନୀ ଧନୁଆଁ ନଦୀରୁ କେତେକ ଗୋଟା କୁମ୍ଭୀର ଆସି ଉକ୍ତ ମାର୍ଗର ସ୍ଥାନେ ୨ ଗୁଲୁଚର ଦୌରାତ୍ମ୍ୟ କରୁଥିବାରୁ ଅଦ୍ୟ ପୂର୍ବ ଏକମାସ ହେଲା ଉକ୍ତ ରାସ୍ତାର ଗମନାଗମନ ବନ୍ଦ ହୋଇଅଛି । କତୃଦିବସପୂର୍ବେ ଅନେକ- ଲୋକ ଏକତ୍ରିତ ହୋଇ ପ୍ରାୟ ୧୦ଫୁଟ ଦୀର୍ଘବିଶିଷ୍ଟ ଏକ ଗୋଟା କୁମ୍ଭୀରକୁ ବଧ କରିଥିଲେ । ମାତ୍ର ଇଦାନୀଂ ଅନ୍ୟାନ୍ୟ କୁମ୍ଭୀରମାନେ ଏପରି ଉପଦ୍ରବ ଘଟାଉଅଛନ୍ତି ଯେ ଗୋ ମେଷାଦି ପଶୁମାନଙ୍କକଥା ଅବା କି କହିବା ମନୁଷ୍ୟ- ମାନେ ବହୁଧା କ୍ଷତବିକ୍ଷତ ହେଉଅଛନ୍ତି । ଗତ ରବିବାର ପ୍ରାତଃକାଳରେ ଜଣେ ସ୍ତ୍ରୀ ଅଡ଼ସ୍ତ୍ର ମହାପାତ୍ରଯୋଡ଼ ମାର୍ଗ ଦେଇ ଯିବା ସମୟେ ପ୍ରାୟ ୬ ଫୁଟ ଗଭୀର ଜଳମଧ୍ୟରେ ଗୋଟାଏ କୁମ୍ଭୀର ହଠାତ ଆସି ଉକ୍ତ ସ୍ତ୍ରୀର ପାଦ ଧରି ଟାଣିବାରୁ ସ୍ତ୍ରୀଟି ଅକୁଳଭାବେ ଉଚ୍ଚୈସ୍ୱରରେ ଡାକ ଦେବାରୁ ଶୀଘ୍ର କେତେକଲୋକ ଜମା ହୋଇ କୋଳାହଳ ଶବ୍ଦ କରି ସେ ସ୍ତ୍ରୀଟିକୁ ଉଦ୍ଧାର କରି ଆଣିଲେ । କିନ୍ତୁ ସ୍ତ୍ରୀଟି ସାମାନ୍ୟ- କ୍ଷତ ହେଲେହେଁ କଷ୍ଟେପ ଜୀବିତବସ୍ଥା ହୋଇ- ଅଛି । ଏହିପରି ଅହରହ ଯେ କେତେ ୨ ସ୍ଥାନ- ରେ କେତେ ୨ ଘଟଣା ଘଟୁଅଛି ତାହା ଏହି କ୍ଷୁଦ୍ର ପ୍ରବନ୍ଧରେ ଉଲ୍ଲେଖ କରିବା ଅସମ୍ଭବ । ଯାହା ହେଉ ଏ ଅଞ୍ଚଳରେ କେବଳ ଗୋଟିଏ ପ୍ରଶସ୍ତମାର୍ଗ ଅଭାବରୁ ଏପରି ଅକାଳମୃତ୍ୟୁଜନିତ ଘଟଣାମାନ ଘଟୁ ଅଛି । ପାଠକବର୍ଗ ! ଉଦାର- ପ୍ରକୃତି ଗବର୍ଣ୍ଣମେଣ୍ଟ ମହୋଦୟ ପ୍ରଜାମାନଙ୍କର ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି ନିମିତ୍ତ ଭାରତବର୍ଷର ନାନା ସ୍ଥାନରେ କେତେ ୨ ରାଜପଥ ଓ ସେତୁ- ମାନ ନିର୍ମାଣ କରାଉଅଛନ୍ତି । ସମ୍ପ୍ରତି ଏ ଅଞ୍ଚ- ଳର ଅଶିକ୍ଷିତ ପ୍ରଜାମାନଙ୍କର ( ଯେଉଁମାନେ କି ନିଜର ଦୁଃଖ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ଏକାନ୍ତ ଭୟ କରୁଅଛନ୍ତି ) କଷ୍ଟମୋଚନ ନିମିତ୍ତ କର୍ତ୍ତୃପକ୍ଷୀୟମାନେ ସଦୟାନ୍ତଃକରଣରେ ଉକ୍ତ ବାଲକାଟିଠାରୁ ବନମାଳିପୁରପର୍ଯ୍ୟନ୍ତ ସ୍ଥାନକୁ ପର୍ଯ୍ୟବେକ୍ଷଣ କରି ଗୋଟିଏ ପ୍ରଶସ୍ତ ମାର୍ଗ ନିର୍ମାଣ କରାଇବାକୁ ହୁକୁମ ପ୍ରଦାନ କଲେ ଉକ୍ତ ଅସଭ୍ୟ ଓ ଅଶିକ୍ଷିତ ପ୍ରଜାମାନଙ୍କର ଅଗତ୍ୟାଜନିତ କଷ୍ଟ ଏକାବେଳକେ ନିବାର୍ଯ୍ୟ ହେବ ସନ୍ଦେହ ନାହିଁ । ଇତି ।

୧୬।୮।୭୯ } ବଶମ୍ବଦ ନୀଳକଣ୍ଠଦାସ ଶର୍ମା ତଣାହଟା

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରମୋହନ ସିଂହ | ପୁରୀ | ଅଗ୍ରୀମ | ଟ ୭୲ |
| " ଯେଗନ୍ନାଥ ସିଂହ | " | " | ଟ ୭୲ |
| " ବନମାଳୀ ସିଂହ | ଢେଙ୍କାନାଳ | " | ଟ ୩୲ |
| ସ୍କୁଲ । ଡ । ଦଶପଲ୍ଲା | | ବକେୟା | ଟ ୭୲ |
| ଡ, ଅନନ୍ତନାରାୟଣ ଜଗଦ୍‌ଦେବ | | ଅଗ୍ରୀମ | ଟ ୧୲ |
| ସ୍କୁଲ । ଡ । ଅଠଗଡ | | ବକେୟା | ଟ ୨୮୵ |
| ବାବୁ ଲକ୍ଷ୍ମୀନାରାୟଣ ସିଂ ଚୌଧୁରୀ କଟକ | | " | ଟ ୭୲ |
| " ରାଧାମାଧବ ସାନ୍ତ୍ରା | " | " | ଟ ୭୲ |
| " ଶ୍ୟାମସୁନ୍ଦର ସାନ୍ତ୍ରା | " | " | ଟ ୭୲ |
| " ନଟବର ନାୟକ | ବେଗୁନିଆ | ଅଗ୍ରୀମ | ଟ ୩୲ |
| " ଲକ୍ଷ୍ମୀପ୍ରସାଦ ଦାସ ଶୋର | | " | ଟ ୩୲ |
| " ସମସେର ସିଂହ ସାମୁଗଡ | | " | ଟ ୩୲ |
| ସ୍କୁଲ । ଡ । ଢେଙ୍କାନାଳ | | " | ଟ ୩୲ |
| ମୁନସି ସେଖ କାଦର ବକସ | | ବକେୟା | ଟ ୩୲ |

---

# ବିଜ୍ଞାପନା ।

## ହିନ୍ଦୁବାଲ୍ୟାଶ୍ରମ ।

ଅଦ୍ୟ ଶନିବାର ସନ୍ଧ୍ୟା ଘ ୭½ ସମୟରେ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ବାଲ୍ୟାଶ୍ରମର ୧୩ ଶ ଅଧିବେଶନ ହେବ । ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ମହାଶୟ "ମାଦକ- ଦ୍ରବ୍ୟର ଅପକାରିତା" ବିଷୟରେ ଉପଦେଶ ପ୍ରଦାନ କରିବେ ।

୨୩।୮।୭୯ ଶ୍ରୀକୃଷ୍ଣ ମହାପାତ୍ର ସଃ ସମ୍ପାଦକ ।

---

## NOTICE.

Wanted a Head Clerk for the office of the Manager of Narsingpur. Fair knowledge of English and experience in office work are the qualifications essentially necessary; pay of the post Rs. 30 with prospects of increase to Rs. 40 after April next.

The applications will be received up to 31st Instant.

*Sd. Nandakisore Das.*
*Assistant Supdt. of T. Mehals.*

Split by PDF Splitter
Digitized by srujanika@gmail.com

Split by PDF Splitter


ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଆଗତ ସେପ୍ଟେମ୍ବର ମାସ ତା ୨୦ ରଖଠାରୁ ତା ୫ ରଖ ପର୍ଯ୍ୟନ୍ତ ନିମ୍ନଲିଖିତ ସ୍ଥାନମାନଙ୍କରେ ପୁରୁଣା, କଡ଼ୀ, ବର୍ଗା, ଚୌକଠ, ଷ୍ଟୀଲପିଲ୍ ଓ କୋଡ଼ି ଖାଙ୍କ ଇତ୍ୟାଦି ନିଲମ ହେବ । ଅତଏବ ଯାହାର ଯାହା ଆବଶ୍ୟକ ତାହା ଉପରୋକ୍ତ ଦିନ ନିମ୍ନଲିଖିତ ସ୍ଥାନମାନଙ୍କରେ ଉପସ୍ଥିତ ହୋଇ ନଗଦ ମୂଲ୍ୟରେ ନେଇ ପାରିବେ । ଇତି ।

ତା ୨୨ ରଖ ଅଗଷ୍ଟ ସନ ୧୮୮୯ ମସିହା

ସଦର ଡାକଘର ।
କଲେକ୍ଟରୀ କଚେରୀ ।
ଅଦାଲତ କଚେରୀ ।
କମିଶନରୀ କଚେରୀ ।
ଲାଟ୍‌ଗିର୍ଜା ।
ଲେଣ୍ଡ୍ରଏକୁ ଯିସନ କଚେରୀ ।
ବଡ଼ଦଣ୍ଡୀ ପାନ୍ଥ ସରକାରୀ ଗୋଦାମ ।
କଲମଧରେ ।
( ପଥର ଗୋଦାମ )

K. C. Dey.
*Overseer.*
In charge No. 2 Sub Division
Puri Division.

---

ମାଇନର ବର୍ଣ୍ଣାକ୍ୟୁଲର ଓ ଲୋଅର ବର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଉପଯୋଗୀ "ଅନୁଶୀଳନୀ ସମର୍ଥନ" ଏଥିରେ ବ୍ରଜମୋହନ ବାବୁ ଓ ସୁଧାନାଥ ବାବୁଙ୍କ ଜ୍ୟୋତିର୍ବିଦ୍ୟା ୧ମ ଅଧ୍ୟାୟର ପ୍ରତ୍ୟେକ ପ୍ରଶ୍ନର ସମସ୍ତ ଅନୁଶୀଳନୀମାନ ପ୍ରଶ୍ନାନୁଯାୟୀ ଉପପତ୍ତି ସ୍ୱରୂପରେ ପ୍ରମାଣ କରାଯାଇଅଛି । ଏହା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନ, ରାମଚନ୍ଦ୍ର ଦାସ ବାବୁଙ୍କ ଦୋକାନ ଓ ପ୍ରିଣ୍ଟିଂ କରପୋରେସନରେ ବା ଆମ ନିକଟରେ ତତ୍ତ୍ୱ କଲେ ମିଳି ପାରିବ । ମୂଲ୍ୟ ୦୧୬ ଛଅଣା ।

ଶ୍ରୀ ଗଣେଶ୍ୱର ମିଶ୍ର
୮।୮।୮୯ ଢେଙ୍କାନାଳ

---

## WANTED

A Second Teacher for the Pattamundai M. E. School. Salary Rs. 12 per month. Passed Entrance candidates shall be preferred.

J. N. MUKHERJI.
*Secretary.*

## WANTED

A Second Master for the Dhenkanal M. C. E. School on a salary of Rs. 30 per month. Applications from persons who have not passed the Entrance Examination will not be accepted. Applications will be received by the undersigned up to the 31st Instant.

Dhenkanal 12. 8. 89.
U. C. Sarkar
*Secretary.*

---

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଦର୍ଥେ ଗୋପନ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ଭୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବା କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଃସ୍ୱ ହୋଇଅଛନ୍ତି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କପ୍‌ସୁଳିରେ ପରିଣତ ନ ହେଲେ ଆଉ ଭୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରଚିତପୁର ୨୦ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ବରଷାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୨।୦ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

---

ପାଟୀଗଣିତ ଲଘୁଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ୦ । ଡାକମାସୁଲ ୦୨ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରୀ ପଦାର୍ଥ, ବହୁପ୍ରକାର ଖେଳଣା, କଲ-ଗାଡି, କାମିଜ, କୋଟ, ଟୋପି ଓ ବିଲାତିଯୋତା, ନାନାପ୍ରକାର ଲୁଗା, ଶୋଇବାର ଖଟ୍ଟ, କଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେମାନେ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ଜନପ୍ରିୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଯାହା ପଠାଇବାର ପରିଶ୍ରମ ଇତ୍ୟାଦି ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ପୀଡ଼ିତର ନାମ, ବ୍ୟାଧି ନୂତନ କି ପୁରାତନ, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ଆରମ୍ଭ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପତ୍ରଦ୍ୱାରା, ଆଜିକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏତଦଂ ମାତ୍ର କହିପାରୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କିଣି କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ଉଚିତ ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଦ୍ରବ୍ୟବିକ୍ରେତା ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter



# NOTICE.

## SUIT NO. 381 OF 1887.

In the High Court of Judicature at Fort William in Bengal Ordinary Original Civil Jurisdiction.

WILLIAM MACKINNON AND OTHERS

*vs.*

JOHN BULLOCK AND ANOTHER.

TO BE SOLD

On the 30th day of August 189.

BY PUBLIC AUCTION,

Pursuants to decree and an order of this Honorable Court made in above suit at Cuttack in the District of Orissa,

## The undermentioned Boats and Launches,

VIZ.—

LOT 1.

The Steam Launch " Olga, " built at Calcutta, propelled by steam, twin screw, burthen about tons 50.

LOT 2.

The Steam Launch " Eliza, " built at Howrah, propelled by steam, single screw, burthen about tons 40.

LOT 3.

The Steam Launch " Rumba Lass, " built at London, propelled by steam, twin screw, burthen 15 tons.

LOT 4.

Four composite Cargo Boats, each capable of carrying 1,000 bags of grain of 2 maunds weight each bag.

LOT 5.

Four wooden Cargo Boats. each capable of carrying 675 bags of 2 maunds weight each.

LOT 6.

One new Passenger Boat, named " Gastav " built at a cost of Rs. 8,000 capable of carrying about 500 native passengers, and now running between Cuttack and Chandbally.

LOT 7.

One wooden Cargo Boat, capable ot carrying 675 bags of 2 maunds each, lately wrecked, and now lying beached near False Point.

LOT 8.

One Passenger Boat named " Rosee " capable of carrying 120 native Passengers, also lately wrecked, and now lying beached near False Point.

Lots 7 and 8 will be sold as they lie.

For further particulars and conditions of sale apply to the undersigned at Cuttack; or, to Messrs. Orr & Johnson of No. 6 Old Post Office Street in Calcutta, Solicitors for the plaintiffs.

HURRY BULLUB BOSE, B. L.,
Government Pleader of Cuttack,
Agent for R. Belchambers, Registrar, High Court, Calcutta.

Digitized by srujanika@gmail.com

Split by PDF Splitter



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହା ଦ୍ୱାରା ଯାଦୁ, ଅଲଣା ଯାଦୁ, ଦାଉଦ ଯାଦୁ, କମଳ ଯାଦୁ, ପିମ୍ପୁଡ଼ି ଯାଦୁ, ଉଶ ଯାଦୁ, ଚର୍ମ୍ମରୋଗ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହୁପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଦୁଇ ଦିନଠାରୁ ଅଧିକ ବ୍ୟବହାର କରିବାକୁ ହୁଏ ନାହିଁ । ମାତ୍ର ରୋଗ ଆରୋଗ୍ୟ ହେଲେ ଆଉ କଦାପି ସେ ସ୍ଥାନରେ ଯାଦୁ ହୁଏ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟାପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କିଛି ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବାର ମୂଲ୍ୟ ଟ° ।✓

ଶ୍ରୀ ବନମାଳୀ ସେନ

ଠେକ ଉତ୍କଳପ୍ରେସ ବାଲେଶ୍ୱର ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କଦ୍ୱାରା ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଂଖ୍ୟାଗଣନା ପଦାନୁଯାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସମ୍ପ୍ରାଙ୍କ, ସାମାନ୍ୟ ଲଘୁପାଠ, କୋଇଲି, ବର୍ଣ୍ଣପରିଚୟ ଓ ବର୍ଣ୍ଣନିର୍ଣ୍ଣୟ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°/ ଡାକମାସୁଲ ଟ ୦୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ହାଇସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗଞ୍ଜ ।

ଉଲନ ଶ୍ରିତ ବସ୍ତ୍ର ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ, ହେଉ ଅଛି ଯଥା—

| | | |
|---|---|---|
| ୧୭ ପଟି ବାର | ଠ ୧୪.ଟ ୨✓ | ଠ ୧୬ ଟ ୦ ✓ |
| ୧୮ ପଟି „ | „ ଟ ୨ | „ ଟ ୦ ✓ |
| ୨୨ ପଟି „ | „ ଟ ୨ | „ ଟ ୦ ✓ |
| ୨୨ ପଟି ଉଲନପୁଲଓଭର୍ „ | ଟ ୩ | „ ଟ ୦ ✓ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉଲନରୁମାଲ ଓ ବନାତ ଓ ରେସମୀଓଗେର ଲୁଗା ଓ ଷ୍ଟୋକିଙ୍ଗ ଓ କନ୍ଫର୍ଟ ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଶିଳ୍ପଜାତ ଅଛି କେତେକ ପେଟେଣ୍ଟ ଔଷଧ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନୁସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏହାଛଡ଼ା ଆମ୍ଭେମାନେ ବିଲାତି ଛାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଛାତିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ବରାତ ଦିଆଯିବେ ଏକ ସହିତ ୫ ବଖ ଟଙ୍କା ହିସାବରେ ବଦଳ ହେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଗ୍ରାହକଙ୍କର ଭାର ତାଙ୍କ ଉପରେ ଥିବ । ସେହି ହେଲେ ଛାତିର ପରା ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଉଷଧାଳୟ ।

| | |
|---|---|
| ଜ୍ୱରର ବୈଦ୍ୟ ବା ଓଷଧ ଭୋଗିଲେ ଶୁଦ୍ଧ ହେଲେ ସୁଦ୍ଧା । | ତେଲ ଓ ଅର୍କ । |
| ଅରେଞ୍ଜଶାଳ | ହୋମିଓପାଥିକ । |
| ଚନ୍ଦନାସବ ତେଲ ଜ୍ୱର ରୋଗ ଆଦି ଓ ବୋଷ ସମୂହ । | ବାତ ବିସର୍ଗ ଓ ରକ୍ତ ଚର୍ମ ଓ ଶ୍ୱାସ ସନ୍ଧି |
| ସଦ୍ୟ ଅର୍ଥାତ୍ ନୂତନ କଫଜ କାସର ଯେତେ ଦିନ ଓ କଫନ । | ଉଦର ଦୃଢଶଙ୍କା ଏଙ୍ଗଲିସ ପୁଷ |
| ପେଟେଣ୍ଟ କାସର ରକ୍ତ । | ହେଲଥଲ ଅଟୋର ସାସ୍ କେଶରାଜ ତେଲ |
| ଜାହା ପ୍ରକାରେ ଅଟେ ଜାତଜ ଓ ଉପାୟ ଟିକେ ଦେଶ | ଏ. ଗୋଷ୍ଠଙ୍କ ସାସ୍ତ୍ରୋକ୍ତ ଭାଗୀକ ଓ ବୃଦ୍ଧତା । |
| ଦେହ ଶୁଦ୍ଧ । ଜସର ଷାଲୁନ । | ବଳଶ୍ରୀ ଅକରୋଷ୍ଟ ଏକନ ଭାରତ । |
| ଗାଲାଇ ସାବାନ ଯାହା ଦ୍ୱାରା ପରିଷ୍କାର ହୁଏ । | ଆଇରେଟିକ ପେଟେଣ୍ଟ ଯାହା ଏ ପେଟେଣ୍ଟରେ |
| ଅଶୋକ ସ୍ନେହ—ଅର୍ଥାତ୍ ସୁଗନ୍ଧି ତୈଳ । | ଲେଖି ଅଟନ ପେଟ ଭଲ ହଜମ ସେହି ପେଟେଣ୍ଟ ଲେଖା ଥିବ ଘରେ ଦେଇ ଉପାୟ ଠେଲୋଠେଲି, ବଳ ଲ ଉଚ୍ଚ । |
| ଅଙ୍ଗରାଗ ଚୂର୍ଣ୍ଣ । ଓଲଟାଲ୍ଟି ସୁଷ ଛଡ଼ା । | |
| ପୋର୍ଟୱାଇନ ଓ ସିରପର କେଷ୍ଟର ତେଲ ଓ ରଙ୍ଗ ଭଲେ ଭଲେ | ଜଙ୍ଗ ଓ ପାଉଡରଗୋଲ ଓଳା |
| ହୁକ୍କାର ବାଡ଼ ସଫାଇ ଲେଖିବାଟେଲେ ଖଡ଼ ଓ ଶୁଖିଲେ ଭଲ ହେବ । | ଉଡିକ ଠେଲରେ ଉତ୍ତ ଗାଢତାର ଝାଡ ମନଚାମ୍ପା |
| ଅଲକା ତଲା — ୧୨×୧୦ ଇଞ୍ଚ, ୧୪×୧୨ ଇଞ୍ଚ, ୧୬×୧୪ „ | ରେଲ ଡ୍ରି ପେନସିଲ କଳାତେଲ ପାଉଁ ଓ ଗୋଲ ଓ ଜଡ |
| ମୋଜା ଓ ଗୋଞ୍ଜାଗଡ ଉତ୍ତମ ଖସ ଜଗଦ୍ଦଳ ତରସ ସାକୁ ଭଲ ଓ ଗ୍ରହଣ | ମଦ୍ୟପାନଶାଳା ଓ ଓହ ପାଇ ପାଇଯୋଗ ଓ ଗାଲା । |
| ଲେମନେଡ୍ ଓ ଗେଜ୍ । | ଟ୍ରିଙ୍ଗ ତାର । ଏଚିମୋଣ ଅଥଚ ଲୋଷ୍ଟ ଗ୍ରହଣ ଅଷର ଉଷ୍ଣର ବନ୍ଦରା ଦନରେ ବଡ଼ାର ହୁଏ । |

## ପିଚଢ଼ାର ।

ଏ ତାଳକୁ କେତେଗୋଟି ଗାଈରେ ରଖି କଥାଁରେ ଚଉଲାଇ ଗୋଠାଘରର ପାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଶା ଅରୋ ଲେପିଦେଲେ ମଛିରୁ ଓ ଉଇ ଧରିବ ନାହିଁ ।

କଟିର ତମଡ଼ାରୁ ଓ ଶାଢ଼ରେ ଲଗାଇବାର କାଳ ମଧ ଅଛି ।

ଅରୁଣକଣ୍ଠନ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦✓ |
| ଅଷ୍ଟସ୍ତମ୍ଭରୁ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭରୁ | ଟ ୬ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହରା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

☞ ଏହି ଉତ୍କଳଦୀପିକା ସହର କଟକ ଉଡ଼ିଆବଜାର କଟକ ପ୍ରିଣ୍ଟିଂକମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨୯ ଶ
୩୫ ଶ ସଂଖ୍ୟା

ତା ୩୧ ଶେ ମାହେ ଅଗଷ୍ଟ ସନ ୧୮୯୫ [illegible]

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୪

କଲିକତାର ହାଇକୋର୍ଟ ଦୁର୍ଗୋତ୍ସବ ଉପଲକ୍ଷରେ ଆସନ୍ତା ସେପ୍ଟେମ୍ବରମାସ ତା ୬ ରିଖ ଶୁକ୍ରବାରଠାରୁ ନଭେମ୍ବରମାସ ତା ୧୪ ରିଖ ଶୁକ୍ରବାର ପର୍ଯ୍ୟନ୍ତ ବନ୍ଦ ହେବ । ଉକ୍ତ ସମୟରେ ମାନ୍ୟବର ଟ୍ରେଭେଲିୟାନ ଏବଂ ଗୁରୁଦାସବାନାର୍ଜ୍ଜୀ ଜଷ୍ଟିସମାନେ ହାଇକୋର୍ଟରେ ଉପସ୍ଥିତ ରହି ଆବଶ୍ୟକୀୟ କାର୍ଯ୍ୟ ନିର୍ବାହ କରିବେ ।

କାଶ୍ମୀରର ମହାରାଜା ପ୍ରତାପସିଂହ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ତହିଁର ଉତ୍ତର ଏବଂ ଗବର୍ଣ୍ଣର ଜେନେରଲ ବାହାଦୁର ସେକ୍ରେଟରୀଙ୍କୁ ଯେଉଁ ପତ୍ର ପଠାଇ ଅଛନ୍ତି ତହିଁର ପ୍ରତିଲିପି ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି ଏବଂ ସେଥିରୁ ଦେଖା ଯାଏ ଯେ ଗବର୍ଣ୍ଣମେଣ୍ଟ ମହାରାଜାଙ୍କ ସମ୍ବନ୍ଧରେ ଯାହା ଆଦେଶ ଦେଇ ଅଛନ୍ତି ତାହା ଶୀଘ୍ର ବଦଳିବାର ଆଶା ନାହିଁ ଅର୍ଥାତ ମହାରାଜା ପେନସନଭୋଗୀ ହୋଇ ରହିବେ ଏବଂ କାଶ୍ମୀରର ଶାସନ କାର୍ଯ୍ୟ ସଭାଦ୍ୱାରା ନିର୍ବାହିତ ହେବ । ଗବର୍ଣ୍ଣମେଣ୍ଟଙ୍କର ଧାରଣା ହୋଇଅଛି ଯେ ମହାରାଜା ଶାସନକାର୍ଯ୍ୟରେ ନିତାନ୍ତ ଅପଟୁ ଏବଂ କୌଣସିରୂପେ ତାହାଙ୍କଦ୍ୱାରା ଭଲ କାର୍ଯ୍ୟ ହେବ ନାହିଁ । ମହାରାଜାଙ୍କ କପାଳ ।

ବିଖ୍ୟାତ ଡକାଏତ ତାନ୍ତିଆଭିଲ ଧରା ପଡ଼ିଅଛି ବୋଲି ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । କଥିତ ଅଛି ଯେ ଇନ୍ଦୋର ରାଜ୍ୟର ବକର ଗ୍ରାମରେ ତାନ୍ତିଆର ଏକ ଭଗିନୀ ଅଛି । ସେହି ଭଗିନୀସଙ୍ଗେ ଗତମାସ ତା ୧୧ ରିଖରେ ସେ ଦେଖା କରିବାକୁ ଆସିବ ବୋଲି ଜଣେ ଗ୍ରାମବାସି ଗୁପ୍ତେ ପୁଲିସରେ ସମ୍ବାଦ ଦେବାରୁ ରସାଲଦାର ମେଜର ଈଶ୍ୱରୀପ୍ରସାଦ କେତେକଜଣ ଶିଖସେନାଙ୍କୁ ପଠାଇ ଦେଲେ । ଶିଖମାନେ ଗୋଟିଏ ସାମାନ୍ୟ ଘରେ ଲୁଚି ରହିଥିଲେ । ତାନ୍ତିଆ ଆପଣା ଭଗିନୀ ଘରକୁ ଆସି ଭୋଜନ କରୁଥିବା ସମୟରେ ଅକସ୍ମାତ ଶିଖମାନେ ଯାଇ ତାହାକୁ ଗିରଫ୍ତାର କଲେ । ତାନ୍ତିଆ ଧରାପଡ଼ିବାର ବୃତ୍ତାନ୍ତ ଏହି ମାତ୍ର ପ୍ରକୃତ ତାନ୍ତିଆ ଧରାପଡ଼ିଅଛି କି ନାହିଁ ଅଦ୍ୟାପି ନିଶ୍ଚୟରୂପେ ଜଣା ଯାଇ ନାହିଁ । ଯେଉଁ ତାନ୍ତିଆ ଦଶବର୍ଷ ପୂର୍ବେ ଖାଣ୍ଡୁଆ ଜେଲଖାନାରୁ ପଳାଇ ଥିଲା ଏବଂ ଯେ ଏହି ସମୟ ମଧ୍ୟରେ ପ୍ରାୟ ନ ୪୦୦ ସ୍ଥଳ ଡକାଇତି କରିଥିବାର ଲୋକେ କହୁ ଅଛନ୍ତି ସେ ଯେ ଏତେ ସହଜରେ ଧରା ପଡ଼ିଲା ଏକଥା ସହଜରେ ବିଶ୍ୱାସ ହେଉ ନାହିଁ । ପଶ୍ଚାନ୍ତରେ ତାନ୍ତିଆର ନାମ ଧରି ଏଥି ମଧ୍ୟରେ ଅନ୍ୟ କେତେଜଣ ଡକାଇତି ଆପଣା କାର୍ଯ୍ୟ କରୁ ଯାଉଅଛନ୍ତି ସେମାନଙ୍କ ମଧ୍ୟରୁ ଅନ୍ୟ କେହି ଧରା ପଡ଼ିଥିବ । ଫଳତଃ ସେ ବ୍ୟକ୍ତି ଧରା ପଡ଼ିଅଛନ୍ତି ସେ ଅବଶ୍ୟ ବିଚାରସ୍ଥଳକୁ ଆସିବେ ଏବଂ ତାହାଙ୍କର ପରିଚୟ ପାଇବା ଅନନ୍ତର ଗୋଟିଏ କୌତୁକର ବିଷୟ ହେବ ।

ଢାକାପ୍ରକାଶ ନାମରେ ଯେଉଁ ଅପବାଦର ମୋକଦ୍ଦମା ହୋଇଥିଲା ତହିଁରେ ପଣ୍ଡିତ ଚନ୍ଦ୍ରକାନ୍ତ ନ୍ୟାୟାଲଙ୍କାର ସାକ୍ଷ୍ୟ ଦେଇଥିଲେ ଯେ ଗୋମାଂସ ହିନ୍ଦୁଶ୍ରୁତିରେ ପ୍ରକୃଷ୍ଟ ହେତୁ ଶାସ୍ତ୍ରମତେ ନିଷିଦ୍ଧ ନୁହଇ । ହାପଲା ନାମକ ସମ୍ବାଦପତ୍ର ଏଥିର ପ୍ରତିବାଦ କରିଥିବାରୁ ଜଣେ ପତ୍ରପ୍ରେରକ ପଣ୍ଡିତଙ୍କ ବ୍ୟବସ୍ଥା ବିରୁଦ୍ଧରେ ଶାସ୍ତ୍ରସଙ୍ଗତ କାରଣ ଦେଖାଇବାକୁ ଚେଷ୍ଟା କରି ଲେଖିଥିଲେ । ସମ୍ପାଦକ ତହିଁର ଉତ୍ତରରେ ନିମ୍ନଲିଖିତ ବଚନଟି ଦର୍ଶାଇ ଅଛନ୍ତି ଯଥା ;—

ଗୋମାଂସଦାତା ଭୋକ୍ତା ଚ ଗୋମେଧ ବ୍ରତକାରକାଃ । ତେ ସର୍ବେ ପତିତା ଜ୍ଞେୟାଃ କଟୀକୁମ୍ଭକଶାସ୍ତ୍ରତଃ । ତଦ୍‌ଗୃହଂ ପତିତଂ ଜ୍ଞେୟଂ ଯତ୍ର ଗୋମାଂସଭକ୍ଷଣଂ ।

ମୁକ୍ତିମୁକ୍ତାବଳୀ ୧୩ ଅଧ୍ୟାୟ ।

କର୍ତ୍ତାରଃ ଭୋକ୍ତାରଃ ଦାତାରଃ ଅନୁଭକ୍ତାରଶ୍ଚ ସର୍ବେ ଏବୈତେ ପାତକିନଃ ।

ଅଗସ୍ତ୍ୟସଂହିତା ।

ଏଥିରୁ ସ୍ପଷ୍ଟ ପ୍ରକାଶ ଯେ କଳିଯୁଗରେ ଯେ କେହି ଗୋମାଂସ ଖାଇବ, ଖୁଆଇବ ବା ଗୋମେଧଯଜ୍ଞ କରିବ ସେ ଶାସ୍ତ୍ରମତେ ପତିତ ହେବ ଏବଂ ଯେଉଁ ଗୃହରେ ଗୋମାଂସ ରନ୍ଧନ ଖାଇବ ସେ ଗୃହ ଅପବିତ୍ର ହେବ । ଆଜିକାଲି ବଡ଼ ବଡ଼ ଲୋକମାନେ ଆପଣା ଘରେ ବା ଅନ୍ୟଠାରେ ସାହେବମାନଙ୍କୁ ଖାନା ଦେଉ ଅଛନ୍ତି ଏବଂ ତହିଁରେ ଗୋମାଂସ ବ୍ୟବହାର ହେଉଅଛି ଅଥଚ ତହିଁରେ

Digitized by srujanika@gmail.com

Split by PDF Splitter



ତାହାର ଆପତ୍ତି ଦେଖା ଯିବାର ଘଟଣା ଥାଉ। ବଡ଼ ବଡ଼ ହନୁମାନେ ଭକ୍ତି ଭାବରେ ଯୋଗଦାନ କରୁଅଛନ୍ତି ଅର୍ଥାତ୍ ଖାନାସ୍ଥଳରେ ଉପସ୍ଥିତ ହୋଇ ଅପଧ୍ୟାସିତ କରୁଅଛନ୍ତି ତନ୍ତୁ ଜାତିସ୍ଥାଇର କଥା ପଡିଲେ ଏହିମାନେ ପୁଣି ଖଡ୍ଗହସ୍ତ । କାଳର କ କୁଟିଳ ଗତି ।

---

ଅନୁଗୁଳର ଦୁର୍ଭିକ୍ଷ ସମ୍ବନ୍ଧରେ ଗତ କଲିକତା ଗେଜେଟରେ ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କର ଏକ ନିର୍ଦ୍ଧାରଣ ବାହାର ଅଛି । ଏଥି ଲିଖିତ ଅନେକ ବିଷୟ ଏଥି ପୂର୍ବରୁ ପ୍ରକାଶ ପାଇଥିବାରୁ ତାହା ସବୁ ପୁନର୍ବାର ଲେଖିବାର ଆବଶ୍ୟକ ନାହିଁ । ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଏହି ନିର୍ଦ୍ଧାରଣରେ ପାଠକଲୁଁ ଜେ ବାବୁ କାଳୀପଦ ମୁଖର୍ଯ୍ୟା ଅଶିଷ୍ଟାଣ୍ଟ କମିଶନର ଅନୁଗୁଳକୁ ପ୍ରେରିତ ହୋଇ ସେଠାରେ ଉତ୍ତମକାର୍ଯ୍ୟ କରିଥିବାର ଲେଫ୍ଟେନାଣ୍ଟ ବାହାଦୁର ଆନନ୍ଦସହିତ ସ୍ୱୀକାର କରିଅଛନ୍ତି । ଅନୁଗୁଳର ଲୋକସଂଖ୍ୟା ପ୍ରାୟ ଏକଲକ୍ଷ । ଏଥି ମଧ୍ୟରୁ ଶତକଡ଼ା ୧୦ ଜଣ ଲେଖାଏଁ ସାହାଯ୍ୟ ପାଇବାର ଯୋଗ୍ୟ ବୋଲି ସ୍ଥିର ହୋଇଅଛି ଏବଂ ଏମାନଙ୍କ ସାହାଯ୍ୟ ନିମନ୍ତେ ନିମ୍ନଲିଖିତରୂପେ ଟଙ୍କା ମଞ୍ଜୁର ହୋଇଅଛି । ଯଥା—

| | |
|---|---|
| ସଡ଼କ କିମ୍ବା ଇତ୍ୟାଦି କାର୍ଯ୍ୟସକାଶେ | ଟ° ୭୦୦୦ |
| ତଗାବି ଦାଦନ ସକାଶେ | ଟ ୧୨୦୦୦ |
| ଅନାଥ ବାଳିକା ସକାଶେ | ଟ ୧୬୯୫୭ |
| ଚିକିତ୍ସା ଓ ଅନ୍ୟାନ୍ୟସାହାଯ୍ୟ ସକାଶେ | ଟ ୪୮୯୫ |
| ମୋଟ | ଟ ୪୦୮୫୨ |

ଏପରି ଧାନ ଖରିଦ କରି ପଠାଇବା ସକାଶେ ଟ ୧୫୦୦୦ ଙ୍କା ପୂର୍ବରୁ ମଞ୍ଜୁର ହୋଇ ଧାନ ପଠାଯାଇ ଅଛି । ଏହି ଧାନ କୁଟିବାରେ ଅନେକ ଲୋକ ସାହାଯ୍ୟ ପାଇବେ ଓ ସୂତା କାଟିବା, ଲୁଗା ବୁଣିବା ବାଉଁଶପାତିଆର ପାଚିଆ ଖଙ୍କା ଗୁଙ୍କୁଡ଼ି ଇତ୍ୟାଦି ପ୍ରସ୍ତୁତ କରିବାଦ୍ୱାରା ସାହାଯ୍ୟ ଦାନର ବ୍ୟବସ୍ଥା ହୋଇଅଛି । ଆଗାମୀ ଫସଲ ହସ୍ତଗତ ହେବା ପର୍ଯ୍ୟନ୍ତ ସାହାଯ୍ୟ ଦିଆଯିବ ଏବଂ ଏଥି ଉତ୍ତାରୁ ଆବଶ୍ୟକ ହେଲେ ଅଉ ଟଙ୍କା ସରକାର ମଞ୍ଜୁର କରିବେ । ଏପରି ପ୍ରତ୍ୟେକ ଗ୍ରାମ ବୁଲି ଲୋକଙ୍କର ଓ ଫସଲ ଅବସ୍ଥା ଲୋକସଂଖ୍ୟା ଓ ଆହାର ଏବଂ ଓଲାଉଠାରେ କେତେକ ମୃତ୍ୟୁ ହୋଇଅଛି ଏସମସ୍ତ ବିଷୟଁ ତଦନ୍ତ କରି ଜାଣିବା ପଠାଇବା କାରଣ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ବିଶ୍ୱସ୍ତସୂତ୍ରରେ ଅବଗତ ହେଲୁଁ ଯେ ଆମ୍ଭମାନଙ୍କର ପରମବନ୍ଧୁ ଶ୍ରୀଯୁକ୍ତ ଟି, ଇ, ରେବନ୍‌ଶା ସାହେବ ବିଲାତରେ ଇହକାଳର ଲୀଳା ଶେଷ କରିଅଛନ୍ତି । ଏସମ୍ବାଦରେ ଓଡ଼ିଶାବାସୀ ସମସ୍ତେ ଦୁଃଖିତ ହେବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଇଂରାଜଙ୍କ ଅଧିକାରରେ ଓଡ଼ିଶା ଆସିଲାଦିନୁ ଯେତେ ହାକିମ ଏପ୍ରଦେଶର ହିତସାଧନ କରିଅଛନ୍ତି ମହାତ୍ମା ରେବନ୍‌ଶାସାହେବ ସେମାନଙ୍କର ଅଗ୍ରଗଣ୍ୟ ଅଟନ୍ତି । ଏହାଙ୍କପରି ଓଡ଼ିଶାର ଉନ୍ନତି କେହି କରି ନାହାନ୍ତି । କଲେଜ, ବାଳିକାବିଦ୍ୟାଳୟ, ସର୍ଭେସ୍କୁଲ, ଡାକ୍ତରୀସ୍କୁଲ ଚାନ୍ଦବାଲିବନ୍ଦର ପ୍ରଭୃତି ତାହାଙ୍କର ଅକ୍ଷୟକୀର୍ତ୍ତିସ୍ୱରୂପ ରହିଅଛି । ଓଡ଼ିଆଙ୍କର କାହିଁରେ ମଙ୍ଗଳ ହେବ ତାହାଙ୍କର ଏକମାତ୍ର ବ୍ରତ ଥିଲା ଏବଂ ଓଡ଼ିଆଙ୍କୁ ସରକାରୀ ଉଚ୍ଚପଦମାନ ଦେବା କାରଣ ସର୍ବଦା ଯତ୍ନବାନ୍ ଥିଲେ । ଓଡ଼ିଆଭାଷାର ଗୌରବ ତାହାଙ୍କଦ୍ୱାରା ରକ୍ଷା ପାଇଅଛି ଏବଂ କଟକ ପ୍ରିଣ୍ଟିଂକମ୍ପାନୀ ଓ ଏହି ସମ୍ବାଦପତ୍ର ତାହାଙ୍କଠାରେ ଅନେକ ପରିମାଣରେ ଋଣୀ । ଓଡ଼ିଶାପ୍ରତି ତାଙ୍କର ଏତେ ମମତା ଥିଲା ଯେ ଏହିଠାରେ କବର ନେବେ ବୋଲି, କେତେଥର କହୁଥିଲେ । ରେବନ୍‌ଶା ସାହେବ ସନ ୧୮୪୯ ସାଲ ଜୁନମାସରେ ପ୍ରଥମରେ ଭାରତବର୍ଷକୁ ଆସି ନାନାସ୍ଥାନରେ କାର୍ଯ୍ୟ କରି ସନ ୧୮୬୫ ସାଲ ଜୁନମାସରେ ଓଡ଼ିଶାର କମିଶନର ହେଲେ । ଏଠାକୁ ଆସିବାର କିଛିଦିନ ଉତ୍ତାରୁ ନଅଙ୍କର ଘୋର ଦୁର୍ଭିକ୍ଷ ଉପସ୍ଥିତ ହେଲା । ଏପ୍ରଦେଶର ଅବସ୍ଥା ତାହାଙ୍କୁ ଜଣା ନ ଥିବାରୁ ପ୍ରଥମରେ ସେ ଭ୍ରମରେ ପଡିଥିଲେ ଏବଂ ସେହି ହେତୁରୁ ଦୁର୍ଭିକ୍ଷର ସାହାଯ୍ୟକାର୍ଯ୍ୟ ଏବଂ କେନାଲ ଇନ୍ତାକାର କାର୍ଯ୍ୟରେ କେତେ ତ୍ରୁଟି ଘଟିଥିଲା । ମାତ୍ର ଦୁର୍ଭିକ୍ଷ ଅବସାନ ସଙ୍ଗେ ସଙ୍ଗେ ତାହାଙ୍କ ଭ୍ରମ ଦୂରୀଭୂତ ହେଲା ଏବଂ ସେହିଠାରୁ ଓଡ଼ିଶାର ଅକୃତ୍ରିମ ବନ୍ଧୁରୂପେ ନାନା ହିତକାର କାର୍ଯ୍ୟରେ ସର୍ବଦା ନିଯୁକ୍ତ ରହିଲେ । ପ୍ରାୟ ଏକଯୁଗ ଓଡ଼ିଶାର କମିଶନର ରହି ସନ ୧୮୭୮ ସାଲ ଶେଷରେ ବର୍ତ୍ତମାନର କମିଶନରପଦରେ ନିଯୁକ୍ତ ହେଲେ ଏବଂ ସନ ୧୮୮୦ ସାଲ ଡିସେମ୍ବର ମାସରେ ପେନ୍‌ସନ୍ ଗ୍ରହଣପୂର୍ବକ ଭାରତବର୍ଷରୁ ବିଦାୟ ହେଲେ । ପରମେଶ୍ୱର ତାହାଙ୍କ ଆତ୍ମାର ମଙ୍ଗଳବିଧାନ କରନ୍ତୁ ।

---

## ବାଣିଜ୍ୟ ।

ହୋପକାମଙ୍କ କଲିକତାର ଶନିଏ ଇଂରାଜୀ ସାପ୍ତାହିକପତ୍ରିକାରେ ଶିକ୍ଷିତ ନବ୍ୟଯୁବକଙ୍କ ବାଣିଜ୍ୟବିଷୟରେ ନିମ୍ନଲିଖିତ କଥାଗୁଡ଼ିକ ଲେଖାଅଛି । ଇଦାନିନ୍ତନ ନବ୍ୟଯୁବକମାନେ କେବଳ କେରାଣୀ କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ ଭିନ୍ନ ଭିନ୍ନ ବ୍ୟବସାୟରେ ପ୍ରବୃତ୍ତ ହେବାକୁ ସଚେଷ୍ଟ ହେବାର ଦେଖାଯାଉଅଛି କିନ୍ତୁ ନୂତନବ୍ୟବସାୟୀ ଯୁବକବୃନ୍ଦ ସ୍ୱ ସ୍ୱ ବ୍ୟବସାୟ ପସନ୍ଦ କରିବା ପକ୍ଷରେ ସଦ୍‌ବିବେଚନାର ପରିଚୟ ଦେଉ ନାହାନ୍ତି । ଯଦ୍ୟପି କେହି ଜଣେ ଉକ୍ତ ବୁଦ୍ଧି, ଚେଷ୍ଟା, ଉଦ୍ୟମ, ଚତୁରତା ଓ କଲ୍ପନାଶକ୍ତି ପ୍ରଭାବରୁ କୌଣସି ବ୍ୟବସାୟରେ ଯୋଗପ୍ରଦାନ କରି ଲାଭବାନ୍ ହୁଅନ୍ତି, ତେବେ ତାଙ୍କର ସନ୍ନିକଟସ୍ଥ ବନ୍ଧୁମାନେ ଓ ପ୍ରତିବାସିମାନେ ହିଂସା ଓ ଦ୍ୱେଷରେ ଜର୍ଜରିତ ହୁଅନ୍ତି । ସେ ଲାଭବାନ୍ ହେଲା, ଏମନ୍ତେ ସ୍ଥିର ହୋଇ ଦେଖୁଥିବେ ତାହା ସହ୍ୟ ହେବ ନାହିଁ । " ଭାଇ ଦଗାର " ବୋଲି ପ୍ରବାଦ ଅଛି । ସୁତରାଂ ଅନ୍ୟ ଗୋଟିଏ ପ୍ରତିଯୋଗୀ ବ୍ୟବସାୟ ମୁହୂର୍ତ୍ତମଧ୍ୟରେ ତାହାକୁ ବିନଷ୍ଟ କରିବା ନିମନ୍ତେ ଖୋଲା ହେଲା । ମନେ ଥିଲା ସେ ଲାଭବାନ୍ ହେଉଅଛି ସେମାନେ ମଧ୍ୟ ଉକ୍ତ ବ୍ୟବସାୟ ଅବଲମ୍ବନ କଲେ ଲାଭବାନ୍ ହେବେ କିନ୍ତୁ " ହିତେ ବିପରୀତ " ଘଟିଲା । ପୁରାତନ ବ୍ୟବସାୟୀର ଲାଭ କମିବାକାଳ ନିମନ୍ତେ ସ୍ଥଗିତ ହେଲା ଅଥବା ପୂର୍ବାପେକ୍ଷା ନ୍ୟୂନ ଲାଭ ହେଲା ସତ୍ୟ କିନ୍ତୁ ଶେଷଫଳ ଉପଦେଶପୂର୍ଣ୍ଣ ଅଟେ । ଅବଶେଷରେ କଷ୍ଟକାଳ ଜିନିସପତ୍ର କମମୂଲ୍ୟରେ ବିକ୍ରୟ କରି ଓ ମୂଳଧନରୁ କିଛି ଲାଭ ନ ପାଇ ପୁରାତନବ୍ୟବସାୟୀ କ୍ଷତିପୂରଣ କରିବାକୁ ସକ୍ଷମ ହୁଏ ଓ ସ୍ୱବ୍ୟବସାୟର ଶ୍ରୀବୃଦ୍ଧିସାଧନ କରେ । ଅତ ନୂତନବ୍ୟବସାୟିମାନେ ଅଦ୍ଭୁତ ଉପାୟରେ ଯାଇ କଷ୍ଟ ପ୍ରାପ୍ତ ହୁଅନ୍ତି । ଦୂରଦର୍ଶୀ ନ ହେଲେ କେବଳ ବ୍ୟକ୍ତିବିଶେଷର କ୍ଷତି ନ ହୋଇ ସାଧାରଣର ମଧ୍ୟ କ୍ଷତି ହୁଏ । ବ୍ୟବସାୟୀଲୋକମାନେ ଏମାନଙ୍କ ଦୁର୍ଦ୍ଦଶା ଦେଖି ଆହ୍ଲାଦିତ ହୁଅନ୍ତି ।

---

## ବଙ୍ଗଳାର ଅବକାରୀ ବ୍ୟବସ୍ଥା ।

ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଏବଂ ବିଲାତସ୍ଥ ଭାରତୀୟ ସେକ୍ରେଟେରୀଙ୍କ ଅନୁମୋଦନ କ୍ରମେ ଏ ପ୍ରଦେଶରେ ମଦ୍ୟପାନ ନିବାରଣପକ୍ଷରେ

Digitized by srujanika@gmail.com

Split by PDF Splitter



ଚଳଲକ୍ଷିତ ମୂଳନୀତିମାନ ଧାର୍ଯ୍ୟ ହୋଇଅଛି ଯଥା— ୧ମ, ଦେଶୀୟଲୋକମାନଙ୍କୁ ସୁରାପାନ-ପ୍ରବୃତ୍ତିରୁ ବିରତ କରିବା । ୨ୟ, ଦେଶୀମଦ ପ୍ରସ୍ତୁତ ବା ବିକ୍ରୟ ନ ହେବା ପ୍ରତି ଦୃଷ୍ଟି ରଖି ମଦରୁ ଟିକସ୍ ଯଥାସମ୍ଭବ ବୃଦ୍ଧି କରିବା । ତୃତୀୟ ଉପରଲିଖିତ ଦୁଇ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ରଖି ଅନ୍ୟ ମାଦକଦ୍ରବ୍ୟ ଉପରେ ସର୍ବୋଚ୍ଚ ରାଜସ୍ୱ ଆଦାୟ କରିବା । ଏହି ନୀତି ଅନୁସାରେ କାର୍ଯ୍ୟ କରିବାପାଇଁ ଆବକାରୀମାହାଲ ସକାଶେ ଜଣେ ସ୍ୱତନ୍ତ୍ର କମିଶ୍ନର ନିଯୁକ୍ତ ହୋଇ ଅଛନ୍ତି ଏବଂ ଭାରତବର୍ଷର ନାନାପ୍ରଦେଶରେ ଯେ ନିୟମରେ ଆବକାରୀ କାର୍ଯ୍ୟ ଚଳୁଅଛି ଏବଂ କେଉଁ ପ୍ରଦେଶର କେଉଁ ନିୟମ ଉକ୍ତ ଉଦ୍ଦେଶ୍ୟ ସଫଳ କରିବାପ୍ରତି ବିଶେଷ ଅନୁକୂଳ ତାହା ଅନୁସନ୍ଧାନ କରିବା କାରଣ ଶ୍ରୀଯୁକ୍ତ ବକଲଣ୍ଡସାହେବ ନିଯୁକ୍ତ ହୋଇଥିଲେ । ସେ ଯେଉଁ ରିପୋର୍ଟ ଦେଇଅଛନ୍ତି ବଙ୍ଗୀୟଗବର୍ଣ୍ଣମେଣ୍ଟ ତହିଁର ସମାଲୋଚନା ପୂର୍ବକ ଏକ ନିର୍ଦ୍ଧାରଣ ଲିପିବଦ୍ଧ କରିଅଛନ୍ତି । ଖୋଲାଭାଟି ଉଠାଇଦେବା ଏକପ୍ରକାର ସ୍ଥିର ହୋଇଅଛି କାରଣ ହେଉଛି ସ୍ଥାନରେ ଦେଖାଯାଇ ଅଛି ଯେ ମଦଭାଟିର ନିୟମ ରକ୍ଷା କରିବା ଅସାଧ୍ୟ ଅଟଇ ଏବଂ ସେପରି ସ୍ଥାନମାନଙ୍କରୁ ଏକାବେଳକେ ଖୋଲାଭାଟି ଉଠାଇଦେବାର ଉପାୟ ନାହିଁ । ଅତଏବ କ୍ରମଶଃ ଖୋଲାଭାଟି ଉଠାଇଦେବାର ବନ୍ଦୋବସ୍ତ ହେବ । ସଦରଭାଟି ସମ୍ପର୍କରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ କହୁଅଛନ୍ତି ଯେ ମାନ୍ଦ୍ରାଜ ଓ ବମ୍ବେଇରେ ଯେଉଁ ନିୟମରେ ସଦରଭାଟିର କାର୍ଯ୍ୟ ଚଳୁଅଛି ସେହି ନିୟମରେ ବଙ୍ଗପ୍ରଦେଶରେ କାର୍ଯ୍ୟ କରିବାକୁ ହେବ ନଚେତ୍ ବାଞ୍ଛିତଫଳ ଲାଭ ହେବ ନାହିଁ । ବଙ୍ଗଳାର ମଦଭାଟି ବର୍ତ୍ତମାନ ଯେପରି ଅବସ୍ଥାରେ ଅଛି ତାହା ଏକକେ କେତେଗୁଡ଼ିଏ ଖୋଲାଭାଟି ସ୍ଥାପିବାତୁଲା ଅଛି ବହୁ ନୁହଇ । ଏପ୍ରକାର ସଦରଭାଟିରେ ପ୍ରସ୍ତୁତହେବା ମଦ ଖୋଲାଭାଟି ମଦଠାରୁ କୌଣସିରୂପେ ପୃଥକ୍ ନୁହଇ ଏବଂ ଏଥିରେ ଦୋଷ ଏହି ଯେ ଏହା ଅଧିକଦିନ ରହି ନ ପାରେ ସୁତରାଂ ସ୍ଥାନାନ୍ତରକୁ ପଠାଇବାର ଉପଯୁକ୍ତ ନୁହଇ ଅଧିକଦିନ ରହିବାଭଳି ମଦ ଦେଶୀୟ ରୀତିରେ ପ୍ରସ୍ତୁତ ହୋଇପାରିବା ଅସମ୍ଭବ ଏବଂ ବିଲାତୀରୀତିରେ ମଦ ପ୍ରସ୍ତୁତ କରିବାର ଏଥିପୂର୍ବେ ଚେଷ୍ଟା ହୋଇଥିଲା ମାତ୍ର ସଫଳ ହେଲା ନାହିଁ । ତେଣୁ ଗବର୍ଣ୍ଣର ଜେନେରଲଙ୍କ ଅଭିପ୍ରାୟ ଏହି ଯେ ଯେପରି ବିଲାତିପ୍ରଥାରେ ମଦ ପ୍ରସ୍ତୁତ କରିବା ମାନ୍ଦ୍ରାଜ ଓ ବମ୍ବେଇରେ ସଫଳ ହେଲା ସେପରି ବଙ୍ଗଳାରେ ନ ହେବାର କୌଣସି କାରଣ ନାହିଁ ଅତଏବ ପୁନର୍ବାର ପରୀକ୍ଷା କରିବା ଉଚିତ । ଏହି ମନ୍ତବ୍ୟ ଅନୁସାରେ ବଙ୍ଗୀୟଗେଭର୍ଣ୍ମେଣ୍ଟ ଆବକାରୀକମିଶ୍ନରଙ୍କୁ ଆଦେଶ ଦେଇଅଛନ୍ତି ଯେ ଗଞ୍ଜାମପରି ଓଡ଼ିଶାରେ ଆସ୍କାମଦ ପ୍ରଚଳିତ ହୋଇପାରେ କି ନା ସ୍ଥାନୀୟ ହାକିମଙ୍କ ସହିତ ପରାମର୍ଶ କରି ତହିଁର ରିପୋର୍ଟ ପଠାଇବେ । ମିଞ୍ଚିନସାହେବ ଆସ୍କାରେ ଦେଶୀୟମଦ ପ୍ରସ୍ତୁତ କରି ସମସ୍ତ ଗଞ୍ଜାମଜିଲ୍ଲାକୁ ଯୋଗାଉ ଅଛନ୍ତି । ଓଡ଼ିଶା ଗଞ୍ଜାମକୁ ଲାଗିଅଛି ସୁତରାଂ ମିଞ୍ଚିନସାହେବଙ୍କ ସଙ୍ଗେ ବନ୍ଦୋବସ୍ତ କଲେ ସେ ଓଡ଼ିଶାକୁ ଦେଶୀୟମଦ ଯୋଗାଇ ପାରନ୍ତି ଆବକାରୀ କମିଶ୍ନରଙ୍କ ତଦନ୍ତ କଲାଉତ୍ତାରୁ ଫଳ ଜଣାଯିବ । ଅପାତତଃ ଜଣାଯାଏ ଯେ ଓଡ଼ିଶାର ନିମକମହାଲପରି ମଦର କାରବାର ଗଞ୍ଜାମର ଅଧୀନ ହେବ ଓ ଯେମନ୍ତ ଏକପକ୍ଷରେ ଏଠାର ମଲେଙ୍ଗିମାନେ ମରାପଡ଼ିଲେ ତେମନ୍ତ ଅନ୍ୟପକ୍ଷରେ ଶୁଣ୍ଡିମାନଙ୍କର ମଧ୍ୟ ପାଳା ଉଠିବ ।

—— ——

### ଗଡ଼ଜାତ ଅବସ୍ଥା ।

ଶ୍ରୀଯୁକ୍ତ ପ୍ରଧାନ ସେକ୍ରେଟରୀ ଏଡ଼ଗାର ସାହେବଙ୍କ ଅନୁସନ୍ଧାନର ଫଳ ଆମ୍ଭେମାନେ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁଁ ଏବଂ ତହିଁରେ ବିସ୍ତାରିତ ବିଷୟରେ ସନ୍ଦେହ ଥିବାର ମଧ୍ୟ ପ୍ରକାଶ କରିଥିଲୁଁ । ସମ୍ପ୍ରତି କଲିକତା ଗେଜେଟରେ ଗଡ଼ଜାତର ଅବସ୍ଥା ବିଷୟରେ ମାନ୍ୟବର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ନିର୍ଦ୍ଧାରଣ ବାହାରିଅଛି ତହିଁରେ ଶ୍ରୀଯୁକ୍ତ ଏଡ଼ଗାର ସାହେବଙ୍କ ଅନୁସନ୍ଧାନମତେ ପ୍ରତ୍ୟେକ ଗଡ଼ଜାତର ଯେପରି ଅବସ୍ଥା ପ୍ରତ୍ୟକ୍ଷ ହୋଇଅଛି ତାହା ବାହୁଲ୍ୟରୂପେ ବର୍ଣ୍ଣିତ ହୋଇଅଛି ଏବଂ ତଦୃଷ୍ଟିରେ ଜଣାଯାଉଅଛି ଯେ ପୂର୍ବେ ଗବର୍ଣ୍ଣମେଣ୍ଟ ଯାହା ପ୍ରକାଶ କରିଥିଲେ ତାହା ସଂକ୍ଷିପ୍ତ ବିବରଣ ଥିଲା ଏବଂ ସକଳ କଥା ବିସ୍ତାରିତରୂପେ ଲେଖା ନ ଥିବାରୁ ଆମ୍ଭେମାନେ ସେକ୍ରେଟରୀ ସାହେବଙ୍କ ଅନୁସନ୍ଧାନରେ ତ୍ରୁଟି ଥିବାର ସନ୍ଦେହ କରିଥିଲୁଁ । ଆମ୍ଭମାନଙ୍କର ସନ୍ଦେହ କେବଳ ଦଶପଲ୍ଲା ବିଷୟ ସମ୍ପର୍କରେ ହୋଇଥିଲା । ଏଥିରୁ ଏହି ବିଷୟ ସମ୍ପର୍କରେ ଉପରଲିଖିତ ନିର୍ଦ୍ଧାରଣରେ ଉଲ୍ଲିଖିତ କଥାମାନ ଲେଖା ଅଛି ଯଥା ।—

ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଗତ ଜୁନମାସରେ ଦଶପଲ୍ଲାକୁ ଯାଇ ଥିଲେ ସେ ରିପୋର୍ଟ କଲେ ଯେ ଉକ୍ତ କିଲ୍ଲାର ପ୍ରାୟ ସର୍ବାଂଶରେ ଫସଲ ନଷ୍ଟ ହୋଇଥିଲା ଏବଂ ଯୋଡ଼ାମୁଣ୍ଡି ଓ ପାଞ୍ଚପଲ୍ଲୀକି ଅଧିକ ବାଧିଥିଲା । ଏକା ଯୋଡ଼ାମୁଣ୍ଡିରେ ବାରଅଣା ଲୋକ ସାହାଯ୍ୟ ପାଇବାର ଯୋଗ୍ୟ ଥିଲେ । ପାଞ୍ଚପଲ୍ଲୀ ଓ କିଲ୍ଲାର ଅବସ୍ଥା ତେତେ ମନ୍ଦ ନ ଥିଲା ବ୍ୟକ୍ତିବିଶେଷ ଛଡ଼ା ସାଧାରଣ କାର୍ଯ୍ୟଦ୍ୱାରା ଲୋକଙ୍କୁ ମୂଲ ଯୋଗାଉଥିଲେ । ରାଜା ଆପଣାଗଡ଼ରେ ଗୋଟାଏ ପୁଷ୍କରିଣୀ ଆରମ୍ଭ କରି ଦୁଇହଜାର ଟଙ୍କା ବ୍ୟୟ କରିବାର ଇଷ୍ଟିମେଟ କରିଥିଲେ ମାତ୍ର କାର୍ଯ୍ୟ ଅତି ଅଳ୍ପ ହୋଇଥିଲା । ଏପରି ରାଜା ଏକଶ ଟଙ୍କାର ଧାନ ରିଣ କରି ଲୋକଙ୍କୁ ଦେଢ଼ି ଦେଇଥିଲେ । ରାଜାଙ୍କ ଭଣ୍ଡାରରେ ଟଙ୍କା ଅଥବା ଖମାରରେ ଧାନ ନ ଥିଲା ଓ ସରକାରରୁ ଯେଉଁ ଟ ୨୦୦୦ ଙ୍କା କରଜ କରିଥିଲେ ତାହା ସାହାଯ୍ୟ କାର୍ଯ୍ୟ ନିମିତ୍ତ ନିତାନ୍ତ ଊଣା ଥିଲା । ରାଜ୍ୟର କଠିନ ଅବସ୍ଥା ବୁଝାଇ ଦିଆଯିବାରେ ରାଜା ଆଉ ୩୦୦୦ଙ୍କା କର୍ଜ କରିବାକୁ ସମ୍ମତ ହେଲେ । ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପୁନର୍ବାର ଜୁଲାଇ ମାସରେ ଏ କିଲ୍ଲାକୁ ଯାଇ ଦେଖିଲେ ଯେ ଅତି ସାମାନ୍ୟରୂପ ସାହାଯ୍ୟ ଦିଆ ଯାଉଅଛି ଅର୍ଥାତ୍ ଯୋଡ଼ାମୁଣ୍ଡିରେ ଜ ୨୯୯ ଣ ରଇତଙ୍କୁ ଟ ୫୧୩ ଙ୍କା ନଗଦ ଦାଦନ ଏବଂ ଜ ୫୩୫ ଣ ରଇତଙ୍କୁ ମ ୧୬୮ ହଣ ଧାନ ରିଣ ଦିଆଯାଇ ଥିଲା ଏବଂ ଗୋଟାଏ ଅନ୍ନଛତ୍ରରେ ୧୬ ଜଣ ସାହାଯ୍ୟ ପାଉଥିଲେ । ରାଜା ଗଡଠାରେ ଗୋଟାଏ ରାସ୍ତା ଫିଟାଇବେ ବୋଲି କହୁଅଛନ୍ତି ମାତ୍ର ତାହାଙ୍କର ଟଙ୍କା ବା ଧାନ ନାହିଁ ଏବଂ ବର୍ତ୍ତମାନର କଠିନ ଅବସ୍ଥାକୁ ସେ ଉଚିତରୂପେ ହୃଦୟଙ୍ଗମ କରି ପାରୁ ନାହାନ୍ତି । ଏଥି ଉତ୍ତାରୁ ଶ୍ରୀଯୁକ୍ତ ଏଡ଼ଗାର ସାହେବ ଅନୁଗୁଳରୁ ଫେରି ଆସିବାବେଳେ ମହାନଦୀ ନିକଟ ଏକ ଗ୍ରାମରେ ରାଜାଙ୍କ ସହିତ ସାକ୍ଷାତ୍ କରିବାର ଆଦେଶ ପଠାଇଥିଲେ । ମାତ୍ର କେବଳ ରାଜାଙ୍କ ଦେୱାନଙ୍କ ସଙ୍ଗେ ସାକ୍ଷାତ୍ ହେଲା । ଦେୱାନ କହିଲେ ଯେ ରାଜା ପୀଡ଼ିତ ଥିବାରୁ ଆସିପାରିଲେ ନାହିଁ ଏବଂ ସେ ଆହୁରି କହିଲେ ଯେ ରାଜା ସ୍ୱୟଂ କିଛି ସାହାଯ୍ୟ କାର୍ଯ୍ୟ କରିବେ ନାହିଁ ଜମା ତାହାଙ୍କୁ କରିବାକୁ ଦେବେ ନାହିଁ ଓ ସମ୍ପ୍ରତି ଯେଉଁ ଟ ୩୦୦୦ ଙ୍କା ସରକାରୁ ରିଣ

Digitized by srujanika@gmail.com

Split by PDF Splitter



ହେବାକୁ ମଞ୍ଜୁର କରିଅଛନ୍ତି ତାହା ଜଣିବା-ପାଇଁ ଇଣ୍ଡିଆକୁ ମନୁଷ୍ୟ ପଠାଇ ନାହାନ୍ତି । ଏଡ଼ଗାର ସାହେବ ନିକଟବର୍ତ୍ତି କେତେକ ଗ୍ରାମ ବୁଲି ଦେଖିଲେ ଏବଂ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଦେବାନଙ୍କ ଇଜହାର ନେଲେ । ଏହି ଇଜହାରରେ ପ୍ରକାଶ ପାଇଲା ଯେ ଯୋଡ଼ାମୁହିଁରେ ପୂର୍ବେ ଅନାହାରରେ ୫୮ ଜଣଙ୍କର ମୃତ୍ୟୁ ହୋଇଥିଲା ତହିଁ ଉତ୍ତାରେ ୮ ଜଣଙ୍କର ମୃତ୍ୟୁ ହୋଇଅଛି ଏବଂ ବାଲୁପରଗଣାରେ ୨୨ଜଣଙ୍କର ମୃତ୍ୟୁ ହୋଇଅଛି । ଅନ୍ୟ ଏଲାକାର ତାଲିକା ଦଉ ଅସି ନାହିଁ । ଯୋଡ଼ାମୁହିଁର ୫୮ ଜଣ ମୃତ୍ୟୁ ଅନାହାରରୁ ଘଟିଥିବାର ଦେବାନ ଅନୁସନ୍ଧାନଦ୍ୱାରା ବୁଝିଅଛନ୍ତି । ଦେବାନ ଅନେକ ଅନେକ କଥା କହିଲେ ଏବଂ ତହିଁରୁ ପ୍ରକାଶ ହେଲା ଯେ ରାଜାଙ୍କର ସାହାଯ୍ୟ ଦେବାର ଇଚ୍ଛା ନାହିଁ କେବଳ ଫାଙ୍କି ଦେଉଅଛନ୍ତି । ଶ୍ରୀଯୁକ୍ତ ଏଡ଼ଗାର ସାହେବ ତଦନ୍ତକରି ବୁଝିଲେ ଯେ ସରକାରୀ ତାଲିକାମତେ ୧୪୮ ମୃତ୍ୟୁ ଅପେକ୍ଷା ଅଧିକ ମୃତ୍ୟୁ ହୋଇଥିବାର କେତେକ ଲୋକଙ୍କଠାରୁ ସେ ବୁଝିଅଛନ୍ତି ଏବଂ ଦଶପଲ୍ଲର ଲୋକ ନାନା କଷ୍ଟରେ ଅଣସ୍ତୁ ହେଲଥିବା କଥା ଯୁକ୍ତିଅଜ୍ଞ ଶୁଣିଅଛନ୍ତି ବିଶେଷତଃ ଇଷ୍ଟାମର କଲେକ୍ଟର ଏ ବିଷୟରେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ସରକାରୀ ଚିଠି ଲେଖି ଅଛନ୍ତି । ଏପରି ଅବସ୍ଥାରେ ରାଜା ଆପଣା ପ୍ରଜାଙ୍କ ପ୍ରତି କର୍ତ୍ତବ୍ୟ କର୍ମ କରିବାର ଅଳ୍ପ ଭରସା ନ ଦେଖି ଶ୍ରୀଯୁକ୍ତ ଏଡ଼ଗାର ସାହେବ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆଦେଶ ଦେଲେ ଯେ ରାଜାଙ୍କୁ କଟକ ମୁକାମକୁ ତଲବ କରି ତାହାଙ୍କଠାରୁ କୈଫିୟତ ନେବେ ଏବଂ ଦଶପଲ୍ଲାର ସାହାଯ୍ୟ କାର୍ଯ୍ୟ ତଦାରଖ କରିବା ଏବଂ ଉକ୍ତ କଷ୍ଟାର ଅବସ୍ଥା ଏବଂ ରାଜାଙ୍କ ଶାସନ କାର୍ଯ୍ୟ ବିଷୟରେ ସମ୍ପୂର୍ଣ୍ଣରୂପେ ଅନୁସନ୍ଧାନ କରି ରିପୋର୍ଟ କରିବା କାରଣ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଠାଇବେ । ଏ ଆଦେଶମାନ ଲେଫ୍ଟେନାଣ୍ଟଗବର୍ଣ୍ଣର ମଞ୍ଜୁର କରିଅଛନ୍ତି ଏବଂ ରାଜାଙ୍କ ଚରିତ୍ର ଓ କଷ୍ଟାର ଅବସ୍ଥା ସମ୍ପର୍କରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ରିପୋର୍ଟକୁ ଚାହିଁ ରହିଅଛନ୍ତି ।

ଉପରଲିଖିତ ବିବରଣରୁ ସ୍ପଷ୍ଟ ପ୍ରକାଶ ଯେ ଦଶପଲ୍ଲା କଷ୍ଟାରେ ଅନାହାରରେ ଲୋକ ମରିବାର ଏବଂ ସେଠାର ଲୋକମାନେ ଅନ୍ୟାନ୍ୟ ସ୍ଥାନକୁ ଭାଗି ଯିବାର ସ୍ପଷ୍ଟ ପ୍ରମାଣ ପାଇବାରୁ ଏଡ଼ଗାର ସାହେବ ଆପଣା ରିପୋର୍ଟରେ ତାହା ଲେଖିଅଛନ୍ତି । ଅନ୍ୟାନ୍ୟ ଗଡ଼ଜାତରେ ଭୀଷଣ ଅଧିକରେ ଏହା ଘଟିଥିଲେ ସୁଦ୍ଧା ସାକ୍ଷାତ ପ୍ରମାଣ ତାହାଙ୍କ ନିକଟରେ ଉପସ୍ଥିତ ନ ହେବାରୁ କିଛି କହି ନାହାନ୍ତି । ତଥାପି ଅନୁଗୁଳରେ ଅନାହାରରେ ମୃତ୍ୟୁ ଘଟିଥିବାର ସମ୍ଭବ ହୋଇ ଅନ୍ୟ ରିପୋର୍ଟରେ ସେ ସ୍ୱୀକାର କରିଅଛନ୍ତି ଏବଂ ସେ ବିଷୟରେ ତଦନ୍ତ କରିବାକୁ ଆଦେଶ ଦେଇ ଅଛନ୍ତି ।

ଅନ୍ୟାନ୍ୟ ଗଡ଼ଜାତ ସମ୍ପର୍କରେ ସର୍ ଏଡ଼ଗାରଙ୍କ ରିପୋର୍ଟ ଗବର୍ଣ୍ଣମେଣ୍ଟରେ ଉପସ୍ଥିତ ହୋଇ ନାହିଁ କିନ୍ତୁ ଏଥି ମଧ୍ୟରେ ତଳଲିଖିତ କଥାମାନ ପ୍ରକାଶ ପାଇଥିବାରୁ ଗାଲ୍ୟକର ଗେଜେଟ ତହିଁର ଉଲ୍ଲେଖ କରଅଛନ୍ତି । ଯଥା—

ଖଣ୍ଡପଡ଼ା—ନିକଟବର୍ତ୍ତୀ ଅନ୍ୟାନ୍ୟ ଜିଲ୍ଲାଠାରୁ ଏଠାର ଅଧିବାସିଙ୍କ ଅବସ୍ଥା ଅଧିକ ଶୋଚନୀୟ ମାତ୍ର କୃଷିଙ୍କ ଅବସ୍ଥା ଭଲ । ଗତ ଜୁଲାଇମାସରେ ଋଣସ୍ୱରୂପ ଟ ୫୦୦୦ଙ୍କା ଏଠା ରାଜାଙ୍କ ନିକଟକୁ ପଠା ଯାଇଥିଲା ।

ବୌଦରେ ସାହାଯ୍ୟ କାର୍ଯ୍ୟ ଲାଗିଅଛି ଓ ଟଙ୍କା-ଖର୍ଚ୍ଚ ହେଉଅଛି । ଅବସ୍ଥା ମନ୍ଦ ।

ନୟାଗଡ଼ରେ ଲୋକଙ୍କ ଅବସ୍ଥା କିଛି ଭଲ ହୋଇଛି ମାତ୍ର ଅବଧି ସାଧାରଣଭାବରେ କଷ୍ଟ ରହିଅଛି । ମାଟିଆନ ଓ ଅପରିଚିତଦ୍ୱାରା ସାହାଯ୍ୟ ଦିଆଯାଉଅଛି ।

ରଣପୁରରେ ଓଳାଉଠା ରୋଗ ପଡ଼ିଅଛି ଏବଂ ସାହାଯ୍ୟ କାର୍ଯ୍ୟ ଚାଲୁଅଛି । ଏଠା ଦେବାନ ବଡ଼ ସୁନ୍ଦର କାର୍ଯ୍ୟ କରୁଅଛନ୍ତି ଏବଂ ସଇତନ ଏଡଗାର ତାହାଙ୍କର ପ୍ରଶଂସା କରିଅଛନ୍ତି ।

ତିଗିରିଆର ଅବସ୍ଥା ଭଲ ଏବଂ ଅନାହାରମୃତ୍ୟୁ ଆଉ ଘଟି ନାହିଁ । ଓଳାଉଠା ମୃତ୍ୟୁ ବିଶେଷ ଘଟିଅଛି ।

ଚଡ଼ାମ୍ବା ଓ ନରସିଂହପୁରର ଅବସ୍ଥା ଫେର ଅଛି ଆଉ କିଛି ଭୟ ନାହିଁ ।

ହିନ୍ଦୋଳ ଅବସ୍ଥା ବଡ଼ ଚିନ୍ତାଜନକ କିନ୍ତୁ ଗତ ପାକ୍ଷିକ ବରଷାରୁ ବିଶେଷ ଉନ୍ନତି କାରଣ ଦେଖା ଯାଉ ନାହିଁ । ରାଜା ଜାଗର୍ତ୍ତ ଅଛନ୍ତି ସାହାଯ୍ୟ କାର୍ଯ୍ୟ ଲାଗିଅଛି ଏବଂ ରାଜାଙ୍କ ପ୍ରାର୍ଥନାମତେ ଆଉ ଟ ୫୦୦୦ଙ୍କା ଋଣ ମଞ୍ଜୁର ହୋଇଅଛି ।

ଅଠମଲ୍ଲିକର ରାଜା ଆପଣା କଷ୍ଟାର କଷ୍ଟନିବାରଣ ପକ୍ଷରେ ପ୍ରଶଂସନୀୟ ଉପାୟମାନ କରି ଅଛନ୍ତି । ଗତବର୍ଷ ସାହାଯ୍ୟ କାର୍ଯ୍ୟରେ ଟ ୫୦୦୦ଙ୍କା ବ୍ୟୟ କରିଥିଲେ ଏବର୍ଷ ଟ ୧୨୦୦୦ଙ୍କା ବ୍ୟୟ କରି ଅଛନ୍ତି । ନିଜେ ସାହାଯ୍ୟ କାର୍ଯ୍ୟର ତତ୍ତ୍ୱାବଧାରଣ କରି ଆପଣା କଷ୍ଟାର ଲୋକଙ୍କ କଷ୍ଟ ମୋଚନ ସଙ୍ଗେ ଅନ୍ୟାନ୍ୟ କଷ୍ଟାର ଲୋକଙ୍କୁ ସାହାଯ୍ୟ ଦେଇ ଅଛନ୍ତି । ଏହାଙ୍କ ସତ୍କାର୍ଯ୍ୟ ଏବଂ ପ୍ରଜାବତ୍ସଲତାରେ ମାନ୍ୟବର ଲେଫ୍ଟେନାଣ୍ଟ ବଡ଼ ପ୍ରସନ୍ନ ହୋଇ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କୁ ତାହା ଜଣାଇବାର ଇଚ୍ଛା କରିଅଛନ୍ତି ।

ଅନେକ ଗଡ଼ଜାତ ମହାଲର ରିପୋର୍ଟରେ ଗବର୍ଣ୍ଣମେଣ୍ଟଙ୍କର ପ୍ରତୀତ ନ ଜନ୍ମିବାରୁ ଇଉରୋପୀୟ କର୍ମଚାରୀଙ୍କଦ୍ୱାରା ସେ ସବୁ ମହାଲ ତଦାରଖ କରିବାର ବନ୍ଦୋବସ୍ତ ହୋଇଅଛି ।

ଅଠମଲ୍ଲିକର ରାଜା ଓଡ଼ିଶା ଗଡ଼ଜାତମଧ୍ୟରେ ଜଣେ ପ୍ରଶଂସନୀୟ ଶାସନକର୍ତ୍ତା ବୋଲି ଆମ୍ଭେମାନେ ପୂର୍ବେ ପ୍ରକାଶ କରି ଆସିଅଛୁଁ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ତାହା ସ୍ୱୀକାର କରିବା ବଡ଼ ଆନନ୍ଦର ବିଷୟ ଅଟଇ ଏବଂ ଭରସା କରୁ ଏଥିର ପାରିତୋଷିକସ୍ୱରୂପ ସେ କୌଣସି ଉଚ୍ଚ ଉପାଧି ପାଇବେ ।

# ସାପ୍ତାହିକସମ୍ବାଦ ।

ଜଜ ସାହେବ କାଲେଣ୍ଡର ଦୌରା ଶେଷକରି ଗତ ଶୁକ୍ରବାର ଏ ନଗରକୁ ଫେରି ଆସିଅଛନ୍ତି ।

ଗତ ବୃହସ୍ପତିବାରଠାରୁ ପ୍ରବଳ ବୃଷ୍ଟିପାତ ଝଡ଼ି ଲଗାଇ ରଖିଅଛି ।

ଏ ସପ୍ତାହରେ ସହରର ଅଞ୍ଚଳରେ ସାମାନ୍ୟରୂପେ ଓଳାଉଠା ଦେଖା ଦେଇଥିଲା ।

ଭୂଇକଳ ତଳେ ମହାନଦୀ ଓ କାଠଯୋଡ଼ିରେ କେତେଗୁଡ଼ିଏ ମନୁଷ୍ୟଙ୍କର ମୃତଦେହ ଭାସିଥିବାରୁ କୌଣସିଠାରେ ନୌକା ବୁଡ଼ିଯାଇଥିବାର ସନ୍ଦେହ ହେଉଅଛି । ପ୍ରକୃତ ସମ୍ବାଦ ଜଣା ଯାଇ ନାହିଁ ।

## କଲିକତା-ଗେଜେଟ ।

ପ୍ରେସିଡେନ୍ସି ବିଭାଗର କମିଶନର ମିଃ ଏ ସ୍ମିଥ ଆଗାମି ତା ୩୧ ରିଖରୁ ତିନିମାସର ଛୁଟି ଗ୍ରହଣ କରୁଅଛନ୍ତି ବର୍ଦ୍ଧମାନ ଅବକାରୀ କମିଶନର ମିଃ ଇ, ଭି, ୱେଷ୍ଟମେକଟ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ମିଃ ଏ, ଇ, ଟ୍ରେଲ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ତାଙ୍କର ସାର୍ଟିଫିକେଟରେ ଛମାସର ଛୁଟି ଗ୍ରହଣ କରିଅଛନ୍ତି ।

ବାବୁ କ୍ଷେତ୍ରମୋହନ ମିତ୍ର ଡେପୁଟି କଲେକ୍ଟର ସୁସ୍ଥ ହୋଇବାର ଇନ୍‌କମ୍‌ଟାକ୍ସ ଡେପୁଟି କଲେକ୍ଟର କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ସୁସ ଡିଭିଜନାଲର ନ ୦ ମୃତ ବାର୍ଡର କମିଶନର ବାବୁ ଅଖିଳନାଥ ସମ୍ବନ୍ଧର ମୃତ୍ୟୁ ହେବାରେ ତାଙ୍କ ସ୍ଥାନରେ

Digitized by srujanika@gmail.com

ସ୍ଥାୟୀ କମିଶ୍ନର ନିର୍ବାଚିତ ହେବା ନିମନ୍ତେ ଆଗାମି ଅକ୍ଟୋବର ମାସର ତା ୨୮ ରିଖ ସ୍ଥିର ହୋଇ ଅଛି ।

---

ଶ୍ରୀ ଯୁକ୍ତ ଏ, ମେକନ୍ଜି ସାହେବ ଛୁଟୀ ନେବାରୁ ମାନ୍ୟବର ଆର୍, ଯେ, କ୍ରଷ୍ଟେଟ ସାହେବ ମଧ୍ୟପ୍ରଦେଶର ଚିଫକମିଶ୍ନର ନିଯୁକ୍ତହୋଇ ଗତ ପୁଲଇମାସ ତା ୨୨ ରିଖରୁ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ସମ୍ବଲପୁରର ଡେପୁଟୀକମିଶ୍ନର ଏମ, ବ, ଡାମଣ୍ଟସାହେବ ଏକମାସ ଅନୁଗ୍ରହଛୁଟୀ ନେବାରୁ ଏ, ଏଲ ସଣ୍ଡର୍ସସାହେବ ସମ୍ବଲପୁରର ଏକଟିଂ ଡିପୋଟୀକମିଶ୍ନର ନିଯୁକ୍ତ ହୋଇଅଛନ୍ତି ।

ସମ୍ବଲପୁରର ସିଭିଲ୍‌ସର୍ଜନ ଓ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ବ, ସୂର୍ଯ୍ୟସାହେବ ଛଅମାସ ଛୁଟୀ ପାଇଅଛନ୍ତି ।

ସମ୍ବଲପୁରର ମୁନସଫ୍ ନାରାୟଣଗଣେଶ ଭକ୍ତ ଛୁଟୀ ଥିବାରୁ ତହିଁ ଏକାର ଏକଟିଂ ତହସିଲଦାର ହୋଇଅଛନ୍ତି ।

ସମ୍ବଲପୁରର ଏକଟିଂ ମୁନସଫ ନେମୁଭଓ ୨ୟ ଶ୍ରେଣୀର ତହସିଲଦାରଙ୍କ କ୍ଷମତା ପାଇଅଛନ୍ତି ।

ଅଫ୍ରିକାଦେଶରେ ଏକ ଜାତୀୟ ଲୋକ ଅଛନ୍ତି ଯେ ଝିଅଙ୍କୁ ପିତା ସମ୍ପର୍କ ଅଟନ୍ତି । ଏହେତୁ ତାହାର ଝିଅଟା ପିତା ହେଲେ ପିତା ଓ ମାତା ଉଭୟଙ୍କୁ ବଧ କରନ୍ତି ଓ କୌଣସିସ୍ଥଳେ ପିତାକୁ ସଙ୍ଗେ ପୋଡିପକାନ୍ତି । କି ନିଷ୍ଠୁର ବ୍ୟାପାର ! କୁସଂସ୍କାର ଓ ଅଜ୍ଞାନତା ହେତୁ କେତେ ଅନିଷ୍ଟ ହେଉଅଛି ଏହା କେବେ ଉଚ୍ଛେଦିତ ହେବ ! !

ଜଜାଜପୁର ପଲଟନର କର୍ଣ୍ଣେଲ ସାହେବ ଘରରେ ଶୋଇଥିବା ସମୟରେ ଜଣେ ସିପାହି ସଙ୍ଗୀନ ଦ୍ୱାରା ତାଙ୍କର ଛାତିରେ ଆଘାତକଲା । ସେ ହଠାତ୍ ଉଠି ଅନ୍ୟଏକ ସାହେବର ବଙ୍ଗଳାଉପରେ ପଡ଼ି ରକ୍ଷା ପାଇଲେ । ସେ ସାହେବ ଉଠି ଡାକପକାନ୍ତେ ସିପାହି ଶବଉପରକୁ ସଙ୍ଗୀନ ପକାଇଦେଇ କହିଲା "ଅଛି ମତେ କଏଦ କରନ୍ତୁ" । ତହୁଁ ସେ ଆପଣା କୋଠରୀକୁ ଯାଇ ବନ୍ଧୁକ ବାହାରକରି ଗୁଳି ପକାଇଲା । ଏହିସମୟେ ଧରାପଡ଼ି ଅପରାଧ ସ୍ୱୀକାର କଲା ।

ଏହିସମୟରେ ପାଉସ ଜଗଇରେ ଏକଲକ୍ଷ ପତ୍ରବାହକପାଖ ଉଡାଇବାର କଥା ଅଛି । ଦୃଶ୍ୟଟି ବଡ଼ କୌତୁକଜନକ ହୋଇଥିବ ।

ଭାରତବର୍ଷର ଉତ୍ତରପଶ୍ଚିମାଞ୍ଚଳେ ଗତବର୍ଷ ଛଅହଜାର ଲୋକ ସର୍ପାଘାତରେ ମୃତ୍ୟୁ ଲଭିଅଛନ୍ତି । ସର୍ପ ଯାଇ କଲେ ଛୁଅନ୍ତା ।

ବମ୍ବେହାଇକୋର୍ଟ ନିଷ୍ପତ୍ତି କରିଅଛନ୍ତି କି ସାକ୍ଷୀ ସାକ୍ଷ୍ୟ ଦେବା ସମୟରେ ଅର୍ଥାତ୍ ଜବାନବନ୍ଦରେ ବାହ୍ୟକୃତ ଅବା ଦ୍ୱିରୂପ କଥନ କଲେ ଦଣ୍ଡ ପାଇପାରିବ ।

ନିକଟରେ ଜାପାନଦ୍ୱୀପରେ ଭୟଙ୍କର ଭୂମିକମ୍ପ ହୋଇ ଅନେକ ପ୍ରାଣୀ ଓ ସମ୍ପତ୍ତି ନଷ୍ଟ କରିଅଛି ।

ଜାରଟ ସାହେବ ନାମକ ରଣିକ୍ଷେତର ପୋଷ୍ଟମାଷ୍ଟର ବିଶ୍ୱାସଘାତକତା ଅପରାଧରେ ( ତହବିଲ ତୋସରପରେ ) ଛଅବର୍ଷ କାରାବାସର ଦଣ୍ଡ ପ୍ରଯାଗ ହାଇକୋର୍ଟଦ୍ୱାରା ପାଇଅଛନ୍ତି ।

ଡାକ୍ତର ଅଘୋରନାଥ ଚଟ୍ଟୋପାଧ୍ୟାୟଙ୍କର ଦଶବର୍ଷ ବୟସ୍କା କନ୍ୟା ପ୍ରବେଶିକା ଶ୍ରେଣୀରୁ ଏହିବର୍ଷ ଉଠିବାର ସମ୍ଭବ । ବୟସବୃଷ୍ଟିରେ ଏହା ଅସାଧାରଣ ଅଟେ ।

ଯେଉଁ ଖାଇସହର ମାଧ୍ୟମାନଙ୍କୁ ପରାଜିତ କିଲା ପରେ ଇଂରେଜମାନେ ଦଖଲ କରିଅଛନ୍ତି ତହିଁରେ ସୁନିର୍ମିତ ଅନ୍ୟୂନ ଚତୁଃସହସ୍ର ପ୍ରସ୍ତରନିର୍ମିତ ଘର ଅଛି ମାଧପକ୍ଷୀୟ ଅହତ ଲୋକମାନେ ଏହି ନଗରରେ ଥାଇଁ ଚିକିତ୍ସିତ ହେଉଅଛନ୍ତି ।

ଗୋପାଳଗାଙ୍ଗୁଲି ନାମକ ଜଣେ ବଙ୍ଗଦେଶୀୟଲୋକ କାନରେ ବଙ୍ଗାଳବେଙ୍କରୁ ଟ୧୦୦୦୦ଙ୍କା ଠକନେଇଥିବା ଅପରାଧରେ ଇଅରଣ୍ଟ ବାହାରିଅଛି । ଅସାମୀ କେଉଁଆଡ଼େ ପଳାଇଯାଇଅଛି ଅଦ୍ୟାପି ତାହାର ସନ୍ଧାନ ମିଳନାହିଁ ।—ଅସାମୀ କଲୁ ବଡ଼ଘରେ ଅପରାଧ କରିଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଭଦ୍ରକସବଡିଭିଜନ ଓ ଭଦ୍ରକଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଶ୍ରୀ ବାବୁ କୃତ୍ତିବାସମହାନ୍ତି ମୋକ୍ତାରଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ବାବୁ ଚନ୍ଦ୍ରଶେଖରମହାନ୍ତି ମୋକ୍ତାର ବ କ ସେ ଗତ ଚୈତ୍ରମାସରେ କ୍ଷିପ୍ତ ହୋଇ ଅତ୍ୟନ୍ତ ଅଜ୍ଞାନ ହୋଇଥିଲେ ଏବଂ ସେ ସମୟରେ ତାଙ୍କର କୌଣସିପ୍ରକାରରେ ବାହ୍ୟଜ୍ଞାନ ନ ଥିଲା ଏହି ହେତୁରୁ ତାଙ୍କର ପିତା ଓ ମାତା ଓ ଭ୍ରାତୃବର୍ଗମାନେ ମଧ୍ୟ ଅତିଶୟ ଦୁଃଖିତ ଓ ଚିନ୍ତାନ୍ୱିତ ଥିଲେ ଏବଂ ଦେଶୀୟ ବୈଦ୍ୟଦ୍ୱାରା ମଧ୍ୟ ଚିକିତ୍ସା କରାଉଥିଲେ ଏହିପରି ଏକମାସ ଗତହେଲା ସେ ସେଥିରେ କିଛିମାତ୍ର ଆରୋଗ୍ୟଲାଭ ନ କରି ବରଂ ଅଜ୍ଞାନତା ବୃଦ୍ଧି ଓ ଅନ୍ନ ଜଳ ଛାଡ଼ି ନ ଖାଇ ଅନାହାରରେ ରହି କଷ୍ଟ ପାଉଥିଲେ ଏହି ଉନ୍ମାଦ କ୍ଷିପ୍ତ ରୋଗରୁ ଯେ ସେ ତ୍ରାଣ ପାଇବେ ଏପରି କାହାର ଆଶା ଓ ଭରସା ନ ଥିଲା । ଦୈବାତ୍ ଏକଦିନରେ ତାଙ୍କ ପିତା ନିଦ୍ରିତାବସ୍ଥାରେ ଥାଇଁ ସ୍ୱପ୍ନଦେଖିଲେ ଯେ ତାଙ୍କ ଗ୍ରାମସନ୍ନିକଟ ଅର୍ଥାତ୍ ଦୁଇପା ଦୂରସ୍ଥିତ ବାସୁଦେବପୁରଗ୍ରାମରେ ଜଣେ ନେଟିଭଡାକ୍ତର ଶ୍ରୀ ବାବୁ ନାରାୟଣପ୍ରସାଦ ଦେ ଆସି ତାଙ୍କୁ କହୁଅଛନ୍ତି କି ଯେ ମୁଁ ଭଲ କରିଦେବି ଆପଣ ଆଉ ମନରେ ଚିନ୍ତା ନ କର ଏହିପରି ସ୍ୱପ୍ନଦେଖି ଏବଂ ସେ ଜାଗ୍ରତ ହୋଇ ଆପଣାର ପ୍ରତିବାସିଙ୍କ ନିକଟରେ ଏପରିବିଷୟ କହିବାରୁ ସମସ୍ତେ ତାଙ୍କୁ ଡକାଇ ତାଙ୍କ ଚିକିତ୍ସା କରାଇବା ନିମନ୍ତେ କହନ୍ତେ ସେ ତଦନୁସାରେ ଡାକ୍ତରବାବୁଙ୍କୁ ଡକାଇଆଣି ତାଙ୍କର ଦତ୍ତଔଷଧ ସେବନ ଓ ଚିକିତ୍ସା କରାଇବାରୁ ବ ୨୦।୨୫ ଦିନରେ ଡାକ୍ତରବାବୁଙ୍କ ପ୍ରତସାଦ୍ୱାରା ସେହି କ୍ଷିପ୍ତ ଚନ୍ଦ୍ରଶେଖରବାବୁ ସମ୍ପୂର୍ଣ୍ଣରୂପେ ଆରୋଗ୍ୟଲାଭକରି ପୂର୍ବାବସ୍ଥା ପ୍ରାପ୍ତ ହୋଇଅଛନ୍ତି ଏପରି ଭୟଙ୍କରରୋଗ ଯେ ଏଦେଶୀୟ ଭଲ ହୋଇପାରିବ ଏପରି କାହାର ସମ୍ଭବ ନ ଥିଲା କି ମଧ୍ୟ ସିଭିଲସର୍ଜନ ବି ଯେ ଏପରି ଅଳ୍ପଦିନରେ ଆରୋଗ୍ୟ କରନ୍ତେ ଏପରି ମଧ୍ୟ ଆମ୍ଭର ବିଶ୍ୱାସ ନୋହେ ଏହେତୁ ଉକ୍ତଡାକ୍ତରବାବୁଙ୍କୁ ଅମ୍ଭେମାନେ ମୁକ୍ତକଣ୍ଠରେ ଧନ୍ୟବାଦ ଦେଉଅଛୁଁ ଏବଂ ଈଶ୍ୱରଙ୍କଠାରେ ମଧ୍ୟ ଏହିପରି ପ୍ରାର୍ଥନା କରୁଅଛୁଁ କି ଯେ ତାଙ୍କର ମହିମା ଓ ଗୁଣ କୀର୍ତ୍ତିମାନ ସର୍ବବ୍ୟାପୀ ହେଉ ଓ କୀର୍ତ୍ତିସ୍ତମ୍ଭ ସ୍ଥାନେ ୨ ଦେଦୀପ୍ୟମାନରୂପେ ପ୍ରକାଶିତ ହେଉ । ଇତି

ତା ୮।୮।୮୯ ମସିହା { ବଶମ୍ବଦ ଜଗନ୍ନାଥପୁର ବାସ୍ତବ୍ୟ ନିବୃତ୍ତ ଖିଣ୍ଡବ ।

ଶ୍ରୀ ଦଧିବାମନ ଦାସ ।

---

ମହାଶୟ !

ଏହିରୁ ପାଲଲହଡ଼ା ରାଜଦୁର୍ଗ, ମାଙ୍କଡ଼ାଜଗୀ ନାମକ ଗୋଟିଏ ଉପକଣ୍ଠର ଦକ୍ଷିଣକୂଳରେ ବହୁକାଳରୁ ସ୍ଥାପିତ ଅଛି । ଏ ଅଞ୍ଚଳରେ ଚଳିତମାସ ତା ୧୫ ରିଖ ବୃହସ୍ପତିବାର ପ୍ରାତଃକାଳରୁ ମେଘାଚ୍ଛନ୍ନ ହୋଇ ଅଳ୍ପପରିମାଣରେ ବୃଷ୍ଟି ପଡ଼ନ ହେଉଥିଲା । ଗତ ତା ୧୬ ରିଖ ସ୍ୱକ୍ର ସ ୧୧ ଘଣ୍ଟାଠାରୁ ତା ୧୭ ରିଖ ଶନିବାର ପ୍ରାତଃ ସନ୍ଧ୍ୟା ପର୍ଯ୍ୟନ୍ତ କ୍ରମଶଃ ଜଳବୃଷ୍ଟି ହୁଅନ୍ତେ ଅକସ୍ମାତ୍ ସ ୮ ଘଣ୍ଟା ସମୟରେ ମାଙ୍କଡ଼ାଦେବୀ ଆପଣାର କାଯ୍ୟାବସ୍ଥାରଦ୍ୱାରା ଉତ୍ତର, ଦକ୍ଷିଣ, ପଶ୍ଚିମକୂଳମାନଙ୍କୁ ଗ୍ରାସକରପକାଇଲେ । ଏହାଙ୍କ ଗ୍ରାସରେ ଶ୍ରୀ ଯୁକ୍ତ ନୀଳାଚଳଗଙ୍ଗାଙ୍କର କେତେପରିମାଣରେ ଅର୍ଥକ୍ଷତି ହୋଇଅଛି ତାହା ବର୍ତ୍ତମାନ ନିଶ୍ଚୟ କରିଯାଇ ନାହିଁ । ବିଶେଷତରେ ରାଜାଙ୍କ ନଅର ଏହି ଉପକଣ୍ଠର ଅନତିଦୂରରେ ଥିବାରୁ ଉକ୍ତନଅର ଓ କୋଷାଗାର ଓ ତନ୍ନିକଟବର୍ତ୍ତୀ ଅନ୍ୟାନ୍ୟଭଦ୍ରବ୍ୟକ୍ତିମାନଙ୍କ ଗୃହ ଓ ମେନେଜରମହୋଦୟଙ୍କ ବସାଗୃହ ଓ ରାଜାଙ୍କର ମନୋହରଉପବନ, କଚେରୀ, ଜହଲଗୃହ, ଓ ଔଷଧାଳୟ, ଅମାର୍ ଏବଂ ସ୍କୁଲଗୃହାଦି ସମସ୍ତ ଜଗଦେବୀ ଗର୍ଭାକ୍ଷେପ କରିଗଲେ । ଏଦେଶୀୟ ଜଗଦେବୀ ଏପରି ଘଟାଇବେ ବୋଲି କାହାରି ବୋଧ ନ ଥିଲା, ଘଣ୍ଟା ୨ ପାଞ୍ଚମିନିଟ ମଧ୍ୟରେ ରାଜପଥାଦି ଲୁପ୍ତ ହୋଇଗଲା । ସମ୍ଭବ ନୁହେଁ ହୋଇ ନ ଥିଲେ ଅନେକଙ୍କର ପ୍ରାଣ ନଷ୍ଟ ହୋଇଥାନ୍ତା, ଆଉ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ଉପରିଉକ୍ତାଳୟମାନଙ୍କରେ କେହିବ୍ୟକ୍ତି ରହିଥିଲେ ସେ ମଧ୍ୟ ଜଳ-

Split by PDF Splitter



ନଦୀଦେବୀଙ୍କ ଗର୍ଭଗତ ହୋଇଥାନ୍ତେ, ମାତ୍ର ଦୁଃଖର ବିଷୟ ଏହି ଯେ ନଦୀଦେବୀ ନଅର ବଗଲୁ ଯାବତ୍‌କାଳକ୍ଷେପପୂର୍ବକ ପ୍ରାଦୁର୍ଭାବ ଦେଖାଇବା କାଳୀନ ଶ୍ରୀ ଯୁକ୍ତ ମୁନସି ମହମ୍ମଦଅଲ୍ଲୀ ମେଜିଷ୍ଟର ମହୋଦୟ ଅନେକ ସ୍ୱୟଂ ଓ ଯତ୍ନଚେଷ୍ଟା କରି ସାହାଯ୍ୟ ପ୍ରଦାନକର ଜାହାଲଗଗଡ଼ାକୁ ସପରିବାରରେ ଅଣାଇଁ ପୂର୍ଣ୍ଣାଃଗଡ଼ରେ ରଖାଇବାରୁ କେହିବ୍ୟକ୍ତି ପ୍ରାଣପୀଡ଼ା ପାଇ ନାହାନ୍ତି, ଏଥିନିମନ୍ତେ ସେ ଏ ଜିଲ୍ଲାର ଅମୃତସମସ୍ତପ୍ରଜାବର୍ଗଙ୍କ ଧନ୍ୟବାଦର ପାତ୍ର ହୋଇଅଛନ୍ତି । କିନ୍ତୁ ଦୁଃଖର ବିଷୟ ଏହି ଯେ ନଦୀଦେବୀ ଅଙ୍ଗିଷୀଗ୍ରରେ ପ୍ରବଳ ହୋଇ ପଡ଼ିବାରୁ ସରକାରଙ୍କର ଭଣ୍ଡାର ଓ ଟ୍ରେଜରି ଏବଂ ମହାଫିଜଖାନାହରୁ କୌଣସି ଜିନିଷାଦି ଓ ଦଲିଲ ଏବଂ କାଗଜପତ୍ର ଉଦ୍ଧାର ଅଣାଇବା ଆଶାରେ ମେଜିଷ୍ଟର ମହୋଦୟ ତାଙ୍କ ପେସ୍କାରଙ୍କସହିତ ଅନେକ ଯତ୍ନପୂର୍ବକ ପ୍ରାୟ ଦୁଇଶଜଣମନୁଷ୍ୟଙ୍କୁ ସାହାଯ୍ୟ ନେଲେହେଁ ପ୍ରଖରସ୍ରୋତ ଭୟରେ କେହି ପଶିପାରିଲେ ନାହିଁ, ଏଠାରେ ନୌକାର ଅଭାବ, ଏଣୁ କରି ମେଜିଷ୍ଟରମହୋଦୟ ବିଶେଷ ମନୋଦୁଃଖରେ ଅଛନ୍ତି । କାଗଜପତ୍ର ମୁନସୀ ବିଶ୍ୱନାଥଦାସ ପେସ୍କାର ଓ ଅଁଲ୍ୟାନ୍ୟାକର୍ମଗୃହ ସ୍ଥାନଙ୍କଦ୍ୱାରା ଉପାଡ଼ରେ ରଖାଇଅଛନ୍ତି, ଭବିଷ୍ୟତରେ ଯାହା ହେବ ଲେଖିବୁଁ । ଯେଉଁସ୍ଥାନରେ ସଜମହଲର ହୋଇ ଅଛି ତାହା ରଙ୍ଗମହଲର ଯୋଦ୍ଧ୍ୟସ୍ଥାନକଟେ ସନ ୧୮୭୫ ସାଲ କଡ଼ିରେ ଏହିପରି ଦୁର୍ଘଟନା ହୋଇଥିଲା ।

ପାଲଲହଡ଼ା । ୧୮।୮।୮୯
ଅପଣଙ୍କର ଏକାନ୍ତ ବଶମ୍ବଦ
ଶ୍ରୀ ବ୍ରଜବନ୍ଧୁଦାସ ଶିକ୍ଷକ

---

ମହାଶୟ !

ଗତ ୨ୟ ଅଙ୍କ ଦ୍ୟକ ଦୀପିକାରେ ଅନୁଗୋଳ "ଶ୍ରୀ" ପତ୍ରପ୍ରେରକଙ୍କ ଗତ ଅଗଷ୍ଟମାସ ତା ୧୩ ଉଣ ଲିଖିତପତ୍ର ଓ ଅସ୍ଥାନ, ଅହମିକ୍ୟ ଏବଂ ବନଗାମୀ ଗୋଷ୍ଠ "ହରକଥା" ର ତୋଟିଶ ସଂଖ୍ୟକ ପତ୍ରିକାରେ ପ୍ରକାଶିତ ପତ୍ର ପାଠକରି ଦେଖିଲୁଁ ଯେ ଉଭୟ ପତ୍ରପ୍ରେରକ ହକ କଥା କହି ନାହାନ୍ତି । ପ୍ରକୃତରେ ଏକସ୍ଥାନରୁ ଅନ୍ୟସ୍ଥାନକୁ ଧାନ ଚାଉଳ ବୋହିବା ବିଷୟର କର୍ତ୍ତା ବୁଝିବାକୁ ଗଲେ ମହାମାନ୍ୟବର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂର ଅଟନ୍ତି ଓ ଯୁକ୍ତ ବନ୍ଦୋବସ୍ତ ଦ୍ୱାରା ପ୍ରଜାମାନଙ୍କର ବିଶେଷ ହାନି ବା ଲାଭ ହେଉଅଛି ତାହା ବୋଲିବା ବାହୁଲ୍ୟ । ମାତ୍ର ଯାହାଙ୍କ ଉପରେ ଯୋଗାଇବା ଭାର ଅଛି ସେ ପ୍ରଥା ଅନୁସାରେ ଯୋଗାଇପାରୁ ନ ଥିବାରୁ ବଢ଼ାଇବା ଲୋଗ ନ ହେଲପ୍ରାୟ ପ୍ରଜାମାନେ ଉକ୍ତ ଲାଭ ଉପଭୋଗ କରି ପାଇପାରୁ ନାହାନ୍ତି । କାଳୀବାବୁଙ୍କ ଉଚିତ ପ୍ରଶଂସାରେ ଇର୍ଷାନ୍ୱିତ ହୋଇ ଯାହାଙ୍କ କଥିତ ଗୁପ୍ତନିନ୍ଦାସକାଶେ ବ୍ୟସ୍ତ ହୋଇ "ହକକଥା" ଓକାଲତି କରିବାକୁ ଯାଇ କାଳୀବାବୁଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ପ୍ରୟାସ ପାଇଅଛନ୍ତି । କାଳୀବାବୁ ପ୍ରକୃତ ଦୋଷୀ ହୋଇଥିଲେ ତାହାଙ୍କର ଦକ୍ଷିଣାସ୍ତ ବା ସ୍ଥାନାନ୍ତର ଆଦେଶ ନ ହୋଇ ତାହାଙ୍କ (ହକକଥାଙ୍କ) ମହକଲଙ୍କ ଛୁଟି ହେବାର କାରଣ କି ? ଅନୁଗୁଳରେ ଯଦି ପ୍ରକୃତ ଦୁର୍ଭିକ୍ଷ ହୋଇ ନ ଥିଲା ତେବେ ମା ୬।୭ ମ ମଧ୍ୟରେ ୩।୪ ସହସ୍ର ଲୋକ ଅନାହାରଜନିତ ପୀଡ଼ା ଓ କେବଳ ଅନାହାରରେ ମୃତ୍ୟୁ ଲଭିଲେ କି ସକାଶେ ? ସହସ୍ର ଲୋକ ଗୃହତ୍ୟାଗୀ ହୋଇ ସ୍ଥାନାନ୍ତରକୁ ଯିବାର କାରଣ କି ? ଅଦ୍ୟ କାଲି ବା ଏତେଲୋକ ମରୁଛନ୍ତି କି ସକାଶ ? କାଳୀବାବୁ କି ଏମାନଙ୍କ ମାରିପକାଇ ଓ ଗୃହତ୍ୟାଗୀ କରାଇଥିଲେ ? ଅଟା ଏ ସମସ୍ତ କଷ୍ଟ ନ ପାଇ ସେଥ୍ୟାରେ ଦୁର୍ଭିକ୍ଷଘଟଣା କରିଥିଲେ ? ଅଥବା ବର୍ତ୍ତମାନ ଥିବାସତ୍ତ୍ୱେ ପ୍ରକୃତହାଲ ବର୍ତ୍ତିପକ୍ଷଙ୍କୁ ଜଣାଇବାକୁ ତ୍ରୁଟି କରିଥିଲେ ? କେଉଁ କାରଣରୁ "କାଳୀବାବୁଙ୍କ କପାଳକୁ ସିନା ଛୁଟିପଡ଼ିଲା କଲମଗାର ଭାଳ ନ ଲଭ୍ରୁଣ ଭାଗ୍ୟକୁ ଏଡ଼ଗାର ସାହେବ ପ୍ରବେଶ ହୋଇଗଲେ ନୋହିଲେ ଫଳ କଣ ହୋଇଥାନ୍ତା ତାହା ହାଇ ଜମ୍ନାଥ ଜାଣିଥାନ୍ତେ" 'ହକକଥା' ପ୍ରକୃତ ଅବସ୍ଥା ଜାଣି ପ୍ରକୃତକଥା ବନ୍ଧ ଅରେ ପ୍ରକାଶ୍ୟଭାବରେ ଏହି କଥାଗୁଡ଼ିକ ପାଠକବର୍ଗ ଓ ସରକାରବାହାଦୂରଙ୍କୁ ଜଣାଇବାକୁ ସାହସୀ ହେବେ କି ? କାଳୀବାବୁ କର୍ମମୋଦଭର ଥିବାରୁ ସିନା ଗୁଳ ନ ଜାଣି କାଳ୍ପନିକ ଦୋଷ ମଣି ଗଭର୍ଣ୍ଣମେଣ୍ଟଙ୍କ ନିନ୍ଦାଭାଜନ ହୋଇଅଛନ୍ତି ? ଏବଂ ତାଙ୍କ ସକାଶେ ଔଷଧ ବ୍ୟବସ୍ଥା କରିବାନିମନ୍ତେ ସରକାରବାହାଦୂର ବିବେଚନା କରୁଅଛନ୍ତି ? ଯାହାହେଉ "କହ ଦେଉଥାଏ ପରକୁ, ବୁଦ୍ଧି ନ ଆସଇ ଘରକୁ" ଅତ୍ର ଅଧିକ କଷ୍ଟସ୍ୱୀକାର କରିଲୁ ମହକିଲବର ଏ କଥାକୁ ଶୁଣିବା ଦରକାର ଏଠାରେ ସୁବୁଦ୍ଧି ହେଉ ନ ଥିବାରୁ ବର୍ତ୍ତମାନ କାଳୀବାବୁଙ୍କ ଶୁଭାଗମନରେ ଦୁର୍ଭିକ୍ଷଗ୍ରସ୍ତ ଲୋକମାନଙ୍କ ସାହାଯ୍ୟକୁ ଯିବାପରି ପ୍ରଚୁର ବୃଷ୍ଟି ହୋଇଥିବା ସ୍ଥଳେ କାଳୀବାବୁଙ୍କୁ ପାଲଟଥାବାହନ ବୋଲି କହିବା କି ଦୋଷ ହେଲା ? ଓ କାଳୀବାବୁଙ୍କ ଉଦାରତା ଓ ଶ୍ରୀଯୁକ୍ତ ଏଡ଼ଗାର ସାହେବ ଓ ସୁପରିଣ୍ଟେଣ୍ଡେଣ୍ଟ ସାହେବମାନଙ୍କ ଉଦାରସ୍ୱଭାବ ଐକ୍ୟ ହେବାରୁ ସାହାଯ୍ୟକାର୍ଯ୍ୟର ବନ୍ଦୋବସ୍ତ ହୁଏ । "ହକକଥା"ଙ୍କର ତାଙ୍କ ମହକିଲଙ୍କ ହେଉ ବୋଲି କାର୍ଯ୍ୟପ୍ରାର୍ଥୀ ମହକିଲଙ୍କ ପରି ଦୁର୍ଭିକ୍ଷ ଅଙ୍କ ଛପାଇବାକୁ ସାହସ ଅଛି କି ? ବୋଧ ହୁଏ "ହକକଥା" ଅଲ୍ପ ବିଦ୍ୟା ହେଉଥିବାପରି ବୁଝିଥିଲେହେଁ, ତାଙ୍କନାମ ପୂର୍ବେ (ନ) ଯୁକ୍ତକର ନ ହକଥା ହୋଇଥିଲେ ଉଚିତ ହୋଇଥାନ୍ତା । ମାତ୍ର "ହକକଥା" ଙ୍କ, ଭୁଲ ଘଟିବେନାହିଁ ପରା ! ଅଥଚ କାଳୀବାବୁ ପ୍ରଜାଙ୍କ ସମ୍ୟକ୍ ଦୁରବସ୍ଥା ଅବଗତହୋଇ ସମସ୍ତ ପ୍ରଜାଙ୍କ ଦୁଃଖ ମୋଚନାର୍ଥେ ସମର୍ଥ ହୋଇଥିବାର ବୋଲିଯିବାରେ ବାଧା ନାହିଁ । ମାତ୍ର ପ୍ରଜାମାନେ ଆଜକୁ ୨ ।୨ ବର୍ଷ ହେବ ଦାରୁଣକଠରଯନ୍ତ୍ରଣା ଭୋଗକରି ପ୍ରତିବର୍ଷ ସରିଠ ଦରଖାସ୍ତ ଦେଇ କୌଣସି ପ୍ରତିକାର ନ ହେବାରୁ ନିରସ୍ତ ହୋଇ ଅନାହାରରେ ପ୍ରତ୍ୟହ ଅନେକାନେକ ପ୍ରାଣୀ ପ୍ରାଣତ୍ୟାଗ କରୁଥିବାସ୍ଥଳେ କାଳୀବାବୁ ଅଳ୍ପଦିନମଧ୍ୟେ ସେମାନଙ୍କ ଦୁରବସ୍ଥା ବୁଝିପାରି ମନୁଷ୍ୟତା ଦେଖାଇ ସେମାନଙ୍କୁ ମୃତ୍ୟୁମୁଖରୁ ରକ୍ଷାକରି ଥିବାରୁ ସେହି ପ୍ରଜାମାନେ ତାହାଙ୍କଠାରେ କୃତଜ୍ଞ ହୋଇ ପ୍ରଶଂସାବାଦ କରିବାରେ କଣ ଦୋଷ ଅଛି ? ତେବେ ବିହାରଅବସ୍ଥାଗତ ବେଗିର ପ୍ରକାଶ ବାକ୍ୟ ପରି ଏବଂ ଉଣ ନ୍ୟାୟବର୍ଣ୍ଣ ଉଚିତ ପଦସ୍ଥ କାଳମଙ୍କସ୍ତଭ ସ୍ୱାର୍ଥପର ବିଟିଲ୍ଲରେ ବୋଧ ହୁଏ ବିଜ୍ଞଲୋକେ କାନ ଦେବେ ନାହିଁ ।

ଅନୁଗୁଳପ୍ରଜାଙ୍କର ଗତ ୨ ।୨ ବର୍ଷର ଦରଖାସ୍ତ ଓ ଉତ୍କଳଦୀପିକା ଆଡ଼ି ଆଲୋଚନା କଲେ ପ୍ରକୃତ ହାଲ ଜଣାପଡ଼ିବ "ହକକଥା" ବୋଧ ହୁଏ ଅନ୍ତ ଖୋଜିବାକୁ ଯାଇ ସାରୁ (କଚୁ) ନ ଖୋଜି ଏତିକିରେ ସନ୍ତୁଷ୍ଟ ରହିବେ । ନତେତ୍ ବିଚାର ବୃଦ୍ଧି ହେଲେ ଅମୋଘ ବିଟିକା ପ୍ରୟୋଗର ପ୍ରୟୋଜନ ହେବ । ଇତି ।

୨୭।୮।୮୯ ଅନୁଗୁଳ
ବଶମ୍ବଦ
ପ୍ରକୃତ ବୋଲିମଧ୍ୟସ୍ଥ

Digitized by srujanika@gmail.com

Split by PDF Splitter



ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୌରହରି ସାହୁ ଜୟପୁର | ଅଗ୍ରୀମ | ଟ ୩୯ |
| କୁମାର ସଚ୍ଚିଦାନନ୍ଦ ଦେବ କାମଣ୍ଡା | " | ଟ ୨୯ |
| ବାବୁ ଗଦାଧର ସିଂହ ଲଇସିଙ୍ଗା | ବକାୟା | ଟ ୫୯ |
| " ଗୋପୀନାଥ ଦାସ ଜମିଦାର ଉଦାଳୋ | ଅଗ୍ରୀମ | ଟ ୩୯ |


# ବିଜ୍ଞାପନା ।

ଆଲମଗୀର ବଜାର ପ୍ୟାରିଚରଣ ଏକାଡେମୀସ୍କୁଲ ନିକଟ ଆମ୍ଭ ବସାରେ ଅନେକ ଦିନ ହେଲା ଗୋଟିଏ ବଢ଼ାଇକାରଖାନା ଖୋଲିଅଛୁ ଯେ ତହିଁରେ ପଲଙ୍କ, ଖରୁଚୀ, ଆଲମାରୀ, ବେଞ୍ଚ ଇତ୍ୟାଦି ନାନାପଦାର୍ଥ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ମଧ୍ୟ ନୂତନ ପଦାର୍ଥ ପ୍ରସ୍ତୁତ ହୋଇ ବିକ୍ରୟନିମିତ୍ତ ରଖାଯାଇଅଛି । ଯେଉଁ ବ୍ୟକ୍ତି କିଛି ପଦାର୍ଥ ନେବା ନିମନ୍ତେ ଦେଖିବେ ଉକ୍ତ ସ୍ଥାନକୁ ଆସି ପଦାର୍ଥ ଦେଖି ମୂଲ୍ୟକରି ନେଇପାରିବେ ଅଉ ଯେବେ କେହି କିଛି ପଦାର୍ଥ ନେବାକୁ ଫରମାସ ଦେବେ ତେବେ ସେ ଫରମାସି ପଦାର୍ଥର ଅନୁମାନିକ ମୂଲର ଚତୁର୍ଥାଂଶ ଦେଇ ଫରମାସ ଦେଲେ ଅଳ୍ପସମୟରେ ପାଇପାରିବେ । ଇତି ।

କଟକ     ୨୯-୮-୮୯
ଆଲମଗୀରବଜାର     ଶ୍ରୀ କପିଳେଶ୍ୱର ନନ୍ଦ ।—

## NOTICE

Wanted a Head-Master for Raghunathpur M. E. School salary Rs. 15 per month. None need apply who has not passed the University Examination. The applications will be received before 10th September 189

Raghunathpur School 28-8-89.     Dwarikanth Mittar Member for *Secretary*.

ମାଇନର ବର୍ଣ୍ଣାକ୍ୟୁଲର ଓ ଲୋଅର ବର୍ଣ୍ଣାକ୍ୟୁଲର ଛାତ୍ରମାନଙ୍କର ବିଶେଷ ଉପଯୋଗୀ "ଅନୁଶୀଳନୀ ସମର୍ଥନ" ଏଥିରେ ବ୍ରଜମୋହନ ବାବୁ ଓ ଗୋପୀନାଥ ବାବୁଙ୍କ କ୍ଷେତ୍ରତତ୍ତ୍ୱର ୧ମ ଅଧ୍ୟାୟର ପ୍ରତ୍ୟେକ ପ୍ରତିଜ୍ଞାର ଅନ୍ତସ୍ଥ ଅନୁଶୀଳନୀମାନ ମୂଳପ୍ରତିଜ୍ଞାନୁଯାୟୀ ଚିତ୍ରସହିତ ସୁନ୍ଦରରୂପେ ପ୍ରମାଣ କରାଯାଇଅଛି । ଏହା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନ, ରାମପ୍ରସନ୍ନ ବାବୁଙ୍କ ଦୋକାନ ଓ ପ୍ରିଣ୍ଟିଂ କରପୋରେଶନରେ ବା ଆମ୍ଭ ନିକଟରେ ତତ୍ତ୍ୱ କଲେ ମିଳ ପାଇବ । ମୂଲ୍ୟ ଟ ୦ ।୬ ଛମାସ ।

୮।୮।୮୯ }     ଶ୍ରୀ ଗଣେଶ୍ୱର ମିଶ୍ର ଢେଙ୍କାନାଳ

## WANTED

A Second Master for the Dhenkanal M. C. E. School on a salary of Rs. 30 per month. Applications from persons who have not passed the Entrance Examination will not be accepted. Applications will be received by the undersigned up to the 31st Instant.

Dhenkanal 12. 8. 89.     U. C. Sarkar *Secretary*.

# ମେହରୋଗ ।

ଔଷଧ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ରୌପ୍ୟଖଣ୍ଡ କିମ୍ବା ଭୂଷଣାଦି ବିକ୍ରି ନ କରି ସାମାନ୍ୟ ଅର୍ଥବ୍ୟୟ ମଧ୍ୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କଷ୍ଟ୍ରୀରେ ପରୀକ୍ଷିତ ନ ହେଲେ ଅନ୍ତିମ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ୯୪ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ଡାକ୍ତର, ବାଲୁବଜାର କଟକ

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରୀ ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, ଟାମିଜ, କୋଟ, ଦେଶୀ ଓ ବିଲାତିଯୋଡ଼ା, ନାନାପ୍ରକାରଲୁଗା, ଷ୍ଟେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅଳ୍ପସମୟରେ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଆନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ବାବଦକୁ ଶତକରା ୫ ୲ ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭମାନଙ୍କ ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେଦିନ ହେଲା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଦଟିଏ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ଅନାବଶ୍ୟକ । ମଫସଲବାସିମାନେ ଅତ୍ରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହିପାରୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଲଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

୫ଙ୍କା କଉଡ଼ି ଓ ପଦାର୍ଥ ଜନ୍ମ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores ନବଦ୍ରବ୍ୟ ଓ ଔଷଧାଳୟ }     ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ ଡାକ୍ତର, ବାଲୁବଜାର କଟକ


Digitized by srujanika@gmail.com

Split by PDF Splitter
312



# ଯାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଗୋଟିଏ ଯାଦୁର ଉତ୍କୃଷ୍ଟ ମହୌଷଧ । ଏହାର ଉପକାରିତା ଗୁଣ ଅତି ଆଶ୍ଚର୍ଯ୍ୟ । ଏହା ଦ୍ୱାରା ଯାଦୁ, ଅଳଣ୍ଡା ଯାଦୁ, ହାତଥା ଯାଦୁ, ଭଳକ ଯାଦୁ, ପିଣ୍ଡଉଥ ଯାଦୁ, ଉଗ ଯାଦୁ, ଚର୍ମ୍ମରୋଗ ପ୍ରଭୃତି ସର୍ବପ୍ରକାର ଯାଦୁ ଆରୋଗ୍ୟ ହୁଏ । ସାହସ କରି କହିପାରୁଁ ଯେ, ଏପରି ନିର୍ଦ୍ଦୋଷ ଅଥଚ ଉପକାରୀ ଔଷଧ ଦ୍ୱିତୀୟ ନାହିଁ ଏଣୁ ଏହା ଭୂରି ଭୂରି ଅଧିକ ବ୍ୟବହାର କରିବାକୁ ହୁଏ ନାହିଁ । ମାତ୍ର ଥରେ ଆରୋଗ୍ୟ ହେଲେ ଆଉ କଦାଚ ସେ ସ୍ଥାନରେ ଯାଦୁ ହୁଏ ନାହିଁ । ଯାଦୁର ଯେତେ ପ୍ରକାର ଔଷଧ ଅଦ୍ୟପର୍ଯ୍ୟନ୍ତ ପ୍ରକାଶିତ ହୋଇ ଅଛି, ସେଥି ମଧ୍ୟରୁ କେହି ଔଷଧର ଏପରି ଉତ୍କୃଷ୍ଟ ଗୁଣ ଦେଖାଯାଇ ନାହିଁ । ଏହି ଔଷଧ ବ୍ୟବହାର ସମୟରେ କଷ୍ଟ ଜ୍ୱାଳା ବା ଯନ୍ତ୍ରଣା କରେ ନାହିଁ । ଔଷଧଟି ମଲମାକାରରେ ହେବାରୁ ବ୍ୟବହାରର ଅଧିକ ସୁବିଧା ହୋଇଅଛି ।

ଏକ ଡିବିକାର ମୂଲ୍ୟ ଟ° ।୶

ଶ୍ରୀ ସମଚାରଣ ସେଠ

କେୟର ଉତ୍କଳପ୍ରେସ ବାଲେଶ୍ୱର ।

---

ନୂତନ ପୁସ୍ତକ ! ନୂତନ ପୁସ୍ତକ ! !

ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କକର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଙ୍ଗତଫଳା ଇଦନୁଯାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍ଗ, ସାମାନ୍ୟ ଲଘୁପାଠ, କୋଇଲ, ଦଶଅବତାର ଓ ବଗନିର୍ଣ୍ଣୟ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ°୵ ଡାକମାସୁଲ ଟ ୦୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଭାଲକେଟରସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

## ବାଲିକାଗଜ ।

ଉଲ୍ଲିଖିତ ସସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୦ ଓଜି ବାଲି | ଦ ୧୬ ଟ ।୵୶ | ଦ ୧୬ ଟ ୦ ।୵ |
| ୧୨ ଓଜି „ | „ ଟ ୵୦ | „ ଟ ୦ ।୶ |
| ୧୨ ଓଜି „ | „ ଟ ୵୲ | „ ଟ ୦ ।୵ |
| ୨୨ ଓଜି ଡବଲଫୁଲିସ୍କେପ୍ „ | ଟ ୷ | „ ଟ ୦ ।୶ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ଚଲଗି ଓ ରେସମୀଓଜେଇ ଲୁଗା ଓ ଷ୍ଟେସନରୀ ଓ ବିଲାତି ଜିନିଷ ସମସ୍ତ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଅତି ନୂତନ ଫେସନ ଜିନିଷମାନ ବିକ୍ରୟ ସର୍ବଦା ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ହେବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଛଡ଼ା ଆମ୍ଭେମାନେ ବିଲାତି ଜିନିଷ ବିକ୍ରୟ ସର୍ବଦା ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଜିନିଷମାନ ବିକ୍ରୟ ହେବା ପରେ ଆପଣା ମଫସଲ ସର୍ବଦା ନେବାକୁ ଇଚ୍ଛା କରନ୍ତି ତେବେ ଏହି ଗଣ୍ଠିକୁ ଟ ।୶ ହିସାବରେ ନେଇ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଗ୍ରାହକଙ୍କର ଉପରେ ରହିବ । ଖର୍ଚ୍ଚ ହେଲେ ଜିନିଷ ପଠାଇ ଦେବାକୁ ହେବ ।

ତପସିଲ ।

ଉତ୍ତମ ରେଶମୀ ଓ ଚଦରେ ଜୁତ ଭେଲେ ସ୍କେ ।
ଅଲେଯାଣ୍ଡା
ଲଜେଣ୍ଟିନ ତେଲ ଲଣ୍ଠନ ଜେଲ ସୁଗା ଓ ଚୋଲ ଷ୍ଟୁଡ ।
ପଟ ଅବାଳ ଚକିଣା ଉଠା କାଗଜ ପେନ ହିଲ ଓ କଲମ ।
ଜେନେରାଲ ଜାଇକା ଇଷ୍ଟ ।
ଲାଲ ଦୁକାଲିକ ଚଟି କାଉଁ ଓ ଉଦାସା ଟେବିଲ
ଭେଳ ଛତ ।
ଲଣ୍ଠନ ସୁଗନ୍ଧି ।
ଚାବାଯ ସାବାନ ଖଣ୍ଡ ଲୁଗା ପରିଷ୍କାର ହୁଏ ।
ଅଙ୍ଗୋଛ ରେଜ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ ।
ଅଗେ ଛୁରୀ ।
ଔଷଧ ଚକ୍ଷୁ ଉଜ୍ଜ୍ୱଳ କରିବା ।
କର୍ପୂର, ଅର୍କ ।
ଡୋରେଗାଇନ୍ ।
ବାଡ ଚେନ ଓ ଜଳ ଗଲିସ ଓ ସାରୋ
ସଳି
ଉତ୍କର୍ଷ ଦୁରବିନ୍ଦୁଳୁବ ଏବଂ ଭଲ ଜୁତା
ଟେବିଲ ଉପୋର ଅନ୍ କେସିଙ୍ଗ ଅର୍ଗାନ
ଏ ଲୋଷନ ଷ୍ଟକେଟ
ବାମିଳ ଓ ବନ୍ଦୁକ ।
ବିଲାତି ଅରଷ୍ଟୋଟ
ଏଲଡ଼ ବାଙ୍ଗଳ
ଅଷ୍ଟେନେଡ ପେଟେଣ୍ଟ
ଥାଳ ଏ ପେଟେଣ୍ଟରେ
ଲେଡି ଜଟିଲ ସେଣ୍ଟ
ଭଲ ଛତାର ସୋଲ୍ଡ
ସେପ୍ଟିସ୍ ଲେଖା ଓ
ଖରେ ରେଡ ଡୋଗାର
ରେଲୋପଡ଼ିଆ ଡଟି
ଲ ଉଟେ ।

ପୋର୍ଟମେଣ୍ଟ ଓ ଟ୍ରଙ୍କର
କେରସିନ ତେଲ ଓ ଉଦର
ଉଲ ଲଗେ
ଦୁଆର ବାଡ ପଥର
ଲେଟ୍ଟଲେଟଲେ ଷର
ଓ ଶୁଣ୍ଠିଲେ ବଡା
ହେବ ।
ଅଲନା ଚକ୍କା
୧୨ × ୧୦ ଇଃ
୧୪ × ୧୨ ଇଃ
୧୬ × ୧୪ „
ମୋଜା ଓ ମୋଜାବନ୍ଧ
ଉତ୍ତମ ଏଥ ଜଳଜଇ
ବରଫ ପାଣି ଜଲା ଓ
ସୁବର୍ଣ୍ଣ
ଲେମେଣ୍ଟସ୍ଲେଟ ।

ଜଳ ଓ ରାଇଜେସୋଡା
ଫିତା
ବେସିନ ଚେଲେଟେ ବଡ
ଜାହାଜୀର ଆଜ
ମସଲାମା
ରେଡ ବୁ ପେଟେଣ୍ଟ
ଇଲାଏଚୀ ଗାଁଡା ଓ ସୋଡ଼ି
ଓ ଉତ
ନଲସୁଆଟାଗେ ଓ ଚିଙ୍ଗ
ପାନ ପାଲେଯୋଲ ଓ
ଶାଗା ।
ଦ୍ୱିତୀୟ ଭାବ
ଏସିମୋଗ ଅଥାତ୍ ଉପା-
ଛତ ସ୍ତଗାର ଅଷ୍ଟର
ଉତ୍ତର ଉଜଳ ଜଗରେ
ଚରଚାତ ହୁଏ ।

## ପିଚଗାର ।

ଏ ଗାରକୁ ବେଢ଼ୁଅଛି ପାଟରେ ଭତ୍ତି କର୍ଣ୍ଣରେ ଉତ୍ତରାଳ ହୋଟାଛତର ଘାଟରେ ଦେଲେ ପାଣିଗଲା ବଜ, ଦେବ ଘରର ମହିଙ୍କ ଅଲେ ଲେପିଦେଲେ ମଞ୍ଜୁର ଓ ଉଇ ଧରିବ ନାହିଁ ।

ବଗିଲ ଚମଡ଼ା ଓ ଖାକରେ ଲଗାଇବାର ଭାଲ ମଧ୍ୟ ଅଛି ।

ଅଭଳକଟକ ଜଳ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୪୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର ଛୋଟସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଏହି ଉତ୍କଳଦୀପିକା ପତ୍ରିକା ବାଲେଶ୍ୱର ଉତ୍କଳପ୍ରେସରେ [illegible]
[illegible]

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୪ ଶ | ସଂ ୩୬ ସଂଖ୍ୟା

ତା ୭ ଇଣ ମାହେ ସିପ୍ଟମ୍ବର ସନ ୧୮୮୯ ଇସିହ୍ବୀ । ମୁ । ସନ ୦ ୧୪ ହି ୪୨ ୧୨୯୭ ସାଲ ...

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

ପଶ୍ଚାଦେୟ ଟ ୩॥

ଭାରତବର୍ଷର ବଜେଟ ବିଲ ପାର୍ଲିମେଣ୍ଟ ସଭାରେ ଉପସ୍ଥିତ ହୋଇ ମଞ୍ଜୁର ହୋଇଯାଇଅଛି । ଭାରତବର୍ଷ ସପକ୍ଷରେ କେତେକ ସଭ୍ୟ ଦୁଇ ଏକ ବାକେ କଥା କହିଥିଲେ ମାତ୍ର ତହିଁ ଠାକଲ ନାହିଁ ଏବଂ ପ୍ରଧାନ କଥାମାନ ଯଥା ଦୁର୍ଭିକ୍ଷ ସାହାଯ୍ୟ ବ୍ରହ୍ମରାଜ୍ୟର ବ୍ୟୟ ଭଣ୍ଟ କରିବା ସମ୍ବନ୍ଧର ପ୍ରସ୍ତାବମାନ ଆଦୌ ଉପସ୍ଥିତ ହେଲ ନାହିଁ ସବୁ ଅଦୃଷ୍ଟର ଫଳ ।

---

ବମ୍ବେଇର ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ପ୍ରକୃତ ତାନ୍ତ୍ୟାଭିଲ ଧରାପଡ଼ିଅଛି । ଖାଣ୍ଡେଶ ଅଞ୍ଚଳର ଜ ୩ ଣ ପୁରୁଷ ଜ ୨ ଣ ସ୍ତ୍ରୀ ତାହାକୁ ଚିହ୍ନିବାର ସାକ୍ଷ୍ୟ ଦେଇଅଛନ୍ତି ଏବଂ ଇନ୍ଦୋରର ଜେଲଖାନାକୁ ମଧ୍ୟ ତାର ମିଳିଅଛି । ଅଧିକନ୍ତୁ ସେ ନିଜେ ତାନ୍ତ୍ୟା ଥିବାର ସ୍ୱୀକାର କରୁ କହୁଅଛି କି ବହୁଦିନ ଜଙ୍ଗଲରେ ଲୁଚି ରହିବା ତାହାକୁ ଅସହ୍ୟ ବୋଧ ହେବାରେ ଆପେ ଧରା ଦେବାକୁ ଇଚ୍ଛା କରିଥିଲା ହେବାରୁ ଧରାପଡ଼ି ନିଶ୍ଚିନ୍ତ ହୋଇଅଛି ।

---

ବାବୁ ଯଦୁନାଥ ମୁଖର୍ଯ୍ୟା ଭଗବାନଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ପୃଥ୍ୱୀପ୍ରସାଦ ସେଠ ମାନେ ହାକିମର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହସ୍ତି ସାହେବଙ୍କ ନାମରେ ମାନହାନିର ନାଲିସ କରିବାକୁ ବଙ୍ଗଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ଅନୁ-ଶମକେ ବର୍ଦ୍ଧମାନର ଏକଟିଂ କମିଶନର କମିସାହେବ ଉକ୍ତ ବିଷୟର ଅନୁସନ୍ଧାନ କରୁଅଛନ୍ତି କମିସାହେବ ଏ ଜିଲ୍ଲାର ପରିଚିତ ଲୋକ ଅଟନ୍ତି । ତାହାଙ୍କ ଉପରେ ଭାରର ଅର୍ପଣ ଶୁଣାଯାଉଅଛି ବଡ଼ ଦୁଃଖର ବିଷୟ ଅଟଇ ।

---

ଗତମାସ ତା ୧୪ ରିଖରେ ଶେଷହେବା ସାପ୍ତାହିକ ବିବରଣରୁ ଗଞ୍ଜାମର ଅବସ୍ଥା ଅନେକ ସୁଧୁରିବାର ଜଣାଯାଏ ଖାଦ୍ୟଦ୍ରବ୍ୟର ମୂଲ୍ୟ ଅଧିକ ବୃଦ୍ଧି ହୋଇ ନାହିଁ ଏବଂ ବୃଷ୍ଟି ଯଥେଷ୍ଟ ହୋଇଅଛି । ରିଲିଫ କାର୍ଯ୍ୟରେ ଜ ୭୫୩ ଣ ଏବଂ ଟେଷ୍ଟ କାର୍ଯ୍ୟରେ ଜ ୨୭୩ ଣ ମୂଲ ଲାଗିଅଛନ୍ତି । ଜ ୭୫୩୫୪ ଣ ଦାତବ୍ୟ ସାହାଯ୍ୟ ପାଉଅଛନ୍ତି ଏମାନଙ୍କ ମଧ୍ୟରେ ଜ ୯୦୦୦ ଣ ପୁରୁଷ ଜ ୧୫୪୦୦ ଣ ସ୍ତ୍ରୀ ଏବଂ ଜ ୪୦୧୫୨ ଣ ବାଳକ ବାଳିକା ଅଛନ୍ତି । ଓଲଉଠାର ମୃତ୍ୟୁସଂଖ୍ୟା ଜ ୧୭୯ ଣ ଅଟଇ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଓଡ଼ିଶାରୁ ବାବୁ ଶ୍ରୀ ରାମଚନ୍ଦ୍ର ବସୁ ଗତ ଏଫ ଏ ପରୀକ୍ଷାରେ ସର୍ବ ପ୍ରଥମ ସ୍ଥାନ ପାଇବାରୁ ବିଶ୍ୱବିଦ୍ୟାଳୟର ପଦକ ଛଡ଼ା ସରକାର ଏହିକଲୁମାରି ଠାକୁରଙ୍କର ସ୍ଥାପିତ ମାସିକ ଟ ୨୦ ଙ୍କାର ବୃତ୍ତି ପାଇ ଅଛନ୍ତି । ଏ ବୃତ୍ତି ଏକବର୍ଷ ପର୍ଯ୍ୟନ୍ତ ପାଇବେ ଶ୍ରୀ ରାମଚନ୍ଦ୍ର ବାବୁ ଉକାଲତିର ସନନ୍ଦ ପ୍ରାପ୍ତ ହୋଇଅଛନ୍ତି ଏଠା ଅଦାଲତମାନଙ୍କରେ ପୂର୍ବାବଧି ଓକିଲ କାର୍ଯ୍ୟ କରିବେ । ଆମ୍ଭେମାନେ ଆଶା କରୁଁ କି ସେ ପରୀକ୍ଷାରେ ଯେମନ୍ତ ଉଚ୍ଚ ସ୍ଥାନ ଲଭିଅଛନ୍ତି କାଳେ ବ୍ୟବସାୟ ଦ୍ୱାରା ମଧ୍ୟ ସେହିପରି ସଫଳ ହେବେ ।

---

ବାବୁ ହାଣ୍ଡିଏଲ ଷଡ଼ଙ୍ଗୀ ଏଠା ମିସନହାଇସ୍କୁଲର ୨ ୟ ଶିକ୍ଷକ ଥିଲେ । ପୁଲିସ ସବଇନ୍ସପେକ୍ଟର ହେବାରୁ ହାଇସ୍କୁଲର ଛାତ୍ରମାନେ ତାହାଙ୍କୁ ଖଣ୍ଡିଏ ଅଭିନନ୍ଦନପତ୍ର ଗତ ଜୁଲାଇ ମାସରେ ପ୍ରଦାନ କରିଥିଲେ । ଉକ୍ତ ଅଭିନନ୍ଦନପତ୍ର ଓ ତହିଁର ଉତ୍ତର ଛାପା ହୋଇଅଛି ଏବଂ ଆମ୍ଭେମାନେ ଅନୁଗ୍ରହ ହେଲା ତାହା ପାଇ ଅଛୁଁ । ଅଭିନନ୍ଦନପତ୍ର ଓ ତହିଁର ଉତ୍ତର ଉଭୟ ଉତ୍ତମ ହୋଇଅଛି ଏବଂ ଷଡ଼ଙ୍ଗୀବାବୁଙ୍କ ସଦୁପଦେଶ ଓ ସ୍ନେହପୂର୍ଣ୍ଣଉତ୍ତର ପାଠକରି ଆମ୍ଭେମାନେ ବିଶେଷରୂପେ ଆନନ୍ଦିତ ହୋଇଅଛୁଁ ।

---

ଗଣେଶପୂଜା ଓ ମୋହରମ ଏକତ୍ରେ ପଡ଼ିବାରୁ ହେବରତନ ହେଲ ଏନଗରରେ ବଡ଼ ଆମୋଦ ଲାଗିଅଛି । ଗଣେଶପୂଜା ମୋହରମର ଧୂମରେ ଏକପ୍ରକାର ଲୁଚି ଯାଇଅଛି ଏବଂ ପ୍ରତିଦିନ ବୃଷ୍ଟି ହେଉଥିଲେହେଁ ଉତ୍ସାହୀ ଓ ଭକ୍ତହୃଦୟମାନଙ୍କର କାର୍ଯ୍ୟରେ ବ୍ୟାଘାତ

Digitized by srujanika@gmail.com

ହୋଇ ନାହିଁ । ତୃତୀୟପ୍ରଦନଦ୍ଧ୍ୟାମାନଙ୍କ ପଲ୍‌ଟନିୟାମାନେ ଭିନ୍ନ ସମାଚାରପତ୍ରରେ କଟମରଷ୍ଟଲକୁ ଅସିଥିଲେ । ପଲ୍‌ଟନରେ ଏଥର ଛାଡ଼ଆ ହୋଇ ନାହିଁ କେବଳ ଯେନରଲବାଞ୍ଛାମାନେ ତୁଲ ଛାଡ଼ଆ ହୋଇଅଛନ୍ତି । ଅତ ସକାଳେ ଛାଡ଼ଅମାନ ବାଗ୍ରିଲୁ ବାହାରକେ ଓ କପର ଅମାନେଶ ହେବ ଦେଖାଯିବ ।

---

ଗତମାସ ତା ୨୪ ଲଖର ସରକାରୀ ରପୋର୍ଟରୁ ଜଣାଯାଏ ଯେ ଓଡ଼ିଶାର ଦୁଇଜିଲ୍ଲା ଅର୍ଥାତ୍ କଟକ ଓ ପୁରୀରେ କାଳୋଚିତ ବୃଷ୍ଟି ହେବାରୁ ଫସଲର ଅବସ୍ଥା ଉତ୍ତମ ଅଛି କିନ୍ତୁ ବାଲେଶ୍ୱର ଜିଲ୍ଲାର ସର୍ବତ୍ରରେ ସୁବୃଷ୍ଟି ହୋଇ ନ ଥିବାରୁ ଭଦ୍ରଖ ସବଡିଭିଜନର ଅବସ୍ଥା ସାଧାରଣରୂପେ ଭଲ ଅଛି ମାତ୍ର ସଦର ସବଡିଭିଜନର ଅବସ୍ଥା ଅତ୍ୟନ୍ତ ଅସନ୍ତୋଷଜନକ । ଗତ ବାଲେଶ୍ୱର ସମ୍ବାଦବାହିକାରୁ ମଧ ପ୍ରକାଶ ଯେ ସୋରୋ ଓ ବାଲେଶ୍ୱର ଏହି ଦୁଇଥାନା ଏଲାକାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଜଳ ଅଭାବରୁ ଧାନେ୨ ଅବଧି କେନ୍ଦୁଡ଼ା ହୋଇ ନାହିଁ ଏବଂ ଘାସାଦି ଜଳକଷ୍ଟ ରହିଅଛି ।

---

ପ୍ରେଟ ନାଗପୁରର ଗତ ବାର୍ଷିକ ବିବରଣରୁ ପ୍ରକାଶ ଯେ ବଙ୍ଗ-ନାଗପୁର ରେଲବାଟ ନିର୍ମାଣ କାର୍ଯ୍ୟ ବଡ଼ ଶିଥିଳଭାବରେ ଚାଲୁଅଛି । ଗତ ଜାନୁଆରୀ ମାସରେ ମାନଭୂମ ପୁରୁଲିଆପର୍ଯ୍ୟନ୍ତ ରେଲ ବସ୍ତ ହୋଇଥିଲା ତହିଁପରରୁ ଚାଣ୍ଡିଲପର୍ଯ୍ୟନ୍ତ ରେଲ ଲାଗିଅଛି ମାତ୍ର ଦାମୋଦର-ସୁବର୍ଣ୍ଣରେଖା ନଦୀମାନଙ୍କର ସେତୁ ପ୍ରସ୍ତୁତ ହୋଇ ନାହିଁ । ଏହି ରେଲବାଟ ନିର୍ମାଣକାର୍ଯ୍ୟ ସରକାରଙ୍କର କୌଣସି ତ୍ରୁଟିହେତୁ ବିଳମ୍ବ ହୋଇ ନାହିଁ କେବଳ ରେଲକମ୍ପାନି ଏଥିନିମିତ୍ତ ଦାୟୀ ଅଛନ୍ତି । ଏ ପ୍ରଦେଶର ନାଗପ୍ରାନ୍ତରୁ ରେଲବାଟପର୍ଯ୍ୟନ୍ତ ସଡ଼କମାନ ପ୍ରସ୍ତୁତ କରିବାକାରଣ ଷ୍ଟେଟଲୋକ ସ୍ଥାନୀୟ ବୋର୍ଡମାନଙ୍କୁ ଅର୍ଥ କରଗିଅଛନ୍ତି ।

---

ଖପଲରେ ପାଠକଙ୍କୁ ଯେ ଏଠା ମିଉନିସିପାଲିଟୀ ସଡ଼କ ସକାଶେ ଖାସମହାଲରୁ ଦେଢ଼ଗୁଣ୍ଠ ଜମି ପ୍ରାର୍ଥନା କରିବାରୁ ଗବର୍ଣ୍ଣମେଣ୍ଟ ଟ ୧୮ ଜମାରେ କବୁଲିୟତ କରିବାର ଅଦେଶ ଦେଲେ ମାତ୍ର ତହିଁ ସଙ୍ଗେ ଲେଖିଲେ ଯେ ଯେତେଥର କମିଶନରମାନେ ବଦଳ ହେଉଥିବେ ସେତେ ଥର ନୂଆ କବୁଲିୟତ ହେଉଥିବ । କମିଶନରମାନେ ଏପରି କବୁଲିୟତ ଦେବା ପ୍ରତି ଆପତ୍ତି କରୁଅଛନ୍ତି । ବାସ୍ତବରେ ଥରକୁ ଥର କବୁଲିୟତ କରିବା ଅଦେଶଟା ବଡ଼ ଅସୁବିଧାଜନକ ଏବଂ ଏଥିରୁ ବୋଧ ହୁଅଇ ଯେ ମିଉନିସିପାଲିଟୀ କୌଣସି ଚିରସ୍ଥାୟୀ ବନ୍ଦୋବସ୍ତ କରିବାକୁ ଅକ୍ଷମ ଏପରି ହେଲେ ମିଉନିସିପାଲିଟୀ ଚାଲି ପାରିବ କି ?

---

ଦଶପଲ୍ଲାର ରାଜା କେତେକ ସେକ୍ରେଟରୀଙ୍କ ସହିତ ଆପଣା ଏଲାକାରେ ଖାସ ରହି ନ ଥିଲେ ତହିଁର କାରଣ ଦର୍ଶାଇବା ପାଇଁ ଏଠାକୁ ତଲବ ହୋଇ ଆସିଥିଲେ । ଶୁଣିଲୁଁ ଯେ ଦୁଇ ତିନି ମୋକାମରେ ତାହାଙ୍କୁ ଉପସ୍ଥିତ ହେବାର ଅଦେଶ ଥିଲା ତହିଁ ମଧ୍ୟରୁ ଏକ ସ୍ଥାନରେ ସେ ପହଞ୍ଚିବା ସଙ୍ଗେ ସେକ୍ରେଟରୀ ସେଠାରୁ ବାହାର ଅସି ଅନ୍ୟ ସ୍ଥାନରେ ଅପେକ୍ଷା କରିଥିଲେ ସୁତରାଂ ଦେଖା ପାଇଲେ ନାହିଁ । ଏ କଇଫିୟତ ସଦରକୁ ଯାଇଅଛି । ଉତ୍ତର ଅସି ନାହିଁ ଏଥି ମଧ୍ୟରେ କଥିତ ହୁଅଇ ରାଜା ପାଞ୍ଚବର୍ଷ ସକାଶେ ଆପଣା ରାଜ୍ୟ ଗବର୍ଣ୍ଣମେଣ୍ଟଙ୍କ ଖାସରେ ରଖାଯିବା କାରଣ ଆବେଦନ କରିଅଛନ୍ତି । ଭରସା କରୁଁ ଗବର୍ଣ୍ଣମେଣ୍ଟ ଏଥିରେ ସମ୍ମତ ହେବେ ।

---

ଗତ ମାର୍ଚ୍ଚ ତା ୩୦ ରିଖରେ ବିଲାତର ପାର୍ଲିମେଣ୍ଟ ସଭା ବନ୍ଦ ହେଲା । ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ମହାରାଣୀଙ୍କ ବକ୍ତୃତା ପାଠ କଲେ । ତହିଁରେ ଭାରତବର୍ଷ ସମ୍ପର୍କରେ ଲେଖା ଅଛି ତ ସୀମା ପ୍ରଦେଶର ରକ୍ଷା ନିମିତ୍ତ ଭାରତର ସୈନ୍ୟ ଓ ସରଦାରମାନେ ଗଭର୍ନ୍ମେଣ୍ଟ ସକାଶେ ଯେଉଁ ସାହାଯ୍ୟମାନ ଯାଚି ଅଛନ୍ତି ଶ୍ରୀମତୀ ମହାରାଣୀ ଅନନ୍ଦ ସହିତ ତାହା ଗ୍ରହଣ କରୁଅଛନ୍ତି ଏବଂ ସେମାନଙ୍କର ଏପ୍ରକାର ସଦାନୁଭବର ସମୁଚିତ ଆଦର କରୁଅଛନ୍ତି । ବହିର୍ବ୍ୟାପାର ବିଷୟରେ ସେ କହିଅଛନ୍ତି ଯେ ତାହାଙ୍କର ସମ୍ପୂର୍ଣ୍ଣ ଭରସା ଯେ ଇଉରୋପରେ ଅବିଚ୍ଛିନ୍ନ ଶାନ୍ତି ରହିବ । ଭାରତର ଅର୍ଥାଷ୍ଟା ଯାହା ଅପେକ୍ଷା ଗୁଡ଼ ହୋଇ ନାହିଁ ଏତେକ ପୂର୍ବର ବିଷୟ ଅଛି ।

---

ମାନ୍ଦ୍ରାଜ ରାଜଧାନୀ ଅନ୍ତର୍ଗତ ତିରୁପତିର ମହନ୍ତ ଜଣେ ବଡ଼ଲୋକ ଅଛନ୍ତି ଓ ମାନ୍ଦ୍ରାଜର ଲାଟ ଗବର୍ଣ୍ଣରସାହେବ ଥରେ ତାଙ୍କର କୁଟିଆ ହୋଇଥିଲେ । ତାଙ୍କନାମରେ ସଦାବର୍ତ୍ତ ଧନ ଅପହୃତ କରିଥିବାର ଫଉଜଦାରୀ ମାମଲା ଦାଏର ହୋଇଅଛି । ସେ ମଠର ମଧ୍ୟରେ ଦୁଇଲକ୍ଷ ସତୁରିହଜାର ଟଙ୍କା ମୂଲ୍ୟର ସ୍ୱର୍ଣ୍ଣମୁଦ୍ରା ପୋତିଥିବାର ସମ୍ବାଦ ମିଳିବାରୁ ଅର୍କଟର ଅସିଷ୍ଟାଣ୍ଟ ମାଜିଷ୍ଟର ସାହେବ ଇନ୍‌ସ୍ପେକ୍ଟରଙ୍କ ଅଦେଶ ଦେବାରେ ତାହା ଉଠାଇ ତହବିଲଖାନାରେ ରଖିବା ପାଇଁ ହାଇକୋର୍ଟରେ ମୋସନ ହୋଇଥିଲା । ଖୋଲାଖୋଲିରେ ମଠର ଅପରାଧ ହେବ କୋଇ ଯେ ଅପତ୍ତି ହୋଇଥିଲା ତାହାପ୍ରଧାନ ପ୍ରଶ୍ନ ଚିଫଜଷ୍ଟିସରେ କହିଲେ ଯେହେତୁ ସେ କହିଲେ ପ୍ରତିଷ୍ଠା ଶିଷ୍ୟଦ୍ୱାରା ମଠରର ଅପବିତ୍ରତା ହେବ ନାହିଁ । ଏ ହେତୁ ମୋସନ ଅଗ୍ରାହ୍ୟ ହେଲା । ଏ ମକଦ୍ଦମା ତେଲିଗୁଠା ହିନ୍ଦୁମାନଙ୍କ ମଧ୍ୟରେ ବଡ଼ ଅନ୍ଦୋଳନ ଲାଗିଅଛି ଓ ଅନେକେ ମହନ୍ତପ୍ରତି ଅସନ୍ତୁଷ୍ଟ ଅଛନ୍ତି ।

---

ସ୍କୁଲଅଫିସ ଶୀଘ୍ର ବଦଳିବାର ଅଛି ନାହିଁ । ମହାମାନ୍ୟ ରବର୍ଟସ ଜେନରଲ କଲେଜକୁ ପତ୍ର ଲେଖିଅଛନ୍ତି କି ସ୍କୁଲ ଅଭ୍ୟାସର ନିବାରଣ ପକ୍ଷରେ ଅପାତତଃ ବଙ୍ଗୀୟ ଗେଜେଟ ଏବଂ ଅଣାମର ପ୍ରଥମ ଉପଖ୍ଣ୍ଡର ଯେ ସମସ୍ତ ଉପାୟ ଅବଲମ୍ବନ କରୁଅଛନ୍ତି ତାହା ଯଥେଷ୍ଟ ଅଟଇ ଏବଂ ଅଭ୍ୟାସରର ଜଥାଷ୍ଟା କଷ୍ଟ ପଢ଼ିବଣ୍ଟି ହୋଇଅଛି । ପୁଲିସ-ଇନ୍‌ସ୍ପେକ୍ଟରର ଜେନରଲ ସାହେବ ବିଶେଷ ଅନୁସନ୍ଧାନ କରି ସ୍କୁଲ ଅଭ୍ୟାସରର ଅନେକ ଉଦାହରଣ ଦେଖାଇବାପ୍ରତିଦେଶ ବାକପ୍ରତିପର୍ଯ୍ୟନ୍ତର ଏ ଧାରଣା ହେଉଁଠାରୁ ହେଲା ଅଲ୍ମେମାନେ କହି ନ ପାରୁଁ କିନ୍ତୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ଅନ୍ୟରୂପ । ବଙ୍ଗୀୟ ଗେଜେଟ ଯେଉଁ ନାଗପୁରର ବାର୍ଷିକ ବକ୍ତୃତାର ସମାଲୋଚନାରେ ଲେଖିଅଛନ୍ତି କି ଅନେକ ଉପାୟଦ୍ୱାରା ସ୍କୁଲ ଖର ନେଇପିବା ଗଢ଼ିତ ଅଭ୍ୟାସର ଉଣା ପଡ଼ ନାହିଁ ଏବଂ ଅନେକ ପରିବର୍ତ୍ତନ ହେବାପର୍ଯ୍ୟନ୍ତ ଭଲ ବାଳକମାନେ ଏ ବିଷୟପ୍ରତି ବିଶେଷ ଦୃଷ୍ଟି ରଖିବେ ।

---

କାଶ୍ମୀର ସମ୍ପର୍କରେ ବିଲାତରୁ ଅସିଥିବା ଗଲମାସ ତା ୨୮ ରିଖର ତାରସମ୍ବାଦରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଶୁଭସମ୍ବାଦ ପାଠକରି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଭାରତସଚିବ ଲର୍ଡ କ୍ରସ ଏକ ପ୍ରଶ୍ନର ଉତ୍ତରରେ ଲର୍ଡ ସଭାକୁ ଜଣାଇଅଛନ୍ତି କି କାଶ୍ମୀରକୁ ବୃଟିସ ରାଜ୍ୟଭୁକ୍ତ କରିବା ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ନୁହଇ ଏବଂ ସେ ଆଶା କରନ୍ତି ଯେ ସେଠାର ଅବସ୍ଥା ସଂଶୋଧିତ ହେଲେ ମହାରାଜା ଆପଣା ଅଧିକାର ପୁନଃ ପ୍ରାପ୍ତ ହେବେ । ଏ ସମ୍ବାଦରେ ଭାରତୀୟ ରାଜା ମହାରାଜା ଓ ଲୋକମାନେ ସନ୍ତୁଷ୍ଟ ହେବେ ସନ୍ଦେହ ନାହିଁ । କୌଣସି ସ୍ୱରାଜ୍ୟରେ ବିଶୃଙ୍ଖଳା ଘଟିଲେ ତହିଁର ପ୍ରତୀକାର କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଏ ବିଷୟରେ କେହି ପ୍ରତିବାଦ କରିବେ ନାହିଁ । କିନ୍ତୁ ଅକାରଣ ଅଥବା ଅଳ୍ପ ତ୍ରୁଟିସଙ୍ଗେ ଜଣେ ଦେଶୀୟ ରାଜା ପଦଚ୍ୟୁତ ହେଲେ ସମସ୍ତଙ୍କର ଅସୀମ ଦୁଃଖ ଏବଂ ଭୟ ହେବ । ଇଂରାଜଗବର୍ଣ୍ଣମେଣ୍ଟ ଜାଣିଶୁଣି ଏପ୍ରକାରରେ ଲୋକଙ୍କର ଅପ୍ରୀତିଭାଜନ ହେବେ ନାହିଁ ।

---

ପାଇୟୋନିୟରର ସମ୍ପାଦକ ଚେସନୀ ସାହେବଙ୍କ ନାମରେ କର୍ଣ୍ଣେଲ ହଡ଼ସନ୍ ଯେଉଁ ଦୁର୍ନାମ ରଟାଇବାର ମୋକଦ୍ଦମା କରିଥିଲେ କଲିକତା ହାଇକୋର୍ଟର ଗତ ସେସନ ଅଧିବେଶନରେ ତାହା ଚମତ୍କାରରୂପେ ନିଷ୍ପତ୍ତି ହୋଇଗଲା । ସମସ୍ତେ ମନେ କରିଥିଲେ ଯେ ମୋକଦ୍ଦମାର ଦୁଃଖାନ୍ତଘଟିତ ବିଚାର ହେବ କିନ୍ତୁ କର୍ଣ୍ଣେଲ ହଡ଼ସନ ସାହେବ ଦୁଇଜଣ ସାକ୍ଷିଙ୍କ ଯୋଗାଡ଼ କରି ମୁଦ୍ଦେଇର କୌନ୍‌ସଲ ପଚାରିଲେ ଯେ ପାଇୟୋନିୟର କଲିକତାରେ ପ୍ରଚାରିତ ହେବ ବୋଲି ଚେସନୀ ସାହେବ ମାନସ କରିଥିଲେ ଏଥିର ପ୍ରମାଣ କାହିଁ ? ମୁଦ୍ଦେଇର ବାରିଷ୍ଟର ଏଥିର ଉତ୍ତର ଦେଇ ନ ପାରିବାରୁ ବିଚାରପତି ଆସାମିଙ୍କୁ ନିର୍ଦ୍ଦୋଷୀ ବୋଲି ଛାଡ଼ିଦେଲେ । ଏ ବିଚାର ଅନେକ ଲୋକଙ୍କ ମନକୁ ଆସି ନାହିଁ କିନ୍ତୁ ସେପର୍ଯ୍ୟନ୍ତ ଏ ବିଚାର ଅନ୍ୟଥା ହୋଇ ନାହିଁ ସମ୍ପାଦକଙ୍କ ପକ୍ଷରେ ଭଲ ହୋଇଅଛି । ଯେଉଁ ସମ୍ବାଦପତ୍ର ଯେଉଁଠାରୁ ପ୍ରକାଶିତ ହୁଏ ସେହି ସମ୍ବାଦପତ୍ର ନାମରେ ସେହିସ୍ଥାନର ଅଦାଲତରେ ନାଲିସ କରିବାକୁ ହେବ । ଅନ୍ୟ କୌଣସିଠାରେ ନାଲିସ ଚଳିବ ନାହିଁ ।

---

ବିଲାତସ୍ଥ ଭାରତୀୟ ସେକ୍ରେଟେରୀ ଲର୍ଡ କ୍ରସ ପାର୍ଲିମେଣ୍ଟ ସଭାରେ କର୍ଣ୍ଣେଲ ହଡ଼ସନ ସାହେବଙ୍କ ମାମଲାରେ ସାକ୍ଷ୍ୟ ଦେଇଥିବା ମାମଲତଦାରଙ୍କ ବିଷୟରେ ଏହି ଅଭିପ୍ରାୟ ବ୍ୟକ୍ତ କରିଅଛନ୍ତି କି ଯେଉଁମାନେ ଅନୁଗ୍ରହ ପାଇବା ନିମିତ୍ତ ଇଚ୍ଛାପୂର୍ବକ ଲାଞ୍ଚ ଦେଇଅଛନ୍ତି ସେମାନେ କର୍ମଚ୍ୟୁତ ହେବେ ମାତ୍ର ସେମାନଙ୍କୁ କ୍ଷତିପୂରଣ ଦିଆଯିବ କିନ୍ତୁ ଯେଉଁମାନେ ଦାୟରେ ପଡ଼ି ଲାଞ୍ଚ ଦେଇଅଛନ୍ତି ସେମାନେ ସ୍ୱକାର୍ଯ୍ୟରେ ରହିବେ ଏବଂ ସେମାନଙ୍କୁ ମୋକଦ୍ଦମାରୁ ରକ୍ଷା କରିବାକୁ ହେବ । ସେ ଅନ୍ୟତ୍ର କହିଲେ କି ନିର୍ଘାତ ହେବା ଉଚିତ କରିବା ଉଦ୍ଦେଶରେ କର୍ଣ୍ଣେଲର ଗବର୍ଣ୍ଣର ଲର୍ଡ ରଏ ବଡ଼ ପ୍ରଶଂସନୀୟ କାର୍ଯ୍ୟ କରିଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟଙ୍କର ତାହାଙ୍କପ୍ରତି ଅତ୍ୟନ୍ତ ବିଶ୍ୱାସ ଅଛି । ଲର୍ଡ ରଏଙ୍କର ପ୍ରଶଂସା ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ମାତ୍ର ମାମଲତଦାରଙ୍କୁ ଲର୍ଡ ରଏ ଯେଉଁ ଅଭୟଦାନ କରିଥିଲେ ତାହାକୁ ଅକ୍ଷୁନ୍ନ ରଖିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ହୋଇଅଛି । କେତେକ ମାମଲତଦାରଙ୍କୁ ବିଦାୟ ଦେବା ଓ କେତେକଙ୍କୁ କାର୍ଯ୍ୟରେ ରଖିବା ସୁବିଚାର ନୁହଇ । କାରଣ ଜାଣିବାର ଉଚିତ ଯେ ମାମଲତଦାରମାନେ ସାକ୍ଷ୍ୟ ଦେଇ ନ ଥିଲେ କ୍ରଫର୍ଡ ସାହେବ ଧରା ପଡ଼ି ନ ଥାନ୍ତେ ଓ ସାକ୍ଷ୍ୟ ଦେଲେ ଏପରି ଅନିଷ୍ଟ ଘଟିବ ଏକଥା ମାମଲତଦାରମାନେ ଜାଣିଥିଲେ ପ୍ରାୟ କେହି ସାକ୍ଷ୍ୟ ଦେବାକୁ ଅଗ୍ରସର ହୋଇ ନ ଥାନ୍ତେ । ସୁତରାଂ ଲର୍ଡ ରଏଙ୍କର ଅଭୟଦାନ ନିତାନ୍ତ ଆବଶ୍ୟକ ଥିଲା ଏବଂ ତହିଁରେ ହସ୍ତକ୍ଷେପ କରିବା କୌଣସିମତେ ଉଚିତ ନୁହଇ ।

---

## ଅଯଥା ଦୋଷାରୋପ ।

ସମ୍ବଲପୁର ହିତୈଷିଣୀର ଜଣେ ପତ୍ରପ୍ରେରକ ମୟୂରଭଞ୍ଜର ନାବାଳଗ ରାଜାଙ୍କର ଶିକ୍ଷାଗତର ଦାୟିତ୍ୱ ତାହାଙ୍କର ଜଣେ ଶିକ୍ଷକ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ସ୍କନ୍ଧରେ ଲଦିଦେଇ ଲେଖିଅଛନ୍ତି କି ଯେ ସ୍ଥଳେ ଗୋବିନ୍ଦ ବାବୁ ଅନୁଗତ ଜାତିଭେଦ ଉଠାଇ ଦେବା କାରଣ ପ୍ରବନ୍ଧମାନ ଲେଖିଅଛନ୍ତି ସେ ସ୍ଥଳେ ତାହାଙ୍କ ଦ୍ୱାରା ନାବାଳଗ ରାଜାଙ୍କର ହିନ୍ଦୁ ଆଚାର ବ୍ୟବହାର ରକ୍ଷା ହେବାର ଆଶା ନାହିଁ । ଦାୟିତ୍ୱଜ୍ଞାନ ପତ୍ରପ୍ରେରକମାନେ ଯାହା ତାହା ଲେଖିପାରନ୍ତି ମାତ୍ର ବଡ଼ ଦୁଃଖର ବିଷୟ ଯେ ସମ୍ପାଦକ ତାର ସମ୍ପାଦକ ପ୍ରଭୃତି କଥା ନ ବୁଝି ତହିଁର ପୋଷକତା କରିଅଛନ୍ତି ଏବଂ ତହିଁ ସଙ୍ଗେ ଲେଖିଅଛନ୍ତି କି ବାମଣ୍ଡାଧିପତି ଏଥିପୂର୍ବେ ଗୋବିନ୍ଦ ବାବୁଙ୍କୁ ଏ ବିଷୟରେ ପତ୍ର ଲେଖିଥିଲେ ମାତ୍ର ତାହାଙ୍କ କାର୍ଯ୍ୟ ଦେଖି ହତାଶ ହୋଇଅଛନ୍ତି । ବାମଣ୍ଡାଧିପତି ଜଣେ ବିଦ୍ୱାନ୍ ବିଚକ୍ଷଣ ଦୂରଦର୍ଶୀ ଓ କର୍ତ୍ତବ୍ୟପରାୟଣ ରାଜା ବୋଲି ସମସ୍ତ ଓଡ଼ିଶାରେ ବିଖ୍ୟାତ ଏବଂ ମୟୂରଭଞ୍ଜର ରାଜା ତାହାଙ୍କର କୁଟୁମ୍ବ ହୋଇଥିବାରୁ ନାବାଳଗର ଆଚାରବ୍ୟବହାର ପ୍ରତି ତାହାଙ୍କର ଦୃଷ୍ଟି ରହିବା ଯେମନ୍ତ କର୍ତ୍ତବ୍ୟ ନାବାଳଗର ଦୁଇ ଶିକ୍ଷକ ଥିବା ସ୍ଥଳେ ଇଂରାଜୀଶିକ୍ଷକ ଓ ଦେଶୀୟ ଶିକ୍ଷକଙ୍କ ମଧ୍ୟରୁ କାହାର କର୍ତ୍ତୃତ୍ୱ କିରୂପ ସେ କଥା ବୁଝିବା ମଧ୍ୟ ସେମନ୍ତ କର୍ତ୍ତବ୍ୟ ଅଟଇ । ଇଂରାଜୀଶିକ୍ଷକ ନାବାଳଗର ସର୍ବମୟ କର୍ତ୍ତା ଦେଶୀୟ ଶିକ୍ଷକ ତାହାଙ୍କର ଅଧୀନ ମାତ୍ର । ଅଧୀନ ବ୍ୟକ୍ତିର ଆଦେଶ ପାଳିବା ଭିନ୍ନ ଆଉ କିଛି କରିବାର କ୍ଷମତା ଅଛି କି ? ବାମଣ୍ଡାଧିପତି ଯେବେ ନାବାଳଗଙ୍କ ଆଚରଣରେ କିଛି ଦୋଷ ଦେଖିଲେ ତେବେ ସେ ବିଷୟରେ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିଲେ ବାଞ୍ଛିତ ଫଳ ପାଇ ପାରନ୍ତେ । ତାହା ନ କରି ଗୋବିନ୍ଦ ବାବୁଙ୍କୁ କହିଲେ ସେ କ'ଣ କରିବେ । ଦେଖା ଯାଉଅଛି ଯେ ବର୍ତ୍ତମାନ ଗୋବିନ୍ଦ ବାବୁଙ୍କ କପାଳ ମନ୍ଦ ଅଛି । ଜାତିସମ୍ବନ୍ଧ ବିଷୟରେ ମତ ପ୍ରକାଶ କରି ସେ ଅନେକଙ୍କର ଅପ୍ରିୟ ହୋଇଅଛନ୍ତି ଏବଂ ସେଥିପାଇଁ ସବୁ ଦାୟ ତାହାଙ୍କ ଉପରେ ପଡ଼ୁଅଛି । ବର୍ତ୍ତମାନ ସମୟରେ କେହି ବ୍ୟକ୍ତି ସ୍ୱାଧୀନ ଭାବରେ ଆପଣା ମତ ପ୍ରକାଶ କଲେ ଏପରି ଲାଞ୍ଛିତ ହେବ ଆମ୍ଭେମାନେ ଆଶା କରି ନ ଥିଲୁଁ । ତାହାଙ୍କର ମତ ନିତାନ୍ତ ଭ୍ରମାତ୍ମକ ହୋଇଥିଲେ ତାହା ଦେଖାଇ ଦେଇ କିନ୍ତୁ ସେଥିପାଇଁ ଅନ୍ୟାନ୍ୟ ଦୋଷ ତାହାଙ୍କ ଉପରେ ଲଦିବା ବୁଦ୍ଧିମାନର କାର୍ଯ୍ୟ ନୁହଇ ।

---

## ନୀତିଶିକ୍ଷା ।

ସରକାରୀ ଓ ବେସରକାରୀ କଲେଜଠାରୁ ପାଠଶାଳା ପର୍ଯ୍ୟନ୍ତ ବିଦ୍ୟାଳୟମାନଙ୍କରେ କେବଳ ବିଦ୍ୟା ଶିକ୍ଷା ଦିଆ ଯାଉଅଛି କିନ୍ତୁ ନୀତିଶିକ୍ଷାର କୌଣସି ବନ୍ଦୋବସ୍ତ ନାହିଁ ବୋଲି ଘୋଟିଏ ସାଧାରଣ ଶିକାୟତ ହୋଇଅଛି, ସରକାରୀ କର୍ମଚାରୀ ଏବଂ ସଭ୍ୟସମିତିମାନ ଏକ-

Digitized by srujanika@gmail.com

Split by PDF Splitter

316



ବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ ବର୍ତ୍ତମାନକାଳର ସ୍କୁଲ ଛାତ୍ରମାନଙ୍କର ସ୍ୱଭାବ ଚରିତ୍ର ଆଶାନୁରୂପ ନୁହଇ । ଔଦ୍ଧତ୍ୟ ଅବାଧ୍ୟତା ଏବଂ ଅନ୍ୟାନ୍ୟ କୁନୀତି ଛାତ୍ରମାନଙ୍କ ମଧ୍ୟରେ ପ୍ରବେଶ କରୁଅଛି ମଧ୍ୟ କୌଣସି ୨ ପ୍ରଦେଶରେ ତହିଁର ପ୍ରବଳତା ଅତ୍ୟନ୍ତିକ ହୋଇଅଛି । ଲର୍ଡ ଡଫରିନ ଭାରତବର୍ଷର ଶାସନକର୍ତ୍ତା ଥିବା ସମୟରେ ଛାତ୍ରମାନଙ୍କର ସୁନୀତି ଶିକ୍ଷା ବିଷୟରେ କେତେଗୁଡ଼ିଏ ନିୟମ ଏବଂ ନିର୍ଦ୍ଧାରଣରେ ଉପନିବନ୍ଧ କରି ପ୍ରାଦେଶିକ ଗବର୍ଣ୍ଣମେଣ୍ଟ ଏବଂ ଶାସନକର୍ତ୍ତାଙ୍କ ଅଭିମତ ପ୍ରାର୍ଥନା କରିଥିଲେ ସେମାନେ ଆପଣା ୨ ମନ୍ତବ୍ୟ ଲେଖି ପଠାଇବାରୁ ତାହା ସମସ୍ତ ଏକତ୍ରେ ବିଚାର କରି ଆମ୍ଭମାନଙ୍କର ନୂତନ ଭାରତପ୍ରତିନିଧି ମହାମାନ୍ୟ ଲର୍ଡ ଲାନ୍ସ୍‌ଡାଉନ୍ ଏକ ନିର୍ଦ୍ଧାରଣ ଲେଖି ଇଣ୍ଡିଆ ଗଜେଟରେ ପ୍ରକାଶ କରିଅଛନ୍ତି । ଏହି ନିର୍ଦ୍ଧାରଣରେ ଛାତ୍ରମାନଙ୍କର ନୀତିଶିକ୍ଷା ବିଷୟରେ ନିମ୍ନଲିଖିତ ପ୍ରସଙ୍ଗମାନ ନିର୍ଦ୍ଧାରିତ ହୋଇଅଛି ଯଥା ।—

୧ । ବ୍ୟାୟାମ ଓ ପ୍ରାନ୍ତରକ୍ରୀଡ଼ା ସ୍କୁଲଶିକ୍ଷାର ଗୋଟିଏ ଅଙ୍ଗ ହେବା ଉଚିତ । ବ୍ୟାୟାମ ଶିକ୍ଷାରେ ପାରଦର୍ଶିତା ହେତୁ ନମ୍ବର ଓ ପାରିତୋଷିକ ଦାନର ନିୟମ ସର୍ବତ୍ର ପ୍ରଚଳିତ ହେବା ଆବଶ୍ୟକ ।

୨ । ସ୍କୁଲର ନିୟମ ଭଙ୍ଗ ନିମିତ୍ତ ଦଣ୍ଡ ଦେବା ଉଚିତ । ସେ ଦଣ୍ଡ ଏପରି ହେବ ଯେମନ୍ତ କି ଦେଶୀ ବ୍ୟକ୍ତି ତାହା ଭୋଗ କରିବ ଯଥା କଠିନ କାର୍ଯ୍ୟ ବିଶେଷର ଭାର, ସ୍ୱାଧୀନତାର ଅପହରଣ ଏବଂ ଛୋଟ ଛୋଟ ପିଲାମାନଙ୍କ ପ୍ରତି ଶାରୀରିକ ଦଣ୍ଡ । ସ୍କୁଲବିଶେଷରେ ଜରିମାନା ମଧ୍ୟ ହେବ । ପୁନଃ ୨ ଦୁଷ୍ଟାମୀ କରିବାରୁ ଛାତ୍ରମାନଙ୍କୁ ସ୍କୁଲରୁ ବାହାର କରି ଦିଆଯିବ ।

୩ । ପ୍ରତ୍ୟେକ ସ୍କୁଲରେ ଚରିତ୍ରରେଜଷ୍ଟର ରଖିବା ଉଚିତ । ସେହି ରେଜିଷ୍ଟର ବହିର ନକଲ ଉଚିତ ସମୟ ୨ ରେ ଛାତ୍ରମାନଙ୍କ ପିତା, ମାତା ଓ ଅଭିଭାବକଙ୍କ ନିକଟକୁ ସ୍କୁଲର ପ୍ରଧାନ ଶିକ୍ଷକ ଆପଣା ଅଭିମତ ସହିତ ପଠାଇବେ ଏବଂ ସଦ୍‌ବ୍ୟବହାର ନିମିତ୍ତ ପ୍ରତିବର୍ଷ ବିଶେଷରେ ପୁରସ୍କାର ଦେବାର ନିୟମ ହେବା ଆବଶ୍ୟକ ।

୪ । ସହରର ବଡ଼ ୨ ସ୍କୁଲ ଏବଂ କଲେଜମାନଙ୍କରେ ବୋର୍ଡିଂ ଅର୍ଥାତ୍ ଛାତ୍ରାବାସ ସ୍ଥାପିତ ହେବା ଉଚିତ ଯେ ସେଠାରେ ଅନ୍ୟ ସ୍ଥାନର ଛାତ୍ରମାନେ ବିଶେଷ ତତ୍ତ୍ୱାବଧାନରେ ରହିବେ ।

୫ । ମନିଟରପ୍ରଣାଳୀ ପ୍ରବର୍ତ୍ତିତ ହେବା ଆବଶ୍ୟକ ଅର୍ଥାତ୍ ଉଚ୍ଚ ଶ୍ରେଣୀର ଛାତ୍ର ନିର୍ବାଚନ କରି ସେମାନଙ୍କୁ ସ୍କୁଲ ସମୟରେ ଅଥବା ଯଥାସମ୍ଭବ ସ୍କୁଲର ସମୟ ଛଡ଼ା ଅନ୍ୟ ସମୟରେ ନିମ୍ନଶ୍ରେଣୀର ଛାତ୍ରମାନଙ୍କର ତତ୍ତ୍ୱାବଧାନ ଏବଂ ଶିକ୍ଷାର ଭାର ଦେବା ଉଚିତ ।

୬ । କୌଣସି ଛାତ୍ର ପରିଶ୍ରମ ଓ ମନୋଯୋଗର ଅଭାବ ହେତୁ ବୟସବିଶେଷରେ ନିର୍ଦ୍ଦିଷ୍ଟ ଉଚ୍ଚ ଶ୍ରେଣୀକୁ ଉଠି ନ ପାରିଲେ ତାହାକୁ ସ୍କୁଲରୁ ବାହାର କରି ଦେବା ଉଚିତ ।

୭ । ଛାତ୍ରମାନଙ୍କର ଏକ ସ୍କୁଲରୁ ଅନ୍ୟ ସ୍କୁଲକୁ ଯିବା ନିଷେଧ ବିଷୟକ ନିୟମମାନ ସକଳ ସରକାରୀ ଏବଂ ସାହାଯ୍ୟଭୁକ୍ତ ସ୍କୁଲରେ ପ୍ରଚଳିତ ହେବା ଉଚିତ । ଯେ ସମସ୍ତ ସ୍କୁଲ ଓ କଲେଜରେ ଗବର୍ଣ୍ଣମେଣ୍ଟଙ୍କର ସମ୍ପର୍କ ନାହିଁ ସେ ସ୍କୁଲ ଓ କଲେଜରେ ଅବାନ୍ତରିକ ନିୟମ ପ୍ରଚଳିତ କରିବାର ଭାର ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅର୍ପିତ ହେବା ଉଚିତ । ଅର୍ଥାତ୍ ଯେଉଁ ସ୍କୁଲ ବା କଲେଜ ସେ ନିୟମମାନ ନ ମାନିବେ ସେ ସବୁରେ ପଢୁଥିବା ଛାତ୍ରମାନେ ବିଶ୍ୱବିଦ୍ୟାଳୟର ପରୀକ୍ଷା ଦେଇ ପାରିବେ ନାହିଁ ।

୮ । ଶିକ୍ଷା ଦାନ ନିମିତ୍ତ ଗବର୍ଣ୍ଣମେଣ୍ଟ ଯେତେ ଟଙ୍କା ସାହାଯ୍ୟ ଦେଇଅଛନ୍ତି ତହିଁର ଅନ୍ୟାନ୍ୟ ଖର୍ଚ୍ଚଠାରୁ ଶିକ୍ଷକ ପ୍ରସ୍ତୁତ କରିବା ବିଷୟରେ ଟ୍ରେନିଂସ୍କୁଲ ଏବଂ କଲେଜର ବ୍ୟୟ ଅଗ୍ରଗଣ୍ୟ ହେବା ଉଚିତ । ଏହି ସବୁ ଟ୍ରେନିଂ ସ୍କୁଲ ଓ କଲେଜରେ ଯେଉଁମାନେ ସନ୍ତୋଷଜନକରୂପେ ଆପଣା ଶିକ୍ଷାର ପରିଚୟ ଦେବେ କେବଳ ସେହିମାନେ ସ୍କୁଲର ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହେବେ । କେତେଗୁଡ଼ିଏ ନିର୍ବାଚିତ ସ୍କୁଲ ନିମିତ୍ତ ପାଞ୍ଚସାତବର୍ଷ ସକାଶ ଇଂଲଣ୍ଡରୁ ସୁଶିକ୍ଷିତ ଶିକ୍ଷକ ଆଣିବାର ଆବଶ୍ୟକ ହେବ ।

୯ । ଯେଉଁ ସମସ୍ତ ଶିକ୍ଷାଦ୍ୱାରା ଛାତ୍ରମାନଙ୍କର ସଚ୍ଚରିତ୍ରତା ବୃଦ୍ଧି ହେବ ସାଧାରଣତଃ ସେହି ପ୍ରକାର ଶିକ୍ଷା ଦେବାର ଉଚିତ । ଗବର୍ଣ୍ଣମେଣ୍ଟ ସ୍ୱୀକାର କରନ୍ତି ଯେ କୌଣସି ୨ ସାହାଯ୍ୟପ୍ରାପ୍ତ ସ୍କୁଲରେ ଏବଂ ସ୍କୁଲ ସମୟ ଛଡ଼ା ଅନ୍ୟ ସମୟରେ କୌଣସି ୨ ସରକାରୀ ସ୍କୁଲରେ ଧର୍ମଶାସ୍ତ୍ରୀୟ ଶିକ୍ଷା ଦେବାର ନିୟମ ଅଛି ମାତ୍ର ଏପରି ସଚେଷ୍ଟା ନୁହଇ । ବଙ୍ଗଳର ସେକ୍ରେଟରୀଙ୍କ ଇଚ୍ଛା ଯେ ଶିକ୍ଷା ସମିତିର ପ୍ରସ୍ତାବାନୁସାରେ ଛାତ୍ରମାନଙ୍କର ସୁନୀତି ଶିକ୍ଷା ନିମିତ୍ତ ଏକଖଣ୍ଡ ନୀତିପୁସ୍ତକ ପ୍ରଣୀତ ହେବା ଉଚିତ ।

ଏହି ସବୁ ନିୟମ ଧାର୍ଯ୍ୟ କରି ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି କି ଛାତ୍ରମାନଙ୍କର ବଶ୍ୟତା ଏବଂ ଗୁରୁ ବ୍ୟକ୍ତି ପ୍ରତି ସମ୍ମାନଶିକ୍ଷା ସ୍କୁଲରେ ଆରମ୍ଭ ହୋଇ କଲେଜରେ ପରିପକ୍ୱତା ଲାଭ କରିବ । କଲେଜରେ ବିଶେଷ ନୀତିଶିକ୍ଷାର ଉନ୍ନତି ହେବ ତାହା ଉର୍ଦ୍ଧ୍ୱ ବର୍ଦ୍ଧ ସୂକ୍ଷ୍ମ ବସ୍ତୁର କରିବା ନିମିତ୍ତ କଲେଜର ଅଧ୍ୟକ୍ଷ ଏବଂ ଅଧ୍ୟାପକମାନେ ପ୍ରତି ସପ୍ତାହରେ ଥରେଲେଖାଏଁ ମିଳିତ ହେବେ । କୌଣସି ଛାତ୍ରର କୁଚରିତ୍ର ପ୍ରକାଶ ପାଇଲେ ତାହା ପ୍ରତି ଜରିମାନା କରିବେ କିମ୍ବା କଲେଜରୁ ଛାଡ଼ି ଦେବେ, କୌଣସି ଅଧ୍ୟାପକର ମଧ୍ୟ ଏମନ୍ତ କ୍ଷମତା ରହିବ ଯେ ପ୍ରିନ୍‌ସିପଲର ଅନୁମତି ବିନା କୌଣସି ଛାତ୍ରକୁ ଉକ୍ତ ପ୍ରକାର ଦଣ୍ଡ ଦେଇ ପାରିବ ।

---

# ସାପ୍ତାହିକସମ୍ବାଦ ।

ଆଗାମି ପ୍ରଦେଶୀୟ ଏବଂ ଜାତୀୟ ସମିତି ଉଭୟର ପ୍ରତିଭୂ ନିର୍ବାଚନ ନିମିତ୍ତ ଗତ ଗୁରୁବାର ଉତ୍କଳସଭାର ଏକ ଅଧିବେଶନ ହେବାର ଥିଲା । ବୃଷ୍ଟି ହେତୁ ସଭା ହୋଇ ନ ପାରି ଆଗାମି ମଙ୍ଗଳବାର ପୁଣି ସଭା ହେବାର ବିଜ୍ଞାପନ ବାହାରିଅଛି ।

ଆଗାମି ସୋମବାରଠାରୁ ଏଠାର ଦୌରସିଭିଲ ଆରମ୍ଭ ହେବ ଓ ଯେତେ ମୋକଦ୍ଦମା ଅଛି ପ୍ରାୟ [illegible] ପର୍ଯ୍ୟନ୍ତ ଚାଲିବ ।

ଏଠା କମିଶନରଙ୍କ ପେସ୍କାର ବାବୁ ପରମାନନ୍ଦ ଘୋଷ କଲେକ୍ଟରୀ ପେସ୍କାରୀ ପାଇ ମାସାବଧି ହେଲା ତାଙ୍କ କାର୍ଯ୍ୟ ପ୍ରୋକ୍ତ ଅଫିସର ନାଜିର ବାବୁ ସଖାନାଥ ପାଲ ନିର୍ବାହ କରୁଥିଲେ । ଯୋର୍ଣ୍ଣା ସ୍କୁଲର ହେଡମାଷ୍ଟର ବାବୁ ପଶୁପତି ମହାନ୍ତି ଉକ୍ତ ପେସ୍କାରି କାର୍ଯ୍ୟରେ ନିଯୁକ୍ତ ହୋଇ ଆସିଅଛନ୍ତି ।

ଏଠା କଲେକ୍ଟର ମିଃ ମେଗାସ୍ଥାର ଗତ ବୁଧବାରଦିନ ଷ୍ଟିମାରଯୋଗେ କାଜିକୁ ଗମନ କରିଅଛନ୍ତି । ପୂର୍ବୋକ୍ତ ସ୍ଥାନମାନଙ୍କ ଗ୍ରାମସ୍ଥ ଦୀନଜନମାନଙ୍କ ଗମନ ଅବଶ୍ୟ ବାଞ୍ଛନୀୟ ।

ଏଠା ଅବକାରୀ ଡେପୁଟୀ ବାବୁ ହରମୋହନ ଦାସ ପେନ୍‌ସନ ଗ୍ରହଣ କରିବାରୁ ଅବକାରୀ ଦାରୋଗା ବାବୁ [illegible] ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି ।

ଭାଦ୍ରମାସ ଶେଷ ସପ୍ତାହରେ [illegible] ଶୁଣା ଯାଉଅଛି ।

ଅବକାରୀ କମିଶନର [illegible] ନିଯୁକ୍ତ ହୋଇଥିବାରୁ, ଦେଶୀୟ କମିଶନରମାନେ ଆଉ ଅବକାରି-କାର୍ଯ୍ୟ ବିଷୟ କିଛି ବୁଝିବେ ନାହିଁ ସୁତରାଂ ତାଙ୍କ ନିକଟରୁ କୌଣସି ଅବକାରୀ କାର୍ଯ୍ୟ ନ ଯିବା ହେତୁ କମିଶନରଙ୍କ କାର୍ଯ୍ୟ

Digitized by srujanika@gmail.com

ଭୁଣୀ ହୋଇଥିବା ଅନୁମାନରେ ଏଠାରୁ ଜଣେ ୫ ୬୦ ଟଙ୍କାର ଦର୍ଶଣୀଙ୍କୁ ଅବକାଶ କମିଶନର ଅଫିସରୁ ସ୍ଥାନାନ୍ତରିତ କରିବା ଅଥବା ତାଙ୍କ କାର୍ଯ୍ୟ ଛଡ଼ାଇବା କରିବାର ଅଛି ଗଭର୍ଣ୍ଣମେଣ୍ଟରୁ ଆସିଥିଲା । ତଦନୁସାରେ ଏଠାରୁ ଜଣେ ୫ ୬୦ ଟଙ୍କାର କିରାଣୀ ବାବୁ ଉଦୟଚନ୍ଦ୍ର ମୁର୍ଣ୍ଣ୍ୟା ସେଠାରୁ ପ୍ରେରିତ ହୋଇଛନ୍ତି ଓ କଟକ ହେଡ଼କିରାଣୀ ବାବୁ ମଧୁସୂଦନ ମହାପାତ୍ରଙ୍କ ବେତନ ୫ ୧୦ ଟଙ୍କା ନ୍ୟୁନ କରିବାର କମିଶନର ସାହେବ ଆଦେଶ ପ୍ରଦାନ କରିଛନ୍ତି । ମଧୁବାବୁ ଜଣେ ସୁଚତୁର କର୍ମଚାରୀ । କାହିଁ ତାଙ୍କର ଇଚ୍ଛା ହେବ ତା ଶେଷରେ ଅବଗତ ହେବ ।

ଶୁଣାଯାଏ ଯେ ଡାକ୍ତର ସ୍ମିଥ୍ ସାହେବ ଆଗାମିମାସ ତା ୧୬ ଖରିରେ ଏଠାରେ ପହୁଞ୍ଚିବେ ।

## କଲକତା—ଟେଲେଗ୍ରାଫ ।

ବାଲେଶ୍ୱର ଜିଲ୍ଲାର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମିଃ ଏ ହେୟସ୍ ତିନି ମାସର ଅନୁପସ୍ଥିତ ଛୁଟି ପ୍ରାପ୍ତ ହୋଇଅଛନ୍ତି ଓ ତାଙ୍କ ଅନୁପସ୍ଥିତି କାଳରେ ମିଃ ଟି ବଟ୍ଲର୍ ବାଲେଶ୍ୱର ଜିଲ୍ଲାର ଭାର ଗ୍ରହଣ କରିବେ ।

ଓଡ଼ିଶାସ୍ଥ କଟକ ମେଡ଼ିକେଲ ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ୧୮୮୯ ସାଲର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

| | |
|---|---|
| ୧ ଲକ୍ଷ୍ମୀକାନ୍ତ ଗଙ୍ଗୋପାଧ୍ୟାୟ | ୬ ଲୋକନାଥ କର |
| ୨ ପୂର୍ଣ୍ଣଚନ୍ଦ୍ର ଦାସ | ୭ ପକ୍ଷିଚନ୍ଦ୍ର ଦାସ |
| ୩ ଦୁଲେର | ୮ ପ୍ରଭାକର ପାଣିଗ୍ରାହୀ |
| ୪ ଶଶିଭୂଷଣ ସ୍ୱର୍ଣ୍ଣ | ୯ କୈଳାଶଚନ୍ଦ୍ର ପାଲିତ |
| ୫ ବିପିନବିହାରୀ ଘୋଷ | ୧୦ ଲକ୍ଷ୍ମୀନାରାୟଣ ମିତ୍ର |
| | ୧୧ କାଶୀନାଥ ସ୍ୱାଇଁ |

---

ଜଗତ୍‌ସିଂହପୁର ଅନ୍ତର୍ଗତ ଗଢ଼ୋଇ ଗ୍ରାମରେ ଗୋଟିଏ ସ୍ତ୍ରୀ ଏକାବେଳକେ ଅନେଗୋଟି ସନ୍ତାନ ପ୍ରସବ କରିଥିଲା ବଟି ସମସ୍ତଙ୍କର ମୃତ୍ୟୁ ହୋଇଅଛି । ସନ୍ତାନମାନେ ଜୀବିତ ଥିଲେ ଅବଶ୍ୟ ତାହାର ସୁଲକ୍ଷଣି ହୋଇଥାଆନ୍ତା ।

ଖାଲିକୋଟ ପ୍ରଗନାର ପାଟଣାପୁର ପ୍ରଭୃତି ଯେଉଁ ୧୩ ଟି ଗ୍ରାମ ଜଙ୍ଗଲମଧ୍ୟରେ ସ୍ଥାପିତାବସ୍ଥାରେ ଅବସ୍ଥିତ କରୁଅଛି ଓ ଯହିଁର ଚତୁଷ୍ପାର୍ଶ୍ୱ ବନ ବାଘମାନଙ୍କର କର୍ମଗୃହ ହୋଇ ଯେ କାଳି ହେଉଥିବାରୁ ନାସ୍ତିକ ସମୟରେ ଗ୍ରାମବାସୀମାନେ ଦୂରକର୍ଷ ହେଲ ଅଧିକ ବସ୍ତ ଗୋଳ କରୁଥିଲେ, ଏବର୍ଷ ଅଧିକ ବନ୍ଧ ହେବାରୁ ସେଠାନର ଲୋକମାନେ ସୁନ୍ଦର ଅଛା ପଦ୍ଧତି ଅବଲମ୍ବନ ସୁବାଳୁତା ନାମକ ସ୍ଥାନରେ ଆଶ୍ରୟ ଗ୍ରହଣ କରିଅଛନ୍ତି ।

ମିଃ ସ୍ମିଥ୍ ଜଗତ୍‌ସିଂହପୁରର ଅଧିକାରୀ ଇଞ୍ଜିନିୟର । ତାଙ୍କ କୋଠିର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ମାଙ୍କଡ଼ ଓ ଜମ୍ବୁକ ପଞ୍ଚକ ଯାଇଥିବାରୁ କୌଣସି ସମୟରେ ସେହି ପଥରେ ଲୋକମାନଙ୍କର ଗତାୟାତ କର ନ ଥାଏ । କିନ୍ତୁ ସାହେବଙ୍କର ଦୁଇଗୋଟି କୁକୁର ଅଛନ୍ତି ଯେ ସେମାନେ ସର୍ବଦା ପଥିକମାନଙ୍କୁ ଆକ୍ରମଣ କରନ୍ତି । ଗତ ସପ୍ତାହରେ ଦୁଇଜଣ ଲୋକଙ୍କୁ କୁକୁର କାମୁଡ଼ିଥିବାର ଶୁଣାଯାଇଅଛି । ଅଥା କର୍ତ୍ତୃପକ୍ଷ ଯେ ଇଷ ଏଥିର ଜନ୍ମ ପ୍ରତୀକାର କରିବେ ।

କେନ୍ଦ୍ରାପଡ଼ାର ପୋଲିସ ସବ୍‌ଇନ୍‌ସ୍ପେକ୍ଟର ବାବୁ ଶ୍ୟାମସୁନ୍ଦର ଘୋଷ ଅନୁଗୁଳକୁ ସ୍ଥାନାନ୍ତରିତ ହୋଇଛନ୍ତି ।

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ବାସ୍ତବ ବାବୁ ମଦନମୋହନ ଦାସ ଗତ ମଙ୍ଗଳବାର ସନ୍ଧ୍ୟାରେ ଇହଧାମରୁ ବିଦାୟ ହୋଇଅଛନ୍ତି ।

ସମ୍ବଲପୁରର ଜଣେ ମାଇବାଡ଼ି ଏକଲକ ବସାଇଅଛି ଯେ ତହିଁର ତଳ ଏକଥର ବୁଲାଇଲେ ସେ ୫ ର ଅଙ୍କ ଲାହୁଅଛି । ପ୍ରତ୍ୟେକ ପ୍ରାୟ ୮ ୩ ଦଶ ଅଙ୍କ ବୁଝାଇ ହୁଅଇ । ସ୍ୱ, ହି, ।

କାମଣ୍ଡାର ମୁଣ୍ଡାକଟା ସ୍ଥାନରେ ଜଣେ ରେଲକର୍ମଚାରୀର ଏକ ସିନ୍ଦୁକ ଚୋରି ଯାଇଥିଲା । ସେଥିରେ ନଗଦ ୫ ୧୫୬ ଟଙ୍କା ଓ ବହୁମୂଲ୍ୟ ଘଡ଼ି ସୁନାର ବୋତାମ ସୁନା ଅଙ୍ଗୁଠି ଇତ୍ୟାଦି ଥିଲା । ସାହେବ ନ ୨୦୦ ଜଣ କୁଲି ଓ ଗଣ ଶ୍ରମିକ ଲେଖାଏ ମଜୁରି ଦେବାର କଥା ମତସ୍ଥିତ ଅବସ୍ଥା ଖାଲ ଠିକାଦାରଠାରୁ କେବଳ ନାନାସ୍ଥାନ ଖୋଜାଇ ଏକ ଗୁମ୍ଫରେ ସିନ୍ଦୁକ ପୋଡ଼ା ହୋଇଥିବାର ଦେଖିଲେ । ଚୋରମାନେ ସିନ୍ଦୁକରୁ କିଛି ମାଲ ନେଇ ନ ଥିଲେ । ସବୁ ପ୍ରାପ୍ତ ହେଲା ମାତ୍ର କୁଲିଙ୍କର ମଜୁରି ୫ ୫୦ ଟଙ୍କା ନ ଦେବାରୁ ଠିକାଦାର ସାହେବଙ୍କ ନାମରେ ଦେବାଣୀ ଅଦାଲତରେ ନାଲିସ କରିଅଛି । ସ୍ୱ, ହି,

ଇହାର ଶୁଣାଯାଏ ଯେ ଜମିଦାରମାନଙ୍କ ଉପରେ ଟିକସ ବସାଇବାର ଗଭର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି । ଏତେ କର କି ଜମିଦାର ସହି ପାରିବେ? ଏପରି ହେଲେ ସରକାର ଯେ ଜମିଦାରଙ୍କଣ୍ଟକ ହେବେ । ଏ ସମ୍ବାଦ ମିଥ୍ୟା ହେଉ ଏକାନ୍ତ ବାସନା ।

ହିନ୍ଦୁ ବିଧବାମାନଙ୍କ ସଙ୍ଗୀ ହେବାର ଘଟଣାମାନ ବର୍ଣ୍ଣନ କରେ ଜଣେ ମେମ ସଂଗ୍ରହ କରୁଅଛନ୍ତି ସେଥିରୁ ଗୋଟିଏ ପୁସ୍ତିକାକାରରେ ପ୍ରକାଶ କରିବେ । ସତୀମାନଙ୍କ ପ୍ରତି ତାଙ୍କର ବଡ଼ ମାନ୍ୟ, କାରଣ ସେମାନେ ସ୍ୱାମିସ୍ନେହ ଓ ଭକ୍ତିର ଯଥେଷ୍ଟ ପରିଚୟ ଦେଇଅଛନ୍ତି ।

ଜଣେ ଡାକ୍ତର ବୋଇଲ୍ସ ଶଳ୍ୟମାନ ଖୋଲି ଦେଖି ନେବ କାରଣ ବାଟେ ତହିଁରେ କୋଡ଼ିଏ ହାତ ରହିଥିବ ।

ମନ୍ଦ୍ରାଜରେ ଜଣେ ସ୍ତ୍ରୀ ଚଉଠି ପିଲା ଜୁମାଳ ଜନ୍ମବନରେ ପ୍ରସବ କଲା । ଦୁଇଜଣ ଭଉଣୀରେ ଶୀଘ୍ର ମରିଗଲେ ମାତ୍ର ପିଲାମାନେ ବଞ୍ଚିଅଛନ୍ତି ।

ଷ୍ଟେନ୍‌ସର ସାହେବ କଲିକତାରେ ବ୍ୟୋମଯାନ ଦେଖାଇ ଅତ୍ୟସ୍ତ ହୋଇଥିବାର ପାଠକମାନେ ଜାଣନ୍ତି ତଥାପି ସେ ନିରୁତ୍ସାହ ନ ହୋଇ ବମ୍ବଇରେ ନିକଟରେ ବ୍ୟୋମଯାନରେ ଆରୋହଣ କରିଥିଲେ । ପବନଦ୍ୱାରା ତାଡ଼ିତ ହୋଇ ସମୁଦ୍ରରେ ପଡ଼ିଲେ ମାତ୍ର ଯାଉଥିବା ଏକ ନାହାଜଦ୍ୱାରା ରକ୍ଷା ପାଇଗଲେ ।

କଲିକତାର ଦୁଇ ଜଣ ଶ୍ରୀଯୁକ୍ତମାନଙ୍କରେ ବେଶ୍ୟାବୃତ୍ତି ସମ୍ବନ୍ଧେ କାଉଟା ଗୋଟିଏ ମକଦମା ଚଳୁଅଛି । ତହିଁମଧ୍ୟରେ ଜଣେ ଜଣେ ମେଜିଷ୍ଟ୍ରେଟ ଅଭିଯାତ୍ରୀଙ୍କୁ ତାଙ୍କ ଚୋରି ଓ ମେଳ ଉପରେ ଗଲ ଲୁଚି ଦେଇଥିଲା ତଦନ୍ତରେ ପ୍ରକାଶ ହେଲା ଯେ ସେ ମେଜିଷ୍ଟ୍ରେଟଙ୍କ ପ୍ରସ୍ତାବ ସ୍ୱର ଅଭାବରେ ମଦିରା ଗଲ ପକାଇ ଥିଲା ଓ ଗଙ୍ଗାମୃତ୍ତିକା ଇତ୍ୟାଦିର ମୋହନୀଟିକା ମଧ୍ୟ ଲଗାଇଥିଲା । କିନ୍ତୁ ସେହିଦିନ ତାହା କାମରେ ଲଗ୍ନ ଅପକ୍ଷର ଅଭିଯୋଗ ହେଲା । ଏପରି ଦ୍ରୁମ ହେବେ ଯିବ ।

ସୁଲତାନ୍ତାରେ ୧୪,୧୫ ବର୍ଷର ବାଳକା ଟିଏ ସ୍ୱାମିଗୃହରେ ରହିବାକୁ ଅସମ୍ମତ ହେବାରୁ ଏଠା ସବ୍‌ଜଜ ତାକୁ ଜେଲକୁ ପଠାଇଅଛନ୍ତି । ବାଳକା ସ୍ୱଶିକ୍ଷିତା ଅଟେ ସ୍ୱାମୀର ଅଜ୍ଞ [illegible] ହେତୁ ସେ ତାହାପରେ ରହିବାକୁ ମନିଷ୍ଟ୍ରାଁ [illegible] ଏପରି ଅନ୍ୟସାକ୍ଷୀମାନଙ୍କ ଉଷାର ବିନ୍ତୁ ଆଇନତନ୍ତ୍ର ଉପାୟ କରିବା ସ୍ୱକାଶେ ସେଠାରେ ନନ୍ଦିର ପ୍ରସିଥଲ ।

କଲିକତାର [illegible] ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ ଗୌରିଶଙ୍କର [illegible] ପୀଡ଼ିତ ହୋଇ ଛୁଟି ନେଇଥିଲେ । ଶରୀରପୀଡ଼ାହେତୁ ମନ ବଗିଚ ଯିବାର୍ ପାଣିହାସ ଅପ୍ରତ୍ୟକ୍ଷକରିଅଛନ୍ତି । ଏ ମହାଶୟ ଅତି ସଦାଶୟ ଭଦ୍ର ଏବଂ ଶାନ୍ତପ୍ରକୃତିର ଲୋକ ଥିଲେ ।

ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ବର୍ତ୍ତମାନ ଗସ୍ତରେ ଅଛନ୍ତି । ରଙ୍ଗପୁର ଦିନାଜପୁର ପୂର୍ଣ୍ଣିଆ ଇତ୍ୟାଦି ସ୍ଥାନମାନ ଦେଖି ଚଳିତମାସ ତା ୨୧ ଋତରେ ଦାର୍ଜିଲିଂକୁ ଫେରିଯିବେ ।

ମେଡ଼ିକଲ କଲେଜର ପରୀକ୍ଷାରେ ବାବୁ ସୁରେଶଚନ୍ଦ୍ର ସ୍ୱାଧିକାରୀ ଔଷଧ ଓ ଅସ୍ତ୍ର [illegible] ରେ ସମ୍ମାନ ସହିତ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ପଣ୍ଡିତ ଗ୍ରାମରେ ଗୋଟିଏ ନୂତନ ଦ୍ୱର ଅବସ୍ଥିତ ହୋଇଅଛି । ଏହି ଜ୍ୱରପାଦି କନ୍ଧ ସେବାକଲେ ବହୁମୂତ୍ର ସଞ୍ଚାର ଓ ଜନ୍ୟାନ୍ୟ କେତେକ ରୋଗ ଅପେକ୍ଷା ଦୁଃଖ

ଭୂପାଳର ବେଗମ ୧୫ ଲକ୍ଷ ଟଙ୍କା ବ୍ୟୟ କରି ଗୋଟିଏ ମସଜିଦ ନିର୍ମାଣ କରୁଅଛନ୍ତି ।

ଭାରତର ପଶ୍ଚିମର ଗୋରଖପୁର ଏବଂ ବଙ୍ଗଳାର ପଶ୍ଚିମସ୍ଥିତ ମୁରଶିଦାବାଦ ପ୍ରଭୃତି ସ୍ଥାନରେ ନଦୀକଡ଼ିଆରୁ ବନ୍ୟାର ଧୋଇ ହୋଇଅଛି । ଏଲାହାବାଦରେ ଗଙ୍ଗା ଓ ଯମୁନା ନଦୀମାନ ପ୍ରବଳରୂପେ ବୃଦ୍ଧି ହୋଇଥିଲା ମାତ୍ର ଶୀଘ୍ର କମି ପଡ଼ିବାରୁ ଲୋକ ନଗର ରକ୍ଷା ପାଇଅଛି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଆଗାମି ଅକ୍ଟୋବରମାସ ତା ୨୨ ଋଖରେ ସିମଲା ଛାଡ଼ି ପଞ୍ଜାବ ଓ ଉତ୍ତର ପଶ୍ଚିମର ନାନାସ୍ଥାନ ଭ୍ରମଣ ପୂର୍ବକ ନବେମ୍ବରମାସ ତା ୨୫ ଋଖ ପର୍ଯ୍ୟନ୍ତ କଲିକତାରେ ପହୁଞ୍ଚିବେ ।

ଜାପାନଦ୍ୱୀପର ନାଇଫନ ପ୍ରଦେଶରେ ପ୍ରବଳ ବାତ୍ୟା ଓ ବନ୍ୟା ହୋଇଥିଲା । ତହିଁରେ ବହୁତକାର ମନୁଷ୍ୟ ମରି ପଡ଼ିଅଛନ୍ତି ଏବଂ କୋଡ଼ିଏହଜାର ମନୁଷ୍ୟଙ୍କର ଘର ନଷ୍ଟ ହେବାରୁ ପଦାରେ ପଡ଼ିଅଛନ୍ତି । କ ଉତ୍ପାତର ଉତ୍ପାତ ।

ବମ୍ବଇରେ ଇଲଗାଇ ହେବାରୁ ଶସ୍ୟର ଅବସ୍ଥା ଭଲ ଅଛି ।

ଗୁଜରାଟ ପ୍ରଦେଶରେ ଅବଧି ବୃଷ୍ଟି ହୋଇ ନାହିଁ । ଜଳବିନା ଫସଲ ନଷ୍ଟ ହେଉଛି ଓ ଶୀଘ୍ରବୃଷ୍ଟି ନ ହେଲେ ଅନ୍ନକଷ୍ଟ ପଡ଼ିବାର ଆଶଙ୍କା ହେଉଅଛି ।

ବମ୍ବାଇ ଗୁଜରାଟ ପାର୍ଶ୍ୱନାଥର ସମ୍ପାଦକଙ୍କ ନାମରେ କଲିକତାରେ ମୋକଦ୍ଦମା କରି ହାରିଯିବାରୁ ମାନ୍ଦ୍ରାଜରେ ପୁନର୍ବାର ମୋକଦ୍ଦମା ଦାଏର କରିବାର ବନ୍ଦୋବସ୍ତ କରୁଅଛନ୍ତି ।

ଦୁଇଜଣ ଉଚ୍ଚ ଶିକ୍ଷିତା ବାଇଶ ବର୍ଷୀୟା ସରକେଶ୍ୱରୀ ଯେଉଁ ଦୁଇଜଣ ହିନ୍ଦୁସ୍ଥାନୀଙ୍କ ବନ୍ଦରକୁ ଦେଖି ଯାଉଅଛନ୍ତି ସେଠାପଥରେ ସେମାନଙ୍କର ପ୍ରତିମୂର୍ତ୍ତି ପ୍ରସ୍ତୁତ କରୁଅଛନ୍ତି । ବଡ଼ଲୋକଙ୍କ ଦୃଷ୍ଟି ପଡ଼ିଲେ କ ନ ହୋଇପାରେ ।

Split by PDF Splitter
Digitized by srujanika@gmail.com

Split by PDF Splitter

318



ବିଲାତରେ ରାସ୍ତାରେ ଭିକ୍ଷା ମାଗି ବୁଲିବା ନିଷେଧ ଅଟେ ଓ କେହି ଏ ଅପରାଧ କଲେ ପୁଲିସହାତ ଧୃତ ହୋଇ ଦଣ୍ଡ ପ… । କେବଳ …ଶ କ… ଓର ବୁଢା ସ୍ତ୍ରୀକୁ ପୁଲିସ …ରେ ଧରି ତାହାର ଲୁଗା ପଟା ଖୋଜନ୍ତେ ଛହଜାର ଟଙ୍କାର ନୋଟ ଓ ନଗଦ ପ୍ରାପ୍ତି ହେଲା । ଏହା ଛଡ଼ା କେତେ ସାଂପତ୍ତି ତାହା ଗଣ୍ଠିରେ ଥିଲା । ଏତେ ଧନ ସଞ୍ଚୟ ତଥାପି ଭିକ୍ଷା ! ଏପରି … ୀ ଏ ଦେଶରେ ମଧ୍ୟ ଅନେକ ଅଛନ୍ତି ।

ବିଲାତ ପାର୍ଲିମେଣ୍ଟର କମନ୍ସ ଗୃହରେ ଦେଶୀୟ ରାଜାମାନଙ୍କ ଇଂରାଜଙ୍କ ବ୍ୟବହାର ବିଷୟ ପଡ଼ିଥିଲା ସରକାର ଗବର୍ଣ୍ଣମେଣ୍ଟହୋଇ କହିଲେ ଯେ ଲର୍ଡ ଲିଟନ ରାଜାମାନଙ୍କ ନିକଟରେ ଯେପରି ବିଷୟରେ ପ୍ରତିଶ୍ରୁତ ହୋଇ ଅଛନ୍ତି ତହିଁପ୍ରତି ଦପ୍ତରର ଦୃଷ୍ଟି ରଖାଯାଇ ଅଛି ଏବଂ ଇଂରାଜ ଗବର୍ଣ୍ଣମେଣ୍ଟଙ୍କସହିତ ସେମାନଙ୍କର ମିଳାମିଶା କରିବାର ପଥ ଅଛି । ଏ ପକ୍ଷ କୃତକାର୍ଯ୍ୟ ହେବାର ଜ୍ୱଳନ୍ତ ଦୃଷ୍ଟାନ୍ତ ରାଜାମାନଙ୍କର ସୀମାରକ୍ଷାର୍ଥେ ସାହାଯ୍ୟ କରିବା ବିଷୟରୁ ସ୍ପଷ୍ଟ ଦେଖାଯିବ ।

ଫ୍ରାନ୍ସ ଦେଶର ବିଖ୍ୟାତ ସେନାପତି ବୁଲେଞ୍ଜେ ବିଶ୍ୱାସଘାତକତା ଓ ସାଧାରଣ ସମ୍ପତ୍ତି ଅପହାର କରିଥିବା ଅପରାଧେ ଦୋଷୀ ସାବ୍ୟସ୍ତ ହୋଇ ସ୍ଥାନାନ୍ତରେ ଦୁର୍ଗମଦୁର୍ଗରେ ବନ୍ଦୀହେବାର ଦଣ୍ଡାଜ୍ଞା ପାଇଥିଲେ । ଡିଲନ ଓ ରଚଫୋର୍ଟ ମଧ୍ୟ ଉକ୍ତ ଅପରାଧରେ ସଂଲିପ୍ତ ଥିବାର ସାବ୍ୟସ୍ତ ହୋଇ ସେହିରୂପ ଦଣ୍ଡାଜ୍ଞା ପାଇଅଛନ୍ତି । ଏମାନେ ଫ୍ରାନ୍ସରେ ନ ଥାଇ ଅନ୍ୟଦେଶରେ ବୁଲୁଅଛନ୍ତି । ଏରୂପ ଦଣ୍ଡାଜ୍ଞା ହେଲେହେଁ ସେମାନଙ୍କୁ ନିଜଦେଶକୁ ଧରି ଆଣିବାର ପ୍ରସ୍ତାବ ହୋଇ ନାହିଁ ।

ଜାପାନରେ …ମଙ୍ଗ ମାନ୍ତ୍ରିକ୍ ଥିଲେ ସେ ବୁଦ୍ଧପନ୍ଥ ଦବା-ଇବାର ତାହାକୁ ବିଷଦ୍ୱାରା ମାରିପକାଇଥିବା ଅପରାଧରେ ଦୋଷୀ ସାବ୍ୟସ୍ତହୋଇ ପ୍ରାଣଦଣ୍ଡର ଆଦେଶ ପାଇଥିଲା । ଏସେଲି ଦରବାରରେ ହୁମୁଲକାଣ୍ଡ ସଙ୍ଗିଲସ ଏବଂ ଉକ୍ତଦଣ୍ଡର ଅନ୍ୟଶ୍ରେଣି ଦଣ୍ଡରେ ପରିଣତ କରିବାକାରଣ ଅନେକ ଦରଖାସ୍ତ ଅମ୍ଭମାନଙ୍କ ସ୍ୱରଷ୍ଟ୍ରସଚିବଙ୍କ ନିକଟରେ ପଡ଼ିଲା । ବର୍ତ୍ତମାନ ଅବଗତହେଲୁଁ ଯେ ଉକ୍ତଦଣ୍ଡ ଯାବଜ୍ଜୀବନ ଦ୍ୱୀପାନ୍ତରଦଣ୍ଡରେ ପରିଣତ ହୋଇଅଛି ।—କି ଦଣ୍ଡସ୍ୱାପ !

ଅଷ୍ଟ୍ରିଆର ସମ୍ରାଟ ଜର୍ମାନୀଦେଶକୁ ଗତମାସ ତା ୧୫ ଦି-ନରେ ବିଦାୟହୋଇ ଆସିଥିବାର ସମ୍ବାଦ ମିଳଇ ।

ସ୍ୱଦେଶରୁ ଯାଉଥିବା ବନ୍ଧଗଡ଼ୀ ଉପରେ ମାସୁଲ ବସାଇବାର ଯେ ପ୍ରସ୍ତାବ ହୋଇଥିଲା ତାହା ବିଷୟ ପୋଷ୍ଟମାଷ୍ଟର ଜେନେରଲ ନାମଞ୍ଜୁର କରିଥିବାର ସମ୍ବାଦ ମିଳଇ ।

ବିଲାତରୁ କେତେଗୁଡ଼ିଏ ଭୟାନକକାଣ୍ଡର ଏକତ୍ର ସମ୍ବାଦ ଆସିଅଛି । ଲଣ୍ଡନର ନାମକ ଏକ ସମ୍ବାଦପତ୍ରର ସମ୍ପାଦକ ଅପଣା ସ୍ତ୍ରୀ ଓ କନ୍ୟାକୁ ମାରିପକାଇ ଦେଲେ ଆତ୍ମହତ୍ୟା କରିଅଛି । ଏକେସମାନଥିଠାରେ ଗୋଟିଏ ସ୍ତ୍ରୀ ଓ ତାହାର ଦୋ ୩ଟି ସନ୍ତାନ ଘରେ ଥାଇ ପୋଡ଼ି ମରିଅଛନ୍ତି । ବ୍ରୋମଲିଠାରେ ଗୋଟିଏ ସ୍ତ୍ରୀ ନିଜର ଅଧାଶ୍ୱରଦ୍ୱାରା ଓ ହତ୍ୟା ହୋଇଅଛି ଏବଂ ତାହାର ମୃତଦେହର ଖଣ୍ଡ ଖଣ୍ଡ କରାଯାଇ ଅଛି ।—ଏସବୁ ଅର୍ଥ କଣ ?

ବିଲାତର ଜାହାଜ ନିର୍ମାଣ ଓ ମରାମତି ଉଦ୍ୟାନସ୍ଥାନରେ ଯେଉଁମାନେ କର୍ମ କରନ୍ତି ସେମାନେ ମେଳ କରିଥିବାର ସମ୍ବାଦ ମିଳଇ । ଏ ମେଳରେ ୩୦୦୦୦ ଲୋକ ଯୋଗ-ଦେଇଅଛନ୍ତି ଏବଂ କାର୍ଯ୍ୟର ଅତ୍ୟନ୍ତ ଅସୁବିଧା ହୋଇଥିବାର କଥିତ ହୁଏ ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ—ଆପଣଙ୍କ ପତ୍ର ଅନର୍ଥକରୂପେ ବାହୁଲ୍ୟ ଥିବା ଏବଂ ସେହିବିଷୟର ଅଧିକ ଚର୍ଚ୍ଚା ଅନାବଶ୍ୟକ ବିବେଚନାରେ ଅଗ୍ରାହ୍ୟ ହେଲା ।

ପତ୍ରପ୍ରେରକ—ଗତମାସ ଆରମ୍ଭରେ ଜଗତ୍ସିଂହପୁରର ସାହାଯ୍ୟ କାର୍ଯ୍ୟ ସୁଶୃଙ୍ଖଳାମତେ ଚାଲୁ ନ ଥିବାର ଲେଖା ଅଛି । ତଦନ୍ତ ହିଁ ଗବର୍ଣ୍ଣମେଣ୍ଟରୁ ଛାଡ଼ଦ ହେବାରୁ ଏଣିକି ସୁଶୃଙ୍ଖଳରୂପେ ଚାଲୁଥିବ । ସାମାନ୍ୟ ତ୍ରୁଟିର ଉଲ୍ଲେଖ ଆବଶ୍ୟକ ନାହିଁ ।

କୌଣସି ଉପସ୍ଥିତ ବ୍ୟକ୍ତି—ସାନ୍ଧ୍ୟବାଗିସ୍କୁଲରେ ପ୍ରତି ଶନିବାର ଗୋଟାଏ ଘଣ୍ଟାରୁ ସ ୨୫ ଟା-ପର୍ଯ୍ୟନ୍ତ ନୀତିଶିକ୍ଷା ଦିଆଯିବାର ବନ୍ଦୋବସ୍ତ ହୋଇଅଛି । ଇଂରାଜୀ ଭାଷାରେ ବକ୍ତୃତା ହେବାରୁ ଶ୍ରେଷ୍ଠ ପିଲାମାନେ ବୁଝି ନ ପାରନ୍ତି ଓ ଅନ୍ୟ କେତେକ ତ୍ରୁଟିର କଥା ଲେଖିଅଛନ୍ତି । ପତ୍ରପ୍ରେରକ ଲଳିତବାବୁଙ୍କୁ ଜଣାଇଲେ ଉଚିତ ପ୍ରତୀକାର ହେବ । ସର୍ବସାଧାରଣଙ୍କୁ ଜଣାଇବାର ପ୍ରୟୋଜନ ଦେଖାଯାଉ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ -
ମାନ୍ୟବରେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନ କରିବା ହେବେ ।

### ଏତ ଆଶ୍ଚର୍ଯ୍ୟ ?

ଜଣେ ବ୍ୟକ୍ତି ନିକଟରୁ ଅବଗତ ହେଲୁଁ ଯେ ଉତ୍ତରଖଣ୍ଡର ଜଗନ୍ନାଥ ସଡ଼କସ୍ଥ ଭୂତପୂର୍ବ ଭିକ୍ଷୁକର ତଦାଏତସ୍ଥାନ ନାରାୟଣଗଡ଼ ଗ୍ରାମର ନିକଟବର୍ତ୍ତୀ ନାଳଆଗାର ନାମକ ପୋଲର ନିମ୍ନଦେଶରେ ଅସ୍ମଦ୍ଦେଶୀୟ ଶାର (ଘୁଙ୍ଗାଲିକା) ପକ୍ଷିଙ୍କର ଅତି ବେଗରେ ପକ୍ଷା୨ କହାଇ ଉଡ଼ିଯାଇ ହଠାତ ନିମ୍ନଦେଶରେ ଅକସ୍ମାତ ପତିତ ହୋଇ ପ୍ରାଣ ହରାଉଅଛନ୍ତି, ଏହିପରି ପ୍ରତିଦିନ ଶତଶତ ପକ୍ଷୀ ମାରି ପଡ଼ୁଅଛନ୍ତି ଏ ବିଷୟକୁ ତଦାରଖ କରିବାର ଗୁରୁତର ପ୍ରମାଣ ଏହି ଯେ ଏ ଜଗତରେ ଉପରୋକ୍ତ (ଘୁଙ୍ଗାଲିକା) ପକ୍ଷୀ ଦେଖିବାକୁ ଅତି ଦୁର୍ଲଭ ହୋଇଅଛି । ଇତି ।

୧୬।୮।୮୫ ମାୟାଧର ଦାସ
ବାଲେଶ୍ୱର

ମହାଶୟ !

କଟକର ମହା ମାନ୍ୟବର ହାଇକୋର୍ଟ ଉକିଲ ବାବୁ ଶ୍ରୀ ମଧୁସୂଦନ ଦାସ ଏହି କୁନ୍ତିଲି-ମାଲିଲ ଗୋପାଳପ୍ରସାଦ ବାଳିକାସ୍କୁଲର ବାଳିକାମାନଙ୍କୁ ଉତ୍ତମ ପ୍ରଦାନ କରିଥିଲେ ମାନ୍ୟବର ସ୍କୁଲଗୁଡ଼ିକ ସମ୍ବନ୍ଧରେ ଇନ୍ସପେକ୍ଟର ଅଫେଶର ଏବଂ ଅବସରପ୍ରାପ୍ତ ଇନସ୍ପେକ୍ଟର ବାବୁ ଦର୍ପନାରାୟଣ ଦାସ ଚଳିତମାସ ଗତ ତା ୧୭ ରଖରେ ଉପସ୍ଥିତ ହେଲେ ଉକ୍ତଦିବସ ଗୋଟିଏ ସଭା ହୋଇଥିଲା ଉକ୍ତ-ସଭାରେ ବାବୁ ଶ୍ରୀଦର୍ପନାରାୟଣ ଦାସ ସଭାପତି-ଆସନ ଗ୍ରହଣ କରିଥିଲେ ସଭ୍ୟ ବାଳିକାସ୍କୁଲର ସେକ୍ରେଟେରୀ ବାବୁ ଶ୍ରୀକୃଷ୍ଣଚରଣ ପଟ୍ଟନାୟକ, ବାବୁ ଶ୍ରୀ ଅଭୟଚରଣ ପଟ୍ଟନାୟକ, ବାବୁ ଶ୍ରୀ ଲାଲ ଫଣୀନ୍ଦ୍ରଚରଣ ବସୁ ହେଡ଼ମାଷ୍ଟର ଅନ୍ୟାନ୍ୟ ଭଦ୍ରଲୋକ ଉପସ୍ଥିତ ଥିଲେ, ସଭାପତି-ମହାଶୟ ସ୍ୱୟଂ ଉତ୍ତମ ବାଳିକାମାନଙ୍କୁ ବଣ୍ଟନ କଲେ ଓ ଏସ୍ଥାନ ଜଙ୍ଗଲ ଅନୁନ୍ନତ ସ୍ଥାନ ଥିବାରୁ ସଭାପତି ମହାଶୟ ଉତ୍ସାହିତ ଉନ୍ନତ ଆଶାରେ ଗୋଟିଏ ବକ୍ତୃତା କଲେ ଶୁଣିବାକୁ ବଡ଼ କୋମଳ ହୋଇଥିଲା ଓ ବାବୁ ମଧୁସୂଦନ ଦାସଙ୍କ ଶୁଭକାମନା ଉପଲକ୍ଷେ ଜଗନ୍ନାଥଙ୍କ-ଠାରେ ଧନ୍ୟବାଦ ଦେଇ ସଭା ଭଙ୍ଗ ହେଲା ।

ଭବଦୀୟ ବଶମ୍ବଦ
ଶ୍ରୀ ନାରାୟଣ ସୁବୁଦ୍ଧି
ହେଡ ପଣ୍ଡିତ ବ କଙ୍କାପୁର ।
ଶ୍ରୀ ଲାଲ ସୁର୍ଯ୍ୟମଣି ରାୟ

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଲୋକନାଥ ନାୟକ | ଭାଣାମପୁର | ଅଗ୍ରୀମ | ଟ ୩ ୮ |
| " ଦାମୋଦର ପଟ୍ଟନାୟକ | କଟକ | " | ଟ ୩ ୮ |
| " ବଳଭଦ୍ର ସୁବୁଦ୍ଧି | ବାବନପାଲି | " | ଟ ୩ ୮ |
| " ଅନନ୍ତଚନ୍ଦ୍ର ଦାସ | କଟକ | ବକେୟା | ଟ ୭ ୮ |


## ବିଜ୍ଞାପନା ।

ଆଗାମି ଡିସେମ୍ବର ମାସରେ ବମ୍ବେଇଠାରେ ଜାତୀୟ ସମିତିର ପଞ୍ଚମ ଅଧିବେଶନ ହେବ ଏବଂ ଆଗାମି ପଞ୍ଚ ବର୍ଷ ମଧ୍ୟରେ କଲିକତାଠାରେ


Digitized by srujanika@gmail.com